# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 12/2026 Page 16 ₹ 7.00 | SAMBALPUR

୫୨ଶ ଭାଗ ୧୩୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 137 ମୂଲ୍ୟ ₹୭/-






Customer Care No. : +91 77358 15620

BEST EXCHANGE POLICY | CUSTOMIZATION AVAILABLE | FREE LIFETIME CLEANING | FOR MONEY BEST VALUE | TRY BEFORE YOU BUY | WIDEST RANGE OF SILVER PRODUCTS | HALLMARKED & QUALITY TESTED PRODUCTS

NOW OPEN AT RAIPUR - AVANTI VIHAR, VIP ROAD & JEEVAN BIMA MARG, PANDRI

RAIPUR
AVANTI VIHAR, VIP ROAD,RAIPUR
Call : +91 91248 26840

BERHAMPUR
DHARMA NAGAR PREM NAGAR
Call : +91 77352 68464

BOLANGIR
BESIDE RAJKUMAR TAILOR, NEAR SAMALESWARI TEMPLE
Call : +91 91245 94683

KHURDHA
OLD BUS STAND NEAR FOREST RANGE OFFICE
Call : +91 91246 26682

BARGARH
PLOT NO-173/10972, NEAR BHATLI CHOWK
Call : +91 91245 87680

NAYAGARH
NEAR NAYAGARH TOWN POLICE STATION
Call : +91 91246 26684

CUTTACK : CANTONMENT ROAD & CDA SEC-9 | ANGUL | BALASORE | BHADRAK | JAJPUR | BARIPADA | JHARSUGUDA | ROURKELA | SUNDARGARH | TALCHER | LINKROAD | DHENKANAL

BHUBANESWAR : SAHEED NAGAR | PATIA | SOUBHAGYA NAGAR | JANPATH | RASULGARH | NAYAPALLI | RAGHUNATHPUR | LEWIS ROAD | KHANDAGIRI



ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ସୁରୁରଠାରେ ଶନିବାର ଅନୁଷ୍ଠିତ କୃଷି ଲୋକୋତ୍ସବ 'ବଗାଡ ଯାତ୍ରା'ରେ ମୁକୁଳା ଷଣ୍ଢଙ୍କୁ କାବୁ କରିବା ପାଇଁ ଲୋକେ ଉଦ୍ୟମ କରୁଛନ୍ତି।

# କେବଳ ପୁଞ୍ଜି କି ନୀତିରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବ ନାହିଁ: ସିଜେଆଇ

ଜାତିସଂଘ,୧୧।୪



ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

କେବଳ ପୁଞ୍ଜି କିମ୍ବା ନୀତି ବଳରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ଏକ ବିକାଶଶୀଳ ଅର୍ଥନୀତି ଚାହିଦା ପୂରଣ ପାଇଁ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ସେ ଆହ୍ୱାନ ଦେଇଛନ୍ତି। ଆଇନ ବ୍ୟବସ୍ଥାର ଗୁଣବତ୍ତା ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଦେଶକୁ ଲକ୍ଷ୍ୟ ହାସଲରେ ସହାୟତା ପାଇଁ ବାଣିଜ୍ୟିକ ଆଇନରେ ପୂର୍ବାନୁମାନତା, ବିଶେଷଜ୍ଞତା ଓ ଉତ୍ତମ ବିଶ୍ୱାସର ସଂସ୍କୃତି ଆବଶ୍ୟକ। ପୁଞ୍ଜି ଆବଶ୍ୟକତା ସହ ପ୍ରତିଶ୍ରୁତିବଦ୍ଧତା ଏବଂ ନିବେଶକଙ୍କ ଆତ୍ମବିଶ୍ୱାସ ରହିବା ଜରୁରୀ ବୋଲି ଆଇସିଏ ସମ୍ମିଳନୀରେ ଯୋଗଦେଇ ସିଜେଆଇ କହିଛନ୍ତି। ଅଧିକ ଦୃଷ୍ଟି ଆକର୍ଷଣ କରୁଥିବା ଅଧିକାଂଶ ସଂସ୍କାର ଅପେକ୍ଷା ମଧ୍ୟସ୍ଥତା ଭଳି ବ୍ୟବସ୍ଥା ଭାରତର ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଧିକ ଆକର୍ଷଣ କରିଥାଏ। ପରିବର୍ତ୍ତିତ ଅର୍ଥନୀତିର ଆବଶ୍ୟକତାର ମୁକାବିଲା ପାଇଁ ପ୍ରଯୁକ୍ତିର ବ୍ୟବହାର ଏବଂ ଆଇନଗତ ଶିକ୍ଷା ଗ୍ରହଣ ଉପରେ ସିଜେଆଇ ଗୁରୁତ୍ୱ ଦେଇଛନ୍ତି। ବାର୍ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ 'ରୁଲ୍ ଅଫ୍ ଲ କନ୍‌ଭେନ୍‌ଶନ ୨୦୨୬'ର ଶୀର୍ଷକ ରହିଥିଲା '୧୦ ଟ୍ରିଲିୟନ ଡଲାର ଭାରତ ପାଇଁ ଆଇନଗତ ସଂସ୍କାର କାର୍ଯ୍ୟଯୋଜନା'। ଏଥିରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି, ଉକ୍ତ ଅବସରକୁ ଯାଇପାରିବା ନେଇ ସେ ନିଶ୍ଚିତ। ତେବେ କେବଳ ପୁଞ୍ଜି ଓ ନୀତି ଦ୍ୱାରା ୧୦ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ।

# ବୁଝାମଣା ଉଦ୍ୟମ ଜାରି

## ଶାନ୍ତି ଆଲୋଚନାରେ ଯୋଗଦେଲେ ଆମେରିକା, ଇରାନ

ଇସ୍‌ଲାମାବାଦ,୧୧।୪(ପି.ଟି.)

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ବିଶ୍ୱ ଶକ୍ତି ବଜାର ଏକପ୍ରକାର ଅଚଳ ହୋଇପଡ଼ିଥିବାବେଳେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ଯୁଦ୍ଧ ବନ୍ଦ ଲାଗି ଏକ ସ୍ଥାୟୀ ବୁଝାମଣାରେ ପହଞ୍ଚିବା ନିମନ୍ତେ ଶନିବାର ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ ଆଲୋଚନାରେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦରେ ଚାଲିଥିବା ଏହି ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ଏବଂ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ୍‌ଙ୍କ ନେତୃତ୍ୱରେ ଆସିଥିବା ଇରାନୀୟ ଟିମ୍ ମଧ୍ୟରେ ଆଲୋଚନା ଜାରି ରହିଛି। ଏହା ପୂର୍ବରୁ ଉଭୟ ଟିମ୍ ଅଲଗା ଅଲଗା ଭାବେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସହ ବୈଠକରେ ଯୋଗ ଦେଇଥିଲେ। ସେରେନା ହୋଟେଲରେ ଆଲୋଚନା ଚାଲିଥିବାବେଳେ ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଭାନ୍ସଙ୍କ ସହ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଦ୍ କୁଶ୍‌ନେର



ଜେଡି ଭାନ୍ସ



ମହମ୍ମଦ ବାଘେର ଘଲିବାଫ୍

ଆସିଥିବାବେଳେ ଘଲିବାଫ୍‌ଙ୍କ ନେତୃତ୍ୱରେ ଆସିଥିବା ଇରାନୀୟ ପ୍ରତିନିଧି ଦଳରେ ବହିର୍ବ୍ୟାପାର ମନ୍ତ୍ରୀ ଆବାସ ଆରାଘଚି, ସୁପ୍ରିମ ନ୍ୟାଶନାଲ ଡିଫେନ୍ସ କାଉନ୍‌ସିଲ୍ ସଚିବ ଅଲି ଆକବର ଅହମଦିଆନ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଆବଡୋଲନାସେର ହେମ୍ମାତି ରହିଛନ୍ତି।

ଆମେରିକା ଓ ଇରାନ ୨ ସପ୍ତାହ ଅସ୍ତ୍ରବିରତି ଘୋଷଣା କରିବାର ୪ ଦିନ ପରେ ଉଭୟ ପକ୍ଷ ଆଲୋଚନା ଟେବୁଲକୁ ଆସିଛନ୍ତି। ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଲେବାନନ୍ ଉପରେ ଇସ୍ରାଏଲର ଜୋର୍‌ଦାର ଆକ୍ରମଣରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ଯୋଗୁ ଆଲୋଚନା ବିଳମ୍ବିତ ହୋଇଥିଲା। ତେହରାନ୍ ଏହାକୁ ଅସ୍ତ୍ରବିରତିର ଉଲ୍ଲଂଘନ କହିଥିବାବେଳେ ଲେବାନନ୍ ଡିଲ୍‌ର ଅଂଶବିଶେଷ ନୁହେଁ ବୋଲି ଆମେରିକା ଓ ଇସ୍ରାଏଲ୍ କହିଥିଲେ।

ଶନିବାର ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ଇଶାକ୍ ଦର୍, ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର, ଆଭ୍ୟନ୍ତରୀଣ ମନ୍ତ୍ରୀ ସୟେଦ ମୋହସିନ୍ ରାଜା ନକ୍‌ଭି ଉଭୟ ପକ୍ଷର ପ୍ରତିନିଧିମାନଙ୍କୁ ନୁର୍ ଖାନ୍ ଏୟାରବେସ୍‌ରେ ସ୍ୱାଗତ କରିଥିଲେ। ଶାନ୍ତି ଆଲୋଚନାରୁ ଏକ ଅର୍ଥପୂର୍ଣ୍ଣ ଫଳାଫଳ ମିଳିବା ଦିଗରେ ପାକିସ୍ତାନ ମଧ୍ୟସ୍ଥତା ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ଶରିଫ୍ କହିଛନ୍ତି। ପଶ୍ଚିମ ଏସିଆରେ ଦୀର୍ଘସ୍ଥାୟୀ ଶାନ୍ତି ଆଣିବାରେ ଆମେରିକା-ଇରାନ ଆଲୋଚନା ସହାୟକ ହେବ ବୋଲି ସେ ଆମେରିକା ପ୍ରତିନିଧି ଦଳଙ୍କ ନିକଟରେ ଆଶାବ୍ୟକ୍ତ କରିଥିଲେ। ଇରାନର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଆରେଫ୍ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆମେରିକା ପ୍ରଥମ ଆଭିମୁଖ୍ୟ ସହ ୱାଶିଂଟନ କାର୍ଯ୍ୟ କଲେ ଶାନ୍ତି ଆଲୋଚନାରୁ ଡିଲ୍ ପ୍ରସ୍ତୁତ ହୋଇପାରେ। ଯଦି ଆମେ ଇସ୍ରାଏଲ୍ ପ୍ରଥମ ପ୍ରତିନିଧିତ୍ୱର ସମ୍ମୁଖୀନ ହେଉ, ତେବେ ଡିଲ୍ ହେବ ନାହିଁ ବୋଲି ଆରେଫ୍ ସୋସିଆଲ୍ ମିଡିଆରେ ଲେଖିଛନ୍ତି।

# ନୂଆ ଟିବି ଟିକା ସୁରକ୍ଷିତ

ନୂଆଦିଲ୍ଲୀ,୧୧।୪ (ପି.ଟି.)

ଟ୍ୟୁବରକୁଲୋସିସ୍ (ଟିବି)ର ୨ଟି ନୂଆ ଟିକା ଭାରତରେ ବୟସ୍କ ଏବଂ ପିଲାମାନଙ୍କଠାରେ ବ୍ୟବହାର ପାଇଁ ସୁରକ୍ଷିତ ହୋଇପାରେ କିନ୍ତୁ ସବୁପ୍ରକାର ବ୍ୟାକ୍ଟେରିଆ ସଂକ୍ରମିତ ରୋଗ ବିରୋଧରେ ସୁରକ୍ଷା ଦେଇ ନ ପାରେ ବୋଲି ତୃତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳରୁ ଜଣାପଡ଼ିଛି। ଦି ବ୍ରିଟିଶ ମେଡିକାଲ ଜର୍ନାଲରେ ଉକ୍ତ ଫଳାଫଳ ପ୍ରକାଶ ପାଇଛି। ଫେଜ୍-୩ ଏକ ନିୟନ୍ତ୍ରିତ କ୍ଲିନିକାଲ ପରୀକ୍ଷା ଯାହା ଚୂଡ଼ାନ୍ତ ପର୍ଯ୍ୟାୟ ଅଧ୍ୟୟନ ଥିଲା।

# ମୋଜତାବାଙ୍କୁ ଭୟଙ୍କର ଆଘାତ ଲାଗିଥିଲା : ରିପୋର୍ଟ



ମୋଜତାବା ଖାମେନେଇ

ତେହରାନ୍ ,୧୧।୪

ଇରାନ ସୁପ୍ରିମ ଲିଡର ମୋଜତାବା ଖାମେନେଇ ଏବେ ବି ଗୁରୁତର ଭାବେ ଆହତ। ଗତ ଫେବୃଆରୀ ୨୮ ଯୁଦ୍ଧ ଆରମ୍ଭ ଦିନ ଆମେରିକା ଓ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ମୋଜତାବାଙ୍କ ବାପା ତଥା ତତ୍କାଳୀନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିବାବେଳେ ମୋଜତାବାଙ୍କ ମୁହଁ ଓ ଗୋଡ଼ରେ ଭୟଙ୍କର ଆଘାତ ଲାଗିଥିଲା। ୫୬ ବର୍ଷୀୟ ମୋଜତାବା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଅଡିଓ କନ୍‌ଫରେନ୍ସ ଜରିଆରେ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ଯୁଦ୍ଧ ଓ ବୁଝାମଣା ସମେତ ବିଭିନ୍ନ ପ୍ରସଙ୍ଗରେ ସେ ସାମିଲ ଥିବା ରିପୋର୍ଟରେ କୁହାଯାଇଛି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

ଭୋପାଳ,୧୧।୪

ରୋମାଞ୍ଚକର କ୍ରାଇମ୍ ଥ୍ରିଲର ଭଳି ଲାଗୁଥିବା ଏକ ସତ୍ୟ ଘଟଣା ମଧ୍ୟପ୍ରଦେଶର ଧର୍ ଅଞ୍ଚଳରେ ସାମନାକୁ ଆସିଛି, ଯାହା ପଛରେ ପ୍ରତାରଣା, ଅପମାନ ଓ ସୁଚିନ୍ତିତ ଷଡ଼ଯନ୍ତ୍ର ରହିଛି। ପ୍ରଥମେ ଡକାୟତିରୁ ହତ୍ୟାକାଣ୍ଡ ବୋଲି କୁହାଯାଇଥିବାବେଳେ ତଦନ୍ତ ପରେ ତାହା ପରକୀୟା ପ୍ରୀତିରୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି।

ଗତ ୭ ତାରିଖ ରାତିରେ ଦେବକୃଷ୍ଣ ପୁରୋହିତ ନାମକ ଜଣେ ୨୮ ବର୍ଷୀୟ ମସଲା ବ୍ୟବସାୟୀଙ୍କୁ ତାଙ୍କ ଘରେ ହତ୍ୟା କରାଯାଇଥିଲା। ମୃତଦେହରେ ତୀକ୍ଷ୍ଣ ଅସ୍ତ୍ରାଘାତର ଚିହ୍ନ ରହିଥିଲା। ଅଜଣା ଡକାୟତ ଘରେ ପଶି ୩.୫ ଲକ୍ଷ ଟଙ୍କା ମୂଲ୍ୟର ମୂଲ୍ୟବାନ ସାମଗ୍ରୀ ଲୁଟିନେବା ସହ ବାଧାଦେବାରୁ ଦେବକୃଷ୍ଣଙ୍କୁ ହତ୍ୟା କରିଥିବା ସ୍ତ୍ରୀ ପ୍ରିୟଙ୍କା ପୁରୋହିତ ପୋଲିସକୁ କହିଥିଲେ।

ଦେବକ୍ରିଷ୍ଣ ଓ ପ୍ରିୟଙ୍କାଙ୍କ ବିବାହକୁ ନେଇ ଦୀର୍ଘଦିନରୁ ସମସ୍ୟା ଲାଗିରହିଥିଲା। ଦେବକ୍ରିଷ୍ଣ କଳା ହୋଇଥିବାରୁ ତାଙ୍କ ଉପଯୁକ୍ତ ନୁହନ୍ତି ବୋଲି ପ୍ରିୟଙ୍କା ଅନେକ ସମୟରେ କହୁଥିବା ଭଉଣୀ ଜ୍ୟୋତି ପୋଲିସକୁ କହିଥିଲା। ତଦନ୍ତରୁ ଜଣାପଡ଼ିଥିଲା, ପ୍ରିୟଙ୍କାଙ୍କର ରାଜଗଡ଼ର କମଲେଶ ପୁରୋହିତଙ୍କ ସହ ପ୍ରେମ ସମ୍ପର୍କ ରହିଛି। ଦେବକ୍ରିଷ୍ଣ ଏଥିରେ ପ୍ରତିବନ୍ଧକ ସାଜିଥିବାରୁ ସେମାନେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିପାଇଁ କମଲେଶ ସୁପାରି ଦେଇ ହିଟ୍‌ମ୍ୟାନ୍ ସୁରେନ୍ଦ୍ର ଭଙ୍ଗିଙ୍କୁ ଦେବବ୍ରତଙ୍କୁ ହତ୍ୟା କରିବା ପାଇଁ କହିଥିଲା। ହତ୍ୟାକାଣ୍ଡ ରାତିରେ ସେମାନେ ଜାଣିଶୁଣି ଘର କବାଟ ବନ୍ଦ କରି ନ ଥିଲେ। ସୁରେନ୍ଦ୍ର ଘରେ ପଶି ଦେବବ୍ରତଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରିବା ପରେ ଏହାକୁ ଡକାୟତି ରୂପ ଦେବାକୁ ଘରେ ଭଙ୍ଗାରୁଜା



ଦେବକୃଷ୍ଣ ପୁରୋହିତ



ପ୍ରିୟଙ୍କା ପୁରୋହିତ

କରିଥିଲେ। ହତ୍ୟାକାରୀ ଚାଲିଯିବା ପରେ ପ୍ରିୟଙ୍କା ଚିତ୍କାର କରି ମନଗଢ଼ା କାହାଣୀ ଶୁଣାଇଥିଲେ। ତଦନ୍ତ ବେଳେ ପ୍ରିୟଙ୍କାଙ୍କ ବୟାନରେ ତାଳମେଳ ନ ରହିବା ଏବଂ ଚୋରି ଗହଣା ଘରୁ ମିଳିବା ପରେ ପୋଲିସ ସନ୍ଦେହ କରିଥିଲା। ବାରମ୍ବାର ଜେରା କରିବାରୁ ପ୍ରିୟଙ୍କା ପ୍ରେମିକ ସହ ମିଶି ଦେବକୃଷ୍ଣଙ୍କୁ ହତ୍ୟା କରିଥିବା ମାନିଛନ୍ତି।

# ଗ୍ୟାଙ୍ଗଷ୍ଟର ସାହିଲ ଚୌହାନ ଥାଇଲାଣ୍ଡରୁ ପ୍ରତ୍ୟର୍ପିତ

ଚଣ୍ଡିଗଡ଼,୧୧।୪

ହରିୟାଣାର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ସାହିଲ ଚୌହାନଙ୍କୁ ଥାଇଲାଣ୍ଡ ସରକାର ଭାରତକୁ ପ୍ରତ୍ୟର୍ପଣ କରିଛନ୍ତି। ସେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ହରିୟାଣାର ସ୍ପେଶାଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ୍) ତାଙ୍କୁ ଗିରଫ କରି ହାଜତକୁ ନେବ। ଦୀର୍ଘବର୍ଷ ହେଲା ଫେରାର ଥିବା ସାହିଲ୍ ଥାଇଲାଣ୍ଡରେ ଥାଇ ଅପରାଧ କାର୍ଯ୍ୟକଳାପ ଚଳାଇଥିଲେ। ଜାତୀୟ



ସାହିଲ ଚୌହାନ

ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୱାଣ୍ଟେଡ୍ ତାଲିକାରେ ମଧ୍ୟ ସେ ରହିଛନ୍ତି। ଗୁରୁଗ୍ରାମର କୌଶଲ ଚୌଧରୀ ଗ୍ୟାଙ୍ଗ୍ ସହ ସାହିଲ୍‌ଙ୍କର ସମ୍ପୃକ୍ତି ରହିଛି। ବିଦେଶରୁ ଅପରାଧ ଗ୍ୟାଙ୍ଗ୍ ଚଳାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କର ଅନ୍ତର୍ଜାତୀୟ ଗତିବିଧି ଉପରେ କେନ୍ଦ୍ରୀୟ ଏଜେନ୍ସି ଏବଂ ଏସ୍‌ଟିଏଫ୍ ନଜର ରଖିଥିଲା। ସେ ଥାଇଲାଣ୍ଡରେ ଥିବା ସ୍ପଷ୍ଟ ହେବା ପରେ ଭାରତୀୟ ତଦନ୍ତକାରୀ ସଂସ୍ଥାର ତଥ୍ୟ ଆଧାରରେ ସ୍ଥାନୀୟ କର୍ତ୍ତୃପକ୍ଷ ତାଙ୍କୁ ଅଟକ ରଖିଥିଲେ। ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ସାହିଲଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି।

# 'ମହଙ୍ଗା ଭତ୍ତାରେ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ମଧ୍ୟରେ ପକ୍ଷପାତ କରାଯାଇପାରିବ ନାହିଁ'

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ,୧୧।୪ (ପି.ଟି.)

ମୁଦ୍ରାସ୍ଫୀତି ବା ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିର ମୁକାବିଲା ପାଇଁ ସରକାର ମହଙ୍ଗା ଭତ୍ତା ବଢ଼ାଇବା ବେଳେ କାର୍ଯ୍ୟରତ କର୍ମଚାରୀ ଏବଂ ପେନ୍‌ସନଭୋଗୀଙ୍କ ମଧ୍ୟରେ ପକ୍ଷପାତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଅବସରପ୍ରାପ୍ତ କର୍ମଚାରୀଙ୍କ ସମାନତା ଅଧିକାରକୁ କାଏମ୍ ରଖିଛି। ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ କେରଳ ସରକାର ଏବଂ କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଆବେଦନକୁ ଖାରଜ କରିଦେଇ କହିଛନ୍ତି, ଦରଦାମ୍ ବୃଦ୍ଧି ଉଭୟ କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମାନ ଭାବେ ପ୍ରଭାବିତ କରୁଛି। ସମାନତା ଏକ ଗତିଶୀଳ ଧାରଣା, ଯାହାର ଅନେକ ଦିଗ ରହିଛି। ଏହାକୁ ପାରମ୍ପରିକ ତଥା ସିଦ୍ଧାନ୍ତବାଦୀ ସୀମା ମଧ୍ୟରେ ଆବଦ୍ଧ କରି ରଖାଯାଇପାରିବ ନାହିଁ। ସକାରାତ୍ମକ ଦୃଷ୍ଟିରୁ ଦେଖିଲେ, ସମାନତା ଏବଂ ମନମୁଖୀ କାର୍ଯ୍ୟ ପରସ୍ପର ବିରୋଧୀ। ସାଧାରଣତନ୍ତ୍ରରେ ଗୋଟିଏ ଆଇନର ଶାସନ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଅନ୍ୟଟି ଏକଚ୍ଛତ୍ରବାଦ ଶାସନର ମନମାନି ବୋଲି ଜଷ୍ଟିସ୍ ମିଶ୍ରା କହିଛନ୍ତି।

# ଧନୀ, ଦରିଦ୍ର ରାଷ୍ଟ୍ର ମଧ୍ୟରେ ବ୍ୟବଧାନ ବଢୁଛି

ଜାତିସଂଘ,୧୧।୪

ଧନୀ ଓ ଦରିଦ୍ର ଦେଶଗୁଡ଼ିକ ମଧ୍ୟରେ ବ୍ୟବଧାନ ଅଧିକ ପ୍ରଶସ୍ତ ହେଉଥିବା ଜାତିସଂଘ ରିପୋର୍ଟରୁ ଜଣାପଡ଼ିଛି। ବ୍ୟବଧାନ କମାଇବା ଦିଗରେ କାର୍ଯ୍ୟ କରିବା ପାଇଁ ବୃହତ୍ ବୈଶ୍ୱିକ ଆର୍ଥିକ ପ୍ରତିଷ୍ଠାନ ସମେତ ବହୁ ଦେଶ ଗତବର୍ଷ ସହମତ ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ଧନୀ-ଦରିଦ୍ର ବ୍ୟବଧାନ କମାଇବା ଏବଂ ୨୦୩୦ ସୁଦ୍ଧା ଜାତିସଂଘର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଗତବର୍ଷ ଜୁନ୍‌ରେ ସ୍ପେନ୍‌ର ସେଭିଲ୍‌ଠାରେ ଏକ କାର୍ଯ୍ୟଯୋଜନା ଗୃହୀତ ହୋଇଥିଲା।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ପରବର୍ତ୍ତୀ ବୈଠକ ୱାଶିଂଟନଠାରେ ଆସନ୍ତା ସପ୍ତାହରେ ହେବାକୁ ଥିବାବେଳେ ଏହା ପୂର୍ବରୁ ଜାତିସଂଘ ରିପୋର୍ଟ ପ୍ରକାଶ



ପାଇଛି। ଆଇଏମ୍‌ଏଫ୍ ବୈଶ୍ୱିକ ଅଭିବୃଦ୍ଧି ବଢ଼ାଇବା ଦିଗରେ ପ୍ରସ୍ତୁତ ରହିଛି ବୋଲି ଗତବର୍ଷ ଏହାର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓର୍ଜିଏଭା କହିଥିଲେ। ତେବେ ସମ୍ପ୍ରତି ଇରାନ ଯୁଦ୍ଧ ବିଶ୍ୱ ଅର୍ଥନୀତି ଦୃଷ୍ଟିକୋଣକୁ ଅନ୍ଧକାର କରିଦେଇଛି।

## ଜାତିସଂଘ ରିପୋର୍ଟ

ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ଉପମହାସଚିବ ଲି ଜୁନହୁଆ କହିଛନ୍ତି, ବିକାଶଶୀଳ ଦେଶଗୁଡ଼ିକ ପୁଞ୍ଜି ଆକର୍ଷଣ ପାଇଁ ସଂଘର୍ଷ କରୁଥିବାବେଳେ ଭୂରାଜନୈତିକ ଉତ୍ତେଜନା ଏହାକୁ ଜଟିଳ କରିଦେଇଛି। ଅନ୍ତର୍ଜାତୀୟ ସହଯୋଗ ପାଇଁ ଏହା ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ସମୟ, କାରଣ ଭୂରାଜନୈତିକ ବିଚାରଧାରାଗୁଡ଼ିକ ଦିନକୁ ଦିନ ଅର୍ଥନୈତିକ ସମ୍ପର୍କ ଏବଂ ଆର୍ଥିକ ନୀତିକୁ ପ୍ରଭାବିତ କରୁଥିବା ସେ କହିଛନ୍ତି। ବଢୁଥିବା ବାଣିଜ୍ୟ ପ୍ରତିବନ୍ଧକ ଏବଂ ବାରମ୍ବାର ଜଳବାୟୁ ପରିବର୍ତ୍ତନଜନିତ ଝଟକାକୁ ଧନୀ-ଦରିଦ୍ର ତାରତମ୍ୟ ବଢ଼ିବାର ଅନ୍ୟତମ କାରଣ ବୋଲି ରିପୋର୍ଟରେ କୁହାଯାଇଛି।

ଗତବର୍ଷ ସେଭିଲେ ସମ୍ମିଳନୀରେ ଆମେରିକା ବ୍ୟତୀତ ଅଧିକାଂଶ ଦେଶର ନେତା ସେଭିଲେ ପ୍ରତିଶ୍ରୁତିକୁ ସର୍ବସମ୍ମତକ୍ରମେ ଗ୍ରହଣ କରିଥିଲେ, ଯେଉଁଥିରେ ବିକାଶ ପାଇଁ ବାର୍ଷିକ ୪ ଟ୍ରିଲିୟନ ଡଲାର ଅର୍ଥନୈତିକ ବ୍ୟବଧାନକୁ ପୂରଣ କରିବା ଲକ୍ଷ୍ୟ ରଖାଯାଇଥିଲା। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ନିବେଶ ବଢ଼ାଇବା ଏବଂ ବିଶ୍ୱବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଥିଲା। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ୨ ଆର୍ଥିକ ପ୍ରତିଷ୍ଠାନରେ ବଡ଼ ଧରଣର ପରିବର୍ତ୍ତନ ପାଇଁ ବାରମ୍ବାର କହିଆସୁଛନ୍ତି। ଆଇଏମ୍‌ଏଫ୍ ଗରିବ ଦେଶ ବଦଳରେ ଧନୀ ଦେଶକୁ ଅଧିକ ଲାଭବାନ୍ କରାଉଥିବାବେଳେ ବିଶ୍ୱବ୍ୟାଙ୍କ ଏହାର ମିଶନରେ ବିଫଳ ହୋଇଥିବା ଗୁଟେରେସ୍ କହିଛନ୍ତି।



ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରର ପ୍ରେରଣାସ୍ଥଳରେ ପହଞ୍ଚିଥିବାବେଳେ ସେଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ସାମ୍ନାସାମ୍ନି ହେବାର ବିରଳ ଦୃଶ୍ୟ ତୁରନ୍ତ ସୋସିଆଲ ମିଡିଆ ଦୃଷ୍ଟି ଆକର୍ଷଣ କରିଥିଲା। ମୋଦି କାର୍‌ରୁ ବାହାରିବା ପରେ କିଛି ସମୟ ପାଇଁ ଅଟକି ରାହୁଲଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥା ହେଉଥିବା ଦେଖାଯାଇଛି।

DHARITRI

52 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ | Bhubaneswar, Sunday, April 12/2026 | ପୃଷ୍ଠା-୧









ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ହେବାକୁ ଥିବା ଆଲୋଚନାକୁ ବିରୋଧ କରି ବିରୁଟ୍‌ରେ ଜଣେ ହେଜ୍‌ବୋଲ୍ଲା ସମର୍ଥକ ମହିଳା ମୁଣ୍ଡ ଉପରେ ଜୋତା ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ଗାର୍ଡିଆନ୍)

# ୭ଦିନରେ ସବୁ କଲେଜରେ ଆଇସିସି

## ନିର୍ଦ୍ଦେଶ ନ ମାନିଲେ ନାମଲେଖାରେ କଟକଣା

ଭୁବନେଶ୍ୱର,୧୧।୪ (ସୁଚିସ୍ମିତା ସାହୁ)

ସବୁ କଲେଜରେ ସକ୍ରିୟ ରହିବ ଇଣ୍ଟରନାଲ କମ୍ପ୍ଲେଣ୍ଟ୍ସ କମିଟି (ଆଇସିସି) ବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି। ଯେଉଁ କଲେଜରେ ଏଯାଏ ଆଇସିସି ନାହିଁ, ତୁରନ୍ତ ଗଠନ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସରୋଜ ଲକ୍ଷ୍ମୀ ସିଂହ ଶନିବାର ସମସ୍ତ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ (୪୮୮ ଓ ୬୬୨ ବର୍ଗ), ଅଣଅନୁଦାନପ୍ରାପ୍ତ ଏବଂ ଧନ୍ଦାମୂଳକ କଲେଜଗୁଡ଼ିକୁ ଚିଠି କରିଛନ୍ତି। ଆଇସିସି ଗଠନ କରି ସପ୍ତାହକ ମଧ୍ୟରେ ତା'ର ନକଲ ଡାକ ଯୋଗେ ପଠାଇବାକୁ କିମ୍ବା ହାତରେ ଆଣି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କଲେଜ ନିର୍ଦ୍ଦେଶକୁ ଅମାନ୍ୟ କରିବେ, ତେବେ ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ଉପରେ କଟକଣା ଲଗାଯିବ କିମ୍ବା ଅନ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି। ଆଇସିସି ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଲେଜରେ ପଢୁଥିବା ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା। ଶିକ୍ଷାନୁଷ୍ଠାନ ପରିସରରେ ସେମାନେ ଯୌନ ନିର୍ଯାତନା, ଅସଦାଚରଣ କିମ୍ବା ଅନ୍ୟ କୌଣସି ଅପ୍ରୀତିକର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ଏତେ ପ୍ରୀତି କାହିଁକି

### ଆଜିର ମନ୍ତବ୍ୟ

"କେବଳ ପୁଞ୍ଜି କିମ୍ବା ନୀତି ବଳରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିପାରିବ ନାହିଁ।

-ସୂର୍ଯ୍ୟ କାନ୍ତ, ପ୍ରଧାନ ବିଚାରପତି






# ବଢ଼ିଚାଲିଛି ଅବଧି, ରିପୋର୍ଟ ନାହିଁ

ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ଆନ୍ତଃ ରାଜ୍ୟ ବିବାଦର ସମାଧାନ ପାଇଁ ୨୦୧୮ ମାର୍ଚ୍ଚ ୧୨ରେ କେନ୍ଦ୍ର ସରକାର ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ। ତେବେ ଏହାର ୮ ବର୍ଷ ପରେ ମଧ ବିବାଦ ଛିଣ୍ଡି ନ ଥିବାରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ (ଏମ୍‌ଡବ୍ଲ୍ୟୁଡିଟି) ଅବଧିକୁ ସରକାର ଆଉ ୯ ମାସ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏନେଇ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯିବା ପରେ ଓଡ଼ିଶାରେ ରାଜନୈତିକ ବୟାନବାଜି ଜୋର୍ ଧରିଛି। ଭାଜପା ଉଭୟ ଓଡ଼ିଶା-ଛତିଶଗଡ଼ ଏବଂ କେନ୍ଦ୍ରରେ କ୍ଷମତାସୀନ ଥାଇ ଏହି ଦୀର୍ଘ ବିବାଦର ସମାଧାନ କରି ନ ପାରିବା ଟ୍ରିପଲ ଇଞ୍ଜିନ୍ ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଇଥିବା କହି ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ବିବାଦ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଟ୍ରିବ୍ୟୁନାଲ ଗଠନ ହେବା ପରଠାରୁ ଅଦ୍ୟାବଧି ଏହାର ଅବଧି ୪ ଥର ବଢ଼ାଗଲାଣି। ୨୦୨୧ ମାର୍ଚ୍ଚ ୧୨ରେ ପ୍ରଥମେ ୨ ବର୍ଷ ପାଇଁ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବଢ଼ାଯାଇଥିବାବେଳେ ପରବର୍ତ୍ତୀ ସମୟରେ ୨୦୨୩ ଜୁନ୍, ତୃତୀୟ ଥର ପାଇଁ ଏହାର ଅବଧିକୁ ୨୦୨୪ ଏପ୍ରିଲ ୧୪ ଯାଏ ବୃଦ୍ଧି କରାଯାଇଥିଲା। ୨୦୨୬ ଏପ୍ରିଲ ୧୦ରେ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ପୁନଶ୍ଚ ଏହାକୁ ୯ ମାସ ପାଇଁ ବଢ଼ାଯାଇଛି।

## ମହାନଦୀ ଜଳ ବିବାଦ

- ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଆଉ ୯ ମାସ ବୃଦ୍ଧି
- ୨୦ରେ ପରବର୍ତ୍ତୀ ଶୁଣାଣି
- ୩ ମାସରେ ସମାଧାନ ନ ହେଲେ ଓଡ଼ିଶାର ୨୦ ଭାଜପା ଏମ୍‌ପିଙ୍କୁ ଘେରିବୁ: କଂଗ୍ରେସ
- ଟ୍ରିପଲ ଇଞ୍ଜିନ ସରକାରଙ୍କ ସମାଧାନ ଇଚ୍ଛା ନାହିଁ: ବିଜେଡି
- ଖୁବ୍‌ଶୀଘ୍ର ୨ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା: ଏଜି

ଭୁବନେଶ୍ୱର, ୧୧।୪ (ସୁନିତ୍ ମିଶ୍ର)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ଶୁଣାଣି ଟ୍ରିବ୍ୟୁନାଲରେ ଜାରି ରହିଛି। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ୧୪ ତାରିଖରେ ଶେଷ ହେଉଥିଲା। ସେଥିଲାଗି ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବୃଦ୍ଧିକରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଟ୍ରିବ୍ୟୁନାଲ କାର୍ଯ୍ୟକାଳକୁ ୯ ମାସ ଯାଏ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଗେଜେଟ୍ ନୋଟିଫିକେଶନ ପ୍ରକାଶ ପାଇଛି। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ମଧ୍ୟସ୍ଥତାରେ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ଆଲୋଚନା ହେବ ବୋଲି ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ମାତ୍ର ବିରୋଧୀ ବିଜେଡି ଏବଂ କଂଗ୍ରେସ ଟ୍ରିପଲ ଇଞ୍ଜିନ ସରକାରରେ ଏହି ବିବାଦର ସମାଧାନରେ କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନକରି ଶାସକ ଦଳକୁ ଟାର୍ଗେଟ କରିଛନ୍ତି। ☞ପୃଷ୍ଠା-୨






# ଚନ୍ଦ୍ର ଅଭିଯାନରୁ ଫେରିଲେ ୪ ମହାକାଶଚାରୀ

## ଚନ୍ଦ୍ରାବତରଣ ନାସାର ପରବର୍ତ୍ତୀ ଲକ୍ଷ୍ୟ

ୱାଶିଂଟନ/ହ୍ୟୁଷ୍ଟନ୍,୧୧।୪

ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ଆର୍ଟେମିସ୍-୨ ମିଶନରେ ଯାଇଥିବା ୪ ମହାକାଶଚାରୀ ଐତିହାସିକ ଚନ୍ଦ୍ର ଅଭିଯାନ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଷ୍ଟର୍ନ ଟାଇମ୍ ଶୁକ୍ରବାର ପୂର୍ବାହ୍ନ ୮ଟା ୭ ମିନିଟ୍ ସମୟରେ ସାନ୍ ଡିଏଗୋ ଉପକୂଳ ନିକଟରେ ଆର୍ଟେମିସ୍-୨ କ୍ୟାପ୍‌ସୁଲ୍ ଖସିଥିଲା। ସଫଳ ଚନ୍ଦ୍ରାଭିଯାନ ପରେ ୪ ମହାକାଶଚାରୀଙ୍କ ପାଇଁ ଏହା ଏକ ବିଜୟପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ଥିଲା। ମହାକାଶ ଯାନ ପ୍ରଶାନ୍ତ ମହାସାଗରରେ ଖସିବା ସମୟରେ ଉପସ୍ଥିତ ଜନତା କରତାଳି ଦେଇ ଅଭିନନ୍ଦନ ଜଣାଇଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନରେ ନାସା ପ୍ରଥମ ଥର ପାଇଁ ୪ ମହାକାଶଚାରୀଙ୍କୁ ଚନ୍ଦ୍ର ନିକଟକୁ ପଠାଇଥିଲା ଏବଂ ସେମାନେ ପୃଥିବୀଠାରୁ ସର୍ବାଧିକ ଦୂରତା ଅତିକ୍ରମ କରି ଇତିହାସ ରଚିଛନ୍ତି। ଚନ୍ଦ୍ରରେ ମାନବ ଅବତରଣ କରାଇବା ଲାଗି ନାସାର ପରବର୍ତ୍ତୀ ଲକ୍ଷ୍ୟ ରହିଛି।

ଚନ୍ଦ୍ର ନିକଟ ଦେଇ ମହାକାଶ ଅଭିଯାନରେ କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ☞ପୃଷ୍ଠା-୨



ସାନ୍ ଡିଏଗୋ ଉପକୂଳ ନିକଟ ସମୁଦ୍ରରେ ଆର୍ଟେମିସ୍-୨ କ୍ୟାପ୍‌ସୁଲ ଖସିବା ପରେ ମହାକାଶଚାରୀଙ୍କୁ ବୋଟ୍‌ରେ ନିଆଯାଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପଣ୍ଡିତ ନୀଳମଣି ମିଶ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ମାଣିଆବନ୍ଧ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀମହାବୀରଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଇଲକିଶନ ନଗର(ସାହେବ ନୂଆଗାଁ), ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବଡ଼ପୋଖରିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ବରପୁତ୍ର ମାନଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ : ସକାଳ ୯ଟା ୩୦।
- ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା, ସ୍ଥାନ: ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ମହିଳା ସଂରକ୍ଷଣ ବିଷୟରେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ:ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବସନ୍ତ ଉତ୍ସବ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖି ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖି ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ରମାନଙ୍କ ଉପରେ ଆଲୋଚନା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ତେନ୍ତୁଳିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଭାସ୍ତରୀୟ ନାରୀଶକ୍ତି ବନ୍ଦନ ପଦଯାତ୍ରା, ସ୍ଥାନ: ମହତାବ ଛକରୁ ଟାଉନ ହଲ୍ ଛକ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ମଧୁସୂଦନ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ,ସ୍ଥାନ: ଜେଏମଏଫସି କୋର୍ଟ ବାର ହଲ, ବଡବିଲ୍, ସମୟ: ଅପରାହ୍ନ ୧୨ଟା ୩୦
- ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ, ସ୍ଥାନ:ଆନନ୍ଦପୁର,ଘସିପୁରା, ସମୟ :ଅପରାହ୍ନ ୩ଟା ୪୫ ଏବଂ ସନ୍ଧ୍ୟା ୬ଟା ୨୫।
- ଅହୋରାତ୍ର ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ:ଏଲକଣିଆଁ, ହାଟଡିହୀ, ସମୟ :ରାତି ୯ଟା।

## ମୟୂରଭଞ୍ଜ
- ମା ବୁଢ଼ୀ ଠାକୁରାଣୀଙ୍କ ପୂଜା ଉତ୍ସବ, ସ୍ଥାନ: ଚିତ୍ରଡା ବସଷ୍ଟାଣ୍ଡ, ମୋରଡା, ସମୟ:ସକାଳ ୭ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ପଶୁଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଣାମ ଚିତ୍ରଡାର ବୈଠକ, ସ୍ଥାନ: ଚିତ୍ରଡା ଶୀର୍ଷାପାଳ ଛକ, ମୋରଡା, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଭାଜପାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ସଂସ୍କାରବାଦୀ ଓ ଓଡ଼ିଆ ଭାଷା ଆନ୍ଦୋଳନର ଧାରଣା, ସ୍ଥାନ: ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ: ସକାଳ ୯ଟା ୩୦।
- ବିଷୁବ ସାହିତ୍ୟ ଆସର, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷ, ଗୋଇଲୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଞ୍ଜ ସାହିତ୍ୟ ଏକାଡେମୀର ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ଅପରାହ୍ନ ୪ଟା।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ
- ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଢେଙ୍କାନାଳ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା, ସ୍ଥାନ: ବହିମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲରେ ଅଗ୍ନି ସଂଯୋଗ, ସ୍ଥାନ: ଆଠମଲ୍ଲିକସ୍ଥିତ ଦେଉଳଝରି ଶୈବପୀଠ, ସମୟ: ସକାଳ ୬ଟା।
- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ପାତ୍ରପଡ଼ା ମା' ବାୟାଣୀ ପୀଠ, ଛେଣ୍ଡିପଦା, ସମୟ: ସକାଳ ୬ଟା।
- ମଶାଲକୁ ନେଇ ସ୍ୱତନ୍ତ୍ର ପୂଜା, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ, ସ୍ଥାନ: ଜିଲା ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବରିଷ୍ଠ ନାଗରିକ ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ପରୁଡି ଶିଶୁମନ୍ଦିର ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଙ୍ଗତ କଥାକାର ସଦାଶିବ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ବନ୍ଦନୀୟ ବରପୁତ୍ର, ସ୍ଥାନ : ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ପ୍ରକଳ୍ପର ଭୂମିପୂଜନ, ଭୋଗ ମଣ୍ଡପ, ଫରେଷ୍ଟ ପାର୍କ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଓ ପେଣ୍ଡରାଣୀ ମନ୍ଦିର, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରିଚୟ ପ୍ରଦାନ, ସ୍ଥାନ: କାକିରିଗୁମ୍ମା ଥାନା, ଲକ୍ଷ୍ମୀପୁର, ସମୟ : ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ ଉଦ୍‌ଯାପନୀ ଶିବିର, ସ୍ଥାନ:, କେନ୍ଦୁଗୁଡା ଏବଂ ଜିରାଗୁଡା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ସିଂହାସନ ପ୍ରତିଷ୍ଠା, କଳସ ସ୍ଥାପନ ଓ ମନ୍ଦିର ପ୍ରବେଶ ନୀତି, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସକାଳ ୬ଟା ୩୦ ।
- ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ।
- ଜିଲା ପ୍ରଶାସନ ଆୟୋଜନରେ ଓଡ଼ିଶାର ବରପୁତ୍ରଙ୍କ ଉପରେ ଆଲୋଚନା, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସଂଗ୍ରାମୀ ଜନନେତା ବ୍ରଜବାହୁ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ଅଧ୍ୟାପନ ପ୍ରକୋଷ୍ଠ–୧, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି କବାଡି ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା ।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ।
- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : କଚେରି ଛକ ନିକଟସ୍ଥ ହନୁମାନ ବାଟିକା, ସମୟ : ମଧ୍ୟାହ୍ନ ୧୨ ଟା ୩୦ ।
- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ।
- ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଯୋଗ ଓ ଥେରାପି ଶିବିର, ସ୍ଥାନ: ଆର୍ଯ୍ୟ ମଣ୍ଡପ, ବଲାଙ୍ଗୀର, ସମୟ: ସକାଳ ୫ଟା ।
- ଓଡିଆ ପକ୍ଷ ପାଳନ ଅବସରରେ ଆଲୋଚନାଚକ୍ର, ସ୍ଥାନ: ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ସୋଲାପୁରୀ ଶୀତଳ ମାତା ପୂଜାରମ୍ଭ, ସ୍ଥାନ: ରେଳବାଇ କଲୋନୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜଗଦା ପ୍ରଗତି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସେନକୋ ଜୁଏଲାରୀ ପକ୍ଷରୁ ଗ୍ରାଣ୍ଡ ଓପନିଂ, ସ୍ଥାନ: ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଗାଙ୍ଗପୁର ମଜଦୁର ମଞ୍ଚର ବାର୍ଷିକ ସମାବେଶ, ସ୍ଥାନ: ସେକ୍ଟର–୮, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୩ ଭାଜପା ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଉରକେଲା ଦିବସର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସ୍ମୃତିଚାରଣ ସଭା, ସ୍ଥାନ: ସେକ୍ଟର–୭ ଇସ୍ପାତ ସାହିତ୍ୟ ସଂସଦ ଭବନ, ସମୟ: ସନ୍ଧ୍ୟା ୬ଟା।
- ଆନ୍ତଃ ବିଦ୍ୟାଳୟସ୍ତରୀୟ ଲଘୁ ନାଟକ ମହୋତ୍ସବର ୫ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର ସମ୍ପର୍କରେ ଆଲୋଚନା ଚକ୍ର ଓ କବିତା ଆସର,ସ୍ଥାନ:ସଦଭାବନା ଭବନ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ହନୁମାନ, ଦୁର୍ଗା, କରମସାନୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନିଳିବନ୍ଧ ପଡ଼ା, ବରଗଡ଼,ସମୟ:ସକାଳ ୮ଟା।
- ଗଣେଷ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ସକାଳ ୮ଟା।
- ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ଅଭିଷେକ ପୂଜା, ସ୍ଥାନ: ତୁରୁଙ୍ଗା, ବରଗଡ଼, ସମୟ:ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଜାମୁଟପାଲି, ଗାଇସିଲେଟ, ସମୟ:ପୂର୍ବାହ୍ନ ୯ଟା।
- ଜିଲା ବରିଷ୍ଠ ନାଗରିକ ସଂଘର ମାସିକ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ଜେନିଥ ଲାୟନ୍ସ ଗୁରୁକୁଳର ବାର୍ଷିକ ଉତ୍ସବ, ସ୍ଥାନ:ଜେନିଥ ସ୍କୁଲ ପରିସର, ଝାଙ୍କର ପାଲି, ପଦ୍ମପୁର, ସମୟ:ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ସତର ତମ ଦିବସ, ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ:ରାତ୍ର ୯ଟା।

## ଦେବଗଡ଼
- ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୁରୁଣାଗଡ଼ ନାଗେଶ୍ୱର ବାବା ମନ୍ଦିର, ସମୟ: ଅପରାହ୍ନ ୫ଟା ୪୫।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଓଡିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ତଥା କବିତା ପାଠୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଜିଲା ଗ୍ରନ୍ଥାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ନୂଆପଡ଼ା ସାଇପଲା ଗାଁ, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କବିତା ପାଠୋତ୍ସବ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଋଷିପୀଠ ଯୋଗୀମଠ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଖଡିଆଳ ବ୍ଲକ ଦୁକଲା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ସିଏମ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଅମାପାଲି ଯଜ୍ଞମଣ୍ଡପ, ସମୟ: ଅପରାହ୍ନ ୨ଟା।
- ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ମନମୋହନ ଖେଳପଡ଼ିଆ, ଝାରସୁଗୁଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର ସ୍ୱନକ୍ଷତ୍ରସ୍ଥ ଯୋଗୁ କର୍ମମୁଖର ରହିବେ ଏବଂ ପାରିବାରିକ କ୍ଷେତ୍ର ସରସ ସୁନ୍ଦର ରହିବ। ଆନୁଷ୍ଠାନିକ କାମରେ, ସଭାସମିତିରେ, ସତ୍‌ସଙ୍ଗର ସାନ୍ନିଧ ଲାଭରେ, ଆଲୋଚନା ପରିବେଶରେ, ଖୁସି ରହିପାରନ୍ତି। ବନ୍ଧୁବାନ୍ଧବଙ୍କୁ ଧାରକରଜ ଦେବାକୁ କେନ୍ଦ୍ର କରି କଳହର ଆଶଙ୍କା ମଧ୍ୟ ରହିଛି। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ବୃଷ** – ଦେବଗୁରୁ ପୁନର୍ବସୁ ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଯୋଜନାରମ୍ଭରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଅଯାଚିତ ଭାବରେ ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କାରିଗରି, ଶିଳ୍ପ, ବାଣିଜ୍ୟ ତଥା ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** – ଆଜିର ଅନୁକୂଳ ଗ୍ରହସ୍ଥିତି ଯୋଗୁ କାମ ଅଧୁରା ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଖୋରାକ ପାଇବେ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ତାହା କାର୍ଯ୍ୟକାରୀ ହେବ। କିନ୍ତୁ ଆର୍ଦ୍ରା ନକ୍ଷତ୍ର ସକାଶେ ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କାଜନିତ ମନ ଅସ୍ଥିର ରହିପାରେ।

**କର୍କଟ** – ଦ୍ୱାଦଶସ୍ଥ ବୃହସ୍ପତି କର୍ମକ୍ଷେତ୍ରରେ ସ୍ଥାନାନ୍ତର ଜନିତ ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରନ୍ତି। ଆଜିର ଚନ୍ଦ୍ର ଆପଣଙ୍କୁ କୌଣସି ସ୍ଥାନରେ ସ୍ଥିର ଭାବରେ ରଖାଇ ଦେବେନାହିଁ। ଯେଉଁ ଆଶା ନେଇ ଅନ୍ୟ ପାଇଁ କିଛି କାମ କରିବେ, ପ୍ରତିବଦଳରେ କିଛି ପାଇବା କଷ୍ଟକର ହୋଇପାରେ। ତଥାପି କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ।

**ସିଂହ** – ରେବତୀ ନକ୍ଷତ୍ରସ୍ଥ ରବି ଆପଣଙ୍କର ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବେ। ତୃତୀୟାଧିପଙ୍କ ଶୁଭଦୃଷ୍ଟି ଆପଣଙ୍କୁ ଭାଇ ଭଉଣୀଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ଆତ୍ମୀୟ ବ୍ୟକ୍ତିମାନେ ଅସହିଷ୍ଣୁ ମନୋଭାବ ନେଇ ସମାଲୋଚନା କରିପାରନ୍ତି। ଆଜିର ଯାତ୍ରା, କର୍ମାରମ୍ଭ, ଶିଳ୍ପ, ବାଣିଜ୍ୟ ପରିବହନ ସକାଶେ ଦିନଟି ମନ୍ଦ ନୁହେଁ।

**କନ୍ୟା** – ଅଷ୍ଟମସ୍ଥ ଶୁକ୍ରଙ୍କ ଯୋଗୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଅବଶ୍ୟ ପାଇପାରିବେ। ପରିବାରରେ ବିତର୍କ କିମ୍ବା ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ପ୍ରଶାସନ, ଅର୍ଥ ସମ୍ପର୍କ, ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ହସ୍ତା ନକ୍ଷତ୍ର ସକାଶେ ସନ୍ତୋଷଜନକ ରହିପାରେ।

**ତୁଳା** – ଆଜି ଚନ୍ଦ୍ରଙ୍କ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି କର୍ମଭାବର ଅଶୁଭତ୍ୱ କାରଣରୁ ଅଫିସ୍ ଭିତରେ ସାଧାରଣ କଥାକୁ ନେଇ ତର୍କବିତର୍କ ଲାଗିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ।

**ବିଛା** – ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ଭାବିଚିନ୍ତି କହିବା ଓ କରିବା ଦିଗରେ ସତର୍କତା ଅବଲମ୍ବନ କରିବା ଭଲ। ଆଖିନଦେଖା କିମ୍ବା କାନରେ ଶୁଣିନଥିବା କଥାକୁ ବିଶ୍ୱାସ କଲେ କ୍ଷତିରେ ପଡ଼ିବେ। ନିଜର ସାହାଯ୍ୟକାରୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ଏବଂ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି।

**ଧନୁ** – ମୁଖଭାବରେ ଚନ୍ଦ୍ର ଯୋଗୁ ମନର ଦୁଃଖକୁ ମନ ଭିତରେ ରଖି ସାମାଜିକ ସ୍ତରରେ ହସିଲେ କଥା କହିବେ। ଅବଶ୍ୟ ଲୋକସମ୍ପର୍କ ଭଲ ରହିଥିବାରୁ କର୍ମକ୍ଷେତ୍ର, ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟା ରହିବ ନାହିଁ। ନିକଟସ୍ଥ ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମକର** – ନିଜ ଲୋକମାନଙ୍କ ମୁହଁ ସାମ୍ନାରେ ଗୋଟିଏ ପ୍ରକାର କଥା ଏବଂ ପଛରେ ଏକ ଭିନ୍ନ କଥା ଶୁଣି ବ୍ୟସ୍ତତା ପ୍ରକାଶ କରିବେ। ଆଜିର କର୍ମକ୍ଷେତ୍ର, ଆନୁଷ୍ଠାନିକ କାମ ସାଙ୍ଗକୁ ଦୂରଯାତ୍ରା ବ୍ୟୟବହୁଳ ହୋଇପାରେ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେବାକୁ ଭୁଲନ୍ତୁ ନାହିଁ।

**କୁମ୍ଭ** – ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି କାରଣରୁ ଆଜି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲଭିବେ। ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** – ରାଜଯୋଗ ପ୍ରଭାବରେ ପ୍ରତିକୂଳତା ଦୂରେଇଯିବା ସହ ଆଶା ଓ ଅଭିଳାଷ ପୂରଣ ପାଇଁ ଆବଶ୍ୟକ ସହଯୋଗ ଅବଶ୍ୟ ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

ଆଜି ଏପ୍ରିଲ ୧୨ ତାରିଖ, ବୈଶାଖ କୃଷ୍ଣ ଦଶମୀ ରବିବାର। ରାଶିନକ୍ଷତ୍ର–ଶ୍ରବଣା/ମକର, ଅପରାହ୍ନ ଘ.୦୩।୧୩ମି. ଗତେ, ଧନିଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, କର୍ଣ୍ଣବେଧ, ହଳପ୍ରବାହ, ବୀଜବପନ, ଚୂଡ଼ାକରଣ ପାଇଁ ଶୁଭଦିନ। ସକାଳ ଘ.୦୫।୩୫ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲୀ,
ଆମ୍ବଟାକୁଆରେ ଥାଏ କୋଇଲି।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ। ଆମ୍ବଟାକୁଆ ଭିତରେ ଯେମିତି କୋଇଲି ରହିଥାଏ, ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁମୁକି କଠଉ ମଡା
ଝିପି ଝିପି ଯେଉଁ ମେଘ ବରଷା
ତହିଁ କି ଖାରିଆ ଖଡ଼ା।**

ଝିପି ଝିପି ବରଷା ସହଜେ କମି ନ ଥାଏ। ବର୍ଷା ଦିନେ ଯାତାୟାତ ପାଇଁ ଅସୁବିଧା ହେବା ସହ ହାଟ ସଉଦା କରି ହୋଇ ନ ଥାଏ। ଏପରି ସ୍ଥଳେ ବାଡ଼ିରୁ ଖଡ଼ା ପାଇବା ସୁବିଧାଜନକ ହୋଇଥିବା ବେଳେ ସେଥିରେ କାମ ଚଳାଇ ନେବା ଛଡ଼ା ଅନ୍ୟ ପନ୍ଥା ନ ଥାଏ। ପରୋକ୍ଷରେ ଝୁମୁକାଲଗା ପାଦରେ କଠଉ ମାଡ଼ିବା ଭଳି ବର୍ଷାଦିନେ ଖାରିଆ ଖଡ଼ା ପାଟିକୁ ଅରୁଚି ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବଢ଼ିଚାଲିଛି ଅବଧି,...

ଅନ୍ୟପଟେ ମହାନଦୀ ଜଳ ବିବାଦ ଲାଗି ଗଠିତ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଏହା ଭିତରେ ୪ ଥର ବୃଦ୍ଧି ହୋଇସାରିଲାଣି, ମାତ୍ର ରିପୋର୍ଟ ଦାଖଲ ହୋଇପାରୁନାହିଁ। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଲାଗି ୨୦୧୮ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ୩ ବର୍ଷ ଅର୍ଥାତ୍ ୨୦୨୧ ମାର୍ଚ୍ଚ ୧୧ ମଧ୍ୟରେ ଘଟଣାର ତର୍ଜମାକରି ଚୂଡ଼ାନ୍ତ ରିପୋର୍ଟ ଦାଖଲକରିବା ଲାଗି ଟ୍ରିବ୍ୟୁନାଲକୁ କୁହାଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ଭିତରେ ରିପୋର୍ଟ ପ୍ରସ୍ତୁତ ହୋଇ ନ ପାରିବା ଯୋଗୁ ଏହାର ଅବଧିକୁ ପ୍ରଥମ ଥର ଲାଗି ୨୦୨୩ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ୨ ବର୍ଷ ପାଇଁ ବୃଦ୍ଧି କରାଗଲା। ଏହା ଭିତରେ କୋଭିଡ୍ ସଂକ୍ରମଣ ଲାଗି ମାର୍ଚ୍ଚ ୨୦୨୦ଠାରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ଚାଲିପାରି ନ ଥିଲା। ଏହାପରେ କେନ୍ଦ୍ର ସରକାର ୧୪ ଡିସେମ୍ବର ୨୦୧୯ରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ୧୬ ମାସକୁ କୋଭିଡ୍ ପାଇଁ ଟ୍ରିବ୍ୟୁନାଲ ଚାଲିପାରି ନ ଥିବା ଘୋଷଣା କରିବା ସହ ପୁନର୍ବାର ଟ୍ରିବ୍ୟୁନାଲ କାର୍ଯ୍ୟକାଳ ୧୩ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧିକଲେ। ଏତେ ସମୟ ଭିତରେ ମଧ୍ୟ ଟ୍ରିବ୍ୟୁନାଲ ତା'ର ରିପୋର୍ଟ ଦାଖଲ ନ କରିପାରିବାରୁ ୨ ବର୍ଷ ଲାଗି ଅର୍ଥାତ୍ ୧୩ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଅବଧି ବୃଦ୍ଧିକଲେ। ଟ୍ରିବ୍ୟୁନାଲ ଅଧକ୍ଷ ଥିବା ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ତାଙ୍କ ପଦରୁ ଇସ୍ତଫା ଦେବା ଯୋଗୁ ୯ ମାସ ପର୍ଯ୍ୟନ୍ତ ଏହି ପଦ ଖାଲି ପଡ଼ିଲା। ତେଣୁ ଯେତିକି ଦିନ ଯାଏ ନୂଆ ଅଧକ୍ଷ ନିଯୁକ୍ତ ହୋଇ ନ ଥିବାରୁ ଟ୍ରିବ୍ୟୁନାଲ ଚାଲିପାରି ନ ଥିଲା, ସେହି ଅବଧିକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଅନୁରୋଧ କରାଯାଇଥିଲା। ତେଣୁ ୯ ମାସ ପାଇଁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବୃଦ୍ଧିକରି ୧୩ ଜାନୁଆରୀ ୨୦୨୭ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରସଙ୍ଗକୁ ନେଇ ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ ହେବ। ମହାନଦୀ ଜଳ ବିବାଦ ଘଟଣାରେ ଏହା ଭିତରେ ଅନେକ କିଛି ଅଗ୍ରଗତି ହେଲାଣି। ରାଜ୍ୟର ବୈଷୟିକ ଟିମ୍‌ର ପାଖାପାଖି ୧୩ଟି ବୈଠକ ହୋଇସାରିଲାଣି। ୨ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ସଚିବସ୍ତରୀୟ ବୈଠକରେ ମଧ୍ୟ ଅନେକ କିଛି ବିବାଦୀୟ ଘଟଣାରେ ସହମତି ପାଇସାରିଲାଣି। ୨ ରାଜ୍ୟକୁ କେତେ ଜଳର ଆବଶ୍ୟକତା ରହିଛି ତାହାର ତଥ୍ୟ ବାହାରି ସାରିଲାଣି। ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୨ ରାଜ୍ୟର ଓକିଲ ଏବଂ ବୈଷୟିକ ଟିମ୍ ଏକାଠି ବସି ଆଲୋଚନା ମାଧ୍ୟମରେ ଅନାବଶ୍ୟକ ବିଷୟଗୁଡ଼ିକୁ ବାଦ୍‌ଦେବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ୨ ରାଜ୍ୟର ବୈଷୟିକ ଟିମ୍, ଲିଗାଲ୍ ଟିମ୍ ଏବଂ ପ୍ରଶାସନିକ ସ୍ତରରେ ଯେଉଁସବୁ ବିଷୟରେ ସହମତି ହେଇପାରିବ ସେନେଇ ଆଲୋଚନା ହେବ। ଯେହେତୁ ଏହା ଏକ ରାଜନୈତିକ ବିଷୟ, ତେଣୁ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭିତରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଖୁବ୍‌ଶୀଘ୍ର ଆଲୋଚନା ହେବା ଯୋଜନା ରହିଛି। ମହାନଦୀ ପ୍ରସଙ୍ଗରେ ଗତ ୮ ମାସରେ ଅନେକ କିଛି ଅଗ୍ରଗତି ଘଟିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ଆଚାର୍ଯ୍ୟ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବଂଶଧାରା ନଦୀ ଜଳ ବଣ୍ଟନ କ୍ଷେତ୍ରରେ କେନ୍ଦ୍ର ସରକାର ଯେଉଁ ବ୍ୟଗ୍ରତା ଦେଖାଇଲେ, ମହାନଦୀ ଜଳ ବିବାଦ କଥାରେ କାହିଁକି ତାହା ଦେଖାଉନାହାନ୍ତି। ଏହି ଘଟଣାରେ କେନ୍ଦ୍ର ସରକାର କାହିଁକି ରାଜ୍ୟ ସରକାରଙ୍କୁ ସାଥ୍ ଦେଉନାହାନ୍ତି। ମାସେ ଭିତରେ ସମାଧାନ କରନ୍ତୁ। ଟ୍ରିବ୍ୟୁନାଲ ସମୟ ଯେତିକି ବଢ଼ିବ ସମାଧାନ ନ ହେବା ସମ୍ଭାବନା ସେତିକି ବଢ଼ିଚାଲିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଆସନ୍ତା ୩ ମାସ ଭିତରେ ଏହି ଘଟଣାର ସମାଧାନ ନ ହେଲେ ଓଡ଼ିଶାର ସମସ୍ତ ୨୦ ଭାଜପା ଏମ୍‌ପିଙ୍କୁ ଘେରାଉ କରାଯିବ। ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ଅଛି, କାହିଁକି ବିଳମ୍ବ କରୁଛନ୍ତି। ଓଡ଼ିଶାରୁ ୨୦ ଏମ୍‌ପି ଭାଜପାରୁ ଜିତି ନ ଥିଲେ ଏମାନଙ୍କର କେନ୍ଦ୍ରରେ ସରକାର ହୋଇପାରି ନ ଥାଆନ୍ତା ବୋଲି ଭକ୍ତ କହିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ରହିଛି। ଟ୍ରିପଲ ଇଞ୍ଜିନ ସରକାର ଥାଇ ଏତେ ବିଳମ୍ବ କେହିଁକି ହେଉଛି। ଜାଣିଶୁଣି ସରକାର ଏହାକୁ ବିଳମ୍ବ କରୁଛନ୍ତି। ସମାଧାନ କରିବା ଲାଗି ସରକାରଙ୍କ ଇଚ୍ଛା ନ ଥିବା ଗଣେଶ୍ୱର କହିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ବିବାଦ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ ହେବ ବୋଲି ସେ କହିଛନ୍ତି।

## ୭ଦିନରେ ସବୁ ...

ସ୍ଥିତିର ସମ୍ମୁଖୀନ ହେଲେ ଏହି କମିଟିରେ ଅଭିଯୋଗ କରିବେ। କମିଟି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଇସିସି ଗଠନ ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଛି। ପୋଶ ଆକ୍ଟ ୨୦୧୩ ଏବଂ ୟୁଜିସି ନିୟମାବଳୀ ଅନୁଯାୟୀ ଓଡ଼ିଶାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)ରେ ଏହି କମିଟି ଗଠନ କରିବା ବାଧ୍ୟତାମୂଳକ। ଇତିମଧ୍ୟରେ ବହୁ ଶିକ୍ଷାନୁଷ୍ଠାନରେ ଏହି କମିଟି ଗଠନ ହୋଇନାହିଁ। ଆଉ ଯେଉଁଠି ଗଠନ ହୋଇଛି, ସେଥିମଧ୍ୟରୁ ଅଧିକାଂଶ ନିଷ୍କ୍ରିୟ ରହିଥିବା ଅଭିଯୋଗ ହୋଇ ଆସୁଛି। ଫଳରେ କୌଣସି ଘଟଣା ଘଟିଲେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅସମର୍ଥ ହେଉଛନ୍ତି। ତେଣୁ ବହୁ ସମୟରେ ମହିଳା କର୍ମଚାରୀ ଓ ଛାତ୍ରୀମାନେ ଅଭିଯୋଗ ନ କରି ଆତ୍ମାହୁତି ବା ଆତ୍ମହତ୍ୟା ପରି ପନ୍ଥା ଆପଣାଇବାକୁ ବାଧ ହେଉଛନ୍ତି। ଭବିଷ୍ୟତ ଗଢୁଥିବା ଶିକ୍ଷାନୁଷ୍ଠାନରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି। ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇବା ସହ ବିଭାଗକୁ ଅନେକ ସମୟରେ ଅଡୁଆରେ ପକାଉଛି।

## ଚନ୍ଦ୍ର ଅଭିଯାନରୁ ...

ଜେରେମି ହାନ୍‌ସେନ୍ ସାମିଲ ହୋଇଥିଲେ। ୧୯୭୨ ଡିସେମ୍ବରରେ ଆପୋଲୋ–୧୭ ମିଶନ ପରେ ଚନ୍ଦ୍ରକୁ ଏହା ପ୍ରଥମ ମାନବ ଅଭିଯାନ ଥିଲା। ଆର୍ଟେମିସ୍–୨ର ମହାକାଶଚାରୀମାନେ ବହୁତ ଖୁସି ଓ ସୁସ୍ଥ ଅଛନ୍ତି ଏବଂ ହ୍ୟୁଷ୍ଟନ୍ ଫେରିବାକୁ ପ୍ରସ୍ତୁତ ବୋଲି ଫ୍ଲାଇଟ୍ ଡାଇରେକ୍ଟର ରିକ୍ ହେନ୍‌ଫ୍ଲିଙ୍ଗ୍ କହିଛନ୍ତି। ଆର୍ଟେମିସ୍–୨ ପ୍ରଥମ ମାନବ ମିଶନ, ଯେଉଁଥିରେ ନାସାର ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ ରକେଟ ଏବଂ ଓରିଅନ୍ କ୍ରିଉ ମଡ୍ୟୁଲ୍ ବ୍ୟବହାର କରାଯାଇଥିଲା। ନାସା ଉପକରଣ ମହାକାଶଚାରୀଙ୍କୁ ପୃଥିବୀ କକ୍ଷପଥ ବାହାରକୁ ନେଇ ନିରାପଦରେ ପୃଥିବୀକୁ ଫେରାଇ ଆଣିବା କ୍ଷମତା ରଖିଥିବା ଏଥିରୁ ପ୍ରମାଣିତ ହୋଇଛି। ଉକ୍ତ ମିଶନ ମୋଟ ୭,୦୦୨୩୭ ମାଇଲ୍ ଉଡ଼ିଥିଲା ଏବଂ ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୨୪,୬୬୪ ମାଇଲ୍ ରହିଥିଲା। ତେବେ ଏହା ଲକ୍ଷ୍ୟସ୍ଥଳର ୧ ମାଇଲ୍ ମଧ୍ୟରେ ଅବତରଣ କରିଥିଲା ବୋଲି ହେନ୍‌ଫ୍ଲିଙ୍ଗ୍ କହିଛନ୍ତି। ନାସା ଏବେ ଚନ୍ଦ୍ରରେ ମାନବ ଅବତରଣ କରାଇବା ଲକ୍ଷ୍ୟ ରଖିଥିବାବେଳେ ପରବର୍ତ୍ତୀ ସମୟରେ ମଙ୍ଗଳ ଓ ଏହା ପରବର୍ତ୍ତୀ ଗ୍ରହରେ ଅବତରଣ ପାଇଁ ଚନ୍ଦ୍ରକୁ ରହଣିସ୍ଥଳ ଓ ଲଞ୍ଚ୍‌ପ୍ୟାଡ କରିବାକୁ ଯୋଜନା ରଖିଛି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ | Bhubaneswar, Sunday, April 12/2026




## ରିଲିଜ୍ ପୂର୍ବରୁ ଫିଲ୍ମ ଲିକ୍ ଯନ୍ତ୍ରଣାଦାୟକ: ଥାଲାପତି ବିଜୟ୍

'ଜନ ନାୟାଗନ' ଫିଲ୍ମର କେତୋଟି ଦୃଶ୍ୟ ଅନ୍‌ଲାଇନରେ ଲିକ୍ ହୋଇଥିବାରୁ ଚିନ୍ତିତ ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟ୍ ଏହାକୁ ଯନ୍ତ୍ରଣାଦାୟକ କହିଛନ୍ତି।

୧୦

୧୪

## ସଞ୍ଜୁ ସାମସନଙ୍କ ଶତକ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଓପନର ସଞ୍ଜୁ ସାମସନ।



# ଇରାନ୍ ହଜାଇଲାଣି ମାଇନ୍ସ, ହର୍ମୁଜ୍ ଅସୁରକ୍ଷିତ

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ମିଳିତ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ତେହରାନ୍ ପ୍ରତିଆକ୍ରମଣ କରି ସାମରିକ ସ୍ତରରେ ଏହାର ଜବାବ ଜାରି ରଖିଥିବାବେଳେ ଅନ୍ୟପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍ସ ବିଛାଇଥିଲା। ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନର ଏହି ସଂକୀର୍ଣ୍ଣ ଜଳପଥକୁ ଅବରୋଧ କରିବା ପାଇଁ ଛୋଟ ବୋଟ୍‌ଗୁଡ଼ିକ ଜରିଆରେ ହର୍ମୁଜ୍‌ର ବିଭିନ୍ନ ସ୍ଥାନରେ ବିସ୍ଫୋରକ ମଧ ଭରି ଦେଇଥିଲା। ବର୍ତ୍ତମାନ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଆମେରିକା ସହ ଇରାନ୍‌ର ଶାନ୍ତି ଆଲୋଚନା ଚାଲିଛି। ଉକ୍ତ ବୈଠକ ପୂର୍ବରୁ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ପକ୍ଷରୁ ହର୍ମୁଜ୍ ଖୋଲାଯିବା ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଇରାନ୍ ବିଛାଇଥିବା ମାଇନ୍ସକୁ ଏଯାଏ ଠାବ କରିପାରି ନ ଥିବାରୁ ହର୍ମୁଜ୍‌କୁ ଖୋଲିନାହିଁ। ବିଶ୍ୱର ପଞ୍ଚମ ବୃହତ୍ ତୈଳ ପରିବହନ କ୍ଷେତ୍ର ହର୍ମୁଜ୍ ଏଥିଯୋଗୁ ଏବେ ଅସୁରକ୍ଷିତ ହୋଇପଡ଼ିଥିବା କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ନ୍ୟୁୟର୍କ,୧୧।୪(ଏନ୍‌ଓ୍ୱାଇଟି)

### ଆମେରିକୀୟ ଅଧିକାରୀଙ୍କ ଦାବି

ଇରାନ୍ ଏବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନିଜସ୍ୱ ସମସ୍ୟା ଯୋଗୁ ସମ୍ପୂର୍ଣ୍ଣ ରୂପେ ଖୋଲିପାରୁ ନାହିଁ। କାରଣ ଆମେରିକା ଓ ଇସ୍ରାଏଲ୍ ସହ ଯୁଦ୍ଧବେଳେ ଏହି ସାମୁଦ୍ରିକ ଜଳପଥକୁ ଅବରୋଧ କରିବା ପାଇଁ ସେଠାରେ ବିଛାଇଥିବା ସମସ୍ତ ମାଇନ୍ସକୁ ଠାବ କରିପାରୁନାହିଁ। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି କାରଣରୁ ଇସ୍‌ଲାମାବାଦରେ ଚାଲିଥିବା ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହୋଇପାରେ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉକ୍ତ ଚୋକ୍‌ପଏଣ୍ଟକୁ ତୁରନ୍ତ ଖୋଲିବାକୁ ତେହରାନ୍‌କୁ ଚେତାବନୀ ଦେଇଛନ୍ତି। ଏହି ଜଳପଥରୁ ଅବରୋଧ ନ ହଟିଲେ ବିଶ୍ୱକୁ ତୈଳ ଓ ପ୍ରାକୃତିକ ବାଷ୍ପ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ବଢ଼ିଚାଲିଥିବାରୁ ଏହା ଇରାନ୍‌ର ଏକ ଚାଲାକି ବୋଲି ମନେକରାଯାଉଛି। ଆମେରିକା-ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍ ପରେ ଗତମାସରେ ଇରାନ୍ ଛୋଟ ☞ପୃଷ୍ଠା-୫






କଟକ-ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟରେ ବିଲକୁ ଖସିପଡ଼ିଥିବା ୨ ବସ୍।

# ବିଲକୁ ଖସିଲା ୨ ବସ୍: ୧୦ ଗୁରୁତର

ସାଲେପୁର,୧୧।୪(ଅରବିନ୍ଦ ଭୂୟାଁ)

### ଓଭରଟେକ୍ କରିବା କାଳ ହେଲା

କଟକ ଜିଲା ସାଲେପୁର ଥାନା ଅଧୀନ କଟକ-ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟରେ ଶନିବାର ଦୁଇଟି ବସ୍ ପରସ୍ପରକୁ ଓଭରଟେକ୍ କରିବା କାଳ ହୋଇଛି। ଏହି ସମୟରେ ଉଭୟ ଗାଡ଼ି ରାସ୍ତା ପାର୍ଶ୍ୱ ବିଲକୁ ଖସି ପଡ଼ିବାରୁ ୩୦ ଆହତ ହୋଇଥିବାବେଳେ ୧୦ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ସମସ୍ତ ଆହତ ଓ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା କହିଛନ୍ତି। ସୂଚନା ମୁତାବକ ମହାଲକ୍ଷ୍ମୀ ଓ ପପୁ ନାମକ ୨ଟି ଘରୋଇ ବସ୍ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲେ। ଉଭୟ ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ। ତେବେ ପ୍ରତିଯୋଗିତା ମନୋଭାବ ରଖି ଭାତପଡ଼ା ଛକ ନିକଟରେ ପପୁ ବସ୍‌କୁ ମହାଲକ୍ଷ୍ମୀ ବସ୍ ହଠାତ୍ ଓଭରଟେକ୍ କରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଭଳି ପ୍ରତିଯୋଗିତାମୂଳକ ମନୋଭାବ ରଖି ଗାଡ଼ି ଚଳାଉଥିବା ବସ୍ ମାଲିକଙ୍କ ବିରୋଧରେ ପରିବହନ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ୪୫ ହଜାର ଶିକ୍ଷକ ନିଯୁକ୍ତ ହେବେ: ମୁଖ୍ୟମନ୍ତ୍ରୀ




ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତେଲକୋଇ ବିଧାୟକ ଫକିର ମୋହନ ନାୟକ।

କେନ୍ଦୁଝର,୧୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

### ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ କେନ୍ଦୁଝର ଗସ୍ତ

### ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟକୁ ୧୦ କୋଟି ଅନୁଦାନ

ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ତାହା ନୁହେଁ, ସେମାନେ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଢ଼ନ୍ତି ଓ ଠିକ୍ ଜୀବନମାର୍ଗ ଦେଖାନ୍ତି। କେନ୍ଦୁଝର ଜିଲା ବୋଦାପଳାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବକ୍ତବ୍ୟରେ କହିଛନ୍ତି। ଏଥିସହ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରହିଛି। ଏଥିସହ ୧୩ ହଜାର ସ୍କିମାଟିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି ବୋଲି ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ।

ଆହୁରି କହିଥିଲେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ☞ପୃଷ୍ଠା-୫

# ୫ ବର୍ଷୀୟା ବାଳିକାଙ୍କୁ ବଳାତ୍କାର

### ଅଖାରେ ବାନ୍ଧି ଫିଙ୍ଗିଦେଲେ

ଦୁର୍ଗ,୧୧।୪(ପି.ଟି.)

ଛତିଶଗଡ଼ର ଦୁର୍ଗ ଜିଲାରେ ଜଣେ ୫ ବର୍ଷୀୟା ବାଳିକାଙ୍କୁ ଜଣେ ଅଭିଯୁକ୍ତ ଅପହରଣ କରିନେଇ ବଳାତ୍କାର କରିବା ପରେ ପୀଡ଼ିତାଙ୍କୁ ଅଖାରେ ଭର୍ତ୍ତିକରି ଏକ କୂଅ ନିକଟରେ ଫିଙ୍ଗି ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଉଟାଇ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଜଣେ ପୋଲିସ ଅଫିସରଙ୍କ କହିବା ଅନୁଯାୟୀ, ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରି ପାଖ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଧନେଶ୍ୱର ସାହୁ (୩୫) ନାବାଳିକାଙ୍କୁ ଚକୋଲେଟ୍ ଦେଇ ଘରେ ଛାଡ଼ିଦେବାର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ଦୀର୍ଘ ସମୟଯାଏ ଝିଅ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ୨ ଘଣ୍ଟାର ତଲାସି ପରେ ☞ପୃଷ୍ଠା-୫

# ଶ୍ରୀଲଙ୍କା: ୪୦ ବର୍ଷରେ ବୟସ୍କଙ୍କ ସଂଖ୍ୟା ୩ ଗୁଣ ବୃଦ୍ଧି

କଲମ୍ବୋ,୧୧।୪(ପି.ଟି.)

ଶ୍ରୀଲଙ୍କାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ସଦ୍ୟ ପ୍ରକାଶିତ ଜନଗଣନା ତଥ୍ୟ ଅନୁଯାୟୀ, ଗତ ୪ ଦଶନ୍ଧି ମଧ୍ୟରେ ଦେଶର ବୟସ୍କ ଜନସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୧୮%ରେ ପହଞ୍ଚିଛି।

ଶ୍ରୀଲଙ୍କାର ଜନଗଣନା ଏବଂ ପରିସଂଖ୍ୟାନ ବିଭାଗ ଦ୍ୱାରା ଜାରି କରାଯାଇଥିବା ୨୦୨୪ ରିପୋର୍ଟ ଅନୁସାରେ, ଦେଶର ମୋଟ ଜନସଂଖ୍ୟା ବର୍ତ୍ତମାନ ୨ କୋଟି ୧୭ ଲକ୍ଷ ୮୧ ହଜାର ୮୦୦ ରହିଛି। ଏଥିରେ ପ୍ରତି ବର୍ଗ କିଲୋମିଟର ପିଛା ଜନସଂଖ୍ୟା ଘନତ୍ୱ ୩୫୦ ରହିଛି। ୧୯୮୧ ମସିହାରେ ବୟସ୍କ ଜନସଂଖ୍ୟା ମାତ୍ର ୬.୬ ପ୍ରତିଶତ ଥିଲା, ଯାହା ୨୦୨୪ ସୁଦ୍ଧା ୧୮%କୁ ବୃଦ୍ଧି ପାଇଛି। ସେହିପରି ୧୯୮୧ରେ ବୟସ୍କଙ୍କ ସଂଖ୍ୟା ୧୦ ଲକ୍ଷରୁ କମ୍ ଥିବାବେଳେ ବର୍ତ୍ତମାନ ତାହା ୩୯ ଲକ୍ଷ ୨୧ ହଜାର ୧୨୪ରେ ପହଞ୍ଚିଛି। ଅପରପକ୍ଷେ ଶିଶୁ (୦-୧୪ ବର୍ଷ) ଜନସଂଖ୍ୟା ହ୍ରାସ ପାଇ ୨୦.୭% ହୋଇଛି। ଶ୍ରୀଲଙ୍କାରେ ବର୍ତ୍ତମାନ



'ଏଜିଂ ଇଣ୍ଡେକ୍ସ' ୮୭ ରହିଛି, ଯାହାର ଅର୍ଥ ହେଉଛି, ପ୍ରତି ୧୦୦ ଜଣ ଶିଶୁଙ୍କ ତୁଳନାରେ ଦେଶରେ ୮୭ ଜଣ ବୟସ୍କ ବ୍ୟକ୍ତି ଅଛନ୍ତି। ଦେଶର ମୋଟ ପ୍ରଜନନ ହାର (ଟିଏଫ୍‌ଆର୍) ମଧ ୧୯୮୧ ମସିହାର ୩.୩%ରୁ ହ୍ରାସ ପାଇ ୨୦୨୪ରେ ୧.୮% ହୋଇଛି। ଏହା ସମାଜରେ ବୟସ୍କଙ୍କ ସଂଖ୍ୟା ବଢ଼ୁଥିବାର ଏକ ସ୍ପଷ୍ଟ ସଙ୍କେତ। ଜନଗଣନା ଅନୁସାରେ ଦେଶର ମଧ୍ୟମ ବୟସ ମଧ ବୃଦ୍ଧି ପାଇ ୩୫ ବର୍ଷ ହୋଇଛି, ଯାହା ୨୦୧୨ ତୁଳନାରେ ୫ ବର୍ଷ ଅଧିକ।

ଶ୍ରୀଲଙ୍କାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ। ପ୍ରତି ୧୦୦ ଜଣ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ୯୩.୩। ଜାତି ଓ ଧର୍ମ କଥା ଦେଖିଲେ, ☞ପୃଷ୍ଠା-୫



# ଏତେ ପ୍ରୀତି କାହିଁକି



ଆକାର ପଟେଲ

ଆମେ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଧାରଣାକୁ ଘୃଣାଜନକ ମନେକରୁ। ଏହା କାହିଁକି କରୁଛୁ ସେ ବିଷୟରେ ମୋ ପାଖରେ ତଥ୍ୟ ନାହିଁ। ତେବେ ଆମେ ଜାଣୁ ଯେ ଯେଉଁମାନଙ୍କ ପାଇଁ ମଧ୍ୟସ୍ଥତା କରାଯାଉଛି ଏବଂ ଯିଏ ମଧ୍ୟସ୍ଥତା କରୁଛି ଉଭୟଙ୍କ ପ୍ରତି ଆମର ଏଭଳି ବିତୃଷ୍ଣା ରହିଛି। କାରଣ ଆମର ସମସ୍ତ ସରକାରରେ ଦୃଢ଼ ଭାବେ କୁହାଯାଇଛି ଯେ ସବୁପ୍ରସଙ୍ଗ ଦ୍ୱିପାକ୍ଷିକ ଏବଂ ସେଗୁଡ଼ିକ ଦ୍ୱିପାକ୍ଷିକ ଭାବରେ ସମାଧାନ ହେବା ଉଚିତ। ଏହା ବିଶେଷ ରୂପରେ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ପଡ଼ୋଶୀଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ଏବଂ ଅନ୍ତର୍ଜାତୀୟ ମଧ୍ୟସ୍ଥଙ୍କ ପ୍ରତି ତିରସ୍କାରପୂର୍ଣ୍ଣ ମତାମତ ଆମ ବୈଦେଶିକ ମନ୍ତ୍ରୀ ପ୍ରକାଶ କରି ସେମାନଙ୍କୁ ଦଲାଲ ବୋଲି କହିଛନ୍ତି। ଆମେ ଯେଉଁ ସମସ୍ୟାରେ ଜଡ଼ିତ ଏବଂ ପ୍ରଭାବିତ ତାହାର ସମାଧାନ ପାଇଁ ଏବେ କ'ଣ କରୁଛୁ ତାହା ଅସ୍ପଷ୍ଟ। ଆମେ ଏଥିରେ ଜଡ଼ିତ କାରଣ କଷ୍ଟ ପାଉଛୁ ଯେଭଳି ଅନ୍ୟ ଦେଶଗୁଡ଼ିକ ମୂଲ୍ୟବୃଦ୍ଧି ଏବଂ ଅଭାବ ଦୃଷ୍ଟିରୁ ଯନ୍ତ୍ରଣା ଭୋଗୁଛନ୍ତି। କିନ୍ତୁ ଆମେ କେବଳ ଦର୍ଶକ ଭାବେ ରହି ଆଶା କରୁଛୁ ଯେ ସଙ୍କଟ ଆପେ ଆପେ ସମାଧାନ ହେବ କିମ୍ବା ଅନ୍ୟ କେହି ଆସି ଏହାକୁ ସମାଧାନ କରିବେ, ଯାହା ଦ୍ୱାରା ସ୍ଥିତି ଆମ ପାଇଁ ସ୍ୱାଭାବିକ ରହିବ। ଚାଲିଥିବା ଯୁଦ୍ଧ ପ୍ରତି ଭାରତ ଏଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ପ୍ରଭାବୀ ଢଙ୍ଗରେ ପ୍ରୟୋଗ କରାଯାଉ ନ ଥିବା ଅନ୍ୟ ଦୃଷ୍ଟିକୋଣ ବିଷୟରେ ମୁଁ ଏଠାରେ ଲେଖିବାକୁ ଚାହିଁଲି। ଏହା କ'ଣ ହୋଇପାରେ ସେ ବିଷୟରେ ଆମକୁ ଆକଳନ କରିବାକୁ ପଡ଼ିବ ନାହିଁ। କ'ଣ କରିବାକୁ ପଡ଼ିବ ବି ସେ ବିଷୟରେ ପୂର୍ବ ସରକାର ଏକ ଦସ୍ତାବିଜ ଛାଡ଼ିଦେଇଯାଇଛନ୍ତି। ୪ ନଭେମ୍ବର ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୨୦ରୁ ଅଧିକ ଭାରତୀୟ ଦୂତାବାସର ମୁଖ୍ୟଙ୍କ ସହ କଥା ହୋଇ ତାଙ୍କ ବୈଦେଶିକ ନୀତିକୁ ପରିଭାଷିତ କରୁଥିବା ପାଞ୍ଚଟି ନୀତି ଦର୍ଶାଇଥିଲେ। ପ୍ରଥମତଃ ବିଶ୍ୱର ପ୍ରମୁଖ ଶକ୍ତି ଏବଂ ଏସୀୟ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ଏହାର ବିକାଶମୂଳକ ପ୍ରାଥମିକତା ଦ୍ୱାରା ଗଢ଼ିଉଠିଛି ବୋଲି ସ୍ୱୀକାର କରିବା। ସିଂ କହିଥିଲେ, ଭାରତୀୟ ବୈଦେଶିକ ନୀତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଆମ ଦେଶର କଲ୍ୟାଣ ପାଇଁ ଏକ ଅନୁକୂଳ ତଥା ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା। ଦ୍ୱିତୀୟତଃ, ବିଶ୍ୱ ଅର୍ଥନୀତି ସହିତ ଅଧିକ ସମନ୍ୱୟ ଭାରତ ପାଇଁ ଲାଭଦାୟକ ଏବଂ ଭାରତୀୟଙ୍କୁ ସେମାନଙ୍କର ସୃଜନଶୀଳ ସମ୍ଭାବନାକୁ ସାକାର କରିବାରେ ସକ୍ଷମ ହେବ। ତୃତୀୟତଃ, ସମସ୍ତ ପ୍ରମୁଖ ଶକ୍ତି ସହିତ ସ୍ଥିର, ଦୀର୍ଘକାଳୀନ ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କ ରଖିବା। ସମସ୍ତ ରାଷ୍ଟ୍ର ପାଇଁ ଲାଭଦାୟକ ଏକ ବିଶ୍ୱ ଅର୍ଥନୈତିକ ଓ ସୁରକ୍ଷା ପରିବେଶ ସୃଷ୍ଟି କରିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ କାମ କରିବା। ଚତୁର୍ଥତଃ, ଭାରତୀୟ ଉପମହାଦେଶର ସହଭାଗୀ ଭବିଷ୍ୟତ ପାଇଁ ଆଞ୍ଚଳିକ ସହଯୋଗ ଏବଂ ଯୋଗାଯୋଗର ଆବଶ୍ୟକତାକୁ ସ୍ୱୀକାର କରିବା। ପଞ୍ଚମରେ, କେବଳ ସ୍ୱାର୍ଥ ଦ୍ୱାରା ନୁହେଁ ବରଂ ଭାରତୀୟଙ୍କ ପ୍ରିୟ ମୂଲ୍ୟବୋଧ ଦ୍ୱାରା ନିର୍ଦ୍ଧାରିତ ଏକ ବୈଦେଶିକ ନୀତି; ଯାହା ବିବିଧତା, ଧର୍ମନିରପେକ୍ଷ ଏବଂ ଉଦାରବାଦୀ ଗଣତନ୍ତ୍ର ଢାଞ୍ଚାରେ ଅର୍ଥନୈତିକ ବିକାଶ ହାସଲ କରିବାର ଭାରତର ପରୀକ୍ଷଣ ବିଶ୍ୱବ୍ୟାପୀ ଲୋକଙ୍କୁ ପ୍ରେରଣା ଦେଇଛି, ତାହାକୁ ଜାରି ରଖିବା ଉଚିତ।

ସଂକ୍ଷେପରେ କହିବାକୁ ଗଲେ ଏହି ବୈଦେଶିକ ନୀତି ବ୍ୟବହାର କରି ଭାରତ ଆର୍ଥିକ ବିକାଶକୁ ଆଗକୁ ବଢ଼ାଇବ ; ଏହା ବିଶ୍ୱର ବୃହତ୍ ଶକ୍ତି ଓ ଏହାର ପଡ଼ୋଶୀଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବ ଏବଂ ଏହା କରି ଏକ ବିବିଧତାପୂର୍ଣ୍ଣ ତଥା ଧର୍ମନିରପେକ୍ଷ ଗଣତନ୍ତ୍ର ହୋଇ ରହିବ। ଯଦି ଆମେ ଏକମତ ହେବା, ଭାରତୀୟ ବୈଦେଶିକ ନୀତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଭାରତର କଲ୍ୟାଣ ପାଇଁ ଏକ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା ; ତେବେ ଏହି ପରିବେଶ ଯେଭଳି ନଷ୍ଟ ନ ହୁଏ ତାହା ନିଶ୍ଚିତ କରିବାକୁ ପଡ଼ିବ। ଭାରତ ହେଉଛି ଏକମାତ୍ର ରାଷ୍ଟ୍ର, ଯାହାର ଆମେରିକା, ଇସ୍ରାଏଲ ଏବଂ ଇରାନ ସହିତ ଭଲ ସମ୍ପର୍କ ଅଛି। ସେମାନଙ୍କ ମଧ୍ୟରୁ ଦୁଇଟି ସହିତ ପାକିସ୍ତାନର ବି ବନ୍ଧୁତା ରହିଛି। ଉପସାଗରୀୟ ଯୁଦ୍ଧ ଆମର ଅର୍ଥନୀତି, ସାର ଏବଂ ଇନ୍ଧନ ଯୋଗାଣକୁ କ୍ଷତି ପହଞ୍ଚାଇବ ଏବଂ ଅସ୍ଥିରତା ସୃଷ୍ଟି କରିବ ବୋଲି ଆମେ ଜାଣିଥିଲୁ। ଏଣୁ ଯୁଦ୍ଧ କିଭଳି ନ ହେବ ଆମେ ନିଶ୍ଚିତ କରିବା ଉଚିତ ଥିଲା। ହେଲେ ତାହା କରିବାକୁ ଚାହିଁଲୁ ନାହିଁ। ସମନ୍ୱୟର ଦ୍ୱିତୀୟ ବିନ୍ଦୁ ହେଉଛି ଯେଉଁ ବିଷୟରେ ଗତ ଦଶନ୍ଧିରେ ସତର୍କତା ଅବଲମ୍ବନ କରିଥିଲୁ ଏବେ ଆହୁରି ସତର୍କ ହୋଇଛୁ। ଆମେ ପ୍ରାୟ ୧୫ଟି ଏସିଆ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରକୁ ନେଇ ଗଠିତ ଆଞ୍ଚଳିକ ବ୍ୟାପକ ଅର୍ଥନୈତିକ ସହଭାଗିତାରେ ପ୍ରବେଶ ନ କରିବାକୁ ଚାହିଁଛୁ। ତୃତୀୟ ବିନ୍ଦୁରେ ସମସ୍ତ ଶକ୍ତି ସହ ଦୀର୍ଘକାଳୀନ ପାରସ୍ପରିକ ଲାଭଦାୟକ ସମ୍ପର୍କ ରଖିବାର ମାନେ ଚାଇନା ସମ୍ପର୍କରୁ ବୁଝିହୁଏ। ୨୦୨୦ ପରଠାରୁ ଆମେ ଏଥିପାଇଁ କେତେ ଏଜେନ୍ସି ପ୍ରୟୋଗ କରିଛୁ ଏବଂ ସ୍ଥିତି କେଉଁଠି ଅଛି ତାହା ସ୍ପଷ୍ଟ।

ମୋ ଜାଣିବାରେ ସିଂ ଉପସ୍ଥାପନ କରିଥିବା ଚତୁର୍ଥ ଏବଂ ପଞ୍ଚମ ବିନ୍ଦୁରେ ୨୦୧୪ ପରଠାରୁ ସର୍ବାଧିକ ବିଚ୍ୟୁତି ଘଟିଛି। ଦକ୍ଷିଣ ଏସିଆରେ ସୀମା ସ୍ଥିତି ଜଟିଳ ରହିଛି କିମ୍ବା ବନ୍ଦ ରହିଛି ; ମୁକ୍ତ ଯାତାୟାତ ଅସମ୍ଭବ। ଶେଷରେ, ୧୯୪୭ ପରେ ପ୍ରଥମ ଥର ପାଇଁ ଆମେ ଏକ ରାଜନୈତିକ ଆନ୍ଦୋଳନର ସମ୍ମୁଖୀନ ହେଉଛୁ ଯାହା ଭାରତର ବିବିଧତା, ଧର୍ମନିରପେକ୍ଷ ଏବଂ ଉଦାରବାଦୀ ବିଚାରର ବିରୋଧୀ। ଇସ୍ରାଏଲ ସହିତ ଆମର ନୂତନ ଗଭୀର ବନ୍ଧୁତାକୁ ଏହି ଦୃଷ୍ଟିରୁ ବୁଝିବାକୁ ହେବ। ଇସ୍ରାଏଲ ଆମର ୪୯ତମ ବୃହତ୍ତମ ରପ୍ତାନି ଏବଂ ୪୮ତମ ବୃହତ୍ତମ ଆମଦାନୀ ଅଂଶୀଦାର, ସବୁଠାରୁ ନିମ୍ନତମ ଅଂଶୀଦାରଙ୍କ ମଧ୍ୟରୁ ଗୋଟିଏ। ଇସ୍ରାଏଲ ପ୍ରତି ଆମର ଏତେ ପ୍ରୀତି କାହିଁକି ? କାରଣ ଇସ୍ରାଏଲ ତା'ର ସଂଖ୍ୟାଲଘୁଙ୍କ ପ୍ରତି ଯାହା କରୁଛି, ଆମେ ଆମ ସଂଖ୍ୟାଲଘୁଙ୍କ ପ୍ରତି ତାହା କରିବାକୁ ତୀବ୍ର ଇଚ୍ଛୁକ। ଯଦି ଆମେ ଭାବୁଛୁ ଯେ ଆମକୁ ନିଜର ପଥ ସଂଶୋଧନ କରିବାକୁ ପଡ଼ିବ, ତେବେ ମନମୋହନ ସିଂଙ୍କ ଦଶନ୍ଧି ପୂର୍ବର ବିଜ୍ଞ, ସରଳ ଏବଂ ସୁଚିନ୍ତିତ ପରାମର୍ଶରୁ ଆରମ୍ଭ କରିବା ସବୁଠୁ ଭଲ।

Email:aakar.patel@gmail.com

# ସୃଷ୍ଟି-ସୂତ୍ରଧର ହିଁ 'ଭଗବାନ'



ସହଦେବ ସାହୁ

ବାଇବେଲ ଗ୍ରନ୍ଥ ଅନ୍ତର୍ଗତ 'ଜେନେସିସ୍ ୧'ର ଶ୍ଳୋକ ୨୬ରେ ଅଛି ''ଭଗବାନ ତାଙ୍କ ରୂପରେ ମଣିଷ ସୃଷ୍ଟି କରିଛନ୍ତି'', ଶ୍ଳୋକ ୨୭ ପୁନରାବୃତ୍ତି କରି କହିଛି, ''ଭଗବାନ ତାଙ୍କ ସାଦୃଶ୍ୟରେ ମଣିଷ ତିଆରି କରିଛନ୍ତି, ପୁରୁଷ ଓ ନାରୀ ସେ ସୃଷ୍ଟି କରିଛନ୍ତି'', ଲିଙ୍ଗଗତ ପାର୍ଥକ୍ୟ ଥିବା ପୁରୁଷ ଓ ନାରୀ ଦୁଇଟା ଯାକ ତାଙ୍କ ରୂପର କିପରି ହେଲା ବୁଝି ହେଉନି। କୋରାନ୍ କହେ ଈଶ୍ୱରଙ୍କ କୌଣସି ରୂପ ନାହିଁ, ତେଣୁ ତାଙ୍କର ଛାଞ୍ଚ ନାହିଁ। କୋରାନ୍‌କୁ ବୋଧଗମ୍ୟ କରୁଥିବା ଗ୍ରନ୍ଥ 'ହାଡିଥ୍' କହେ ଆଲ୍ଲା ଆଦାମ୍‌ଙ୍କୁ ସୃଷ୍ଟି କଲାବେଳେ ନିଜର କିଛି ଗୁଣ ତାଙ୍କୁ ଦେଇଛନ୍ତି। ଶ୍ରୀମଦ୍ ଭଗବତ ଗୀତା କହେ, ଶ୍ରୀକୃଷ୍ଣ ସମସ୍ତଙ୍କ 'ବୀଜପ୍ରଦ ପିତା' (ଅଧ୍ୟାୟ ୯ର ଶ୍ଳୋକ ୧୭, ଆଉ ଅଧ୍ୟାୟ ୧୪ ଶ୍ଳୋକ ୪)। ମାତା ବା ନାରୀ ନ ଥାଇ ପିତୃତ୍ୱ ସମ୍ଭବ କି? ଯଦି ଭଗବାନ ହିଁ ବୀଜ, ତେବେ ମଣିଷର ଜବନ ଏତେ ଜଞ୍ଜାଳମୟ କାହିଁକି? ଗଛଲତା ନ ଥିବା, ପାଣି ପବନ ନ ଥିବା ଜାଗାରେ କାହିଁକି ମଣିଷ ଚଳିପାରୁ ନାହିଁ, ମଣିଷ କାହିଁକି ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଛି ? ଦୁନିଆରେ ତ ନିଜର ଖାଦ୍ୟ ଉତ୍ପାଦନ କରୁଥିବା ଜୀବ (ଅଟୋଟ୍ରଫିକ୍) ଅଛନ୍ତି, ଯଥା ୟିଷ୍ଟ, ଯାହା ପରିବେଶରେ ବୁଲୁଛି, ଦହି ବା ପାଉଁରୁଟିରେ ଅଛି। ୟିଷ୍ଟ ଦେହରେ ସବୁ ପ୍ରକାରର ଏନ୍‌ଜାଇମ୍ (ପାଚକ) ଅଛି, (ଶର୍କରା ଓ ବାୟୋଟିନ୍ ନାମକ ଦୁଇଟି ପାଚକକୁ ଛାଡ଼ି) ମଣିଷ ଦେହରେ କାହିଁକି ନାହିଁ? ଜୀବ ଯେତେ ଜଟିଳତର ହୋଇଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଇଛି ଓ ହରାଉଛି। ମଣିଷ ତ ସମସ୍ତଙ୍କଠାରୁ ବେଶି ପରାଙ୍ଗଭୋଜୀ, ବେଶି ପରମୁଖାପେକ୍ଷୀ। ତାହା ବିବର୍ତ୍ତନର ଫଳ, ବିବର୍ତ୍ତନର ନିୟମ ଅଛି, ଭଗବାନଙ୍କ ସୃଷ୍ଟି ନୁହେଁ। ଆମିନୋଏସିଡ୍ ଓ ଭିଟାମିନ୍ ଭଳି ମୁଖ୍ୟ ଉପାଦାନ ମଣିଷକୁ ରେଡିମେଡ୍ (ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର, ନ ହେଲେ ମଣିଷ ନଷ୍ଟ ହୋଇଯିବ କାହିଁକି? ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର ; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ ; ଇଏ ତ ନିୟମ। ଅନ୍ୟ ଉପରେ ନିର୍ଭର କରିବା ଧର୍ମ ଦୃଷ୍ଟିରୁ ଅଧଃପତନର କାରଣ, କିନ୍ତୁ ବିଜ୍ଞାନ ଦୃଷ୍ଟିରୁ ବୁଦ୍ଧିମାନର କାମ। ଯଦି ପରିବେଶରୁ ସବୁ ଜିନିଷ ମିଳିପାରୁଛି ତେବେ ଶରୀର କାହିଁକି ଖଟିବ ବା ସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି (ଏନ୍‌ଜାଇମ୍) କାହିଁକି ବୋହିବ ? ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ କୋଷଗୁଡ଼ିକ ଶକ୍ତି ଓ ସ୍ଥାନ ଯୋଗାଇ ପାରିଛି ବୋଲି ତ ମସ୍ତିଷ୍କର ବୃଦ୍ଧି ହୋଇଛି। ସେ ତା'ର ବିଶ୍ରାମକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାରେ ଲଗାଇଛି, ଦର୍ଶନ ଓ ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଉଛି। ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନିଅନ୍ତେ ତ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ, ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାନ୍ତା। ମଣିଷ ଆଜିଯାଏ ଯାହା ହୋଇଆସିଛି ସେସବୁ ବିବର୍ତ୍ତନର ଫଳ, ବିବର୍ତ୍ତନ ନିୟମକୁ ନିୟନ୍ତ୍ରଣ କରୁଥିବା ଶକ୍ତିକୁ ଆମେ ଭଗବାନ କହିଲେ ସେ ନିୟମଗୁଡ଼ିକୁ ମାନିବାକୁ ଭକ୍ତି କହିବା। ତେଣୁ ଭଲ ଜୀବନ ପାଇଁ ପରିବେଶ ସୃଷ୍ଟି କରିବା ଓ ଭଲ ରହିବା ନିଜର କ୍ରିୟାଧୀନ, ତାହା ହିଁ ଆମର ଉପସ୍ଥିତ ଭାଷାରେ ଭଗବାନଙ୍କୁ ପ୍ରାର୍ଥନା। ମୂର୍ତ୍ତିଟିଏ ଗଢ଼ି ତା' ଆଗରେ ଗୁଡ଼ିଏ ଶ୍ଳୋକ ଉଚ୍ଚାରଣ କରିବା ସମ୍ପୃକ୍ତ ମଣିଷର ଜୀବନକୁ ସାମୟିକ ଭାବେ ସରସ ଆଉ ସୁଖୀ କରିପାରେ, କିନ୍ତୁ ମଣିଷ ସମାଜକୁ ଉନ୍ନତ କରେ ନାହିଁ।

ଏକକୋଷୀ ଜୀବ ବହୁକୋଷୀ ହେବାର ଅବସର ଆସିଲା ଯେତେବେଳେ ଗୋଟିଏ କୋଷ ଆଉ ଏକ କୋଷକୁ ତା' ଅନ୍ତଃରେ ଭର୍ତ୍ତି କରି ରଖିପାରିଲା। ଏକରୁ ବହୁକୋଷୀ ହୋଇ ଉଦ୍ଭିଦ ଓ ପ୍ରାଣୀ ହେଲେ। ଉଦ୍ଭିଦ ଜଗତରେ ପରାଙ୍ଗଭୋଜୀ ଓ ପ୍ରାଣୀ ଜଗତରେ ମାଂସାଶୀ ଆରମ୍ଭ ହେଲେ। ଭୋଜ୍ୟ ଦେହରେ ଥିବା ଜୈବିକ ଉପାଦାନଗୁଡ଼ିକ ଉଚ୍ଚତର ପ୍ରାଣୀର ରେଡିମେଡ୍ ଖାଦ୍ୟ ହୋଇଗଲା। ପ୍ରକୃତିର ଫାଷ୍ଟ ଫୁଡ୍। ଭୋଜୀର ଅନ୍ତଃ ବା ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ଅଂଶ ଓ ରସ (ମଣିଷର ଭାଷାରେ ମାଂସ ଓ ରକ୍ତ) ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ଜୀବର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣ, ଯାହାକୁ ଆମେ ହଜମ କ୍ରିୟା (ଡାଇଜେସନ୍) କହୁଛୁ, ଜୀବର ଅଭିବୃଦ୍ଧିରେ ସାହାଯ୍ୟ କରେ। ଖାଦ୍ୟ ଲାଗି ପ୍ରତ୍ୟେକ ଉଚ୍ଚତର ଜୀବ ନୀଚ ଜୀବର ସମ୍ପଦକୁ ଡକାୟତି କରୁଛି ବା ତାକୁ ଶିକାର କରୁଛି। ଯଦି ସବୁ ପ୍ରାଣୀ ମାଂସାଶୀ ହୋଇଥାନ୍ତେ ତେବେ ପୃଥିବୀରୁ କେଉଁଦିନୁ ପ୍ରାଣୀମାନେ ଲୋପ ପାଇ ସାରନ୍ତେଣି: ଶୁଦ୍ଧ ବିଜ୍ଞାନର ଏ ନିୟମ ବା ଉକ୍ତିକୁ ମନ ଭିତରେ ରଖି ଲୋକଙ୍କୁ ନିରାମିଷାଶୀ ହେବା ଲାଗି ଆମେ ଧର୍ମର ଦ୍ୱାହି ଦେଉ।

ଆଉ ଗୋଟିଏ ଦିଗରୁ ଦେଖିଲେ ଜାଣିବା ଯେ ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ,



ବାକି ୯୦% ମଳମୂତ୍ର ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ ; ଏହି କାରଣରୁ ମାଂସାଶୀ ପ୍ରାଣୀଙ୍କ ସଂଖ୍ୟା ଖୁବ୍ କମ୍। ବେଶି ସଂଖ୍ୟକ ତୃଣଭୋଜୀ। ମଣିଷ, ଭାଲୁ, ଘୁଷୁରି ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ। ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ। ଇଏ ଗୋଟିଏ ନିୟମ। ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ଦୁଇ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତି ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଯଦି ଭଗବାନ ମଣିଷକୁ ତାଙ୍କ ରୂପରେ ଗଢ଼ିଲେ ଅନ୍ୟ ସବୁ ପ୍ରାଣୀ, ଗଛଲତା, ଅଣୁଜୀବ ଆଉ ଫିମ୍ପିକୁ କାହା ରୂପରେ ଗଢ଼ିଲେ ? ପୁଣି ଯତ୍ନ କରି ଗଢ଼ିଥିବା ମଣିଷକୁ କାହିଁକି ସ୍ୱୟଂସମ୍ପୂର୍ଣ୍ଣ କଲେ ନାହିଁ? ମଣିଷର ବଂଶାଣୁ ବା ଡିଏନ୍‌ଏ ଅନୁଧ୍ୟାନ ପ୍ରକଳ୍ପ - ଜିନୋମ୍ - ୨୦୦୩ରେ ସରିଯାଇଛି। ଫଳ ଯାହା ବାହାରିଛି ତାହା ମଣିଷକୁ ଏକ ଇତର ପ୍ରାଣୀ ଭଳି ପ୍ରଦର୍ଶନ କରୁଛି। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ରୁ ୨୫ ହଜାର ଭିତରେ: ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି ? ସେସବୁ ଅଣୁଜୀବମାନଙ୍କଠାରେ ରହିଛି, ବାକ୍‌ଟେରିଆ ଭିତରେ। ଆମ ଦେହ କୋଷଗୁଡ଼ିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ତିଆରି କରୁଛନ୍ତି ଆମ ଦେହଭିତରେ ଥିବା ବାକ୍ଟେରିଆ ଓ ଅନ୍ୟ ଅଣୁଜୀବମାନଙ୍କ ଦେହରେ ଥିବା ୧୦ ଲକ୍ଷକୋଟି କୋଷ। ପ୍ରତି ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେସନ୍। ବାହାରର ବାକ୍ଟେରିଆ ଓ ଅନ୍ୟ ଅଣୁଜୀବମାନଙ୍କ ପ୍ରବେଶ ରୋକିବାକୁ ଆମଦେହର ବନ୍ଧୁ ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ଥିବା ଦରକାର, ନଚେତ୍ ପ୍ରବାସୀ ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶ କରି ଦେହକୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ ! ତେଣୁ ଭଗବାନଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମସବୁ ମାନିବା। ସବୁ ନିୟମର ସମାହାର ହିଁ ଭଗବାନ। ସୃଷ୍ଟିର ନିୟମ ମାନିବା, ପରିବେଶର ନିୟମ ମାନିବା ଏବଂ ଜୀବନଯାପନର ନିୟମ ମାନିବା ହିଁ ଭଗବାନଙ୍କ ପୂଜା (ମଣିଷର ଭକ୍ତି)। ଭଗବାନ ମଣିଷର ଚିନ୍ତାରେ ଅଛନ୍ତି, ବାହାରେ ମନ୍ଦିର ଗୀର୍ଜା ମସଜିଦ୍ ଆଦିରେ ନୁହେଁ। ଭଗବାନ ଦୁନିଆ ତିଆରି କରିଛନ୍ତି ତ ତାଙ୍କୁ କିଏ ତିଆରି କଲା ? ଯିଏ ଭଗବାନଙ୍କୁ ତିଆରି କଲା ତାକୁ କିଏ ତିଆରି କଲା ? ଏମିତି ପ୍ରଶ୍ନର ଉତ୍ତର ଆମକୁ ମୂଳ ପ୍ରଶ୍ନକୁ ନେଇଯାଏ: କେତେଗୁଡ଼ିଏ ନିୟମ ଫଳରେ ସବୁ ସୃଷ୍ଟି ଏବଂ ନିୟମ ସ୍ୱୟଂ ସୃଷ୍ଟ। ଅଡୁଆରେ ନ ପଶିଲେ ଆମେ ଧରିନେବା ଯେ ନିୟମ ବା ସୂତ୍ର ହିଁ ଭଗବାନ। ନିୟମ ହିଁ ଧର୍ମ। ଭଗବାନଙ୍କୁ ପୂଜା କରିବା ମାନେ ନିୟମମାନଙ୍କୁ ମାନିବା।

sahadevas@yahoo.com

# ଆର୍ଟେମିସ୍-୨ ମିଶନ ସ୍ପେଶାଲିଷ୍ଟ

ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର ଆର୍ଟେମିସ୍-୨ ମିଶନରେ ଚନ୍ଦ୍ର ଅଭିଯାନରେ ଯାଇଥିବା ୪ ମହାକାଶଚାରୀ ୧୦ ଏପ୍ରିଲରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୃଥବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚାରିପାଖେ ପ୍ରଦକ୍ଷିଣ କରିଥିବା ଆମେରିକାର କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, ମିଶନ ସ୍ପେଶାଲିଷ୍ଟ କ୍ରିଷ୍ଟିନା କୋଚ୍ ଓ କାନାଡାର ଜେରେମି ହାନ୍‌ସେନ୍ ଏଥିରେ ସାମିଲ ହୋଇ ୧୦ ଦିନିଆ ମିଶନ ଶେଷ କରିଛନ୍ତି। ସଫଳ ଚନ୍ଦ୍ରାଭିଯାନ କରିଥିବା ୪ କ୍ରିଉ ସଦସ୍ୟ ମହାକାଶରେ ମାନବ ଯାତ୍ରା କରିଥିବା ସର୍ବାଧିକ ଦୂରତ୍ୱ (୪,୦୬,୭୭୧ କିମି ବା ୨,୫୨,୭୫୬ ମାଇଲ)ର ରେକର୍ଡ ସୃଷ୍ଟି କରିଛନ୍ତି। ସୂଚନା ଦିଆଯାଇପାରେ ଯେ, ୧୯୭୨ ଡିସେମ୍ବରରେ ଆପୋଲୋ-୧୭ ମିଶନ ପରେ ଚନ୍ଦ୍ରକୁ ନାସାର ଏହା ପରବର୍ତ୍ତୀ ମାନବ ଅଭିଯାନ ହୋଇଛି। ଏଥିସହିତ ମଙ୍ଗଳ ଓ ଏହା ପରବର୍ତ୍ତୀ ଗ୍ରହରେ ଅବତାରଣା ପାଇଁ ଚନ୍ଦ୍ରକୁ ରହଣିସ୍ଥଳ ଓ ଲଞ୍ଚପ୍ୟାଡ୍ କରିବା ସକାଶେ ନାସା ଯୋଜନା କରିଥିବା ଜଣାପଡ଼ିଛି। ତେବେ ସଦ୍ୟ ଚନ୍ଦ୍ରାଭିଯାନ କରି ଫେରିଥିବା ମହାକାଶଚାରୀଙ୍କ ମଧ୍ୟରେ ଏକମାତ୍ର ମହିଳା ସଦସ୍ୟ ଥିବା କ୍ରିଷ୍ଟିନା କୋଚ୍ ମିଶନ ସ୍ପେଶାଲିଷ୍ଟ ଭାବେ ଜହ୍ନ ଚାରିପାଖରେ ଭ୍ରମଣ କରିବାରେ ମଧ୍ୟ ପ୍ରଥମ ମହିଳା ହୋଇଛନ୍ତି। କ୍ରିଷ୍ଟିନା ମହିଳା ମହାକାଶଯାତ୍ରୀଙ୍କ ମଧ୍ୟରେ ସର୍ବାଧିକ ସମୟ ମହାକାଶରେ ରହିଥିବା ରେକର୍ଡ ଧାରଣ କରିଛନ୍ତି, ଯେଉଁଥିରେ ସେ ୨୦୧୯-୨୦ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୩୨୮ ଦିନ ବିତାଇଥିଲେ। ତାଙ୍କ ଅଦମ୍ୟ ସାହସ ଓ ଦକ୍ଷତା ବିଷୟରେ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ହେବା ସ୍ୱାଭାବିକ।



ବ୍ୟକ୍ତିତ୍ୱ

କ୍ରିଷ୍ଟିନା କୋଚ୍

କ୍ରିଷ୍ଟିନା ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ ରାପିଡ୍‌ସରେ ୨୯ ଜାନୁଆରୀ ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ସେ ନର୍ଥ କରୋଲିନାର ଜ୍ୟାକ୍ସନଭିଲେରେ ବଢ଼ିଥିଲେ। କିନ୍ତୁ ଗ୍ରୀଷ୍ମକାଳରେ ମିଚିଗାନ୍‌ରେ ତାଙ୍କ ମାତାପିତାଙ୍କ ସହ ଫାର୍ମରେ ସମୟ କଟାଉଥିଲେ। ଛୋଟବେଳୁ ହିଁ କ୍ରିଷ୍ଟିନା ମହାକାଶଯାତ୍ରୀ ହେବାକୁ ଚାହୁଁଥିଲେ। ଉଡ଼ାଣ ପୂର୍ବରୁ ନାସା ପକ୍ଷରୁ ତାଙ୍କ ସହ ହୋଇଥିବା ସାକ୍ଷାତ୍‌କାରରେ କହିଥିଲେ 'ମୁଁ ଏପରି ଜିନିଷ ପସନ୍ଦ କରୁଥିଲି ଯାହା ମୋତେ ଛୋଟ ଲାଗୁଥିଲା। ମୁଁ ରାତିର ଆକାଶକୁ ପାଇନ୍ ଗଛର ଡାଳ ମଝିରୁ ଅଧିକାଂଶ ସମୟରେ ଦେଖିବାକୁ ପସନ୍ଦ କରୁଥିଲି।' ସେ ଆହୁରି କହିଥିଲେ, 'ମୁଁ ଲୋକଙ୍କୁ ସର୍ବଦା କହେ, ଯାହା ଆପଣଙ୍କ ମଧ୍ୟରେ ଭୟ ସୃଷ୍ଟି କଲା ଭଳି ଲାଗିବ ସେଇଟା ହିଁ କରନ୍ତୁ।' ସମୟ କ୍ରମେ କ୍ରିଷ୍ଟିନା ଯେତେବେଳେ ବଢ଼ିଚାଲିଲେ ସେତେବେଳେ ପିଲାଦିନର ସ୍ୱପ୍ନ ପୂରଣ କରିବା ଲାଗି ସେ ଗଣିତ ଓ ବିଜ୍ଞାନ ପାଠ ପଢ଼ିଥିଲେ। ସେ ଆଲବାମାର ହଣ୍ଟସ୍‌ଭିଲେରେ ଥିବା ସ୍ପେସ୍ କ୍ୟାମ୍ପକୁ ଯାଇଥିଲେ। ସେଠାରେ ସେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ (ଷ୍ଟେମ୍) କାର୍ଯ୍ୟକ୍ରମରେ ଭାଗ ନେଇଥିଲେ, ଯେଉଁଥିରେ ମହାକାଶଯାତ୍ରା ପାଇଁ ତାଲିମ ନେବାର ସୁଯୋଗ ମିଳିଥିଲା। କ୍ରିଷ୍ଟିନା ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରେ ପଢ଼ିଥିଲେ। ସେଠାରୁ ସେ ୨୦୦୧ ମସିହାରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଏବଂ ୨୦୦୨ ମସିହାରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ଘାନା ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟୟନ କରିଥିଲେ।

୨୦୦୨ରେ କ୍ରିଷ୍ଟିନା ମେରିଲାଣ୍ଡର ଗ୍ରୀନବେଲ୍‌ଟ ନାସାର ଗୋଡାର୍ଡ ସ୍ପେସ୍ ଫ୍ଲାଇଟ ସେଣ୍ଟରରେ ହାଇ ଏନର୍ଜି ଆଷ୍ଟ୍ରୋଫିଜିକ୍ସ ଲାବରେଟୋରିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ତା'ପରେ ସେ ୟୁନାଇଟେଡ୍ ଷ୍ଟେଟ୍ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମରେ ଯୋଗ ଦେଇ ଆମୁଣ୍ଡସେନ୍-ସ୍କଟ ସାଉଥ୍ ପୋଲ ଷ୍ଟେସନ୍‌ରେ ବର୍ଷେ କଟାଇଥିଲେ। ୨୦୦୭ରେ ସେ ଜନ୍ସ ହପକିନ୍ସ ୟୁନିଭର୍ସିଟିର ଆପ୍ଲାଏଡ୍ ଫିଜିକ୍ସ ଲାବରେଟୋରିରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ଜୁପିଟର୍ କକ୍ଷପଥ ଜୁନୋ ପରି ମହାକାଶ ପାଇଁ ଉପକରଣ ଉପରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ବର୍ଷଗୁଡ଼ିକରେ ସେ ଆଲାସ୍କା, ଗ୍ରୀନ୍‌ଲାଣ୍ଡ ଏବଂ ଆମେରିକୀୟ ସାମୋଆର ଦୂରବର୍ତ୍ତୀ ବୈଜ୍ଞାନିକ କେନ୍ଦ୍ରଗୁଡ଼ିକରେ ଫିଲ୍ଡୱାର୍କ କରିଥିଲେ।

କ୍ରିଷ୍ଟିନା ୨୦୧୩ରେ ମହାକାଶଯାତ୍ରୀ ଭାବେ ବଛା ହୋଇଥିଲେ। ତାଙ୍କର ପ୍ରଥମ ମହାକାଶ ଯାତ୍ରା ମାର୍ଚ୍ଚ ୨୦୧୯ରେ ହୋଇଥିଲା, ଯେତେବେଳେ ସେ ରୁଷୀୟ ମହାକାଶଯାନ ସୋୟୁଜ ଏମ୍‌ଏସ୍-୧୨ ଦ୍ୱାରା ମହାକାଶ କେନ୍ଦ୍ରକୁ ଯାଇଥିଲେ। ସେ ଛଅଟି ସ୍ପେସ୍‌ୱାକ୍ (ମହାକାଶରେ ଚାଲିବା) କରିଥିଲେ, ଯେଉଁଥିରେ ଜେସିକା ମେୟାରଙ୍କ ସହ ପ୍ରଥମ ତିନିଜଣ ମହିଳା ସାମିଲ ଥିଲେ। ସେ ୨୦୨୦ ଫେବୃଆରୀରେ ୩୨୮ ଦିନ ପରେ ପୃଥିବୀକୁ ଫେରିଥିଲେ। ୨୦୨୩ ମସିହାରେ କ୍ରିଷ୍ଟିନା ଆର୍ଟେମିସ-୨ ମିଶନ ପାଇଁ ମିଶନ ସ୍ପେଶାଲିଷ୍ଟ ଭାବରେ ମନୋନୀତ ହୋଇଥିଲେ, ଯାହା ଆର୍ଟେମିସ ପ୍ରୋଗ୍ରାମ ପ୍ରଥମ ମନୁଷ୍ୟଯୁକ୍ତ ଉଡ଼ାଣ ଥିଲା। ଏବର ଏପ୍ରିଲ ୧ର ଅଭିଯାନ ନେଇ ସେ କହିଛନ୍ତି ଯେ, ମହାକାଶଯାନର ବନ୍ଦ ହୋଇଯାଇଥିବା ଟଏଲେଟ୍ ମରାମତି କରିଥିଲେ। ନିଜକୁ ସ୍ପେସ ପ୍ଲମ୍ବର୍ ମଧ୍ୟ କହିବାକୁ ସେ ପଛାଇ ନାହାନ୍ତି। ମହାକାଶରେ ମନୁଷ୍ୟ ହୋଇ ରହିବା ଏହି ମିଶନ୍‌ର ସବୁଠାରୁ ସୁନ୍ଦର ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି।

କ୍ରିଷ୍ଟିନାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସେ ଜିଓସ୍ପାଟିଆଲ୍ ଇଞ୍ଜିନିୟର୍ ରବର୍ଟ ବବ୍ କୋଚ୍‌ଙ୍କୁ ବିବାହ କରିଛନ୍ତି। ଉଭୟେ ଆମେରିକୀୟ ସାମୋଆରେ କାର୍ଯ୍ୟ କରୁଥିବା ସମୟରେ ପରିଚିତ ହୋଇଥିଲେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତୀୟ ସ୍ଥଳସେନାରେ ୨୧ ବର୍ଷ ସେବା କରି କଲୋନେଲ ସୁବାସ ଦେଶୱାଲ ଅବସର ନେବା ପରେ ଜଣେ ଚାଷୀ ଭାବେ ଜୀବନ କାଟୁଛନ୍ତି। ସେ ଗାଜର ଚାଷ କରୁଛନ୍ତି, ଏହା ତାଙ୍କୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ୨୦୦୨ରେ ତାଙ୍କର ଜଣେ କେମିକାଲ ଇଞ୍ଜିନିୟର ବନ୍ଧୁ ଲାଲକୃଷ୍ଣ ଯାଦବଙ୍କ ସହ ସାକ୍ଷାତ ହେବାପରେ ତାଙ୍କ ସହ ମିଶି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ପ୍ରଥମେ ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲା ସିକନ୍ଦ୍ରାବାଦରେ ୨ ଏକର ଜମି ଲିଜ ନେଇ ଚାଷ ଆରମ୍ଭ କରିଥିଲେ। ପାରମ୍ପରିକ ପଦ୍ଧତିରେ ସବୁ ପ୍ରକାର ଚାଷ କରି ୩ ବର୍ଷ କ୍ଷତି ସହିବା ପରେ ୨୦୦୫ରେ ସେ ଆଇସିଆଇଆର୍ ପରିଦର୍ଶନ କରି ବୈଜ୍ଞାନିକ ପଦ୍ଧତି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପରେ ଆଧୁନିକ ଯନ୍ତ୍ରପାତି ଦ୍ୱାରା ଗାଜର ଚାଷ କରି ଅତ୍ୟଧିକ ଅମଳ କରୁଛନ୍ତି। ଗାଜରର ମାର୍କେଟିଂ ପାଇଁ ସେ ଏକ କମ୍ପାନୀ ଖୋଲିଛନ୍ତି। ସେ ମଧ୍ୟ ଗାଜର ଚାଷ ସହ ୫୦୦ କୃଷକଙ୍କୁ ଯୋଡ଼ି ୫୦୦ ଏକରରେ ଗାଜର ଚାଷ କରାଇପାରିଛନ୍ତ, ଯେଉଁମାନେ ବର୍ଷକୁ ୨୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୭୭

- ଶ୍ରୀ ବାବୁଭାଇ ଜେ. ପଟେଲଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜରାଟର ନୂତନ ୯ ଜଣିଆ ଜନତା ସାମୁଖ୍ୟ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।
- ୨ ଥର ଦେଶର ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବା ସହ କେନ୍ଦ୍ରରେ ସ୍ୱରାଷ୍ଟ୍ର ତଥା ଅନ୍ୟ ବହୁ ବିଭାଗର ମନ୍ତ୍ରୀ ରୂପେ ଦୀର୍ଘକାଳ କାର୍ଯ୍ୟକରିଥିବା ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା।
- ବମ୍ବେର ୧୧ଟି ଲୁଗାକଳର ୧୪ ହଜାର ୫ଶହ ଶ୍ରମିକ ସେମାନଙ୍କ ଦରମା ହାର କମାଯିବା ବିରୁଦ୍ଧରେ ପ୍ରତିବାଦ କରି ଧର୍ମଘଟ କରିଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 2 | | 6 | 4 | |
| 4 | | 8 | | 5 | 9 | | | |
| | 1 | 2 | 7 | | | | 8 | |
| | | | 9 | | | | 2 | |
| | 3 | 9 | | | | 4 | | |
| | | | | | 7 | | 5 | |
| | | 6 | 3 | | | 7 | | |
| | | | | 6 | | | | |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 6 | 7 | 5 | 3 | 9 | 8 |
| 3 | 5 | 8 | 2 | 1 | 9 | 4 | 7 | 6 |
| 7 | 9 | 6 | 3 | 8 | 4 | 5 | 2 | 1 |
| 9 | 8 | 7 | 1 | 3 | 2 | 6 | 5 | 4 |
| 2 | 3 | 5 | 4 | 6 | 7 | 1 | 8 | 9 |
| 4 | 6 | 1 | 9 | 5 | 8 | 2 | 3 | 7 |
| 6 | 4 | 9 | 8 | 2 | 3 | 7 | 1 | 5 |
| 5 | 1 | 2 | 7 | 9 | 6 | 8 | 4 | 3 |
| 8 | 7 | 3 | 5 | 4 | 1 | 9 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳ ଭଣ୍ଡାର ଅଭାବ

ମହାଶୟ,

ନୂଆ ସରକାର କୌଣସି ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର କରିପାରିନାହାନ୍ତି। ଫଳରେ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶାର ସମସ୍ତ ଜିଲାରେ ବିଲାତି, ଆଳୁ, ବାଇଗଣ, କାକୁଡି, ଭେଣ୍ଡି ଭଳି ନାନାଦି ପନିପରିବା ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ ହେଉଛି। ହେଲେ ଶୀତଳ ଭଣ୍ଡାରର ଅଭାବ ହେତୁ କୃଷକମାନେ ଚାଷରୁ ମୁହଁ ଫେରାଉଛନ୍ତି। କୃଷକଟି ତା'ର ଦେହର ପ୍ରତିଟି ଝାଳବୁନ୍ଦାରେ ଉତ୍ପାଦନ କରୁଥିବା ଫସଲଟିକୁ ଆଜିର ସମୟରେ ତା'ର ଉପଯୁକ୍ତ ପାଉଣା ପାଇପାରୁନାହିଁ, ଯାହା ଫଳରେ କୃଷକଟି ପରିବାର ପ୍ରତିପୋଷଣ କରିବା ପାଇଁ ଅସମର୍ଥ ହେଉଛି। ଜୟ ଯବାନ ଜୟ କିଷାନ ଧ୍ୱନି ଦିଆଯାଉଥିବାବେଳେ କୃଷକଟି ବଳି ପଡିଯାଉଛି। ସରକାରଙ୍କୁ ଅନୁରୋଧ ପ୍ରତ୍ୟେକ ଜିଲାରେ ଶୀତଳ ଭଣ୍ଡାରର ବ୍ୟବସ୍ଥା ଶୀଘ୍ର କଲେ କୃଷକଟି ତା'ର ଉତ୍ପାଦିତ ଫସଲକୁ ଉଚିତ ଦରରେ ବିକ୍ରୟ କରିପାରିବ ଏବଂ ତା'ର ସମସ୍ତ ଅଭାବକୁ ପୂରଣ କରିପାରିବ। କୃଷିକ୍ଷେତ୍ରରେ ରାଜ୍ୟ ଓ ଦେଶ ଆଗକୁ ବଢ଼ିପାରିବ।

– ବିଚିତ୍ର ପୃଷ୍ଟି, ଅଚ୍ୟୁତ ବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଙ୍କି ଘାଟି: ୪୦ଫୁଟ ଖସିଲା ବସ୍, ଜଣେ ମୃତ

ପଟ୍ଟାଙ୍ଗି,୧୧।୪(ଶରତ କୁମାର ଧଳ)



## ୨୩ ଯାତ୍ରୀ ଆହତ, ୬ ଗୁରୁତର

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ଘାଟିରେ ଓଏସ୍ଆରଟିସିର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଘାଟିର ୪୦ ଫୁଟ ତଳକୁ ଖସିପଡ଼ିଛି। ଫଳରେ ୨୪ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା କଳମପୁର୍ ବ୍ଲକ ଅଧୀନ ବଲାଗାଁ ଗ୍ରାମର ଜାମ୍ବବ ବିହାରୀ।

ଖବରରୁ ଜଣାପଡ଼ିଛି, ୨୪ ଜଣ ଯାତ୍ରୀଙ୍କୁ ନେଇ ଭବାନୀପାଟଣାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଶୁକ୍ରବାର ରାତିରେ ଏହି ସରକାରୀ ଭୋଲ୍‌ଭ ବସ୍ ନଂ (ଓଡି ୦୨ଡିଇ-୫୪୪୬) ଯାଉଥିଲା। ସୁଙ୍କି ଥାନାଠାରୁ ୩ କି.ମି. ଦୂର ପଣସମାନଗୁଡି ଗ୍ରାମ ନିକଟସ୍ଥ ଘାଟିରେ ବିଳମ୍ବିତ ରାତି ୨ଟା୧୦ମିନିଟରେ ଘାଟିର ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ୪୦ ଫୁଟ ତଳକୁ ବସ୍‌ଟି ଖସି ପଡି ଓଲଟି ପଡିଥିଲା। ଖବରପାଇ ତୁରନ୍ତ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜାମ୍ବବ ବିହାରୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨୩ ଜଣ ଯାତ୍ରୀଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଏବଂ ଅନ୍ୟ ଦୁଇଜଣ ନିଜସ୍ୱ ବ୍ୟବସ୍ଥାରେ ଯିବାକୁ ଚାହିଁବାରୁ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୭ ଜଣ ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଜାମ୍ବବ ବିହାରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ବସ୍‌ର ୧ ନଂ. ସିଟରେ ବସିଥିବା ଯାତ୍ରୀ ଭାଗୀରଥି ବାଗ କୁହନ୍ତି, କୌଣସି ଟ୍ରକ ବସ୍‌କୁ ଧକ୍କା ଦେଇନାହିଁ। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମ୍ପର୍କରେ ଖବର ଜୟପୁର ପରିବହନ ବିଭାଗର ଜିଲା ଡିଏମ୍ ଅରୁଣି ସାହୁ, ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସ, ଟ୍ରାଫିକ ଏସ୍ଆଇ ଜଗନ୍ନାଥ ଦାରୁବ୍ରହ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତାଯାତ୍ରୀଙ୍କ ମୃତଦେହ ତାଙ୍କ ଗ୍ରାମକୁ ପଠାଇବାରେ ସହଯୋଗ କରିଛନ୍ତି। ଦୁର୍ଘଟଣା ସ୍ଥଳରେ ଏହି ଟିମ୍ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଡିଏମ୍ ସାହୁଙ୍କୁ ପଚାରିବାରୁ ସେ କହିଲେ, ମୃତ ଯାତ୍ରୀଙ୍କ ମୃତଦେହ ଯାତ୍ରୀଙ୍କ ଗ୍ରାମରେ ପହଞ୍ଚାଇବାକୁ ଆମ ବିଭାଗ ସମସ୍ତ ସହଯୋଗ କରିବ। ବିଭାଗର ଇନ୍‌ସ୍ୟୁରାନ୍ସ ପଲିସି ନିୟମ ଅନୁସାରେ ତାଙ୍କ ପରିବାର ଲୋକଙ୍କୁ ପରବର୍ତ୍ତୀ ସମୟରେ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଓ ପଟ୍ଟାଙ୍ଗି ଆଇଆଇସି ପ୍ରଭାତ ବେହେରା ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# ଦେଶବିରୋଧୀ ପୋଷ୍ଟ: ଯୁବକଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର,୧୧।୪(ତ୍ରିନାଥ ମହାନ୍ତି)

- ମୌଲବାଦୀ ଗୋଷ୍ଠୀର ସକ୍ରିୟ ସଦସ୍ୟ ରହିଛନ୍ତି ଅଭିଯୁକ୍ତ
- ତାଙ୍କ ପୁଅ ନିର୍ଦ୍ଦୋଷ, ସେ କିଛି ଜାଣି ନାହାନ୍ତି: ବାପା



ଶେଖ୍ ଇମ୍ରାନ

ସୋସିଆଲ ମିଡିଆରେ ଦେଶଦ୍ରୋହମୂଳକ ସ୍ଲୋଗାନ ପୋଷ୍ଟ କରିବା ଅଭିଯୋଗରେ ଦିଲ୍ଲୀ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ୟୁନିଟ୍-୬ ଗଙ୍ଗନଗରରୁ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକର ଶେଖ୍ ଇମ୍ରାନ। ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବା ପରେ ଶନିବାର ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ନିଆଯାଇଛି। ଏଥିସହ ସେ ବ୍ୟବହାର କରୁଥିବା ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରିବା ପରେ ସାଙ୍ଗରେ ନେଇଛି ଦିଲ୍ଲୀ ପୋଲିସ। ଇମ୍ରାନ ମୌଲବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ଥିବା ଜଣାପଡିବା ପରେ ତାଙ୍କର ଆତଙ୍କବାଦୀ ଲିଙ୍କ୍ ନେଇ ତଦନ୍ତ ଆରମ୍ଭ ହୋଇଛି।

କମିଶନରେଟ୍ ପୋଲିସ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍‌ରେ କୁହାଯାଇଛି, କ୍ୟାପିଟାଲ ଥାନା ପୋଲିସ ସହାୟତାରେ ଦିଲ୍ଲୀ ପୋଲିସ ଇମ୍ରାନଙ୍କୁ ଗିରଫ କରିବା ପରେ ତାଙ୍କୁ ପଚରାଉଚରା କରାଯାଇଥିଲା। ସେ ଜଣେ ବେକାର ଯୁବକ। ସେ କଟକର ମୂଳ ବାସିନ୍ଦା ହୋଇଥିବାବେଳେ ପରିବାର ସହ ଭୁବନେଶ୍ୱର ଗଙ୍ଗନଗରସ୍ଥିତ ବସ୍ତିରେ ରହୁଥିଲେ। ସେ ଏକ ମୌଲବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ହ୍ୱାଟ୍ସଆପ୍ ଓ ସିଗ୍ନାଲ ଆପ୍ଲିକେଶନ୍ସ ମାଧ୍ୟମରେ ସେ ଏହି ଗୋଷ୍ଠୀ ସମ୍ପର୍କରେ ଆସିଥିଲେ, ଯାହା ଧର୍ମ ଆଧାରରେ ଦେଶ ବିରୋଧରେ ପ୍ରଚାର କରାଯାଉଛି। ଏହା ଜାତୀୟ ନିରାପତ୍ତା ପାଇଁ କ୍ଷତିକାରକ। ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ସିଗ୍ନାଲ ଆପ୍ଲିକେଶନ୍ସରେ ବିଭିନ୍ନ ପ୍ରକାର ମୌଲବାଦୀ ଚିନ୍ତାଧାରା ପୋଷ୍ଟ କରାଯାଉଥିଲା। ଏହି ପୋଷ୍ଟ ଦେଶରେ ଦଙ୍ଗା ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥାଏ। ଗତ ସପ୍ତାହକ ତଳେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଦିଲ୍ଲୀରୁ କେତେଜଣ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ଏଥିସହ ସେମାନଙ୍କ ସୋସିଆଲ ମିଡିଆ ପୋଷ୍ଟ ଯାଞ୍ଚ ପରେ ଓଡ଼ିଶାର ଇମ୍ରାନଙ୍କ ନାମ ପଦାକୁ ଆସିଥିଲା। ଏହାପରେ ପୋଲିସ ଇମ୍ରାନଙ୍କ ବାପାଙ୍କୁ ଯୋଗାଯୋଗ କରି ଜଣାଇବା ପରେ ତଦନ୍ତରେ ସହଯୋଗ କରିବାକୁ କହିଥିଲେ। ଏଥିସହ ଦିଲ୍ଲୀ ଆସି ପୋଲିସକୁ ଭେଟିବାକୁ କହିଥିଲେ। ହେଲେ ଇମ୍ରାନ ନ ଯିବାରୁ ବାଧ୍ୟ ହୋଇ ଭୁବନେଶ୍ୱର ଆସିଥିଲା ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍। ଶୁକ୍ରବାର ରାତିରେ ଇମ୍ରାନ ଗଙ୍ଗନଗରସ୍ଥିତ ଘରେ ଶୋଇଥିବା ବେଳେ କ୍ୟାପିଟାଲ ଥାନା ପୋଲିସ ସହାୟତାରେ ତାଙ୍କୁ ଉଠାଇ ନିଆଯାଇଥିଲା।

ଅନ୍ୟପକ୍ଷରେ ଇମ୍ରାନଙ୍କ ବାପା ଶେକ୍ ଅମିର କହିଛନ୍ତି ଯେ, ତାଙ୍କ ପୁଅ ନିର୍ଦ୍ଦୋଷ। ସେ କିଛି ଜାଣିନାହାନ୍ତି। ୮/୧୦ ଦିନ ତଳେ ଦିଲ୍ଲୀ ପୋଲିସ ତାଙ୍କ ସହ ଆଲୋଚନା କରିଥିଲା। ପୁଅକୁ ଦିଲ୍ଲୀ ନେଇଯିବାକୁ ଓ ତଦନ୍ତ ପରେ ଛାଡ଼ିଦେବେ ବୋଲି ପୋଲିସ କହିଥିଲା। କିନ୍ତୁ ଶୁକ୍ରବାର ରାତିରେ ଘରେ ପଶି ଉଠାଇ ନେବା ସହ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି। ତାଙ୍କ ପୁଅ କୌଣସି ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍‌ରେ ନାହାନ୍ତି। ମୋବାଇଲ୍ ପାଇଁ ତାଙ୍କ ପୁଅ ବରବାଦ ହୋଇଯାଇଛି। ସେ ଅନ୍‌ଲାଇନ୍ ଡେଲିଭରି କାମ କରେ। ଗୋଟିଏ ଫୋନ୍ ହଜିବା ପରେ ପୁଣି ୩ଟି ମୋବାଇଲ୍ ଫୋନ ପୁଅକୁ କିଣି ଦେଇଥିଲେ। ହେଲେ କମ୍ପାନୀ ତାଙ୍କୁ କାମରୁ ବାହାର କରିଦେବା ପରେ ସେ ସବୁବେଳେ ମୋବାଇଲ୍ ଧରି ଘରେ ବସିରହେ। ଖାଇବା ସହ ମୋବାଇଲ୍‌ରେ ଗେମ୍ ଖେଳେ। ପୁଅ କେବେ ବି ରାଜ୍ୟ ବାହାରକୁ ଯାଇନାହିଁ, ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ଅମିର କହିଛନ୍ତି।

ବଡ଼ କଥା ହେଲା ଇମ୍ରାନ୍‌ଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଆତଙ୍କବାଦୀ ସଂଗଠନଙ୍କୁ ସମର୍ଥନ କରିବା ଭଳି ପୋଷ୍ଟ କରାଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ସେ ନିଜକୁ ଆତଙ୍କବାଦୀ ପରି ବେଶରେ ସଜେଇ ହୋଇଥିବା ଫଟୋ ପୋଷ୍ଟ କରିଥିଲେ, ଯାହାକୁ ନେଇ ପୋଲିସ ତାଙ୍କ କାର୍ଯ୍ୟକଳାପକୁ ସନ୍ଦେହ କରୁଛି। ଦିଲ୍ଲୀ ଲାଲ୍‌କିଲା ନିକଟରେ ବିସ୍ଫୋରଣ ଘଟଣାର ତଦନ୍ତ ବେଳେ ଦିଲ୍ଲୀର କେତେଜଣ ସନ୍ଦିଗ୍ଧ ଯୁବକଙ୍କ ଲିଙ୍କ୍‌ରେ ଇମ୍ରାନ ରହିଥିବାରୁ ପୋଲିସର ଏହି ସନ୍ଦେହ ଆହୁରି ବଢ଼ିଯାଇଛି।

# ଜାତୀୟ ଜନଜାତି କମିଶନ ସିଜିମାଳି ପରିଦର୍ଶନ କରିବାକୁ ଚିଠି

ଭୁବନେଶ୍ୱର,୧୧।୪(ବନ୍ଦନା ସେଠୀ)

## ବେଦାନ୍ତ ପାଇଁ ଆଦିବାସୀଙ୍କ ଉପରେ ପୋଲିସର ଦମନଲୀଳା ଘଟଣା

ବେଦାନ୍ତର ସ୍ୱାର୍ଥ ପାଇଁ ରାୟଗଡା ଜିଲା ସିଜିମାଳିରେ ଆଦିବାସୀଙ୍କ ଉପରେ ପୋଲିସ ଦମନଲୀଳା ଓ ଅତ୍ୟାଚାର ସୀମା ଟପିଛି। ଏହାକୁ ଓଡ଼ିଆ ଅସ୍ମିତା ପରିଷଦ ନିନ୍ଦା କରିବା ସହ ଜାତୀୟ ଜନଜାତି କମିଶନ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଦାବି କରିଛି। ପରିଷଦର ରାଜ୍ୟ ଆବାହକ ରବି ବେହେରା ଶନିବାର ଏକ ଚିଠି ଲେଖି କମିଶନ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ବେଦାନ୍ତ ଆଲୁମିନାର ରାସ୍ତା ନିର୍ମାଣକୁ ବିରୋଧ କରୁଥିବା ଆଦିବାସୀମାନଙ୍କ ଉପରେ ପୋଲିସ ଅତ୍ୟାଚାର ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। କମିଶନ ଘଟଣାସ୍ଥଳ ପ୍ରଦର୍ଶନ କରି ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମସଭା ରିଜୋଲ୍ୟୁଶନର ଠିକ୍ କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ ଚିଠିରେ ଦାବି କରାଯାଇଛି। ସେହିପରି ପୋଲିସ ଅତ୍ୟାଚାରର ଶିକାର ହୋଇଥିବା ଆଦିବାସୀଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ପରିଷଦର ରାଜ୍ୟ ଆବାହକ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଭଦ୍ରକ ଡିଏଫ୍‌ଓଙ୍କ ପରଲୋକ



ସୌଭାଗ୍ୟ ରଞ୍ଜନ ସାହୁ

ଚାନ୍ଦବାଲି,୧୧।୪
(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟରତ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୌଭାଗ୍ୟ ରଞ୍ଜନ ସାହୁ(୫୯)ଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, ଡିଏଫ୍‌ଓ ସାହୁ ଚାନ୍ଦବାଲିସ୍ଥିତ ସରକାରୀ ବାସଭବନରେ ଏକାକୀ ରହୁଥିଲେ। ଶନିବାର ଛୁଟି ଥିବାରୁ ସେ ସରକାରୀ ବାସଭବନରେ ଥିବା ସମୟରେ ପୂର୍ବାହ୍ନ ୧୧ଟା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସହକର୍ମୀମାନେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବରୁଣାଡିହା ଗ୍ରାମରେ। ସେ ୨୦୨୫ରୁ ଡିଏଫ୍‌ଓ ଭାବେ ଚାନ୍ଦବାଲିସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଉ ୧୧ ମାସ ପରେ ଅର୍ଥାତ୍ ଆସନ୍ତାବର୍ଷ ମାର୍ଚ୍ଚରେ ଅବସର ଗ୍ରହଣ କରିଥାନ୍ତେ। ତାଙ୍କ ମୃତ୍ୟୁରେ ବନ ବିଭାଗ ସହ ଚାନ୍ଦବାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଜ୍ୟରେ ଗଠନହେବ ପାନୀୟ ଜଳ ନିଗମ: ମନ୍ତ୍ରୀ

ଭୁବନେଶ୍ୱର,୧୧।୪(ସୁନିତ୍ ମିଶ୍ର)

## ମଧ୍ୟପ୍ରଦେଶ, କର୍ଣ୍ଣାଟକ ଯିବ ଓଡ଼ିଶା ଟିମ୍

ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ଶନିବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ନାଏକଙ୍କ ସୂଚନା ମୁତାବକ, ରାଜ୍ୟରେ କିପରି ପାନୀୟ ଜଳ ନିଗମ ଗଠନ ହେବ ସେନେଇ ରାଜ୍ୟର ଗୋଟିଏ ଟିମ୍ ଗଠନ କରାଯିବ। ସେହି ଟିମ୍ ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକ ଗସ୍ତ କରିବ। ସେଠାରେ ନିଗମର ରୂପରେଖ କିପରି ହେବ ସେନେଇ ଭଲ ଭାବେ ଅନୁଧ୍ୟାନ କରିବେ। ସେଠାରୁ ଫେରିବା ପରେ ଯେଉଁ ରିପୋର୍ଟ ସେମାନେ ପ୍ରଦାନ କରିବେ। ତାକୁ ଅନୁପାଳନକରି ଓଡ଼ିଶାରେ ପାନୀୟ ଜଳ ନିଗମ ଗଠନ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି।

ମନ୍ତ୍ରୀ ନାଏକ ଆହୁରି କହିଛନ୍ତି, ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାର୍ଯ୍ୟ କରିବ। ମେଗା ପ୍ରକଳ୍ପଗୁଡିକର ଦାୟିତ୍ୱ ୫ ବର୍ଷ ପାଇଁ ଏକ ଏଜେନ୍ସିକୁ ଦିଆଯିବ। ୫ ବର୍ଷ ପରେ ଏହାର ଦାୟିତ୍ୱ ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ହାତକୁ ହସ୍ତାନ୍ତର କରାଯିବ। ଏହା ଭିଲେଜ ୱାଟର ସାନିଟେଶନ କମିଟିର ଭାଗୀଦାରିରେ ହେବ। ପାଣି ପହଞ୍ଚିଲା କି ନାହିଁ କେଉଁଠାରେ ବିଶୋଧନ ହେବ ଗାଁ କମିଟି ବ୍ଲକ୍‌କୁ ଅବଗତ କରିବେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର 'ହର୍ ଘର୍ ଜଲ୍' ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ରର ଏହି ଲକ୍ଷ୍ୟକୁ ଶତ ପ୍ରତିଶତ ପୂରଣ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ସଫଳ କରିବା ଲାଗି ଗୋଟିଏ ନୀତି ପ୍ରଣୟନ ହୋଇଥିବା ବେଳେ ସେଥିରେ ୧୯ଟି ନମୁନା ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ପୋଡ଼ିହୋଇ ଯୁବତୀଙ୍କ ଆତ୍ମହତ୍ୟା ସନ୍ଦେହ

ପାରଳାଖେମୁଣ୍ଡି,୧୧।୪
(ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଖଞ୍ଜାସାହି ନୂଆବସ୍ତିରେ ଶନିବାର ଘରେ ଜଣେ ଯୁବତୀ ପୋଡ଼ିହୋଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେ ହେଲେ ଶୁଭ୍ରା ସାମଲ (୨୪)। ପୋଲିସ ପୋଡ଼ି ହୋଇଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହ ମିଶି ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରୁ କୌଣସି ଦହନଶୀଳ ପଦାର୍ଥର ଏକ ବୋତଲ ଓ ଦିଆସିଲି ପଡିଥିବାରୁ ଶୁଭ୍ରା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନଂ.୨/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

ପ୍ରକାଶ ଯେ, ଖଞ୍ଜାସାହି ନୂଆବସ୍ତି ବାସିନ୍ଦା ବିଷ୍ଣୁଚରଣ ସାମଲଙ୍କ ସାନଝିଅ ଶୁଭ୍ରା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଜି ପାସ୍ କରିଛନ୍ତି। ରବିବାର ପାସ ଆଉଟ ଉତ୍ସବ ହୋଇଥାନ୍ତା। ଶନିବାର ମା' ବାପା କୌଣସି କାମରେ ବାହାରକୁ ଯାଇଥିଲେ। ପୂର୍ବାହ୍ନ ୧୧ଟାରେ ବିଷ୍ଣୁଚରଣଙ୍କ ଘର ଉପର ମହଲାରୁ ଧୂଆଁ ବାହାରିଥିଲା। ଏହା ଦେଖି ମଝି ମହଲାରେ ଭଡ଼ାସୂତ୍ରରେ ରହୁଥିବା ଜଣେ ବ୍ୟକ୍ତି ତୁରନ୍ତ ବିଷ୍ଣୁଚରଣଙ୍କୁ ଖବର ଦେଇଥିଲେ। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାକୁ ମଧ୍ୟ ଖବର ଦିଆଯାଇଥିଲା। ପୋଲିସ ଟିମ ତୁରନ୍ତ ପହଞ୍ଚି ଧୂଆଁ ବାହାରୁଥିବା କୋଠରିକୁ ଖୋଲିବାରେ ଶୁଭ୍ରାଙ୍କ ମୃତଦେହ ତଳେ ପଡିଥିବା ଦେଖିଥିଲା। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ଭୂପତି କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ କୌଣସି ହିଂସା ଘଟି ନଥିବା ଜଣାପଡୁଛି। ତଥାପି ସାଇଣ୍ଟିଫିକ ଟିମ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ପରିବାର ଲୋକେ ଶୁଭ୍ରାଙ୍କ ଏପରି ମୃତ୍ୟୁକୁ ଗ୍ରହଣ କରିପାରୁନାହାନ୍ତି। ଘରେ କୌଣସି ଅଶାନ୍ତି ନ ଥିଲା ବୋଲି ସେମାନେ କହିଛନ୍ତି।

୩ୟ ପୃଷ୍ଠାରୁ...

## ଇରାନ୍ ହଜାଇଲାଣି...

ଛୋଟ ବୋଟ୍‌ଗୁଡ଼ିକ ଜରିଆରେ ହର୍ମୁଜ୍ ପ୍ରଣାଳୀରେ ବିସ୍ଫୋରକ ବିଛାଇଥିଲା। ଏପରି କି ଆଣବିକ କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ହର୍ମୁଜ୍‌ର କେଉଁ କେଉଁ ସ୍ଥାନରେ ମାଇନ୍ସ ବିଛାଇଥିଲା, ତାହାର ରେକର୍ଡ କରି ନ ଥିଲା। ଫଳରେ ସେଗୁଡ଼ିକୁ ଠାବ କରିବା କଷ୍ଟକର ହୋଇପଡ଼ିଛି। ତେଣୁ ସମ୍ପୃକ୍ତ ଜଳପଥ ଦେଇ ତୈଳ ବୋଝେଇ ଜାହାଜଗୁଡ଼ିକର ପରିବହନ ଏବେ ବିପଦପୂର୍ଣ୍ଣ ହୋଇଯାଇଛି। ଇରାନୀୟ କର୍ତ୍ତୃପକ୍ଷଙ୍କ ଯୋଗୁ ଜାହାଜ ଚଳାଚଳ ଏକପ୍ରକାର ଅସମ୍ଭବ ହୋଇଯାଇଥିବା ଆମେରିକୀୟ ଅଧିକାରୀମାନେ କହିଛନ୍ତି। ହର୍ମୁଜ୍ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ହର୍ମୁଜ୍ ପ୍ରଣାଳୀ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫% ତୈଳ ପରିବହନ ହୋଇଥାଏ। ଭାରତର ୮୦% ଶକ୍ତି ଆବଶ୍ୟକତା ମଧ୍ୟ ଏହି ଜଳପଥ ପୂରଣ କରିଥାଏ। ଇତିମଧ୍ୟରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଚେତାବନୀ ଦେଇଛି ଯେ, ଏହା ଦେଇ କୌଣସି ଜାହାଜ ଗଲେ ମାଇନ୍ସ ସଂସ୍ପର୍ଶରେ ଆସି ବିସ୍ଫୋରଣ ଘଟିପାରେ। ସେହିପରି ଆମେରିକା ଯଦି ନିଜ ଯୁଦ୍ଧଜାହାଜଗୁଡ଼ିକୁ ହର୍ମୁଜ୍ ଭିତରକୁ ଆଣିବାକୁ ଉଦ୍ୟମ କରିବ ତେବେ ଏହାର ୩୦ ମିନିଟ୍ ଭିତରେ ଇରାନ୍ ଆକ୍ରମଣ କରିବ ବୋଲି ଧମକ ଦେଇଛି।

## ୪୫ ହଜାର ଶିକ୍ଷକ...

ପାଇଁ ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବୋଦାପଳାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବା ବେଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୭ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ୍ୟ ଘୋଷଣା କରାଯାଇଛି। ପିଏମ୍‌ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମାଜିକକର୍ମୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।

## ୫ ବର୍ଷୀୟା...

କୂଅ ନିକଟରେ ଏକ ଅଖା ହଲ୍‌ଚଲ ହେଉଥିବା ୨ ଜଣ ଯୁବକ ଦେଖିବାକୁ ପାଇଥିଲେ। ଅଖା ଖୋଲିବାରୁ ନାବାଳିକା ତା' ଭିତରେ ଥିବା ଓ ପାଟିକୁ ତକିଆ ଖୋଳରେ ବନ୍ଦ କରାଯାଇଥିବା ଦେଖାଯାଇଥିଲା। ନାବାଳିକା ଭୟଭୀତ ଅବସ୍ଥାରେ ଥିଲେ। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି। ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଧନେଶ୍ୱରଙ୍କୁ ଗିରଫ କରିଛି। ଫୋରେନ୍‌ସିକ ସାଇନ୍ସ ଲାବରେଟୋରିର ଏକ ଟିମ୍ ଘଟଣାସ୍ଥଳରୁ ତଥ୍ୟପ୍ରମାଣ ସଂଗ୍ରହ କରିଥିବା ପାଟନ ପୋଲିସ ଏସ୍‌ଡିପିଓ ଅନୁପ୍ ଲାକ୍ରା କହିଛନ୍ତି। ଘଟଣାକୁ ନେଇ ଆଖପାଖ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରି ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଛନ୍ତି। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

## ଶ୍ରୀଲଙ୍କା: ୪୦ ବର୍ଷରେ...

ଏହି ଦେଶରେ ସିଂହଳୀ ସମ୍ପ୍ରଦାୟ ୭୪.୧%, ତାମିଲ ୧୨.୩% ଏବଂ ମୁସଲିମ ୧୦.୫% ରହିଛନ୍ତି। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ବୌଦ୍ଧ (୬୯.୮%), ହିନ୍ଦୁ (୧୨.୬%), ଇସଲାମ (୧୦.୫%) ଏବଂ ରୋମାନ କ୍ୟାଥୋଲିକ (୫.୬%) ଅଛନ୍ତି। ରିପୋର୍ଟ ମୁତାବକ, ପଶ୍ଚିମାଞ୍ଚଳ ଏବେ ମଧ୍ୟ ଦେଶର ପ୍ରମୁଖ ଜନବହୁଳ ଅଞ୍ଚଳ ହୋଇରହିଛି, ଯେଉଁଠାରେ ମୋଟ ଜନସଂଖ୍ୟାର ୨୮.୧ ପ୍ରତିଶତ ଲୋକ ବାସ କରନ୍ତି।



**ଗୋରୁ ଚାଲାଣ ବେଳେ ଧରିଲେ ଗୋରକ୍ଷକ**

ଭବାନୀପାଟଣା (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ନିକଟରେ ଗୋ ଚାଲାଣ ହେଉଥିବାବେଳେ ଗୋ ରକ୍ଷକ ହାତରେ ଧରାପଡ଼ିଛି। ଧର୍ମଗଡ଼ରୁ ପ୍ରାୟ ୬୦ଟି ଗୋରୁ ରାୟଗଡା ଜିଲା ବିସିଙ୍ଗପୁରକୁ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଗୋ ରକ୍ଷକ ସଂଘ କର୍ମକର୍ତ୍ତା ଗାଡ଼ିକୁ ଧରି ଜୁନାଗଡ଼ ପୋଲିସକୁ ଖବର ଦେଇଥିଲେ। ଗତ ୬ ତାରିଖରେ ଭବାନୀପାଟଣା ସଦର ଥାନା ରିଷଗାଁ ବାଇପାସ୍ ରାସ୍ତାରେ ଗୋ ଚାଲାଣ ହେଉଥିବାବେଳେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ସଂକ୍ଷେପରେ

### ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ
**ରଷିପୀଠ ଯୋଗୀମଠ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

**ଖଡ଼ିଆଳ,୧୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତୁକୁଲା ସ୍ଥିତ ରଷିପୀଠ ଯୋଗୀମଠ ମହୋତ୍ସବ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଛି। ମହୋତ୍ସବ କମିଟି ଉପ ସଭାପତି ବୁଦାଙ୍ଗ ଜାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟ ଅତିଥି, ଖଡ଼ିଆଳ ରାଜା ସାହେବ ଦେବଦେବ ସିଂ ଦେଓ ବିଶିଷ୍ଟ ଅତିଥି, ଜିଲା କଳାସଂସ୍କୃତି ସଂଘ ଉପସଭାପତି ତଥା ବିଶିଷ୍ଟ କଳାକାର ଅର୍ଜୁନ ଛତ୍ରିଆ ମୁଖ୍ୟବକ୍ତା ଓ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନ୍ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବିଡିଓ ମିଲନ କୁମାର ଝାଙ୍କର, ତହସିଲଦାର ନରସିଂଗ ଗଡ଼ବା, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ବିଭୂତି ଦାଶ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଓଡ଼ିଶୀ, ବୋଡ଼େନ ଧୋବେଇ ସେବାଶ୍ରମର ଆଦିବାସୀ ନୃତ୍ୟ, ଖଡ଼ିଆଳର ଜୟ ମାତାଦୀ ସାଂସ୍କୃତିକ ଅନୁଷ୍ଠାନର ସୁନାଦେଇ ଯାତ୍ରା, ପଲସଦା ସେବାଶ୍ରମ ବୋଡ଼େନ ଘୁଡକା ନୃତ୍ୟ, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଘୁମୁରା ପରିବେଷଣ କରାଯାଇଥିଲା।

### ଅତିରିକ୍ତ ଜିଲାପାଳଙ୍କ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ

**ଖଡ଼ିଆଳ,୧୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଶନିବାର କଲେଜ ପରିଦର୍ଶନକରି ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ସେ ମହାବିଦ୍ୟାଳୟର ଉନ୍ନତି ବିଷୟରେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମହାବିଦ୍ୟାଳୟର ଆବଶ୍ୟକତା ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପରୀକ୍ଷା ନିୟନ୍ତ୍ରକ ଆଧ୍ୟାପିକ ସୁନୀଲ କୁମାର ପାଢ଼ୀ, +୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡାଙ୍କ ସମେତ ବିଡିଓ, ତହସିଲଦାର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### କୃଷକ ରେଜିଷ୍ଟ୍ରି କାର୍ଯ୍ୟକ୍ରମରେ ଜିଲାର ଉଲ୍ଲେଖନୀୟ ପ୍ରଗତି

**ନୂଆପଡ଼ା,୧୧।୪(ମକାରୁ ବେମାଲ):** ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନାରୁ ଜଣାପଡ଼ିଥିଲା, ଡିଜିଟାଲ କ୍ରପ୍ ସର୍ଭେ ଅନ୍ତର୍ଗତ ଜିଲାରେ ୫,୫୬,୩୫୨ଟି ପ୍ଲଟ୍‌ରେ ସର୍ଭେ ସମ୍ପନ୍ନ ହୋଇ ୯୨ ପ୍ରତିଶତ ଲକ୍ଷ୍ୟ ସାଧିତ ହୋଇଛି। କୃଷକ ରେଜିଷ୍ଟ୍ରି କାର୍ଯ୍ୟକ୍ରମରେ ଜିଲା ଉଲ୍ଲେଖନୀୟ ପ୍ରଗତି କରି ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରିଛି। ୨୦୨୬ ଏପ୍ରିଲ ୮ ପର୍ଯ୍ୟନ୍ତ ୩୮,୧୦୨ ଜଣ ଚାଷୀଙ୍କ ନିବନ୍ଧନ ସମ୍ପନ୍ନ ହୋଇଛି। ବ୍ଲକ ଭିତ୍ତିକ ତଥ୍ୟ ଅନୁଯାୟୀ ବୋଡେନରେ ୪,୭୫୬, ଖଡ଼ିଆଳରେ ୭,୧୧୫, କୋମନାରେ ୮,୦୫୬, ନୂଆପଡ଼ାରେ ୭,୬୫୭ ଓ ସିନାପାଲିରେ ୧୦,୫୧୮ ଜଣ ଚାଷୀଙ୍କ ନିବନ୍ଧନ ସମ୍ପନ୍ନ ହୋଇଛି। ତଥାପି କିଛି ସମସ୍ୟା ରହିଥିବାରୁ ଏହାର ସମାଧାନକରି ନିବନ୍ଧନ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନୂଆପଡ଼ାକୁ ନମ୍ବର ୧ ସ୍ଥାନରେ ପହଞ୍ଚାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୫ଜଣ ସଫଳ ଚାଷୀ କୋମନାର ତୁଳସୀରାମ ବନଛୋର, ସିନାପାଲିର ଗଣପତି ନାୟକ, ବୋଡେନର ବନମାଳୀ ମାଝି, ଖଡ଼ିଆଳର ନମିତା ରାଉତ ଓ ନୂଆପଡ଼ାର କିରତି ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲାପାଳ ସୁର୍ମି ସୋରେନ, ସିଡିଭିଓ ସୁଖେନ୍ଦୁ ରାୟ, ଜିଲା କୃଷି ଅଧିକାରୀ ସୋମନାଥ ମହାପାତ୍ର, ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟଭୂଷଣ ନାଗ ଉପସ୍ଥିତ ଥିଲେ।

# ସୁଗମ ହେବ ଜୁନାଗଡ଼-ନବରଙ୍ଗପୁର ରେଳ ଲାଇନ

- ୨ ଜିଲାର ୧୨୩୮ ହେକ୍ଟର ଜମି ଅଧିଗ୍ରହଣ ହେବ
- ଖର୍ଚ୍ଚ ହେବ ୨୮୬୫ କୋଟି




**ଭବାନୀପାଟଣା, ୧୧।୪(ଉତ୍ତମ କୁମାର ଦାଶ)**

ପ୍ରଧାନମନ୍ତ୍ରୀ ଗତି ଶକ୍ତି ପଦକ୍ଷେପରେ କଳାହାଣ୍ଡି ଜିଲା ଜୁନାଗଡ଼ ଓ ନବରଙ୍ଗପୁର ମଧ୍ୟରେ ନିର୍ମାଣ ହେବ ୧୧୬.୨୨ କି.ମି. ନୂତନ ବ୍ରଡଗଜ ରେଳଲାଇନ। ପ୍ରାୟ ୨୮୬୫ କୋଟିରେ ଏହି ପ୍ରକଳ୍ପ ଲାଗି କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ୧୨୩୮ ହେକ୍ଟର ଜମି ଅଧିଗ୍ରହଣ ହେବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହି ପ୍ରକଳ୍ପ ଶେଷ ହେଲେ ଛତିଶଗଡ଼ର ବୈଲାଡିଲା-ରାୟପୁର ପ୍ଲାଣ୍ଟ ମଧ୍ୟରେ ୧୩୧ କି.ମି. ଦୂରତା କମିବ। ଜୟପୁର-ନବରଙ୍ଗପୁର ରେଳଲାଇନ ଜମି ଅଧିଗ୍ରହଣ ପାଇଁ ୧୦ବର୍ଷ ସମୟ ଲାଗିଥିବାରୁ ସରକାର ନବରଙ୍ଗପୁର-ଜୁନାଗଡ ରେଳପଥ ପାଇଁ ଫାଷ୍ଟଟ୍ରାକରେ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଜୁନାଗଡ଼ ତହସିଲର ୨୬୭.୧୭୧, ଧର୍ମଗଡ଼ ତହସିଲର ୧୮୮.୭୯୮ ଏକର ଓ କୋକସରା ତହସିଲର ୩୩୧.୩୯୯ ଏକର ଏଭଳି ମୋଟ ୭୮୭.୩୬୮ଏକର ଜମି ଅଧିଗ୍ରହଣ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ନବରଙ୍ଗପୁର ଜିଲାର ୩ଟି ତହସିଲ ନବରଙ୍ଗପୁର, ନନ୍ଦାହାଣ୍ଡି ଓ ପାପଡାହାଣ୍ଡିର ୨୧ ଗାଁର ୪୫୦.୪୬୪ ଏକର ଜମି ଅଧିଗ୍ରହଣ ହେବ। ନବରଙ୍ଗପୁର ତହସିଲର ୫ ଗାଁର ମୋଟ ୬୨. ୮୮୨ଏକର ଜମି ରହିଛି। ସେହିପରି ନନ୍ଦାହାଣ୍ଡି ତହସିଲର ପଡାଲଗୁଡାରେ ୨୧.୮୮୯ ଏକର, ପାପଡାହାଣ୍ଡି ତହସିଲର ୧୫ଟି ଗାଁର ସର୍ବାଧିକ ୩୬୫.୬୯୩ ଏକର ଏଭଳି ମୋଟ ୪୫୦.୪୬୪ଏକର ଜମି ଅଧିଗ୍ରହଣ ହେବ। ପାପଡାହାଣ୍ଡି ତହସିଲର ୧୫ଟି ଗାଁରୁ ୩୬୫.୬୯୩ ଏକର ବ୍ୟକ୍ତିଗତ, ୬୩.୫୪୭ ଏକର ସରକାରୀ ଓ ୩୦.୦୨୪ଏକର ଜଙ୍ଗଲ ଜମି ରେଳପଥ ଯିବ ବୋଲି ଜଣାପଡିଛି। ନୂତନ ଲାଇନ ଦ୍ୱାରା ବୈଲାଡିଲା ଲୁହାଖଣିରୁ ରାୟପୁର ଅଞ୍ଚଳର ବିଭିନ୍ନ ଇସ୍ପାତ ପ୍ଲାଣ୍ଟ ମଧ୍ୟରେ ଦୂରତା ୧୩୧ କି.ମି. ହ୍ରାସ ପାଇବ। ଜୁନାଗଡ଼ରୁ ନବରଙ୍ଗପୁର ଓ ମାଲକାନଗିରିରୁ ଭଦ୍ରାଚଳମ ମଧ୍ୟରେ ରେଳ ସଂଯୋଗ ଓଡିଶା-ଆନ୍ଧ୍ର-ତେଲେଙ୍ଗାନା-ଛତିଶଗଡ଼ ଯୋଗାଯୋଗକୁ ସୁଗମ କରିବ। ନବରଙ୍ଗପୁର-ଜୁନାଗଡ଼ ରେଳ ସଂଯୋଗ ଦ୍ୱାରା ଭୁବନେଶ୍ୱର ଏବଂ ରାୟପୁର ମଧ୍ୟରେ ଦୂରତା ହ୍ରାସ ହେବ। ସେହିପରି ନୂତନ ଲାଇନ ନବରଙ୍ଗପୁର-ଜୟପୁର ୪୧କି.ମି., ଜୟପୁର-ମାଲକାନଗିରି ୧୨୮କି.ମି., ମାଲକାନଗିରି-ପାଣ୍ଡୁରାଙ୍ଗାପୁରମ (ଭଦ୍ରାଚଳମ) ୧୭୪କି.ମି., ବିଶାଖାପାଟଣା, ଗଙ୍ଗାଭରମ ଓ କାକିନାଡା ବନ୍ଦର, ବିଶାଖାପାଟଣା-ରାୟପୁର ମଧ୍ୟରେ କଞ୍ଚାମାଲ, ଲୁହାପଥର, ଆଲୁମିନିୟମ ଓ କୋଇଲା ପରିବହନ ପାଇଁ ବିକଳ୍ପ ମାର୍ଗ ପ୍ରଦାନ କରିବ।

# ଅଭିଯୁକ୍ତ ଗିରଫ: ନଗଦ ଟଙ୍କା, ଲାପ୍‌ଟପ୍ ଜବତ

**ଜୟପାଟଣା,୧୧।୪ (ଓମ୍‌ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ନଗଦ ୮୦,୫୬୦ ଟଙ୍କା, ଗୋଟିଏ ଲାପ୍‌ଟପ୍, ଗୋଟିଏ କି-ପ୍ୟାଡ୍ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ମୁଖିଗୁଡ଼ା ପୁରୁଣା ମାର୍କେଟ ଅଞ୍ଚଳର ପରମେଶ୍ୱର ବାଗ (୨୨)। ଗତ ୭ ତାରିଖରେ ଚୋରି ନେଇ ଜୟପାଟଣାଠାରେ ଥିବା ହୋଣ୍ଡା ଶୋ'ରୁମ ମାଲିକ ଅଭିଷେକ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୬୫/୨୦୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରିଣୀ ଅର୍ଚ୍ଚନା ନାଏକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅତି କମ ସମୟ ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପରମେଶ୍ୱର ପୂର୍ବରୁ ମଧ୍ୟ କେତେକ ମାମଲାରେ ସମ୍ପୃକ୍ତ ଅଛନ୍ତି। ୨୦୨୫ ସେପ୍ଟେମ୍ବର ୨୯ରେ କଳମପୁର ଥାନା ଅନ୍ତର୍ଗତ ବିଜମରା ବିଦେଶୀ ମଦ ଦୋକାନରୁ ୮ ଲକ୍ଷ ଟଙ୍କା ଚୋରି କରିବା ସହ ସିସିଟିଭି ଭଙ୍ଗାରୁଜା ଘଟଣାରେ ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ ଥିଲେ।

# ରେଷ୍ଟୁରାଣ୍ଟରୁ ୪ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ



ସ୍କ୍ୱାଡ୍ ଦ୍ୱାରା ଜବତ ଗ୍ୟାସ୍ ସିଲିଣ୍ଡର।

**ନୂଆପଡ଼ା,୧୧।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆର ରୋଡ୍‌ସ୍ଥିତ ପାଳ ରେଷ୍ଟୁରାଣ୍ଟରେ ଘରୋଇ ଏଲ୍‌ପିଜି ସିଲିଣ୍ଡରକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ପରେ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଏହି ସମୟରେ ରେଷ୍ଟୁରାଣ୍ଟରୁ ୪ଟି ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ନୂଆପଡ଼ା ଏସିଏସ୍‌ଓ (ମୁଖ୍ୟାଳୟ) ପୂର୍ଣ୍ଣାଶା ଭୋଇ, ସଦର ଏସିଏସ୍‌ଓ ହୃଷୀକେଶ ନାଏକ ଓ ନୂଆପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଶୁଭଶ୍ରୀ ଦାସ ଏହି ସ୍କ୍ୱାଡ୍‌ରେ ସାମିଲ ହୋଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ରେଷ୍ଟୁରାଣ୍ଟ ମାଲିକଙ୍କ ଦ୍ୱାରା ଘରୋଇ ଏଲ୍‌ପିଜି ସିଲିଣ୍ଡରକୁ ବାଣିଜ୍ୟିକ କାମରେ ବ୍ୟବହାର କରାଯାଉଥିବା ସ୍ପଷ୍ଟ ପ୍ରମାଣ ମିଳିଥିଲା। ନିୟମ ଉଲ୍ଲଂଘନ ହେବାରୁ ସେଗୁଡ଼ିକୁ ଜବତ କରାଯାଇ ତଦନ୍ତ ଚାଲିଛି। ପ୍ରଶାସନ ପକ୍ଷରୁ ଏପରି ଅବୈଧ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଆଗାମୀ ଦିନରେ ଅଧିକ ଚଢ଼ାଉ ଜାରି ରହିବ ବୋଲି କୁହାଯାଇଛି। ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ନିୟମ ଅନୁସାରେ କେବଳ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାରକରିବାକୁଅନୁରୋଧକରାଯାଇଛି।

# ନୂଆପଡ଼ା ଏନ୍ଏସିରେ ସ୍ୱଗଣନା ସଚେତନତା

**ନୂଆପଡ଼ା,୧୧।୪ (ମକାରୁ ବେମାଲ )**




ସ୍ୱଗଣନା ପାଇଁ ସଚେତନ କରାଯାଉଛି।

ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱଗଣନା ସମ୍ବନ୍ଧୀୟ ସଚେତନତା ପାଇଁ ଏକ କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜନଗଣନା ଦାୟିତ୍ୱରେ ଥିବା ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏନ୍ଏସିର ସମସ୍ତ ଗଣନାକାରୀ, ସୁପରଭାଇଜର, ସ୍ୱଚ୍ଛ ସାଥୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ ଓ ପରିଷଦର ଅନ୍ୟାନ୍ୟ କର୍ମଚାରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସ୍ୱଗଣନା ପ୍ରକ୍ରିୟା, ଏହାର ଗୁରୁତ୍ୱ ଓ ଠିକ୍ ତଥ୍ୟ ସଂଗ୍ରହର ଆବଶ୍ୟକତା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରଇତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଗଣନାକାରୀଙ୍କ ଭୂମିକାକୁ ପ୍ରଶଂସାକରି ତଥ୍ୟ ସଂଗ୍ରହ ପାଇଁ ସମସ୍ତଙ୍କୁ ନିଷ୍ଠାପୂର୍ବକ କାମ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱଗଣନା ହେଉଛି ଏକ ଆଧୁନିକ ଓ ସୁବିଧାଜନକ ପ୍ରକ୍ରିୟା, ଯାହା ମାଧ୍ୟମରେ ନାଗରିକମାନେ ନିଜ ପରିବାର ଓ ବ୍ୟକ୍ତିଗତ ସୂଚନାକୁ ଜନଗଣନା ପୋର୍ଟାଲରେ ଦାଖଲ କରିପାରିବେ। ଓଡ଼ିଶାରେ ଜନଗଣନା ୨୦୨୭ ପାଇଁ ସ୍ୱଗଣନା ସୁବିଧା ୨୦୨୬ ଏପ୍ରିଲ ୧ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଖୋଲା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଘର ତାଲିକାକରଣ କାର୍ଯ୍ୟକ୍ରମ ୨୦୨୬ ଏପ୍ରିଲ ୧୬ରୁ ୧୫ ମେ ପର୍ଯ୍ୟନ୍ତ ଚାଲିବ।

### ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ତରଙ୍ଗ

**ନୂଆପଡ଼ା,୧୧।୪ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ଼ ରେଜିନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ତରଙ୍ଗ ସମ୍ଭବ ପଡିଆଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶିକା ରୀନାରାଣୀ ଜର୍ଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଡି ଭି ରମନା, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି, କୋମନା ବିଇଓ ଅନିତା ପଣ୍ଡା, ତରବୋଡ଼ ଫାଣ୍ଡି ଅଧିକାରୀ ବିନୋଦ ବିହାରୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଖଡ଼ିଆଳ ଇମ୍ପେରିଆଲ ଗ୍ରୁପ ଅଫ ସ୍କୁଲ ଅଧ୍ୟକ୍ଷ ଡ଼. ଅସିତ କୁମାର ସୁପକାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଲାଣ୍ଡ ରିଗନ ଜର୍ଜ ମଞ୍ଚ ପରିଚାଳନା କରିଥିଲେ।

# ରାଜେନ୍ଦ୍ରପୁର କପ୍ କ୍ରିକେଟ: ବନ୍ଧପାରି ଚାମ୍ପିୟନ



ଟ୍ରଫି ଗ୍ରହଣ କରିବା ଅବସରରେ ଖେଳାଳିମାନେ।

**ଲାଞ୍ଜିଗଡ଼,୧୧।୪(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରି ପଞ୍ଚାୟତ ରାଜେନ୍ଦ୍ରପୁର କ୍ରିକେଟ କମିଟି ପକ୍ଷରୁ ରାଜେନ୍ଦ୍ରପୁର କପ୍ ୨୦୨୬ ସିଜନ-୧ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବନ୍ଧପାରି ଓ ଡାଙ୍ଗବାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବନ୍ଧପାରି ଦଳ ବ୍ୟାଟିଂକରି ୧୨ ଓଭରରେ ୯ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଡାଙ୍ଗବାଡ଼ି ଦଳ ସମାନ ଓଭରରେ ୯ ଉଇକେଟ ହରାଇ ୧୦୫ରନରେ ସୀମିତ ରହିଥିଲା। ଫଳରେ ବନ୍ଧପାରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ସମାରୋହରେ ବନ୍ଧପାରୀ ସରପଞ୍ଚ ଜଗବନ୍ଧୁ ମାଝୀ ମୁଖ୍ୟ ଅତିଥି ଓ ଭୈରବ ମାଝୀ, ତ୍ରିନାଥ ଗୌଡ଼, ନରସିଂହ ଗୌଡ଼, ପଦ୍ମନ ହରିଜନ, ବିପିନ୍ଦ୍ର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶଙ୍କର ମାଝୀ, ମଣ୍ଟୁ ମାଝୀ ଓ ଦ୍ରୁବ ହରିଜନ ଖେଳ ପରିଚାଳନା କରିଥିଲେ। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୮ ଦଳ ଭାଗ ନେଇଥିଲେ।

### ମନ୍ଦିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ବୋଡ଼େନ,୧୧।୪ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର ସଭା ଗୃହଠାରେ ମନ୍ଦିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯାଦବ ସମାଜ ସଭାପତି ରାଜକିଶୋର ହେର୍ଣ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ହିତେଶ ବର୍ଗଡ଼ି ମୁଖ୍ୟ ଅତିଥି, ଉପସଭାପତି ଲମ୍ବୋଦର ନିଆଲ ମୁଖ୍ୟବକ୍ତା ଓ ସମ୍ପାଦକ ବେଦବ୍ୟାସ ନାଗ, ସହ ସମ୍ପାଦକ ସୁରେଶ ଚନ୍ଦ୍ର ବାଗ, ଯାଦବ ସମାଜ ଜିଲା ସହ ସମ୍ପାଦକ ବିଷ୍ଣୁପତି ବାଗ, ଜିଲା ଝରିଆ ସମାଜ ସଭାପତି ଦେବାକୁ ଗୁଆଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସମ୍ପାଦକ ମାଧବ ବାଗ ଅତିଥି ପରିଚୟ ଦେଇଥିଲେ। ବୈଶାଖ ମେଳାରେ ମନ୍ଦିର ପ୍ରତିଷ୍ଠା ହେବା ନେଇ ଆଲୋଚନା ହୋଇଥିଲା।

# ଥୁଆମୂଳ ରାମପୁରରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଥୁଆମୂଳ ରାମପୁର, ୧୧।୪ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଭାଗୃହରେ ଶୁକ୍ରବାର ଉନ୍ନୟନ କାର୍ଯ୍ୟକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ଲକର କାର୍ଯ୍ୟଖସଡ଼ା ପ୍ରସ୍ତୁତି ଓ ବିଭିନ୍ନ ଯୋଜନାର ସମୀକ୍ଷା କରାଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର କୌଣସି ଜେଇ ଉପସ୍ଥିତ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ, ଯେତେବେଳେ ଆମେ ପଞ୍ଚାୟତୱାରି କାର୍ଯ୍ୟର ସମୀକ୍ଷା କରୁଛୁ ସେତେବେଳେ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉତ୍ତରଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଅନୁପସ୍ଥିତିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ବ୍ଲକ୍‌ରେ କାର୍ଯ୍ୟର ମାନ କିଭଳି ରହୁଛି। ଏହି ବେପରୁଆ ମନୋଭାବ ସମ୍ପର୍କରେ ସେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ବୈଠକରେ ଜନପ୍ରତିନିଧି ଓ ଅଧିକାରୀଙ୍କ ପାଇଁ ପର୍ଯ୍ୟାପ୍ତ ଚେୟାର ବ୍ୟବସ୍ଥା ମଧ୍ୟ କରାଯାଇ ନ ଥିଲା। ଫଳରେ ଅନେକ ଲୋକ ବାଧହୋଇ ଛିଡ଼ାହୋଇ ରହିଥିଲେ। ବ୍ଲକ ପ୍ରଶାସନର ଏଭଳି ଅବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବିରିକୋଟ, ତାଲଝାପି ଓ ପୋଡ଼ାପଦର ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ହାଇସ୍କୁଲରେ ପରିଣତ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଦାବି ରଖାଯାଇଥିଲା। ଏହାସହ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗାଁ ଓ ମୁଖ୍ୟ ଛକରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ, ବିଡିଓ ଧ୍ରୁବ ଚରଣ ମୁଦୁଲି, ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସନାତନ ମହାରଣା, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ମେଡିକାଲ ଅଫିସର ପ୍ରଦ୍ୟୁମ୍ନ କୁମାର ପଣ୍ଡାଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷରେ ଆଲୋଚନାଚକ୍ର

**ଖଡ଼ିଆଳ,୧୧।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବରେ ଦୁହେଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ବାରିକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ନୂଆପଡ଼ାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସାଗରିକା ପଣ୍ଡା, ଡ. କାଜଲ ମେହେର, ଅଧ୍ୟାପକ ଡ. ମହାଦେବ ଭୋଇ, ହରିବନ୍ଧୁ ହଂସ ପ୍ରମୁଖ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧ୍ୟାପକ ବ୍ରଜମୋହନ ମେହେରଙ୍କ କୋଶଳୀ କବିତା ସଙ୍କଳନ 'କୋଶଳ ଶିରୀ' ଅଧ୍ୟକ୍ଷ ପଣ୍ଡାଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ସୁରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଭାଗ ନେଇଥିବା ଅଧ୍ୟାପିକାଅଧ୍ୟାପକ।

# ଶ୍ରୀରାମଙ୍କ ରାଜ୍ୟାଭିଷେକ ସହ ରାମଲୀଳା ଉଦ୍‌ଯାପିତ

**କର୍ଲାମୁଣ୍ଡା/ରିଷିଡ଼ା, ୧୧।୪ (ପ୍ରଦୀପ କୁମାର ସାହୁ/ସୁଶାନ୍ତ କୁମାର ମଲ୍ଲିକ)**



ରାମଲୀଳାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା କଳାକାର।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଶ୍ରୀରାମମନ୍ଦିରଠାରେ ରାମକୃଷ୍ଣ ସାଂସ୍କୃତିକ ସଂସଦ ପକ୍ଷରୁ ୧୪ଦିନ ଧରି ଚାଲୁଥିବା ରିଷିଡା ରାମଲୀଳା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ରାବଣର ପିଣ୍ଡଦହନ, ବିଭୀଷଣଙ୍କ ରାଜ୍ୟାଭିଷେକ, ସୀତାଙ୍କ ଅଗ୍ନି ପରୀକ୍ଷା, ରାମଙ୍କର ସୀତାଗ୍ରହଣ ଓ ସୈନ୍ୟ ସହ ଅଯୋଧ୍ୟା ଆସିବା, ଭରଦ୍ୱାଜ ମଠେ ଶ୍ରୀରାମଙ୍କ ଆତିଥ୍ୟ, ଭରତ ପାଛୋଟିନେବା ଓ ରାମଙ୍କର ରାଜ୍ୟାଭିଷେକ ମଞ୍ଚସ୍ଥ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ରାମସୀତାଙ୍କୁ ବନ୍ଦାପନା କରିଥିଲେ। ରାମ ଭୂମିକାରେ ଦେବବ୍ରତ ପାତ୍ର, ସୀତା ଭୂମିକାରେ ସୁରେନ୍ଦ୍ର ସାହୁ (ଉମା), ଲକ୍ଷ୍ମଣ ଭୂମିକାରେ ଦେବାଂଶୁ ପାତ୍ର, ହନୁମାନ ଭୂମିକାରେ ରଶ୍ମିରଞ୍ଜନ ଲେଙ୍କା, ସୁଗ୍ରୀବ ଭୂମିକାରେ ତେଜରାଜ ରଣା, ବିଭୀଷଣ ଭୂମିକାରେ ସୁଶାନ୍ତ ପାତ୍ର, ଭରତ ଭୂମିକାରେ ପୀତବାସ ସାହୁ, ଶତ୍ରୁଘନ ଭୂମିକାରେ ଲିପୁନ ରଣା, ଜାମ୍ବବାନ ଭୂମିକାରେ ମୁକେଶ କେଡିଆ, ମନ୍ଦୋଦରୀ ଭୂମିକାରେ ଉଜ୍ଜଳ କେଡିଆ ପ୍ରମୁଖ ଅଭିନୟ କରିଥିଲେ। ନରୋତ୍ତମ ସେଲମା ପୁରାଣପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଡମ୍ବରୁଧର ପାତ୍ର, କୁନି କଳାକାର ସାଇକ୍ରିଷ୍ଣା ସାହୁ, ଲାଇଭ ମାଷ୍ଟର କମ୍ପୁପାଣି ସାହୁ, ପେଣ୍ଟିଙ୍ଗ ମାଷ୍ଟର ତ୍ରିଲୋଚନ ବେହେରା, ବାଦ୍ୟ କଳାକାର ବିମଳ ମାଝୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁନିଲ କୁମାର କେଡିଆ, ସମ୍ପାଦକ ଭଜଶ୍ୟାମ ସାହୁଙ୍କ ତତ୍ତ୍ୱାବଧାନରେ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

**ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା**

ବରଗଡ଼(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ଶନିବାର କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ପଡ଼ାବାସୀଙ୍କ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରି ମୁଖ୍ୟ କଳସ ବହନ କରିଥିଲେ। କମଳା ସେଟ, ମିନତି ଦେବତା, ସରସ୍ୱତୀ ପ୍ରଧାନ, ହରିପ୍ରିୟା ନାୟକ ପ୍ରମୁଖ ମହିଳାବୃନ୍ଦ କଳସ ଯାତ୍ରାରେ ସାମିଲ ହୋଇ ଜୀରାନଦୀ କୂଳରୁ ଏକ ଶୋଭାଯାତ୍ରାରେ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ।

## ସଂକ୍ଷେପରେ

### ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ହୋମିଓପ୍ୟାଥି ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡା. ସୁବୋଧ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡା. ରାମକୃଷ୍ଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ହୋମିଓପ୍ୟାଥି ଔଷଧର ଉପକାରିତା ଉପରେ କହିଥିଲେ। ଡା. ଆକାଶ ଚକ୍ରବର୍ତ୍ତୀ, ଡା. ଶିଳ୍ପା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ରାବଣ ବଧ ସହ ଶ୍ରୀ ରାମଲୀଳା ଉଦ୍‌ଯାପିତ

**ବାଉଁଶୁଣୀ,୧୧।୪(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଛକରେ ୧୪ ଦିନ ଧରି ଚାଲିଥିବା ଶ୍ରୀ ରାମଲୀଳା ନାଟକ ଶୁକ୍ରବାର ବିଳମ୍ବିତ ରାତିରେ ରାବଣ ବଧ ସହ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଡିମିରିପାଲି ଛକରୁ ଶ୍ରୀରାମଙ୍କ ସମର ଶୋଭାଯାତ୍ରା ଆରମ୍ଭ ହୋଇଥିବା ବେଳେ ରାବଣଙ୍କ ସମର ଶୋଭାଯାତ୍ରା ମାଉଳୀ ମୁଣ୍ଡା ଛକରୁ ଆରମ୍ଭ ହୋଇଥିଲା। ବାଉଁଶୁଣୀ ଛକରେ ରାମ ଓ ରାବଣଙ୍କ ସୈନ୍ୟମାନଙ୍କ ମଧ୍ୟରେ ପ୍ରଥମ ଯୁଦ୍ଧ ହୋଇଥିଲା। ବିଳମ୍ବିତ ରାତିରେ ମଞ୍ଚରେ ରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ରାବଣ ବଧ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଭାଜପା ଯୁବନେତା ଓମ୍‌ପ୍ରକାଶ ମିଶ୍ର, ସୁଶାନ୍ତ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମ ଓ ରାବଣଙ୍କ ସମର ଶୋଭାଯାତ୍ରା ଓ ରାବଣ ବଧ ନାଟକ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

### ସିଏମ ଟ୍ରଫି ଫୁଟବଲ ପ୍ରତିଯୋଗିତା: କଦଳୀପାଲି, ସିମେଣ୍ଟ ନଗର ବିଜୟୀ

**ବରଗଡ,୧୧।୪(ପ୍ରେମାନନ୍ଦ ଖମାରୀ):** ଓଡିଶା ରାଜ୍ୟ ସରକାର, ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ଶନିବାର ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ରେ ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। ମହିଳା ଦଳମାନଙ୍କ ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ କଦଳୀପାଲି ଦଳ ଓ ଦ୍ୱିତୀୟ ମ୍ୟାଚରେ ସିମେଣ୍ଟ ନଗର ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ କଦଳୀପାଲି ପ୍ରତିପକ୍ଷ ଲେଣ୍ଡା ମହିଳା ଫୁଟବଲ ଦଳକୁ ୪-୦ ଗୋଲରେ ହରାଇଥିଲା। କଦଳୀପାଲି ଦଳର ସ୍ନେହା ଟିର୍କିଆ ହ୍ୟାଟ୍ରିକ ସହ ତିନୋଟି ଗୋଲ ଦେଇଥିଲେ। ଏହି ମ୍ୟାଚକୁ ପିଙ୍କି ହଂସ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚଟି ସିମେଣ୍ଟ ନଗର ଓ ସିଆଲଖଣ୍ଡତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସିମେଣ୍ଟ ନଗର ୪-୧ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୁନେନା ସୋରେନ ହ୍ୟାଟ୍ରିକ ୩ଟି ଗୋଲ ଦେଇଥିଲେ। ଖେଳକୁ ଅଜୟ ପ୍ରଧାନ ପରିଚାଳନା କରିଥିଲେ।

### ଓଡ଼ିଆ ଭାଷା, କଳା, ସଂସ୍କୃତି ଆଲୋଚନାଚକ୍ର

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହରସ୍ଥିତ ପିଏମ୍‌ଶ୍ରୀ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦଧିବାବନ ଶତପଥୀ ସଭାପତିତ୍ୱ କରିଥିଲେ। ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ଦାଶ ମୁଖ୍ୟ ଅତିଥି, ଆଇନଜୀବୀ ଯୁଗଳ ପ୍ରସାଦ ସିଂ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଗୁରୁ ଭଗବାନ ସାହୁଙ୍କ ତ୍ୟାଗ, କଠିନ ପରିଶ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାରରେ ଗୁରୁ ଭଗବାନ ସାହୁଙ୍କ ତ୍ୟାଗ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସହସମ୍ପାଦକ ଡ. ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ଉଦ୍ଧବ ଚରଣ ବେହେରା, ଶିବାନନ୍ଦ ମଟାରୀ, ଅଂଶଗ୍ରହଣ କରିଥିଲେ।

# ଧାରଣାକୁ ମାସେ ବିତିଲା, ଶୁଣୁନି ପ୍ରଶାସନ

## ଡାଲି, ଚାଉଳ ମାଗି ରୋଷେଇ କରୁଛନ୍ତି ଚାଷୀ

**ବରଗଡ଼, ୧୧।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଗତ ୭ତାରିଖରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସରିଯାଇଛି। ଅନ୍ୟପକ୍ଷେ ଆଉ ପ୍ରାୟ ମାସକ ପରେ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ବିଭାଗୀୟ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡି ଖରିଫରେ ଅମଳ ଧାନ ବିକ୍ରି କରିପାରି ନାହାନ୍ତି। ଜିଲାର ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଗ୍ରାମଗୁଡ଼ିକର ଅନେକ ଚାଷୀ ଏଭଳି ସମସ୍ୟାରେ ପଡିଛନ୍ତି। ସେମାନଙ୍କର ପ୍ରାୟ ୨୫ହଜାର ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି, ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ମାର୍ଚ୍ଚ ମାସ ୯ତାରିଖରୁ ଧାନ ଗଦା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନରାତି ଧାରଣାରେ ବସିଛନ୍ତି। ତଥାପି ସେମାନଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ଅନ୍ୟପଟେ ଧାରଣାରତ ଚାଷୀଙ୍କ ଦୁଃଖ ବଢି ଚାଲିଛି। ଝଡ଼ବର୍ଷା, କରାମାଡ, ଖରା ସତ୍ତ୍ୱେ ନିଜର ହକ୍ ଦାବିରେ ସେମାନେ ଧାରଣା ଜାରି ରଖିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଘର ଘର ବୁଲି ଡାଲି, ଚାଉଳ, ପରିବା ସଂଗ୍ରହ କରୁଛନ୍ତି ଏବଂ ଧାରଣାସ୍ଥଳରେ ରୋଷେଇ କରୁଛନ୍ତି। ଏଭଳି ଭାବେ ଧାରଣାକୁ ମାସେ ବିତିଯାଇଥିଲେ ସୁଦ୍ଧା ସରକାରୀ କଳ ସେଥିପ୍ରତି ନିର୍ବିକାର ରହିବା ବିଡମ୍ବନାର ବିଷୟ ହୋଇପଡିଛି।



ଚାଷୀମାନେ ଘର ଘର ବୁଲି ଡାଲି, ଚାଉଳ ମାଗୁଛନ୍ତି।

# ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ ଦାବି

**ପଦ୍ମପୁର,୧୧।୪(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକରେ ଗାଡ଼ି ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏଥିପାଇଁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏ ନେଇ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଗତ ତା୩।୪।୨୦୨୫ରିଖରେ ଭୁବନେଶ୍ୱରଠାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସାକ୍ଷାତ କରି ଲିଖିତ ଦାବି ଜଣାଇଥିଲେ। ଝାରବନ୍ଧ, ପାଇକମାଳ ବ୍ଲକରୁ ବରଗଡ଼ ଯିବା ପାଇଁ ପ୍ରାୟ ୧୦୦ରୁ ୧୫୦ କିଲୋମିଟର ଦୂର ପଡ଼ିଥାଏ। ଏହି ଉପଖଣ୍ଡର ଜନସାଧାରଣ ବାଇକଟିଏ କିଣିଲେ ପଞ୍ଜୀକରଣ ସକାଶେ ବରଗଡ଼କୁ ଦୌଡ଼ିଥାନ୍ତି। ଥରକେ କାଗଜପତ୍ର ହୋଇପାରୁ ନ ଥିବା ବେଳେ ବାରମ୍ବାର ଯାଇ ହଇରାଣ ହୋଇଥାନ୍ତି। ସେହିପରି ଲାଇସେନ୍ସ ପାଇଁ ଯାଉଥିବା ନୂଆ ଚାଳକ ବାରମ୍ବାର ଯାଇ ଦଲାଲ ହାବୁଡ଼ରେ ପଡି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପଦ୍ମପୁରଠାରୁ ବରଗଡ଼ ୮୦ କିଲୋମିଟର ପଡୁଥିବାରୁ ବିଭାଗ ପକ୍ଷରୁ ପଦ୍ମପୁର ଆସି ସବୁବେଳେ ଗାଡ଼ିମୋଟର ଯାଞ୍ଚ ହୋଇପାରୁନାହିଁ। ଏହି ଦୃଷ୍ଟିରୁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହେବା ସହିତ ରାଜସ୍ୱ ବୃଦ୍ଧି ପାଇବ। ତେଣୁ ସରକାର ଶୀଘ୍ର ଧ୍ୟାନ ଦେଇ ଏହି କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି ହେଉଛି।

# ବନ୍ଦେଶ୍ୱରୀ ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାବି



କମିଟି ସଦସ୍ୟ ସହିତ ଏମ୍‌ପି ପ୍ରଦୀପ ପୁରୋହିତ ଆଲୋଚନା କରୁଛନ୍ତି।।

**ପଦ୍ମପୁର,୧୧।୪(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅନ୍ତର୍ଗତ ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ତଥା ଅବ୍ୟବସ୍ଥା ସମ୍ପର୍କରେ ଅଞ୍ଚଳର ଚାରିଗୋଟି ପାଣି ପଞ୍ଚାୟତର ପ୍ରତିନିଧି ଗତ ଶୁକ୍ରବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମରୁଡିପ୍ରବଣ ଅଞ୍ଚଳର ଜୀବନ ରେଖା ସଦୃଶ ଏହି ପ୍ରକଳ୍ପଟି ୯ ଖଣ୍ଡ ଗ୍ରାମର ପ୍ରାୟ ୧୮୦୦ ହେକ୍ଟର ଜମିକୁ ଖରିଫ ଋତୁରେ ଜଳସେଚିତ କରିବାର ଧାର୍ଯ୍ୟ ରଖି ଆସୁଛି। କିନ୍ତୁ ବିଭାଗୀୟ ଉଦାସୀନତା ଯୋଗୁ ବିଗତ ଦିନରେ ପ୍ରକଳ୍ପରେ ଅନେକ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ସମସ୍ତ କେନାଲକୁ ଜଳସେଚିତ କରାଯାଇ ପାରିନାହିଁ ଏବଂ ତଳମୁଣ୍ଡର ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ମର୍ମରେ ଚାଷୀମାନଙ୍କ ତରଫରୁ ଚାରିଗୋଟି ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକ ଏମ୍‌ପିଙ୍କ ସହ ଏ ପ୍ରସଙ୍ଗରେ ଆଲୋଚନା ପୂର୍ବକ ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ବିଭାଗୀୟ ସହଯୋଗ ପାଇଁ ଏମ୍‌ପିଙ୍କୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଦାବି ହେଲା, ସୁବ୍ୟବସ୍ଥିତ ଜଳସେଚନ ପାଇଁ ସମସ୍ତ କେନାଲର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲାଇନିଂ କାମ କରିବା, ଚଳିତ ଆର୍ଥିକ ବର୍ଷରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ମରାମତି ଓ ଅତ୍ୟାବଶ୍ୟକ ନିର୍ମାଣ କାମପାଇଁ ଅନ୍ୟୂନ ୧୦କୋଟି ଟଙ୍କାର ପାଣ୍ଠି ଯୋଗାଣ, ସମସ୍ତ କେନାଲ ଆଉଟଲେଟ, ଲୁହା କବାଟ, ଆଦିର ମରାମତି କାମ ଆଗାମୀ ବର୍ଷାଋତୁ ପୂର୍ବରୁ ସମ୍ପୂର୍ଣ୍ଣ କରିବା ଏବଂ ଚଳିତ ଖରିଫଋତୁ ପୂର୍ବରୁ କ୍ଷୁଦ୍ର ଜଳସେଚନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ ମିଳିତ ସହଯୋଗରେ କେନାଲ ଆନିକଟ ଅନୁସାରେ ଆରୋଆର୍ ପ୍ରସ୍ତୁତ କରି ଜଳ ଉପଭୋକ୍ତାଙ୍କ କ୍ଷେତ୍ରରେ ଜଳକର ଲାଗୁ କରିବା ସମ୍ପର୍କିତ ଦାବିଗୁଡିକର ସମାଧାନ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଦାବିଗୁଡିକୁ ଏମ୍‌ପି ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରି ଶୀଘ୍ର ସମାଧାନ କରିବା ବୋଲି କହିଥିଲେ। ବନ୍ଦେଶ୍ୱରୀ ପ୍ରକଳ୍ପର ସମୂହ ପାଣିପଞ୍ଚାୟତ ସଦସ୍ୟମାନଙ୍କ ମଧ୍ୟରୁ କୀର୍ତ୍ତି ଚନ୍ଦ୍ର ପାଣ୍ଡେ, ଶୁକଦେବ ମେହେର, ପ୍ରଶାନ୍ତ ସାହୁ ଏବଂ କିଶୋର ଚନ୍ଦ୍ର ଦାଶ ସାଂସଦଙ୍କ ସହ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

# କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ଆଇଆଇଏଚ୍‌ଟି ପରିଦର୍ଶନ

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)**

କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଏକ ପ୍ରତିନିଧି ଦଳ ଶନିବାର ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ହ୍ୟାଣ୍ଡଲୁମ ଟେକ୍ନୋଲୋଜି (ଆଇଆଇଏଚ୍‌ଟି)କୁ ଆନୁଷ୍ଠାନିକ ପରିଦର୍ଶନରେ ଆସିଥିଲେ। ଏହି ପ୍ରତିନିଧି ଦଳରେ ଡ.ଏମ ବିନା (ବିକାଶ ଆୟୁକ୍ତ, ହ୍ୟାଣ୍ଡଲୁମ) ଏବଂ ଅମ୍ରିତ ରାଜ (ବିକାଶ ଆୟୁକ୍ତ, ହାଣ୍ଡିକ୍ରାଫ୍ଟ) ଥିଲେ। ସେମାନେ ଆଇଆଇଏଚ୍‌ଟିର ନୂତନ ସମ୍ମିଳନୀ କକ୍ଷକୁ ଉଦ୍‌ଘାଟନ କରିଥିଲେ। ଏହି ସୁବିଧା ସଂସ୍ଥାନର ଶିକ୍ଷା ଏବଂ ପ୍ରଶାସନିକ କାର୍ଯ୍ୟକ୍ରମକୁ ସୁଦୃଢ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେମାନେ କହିଥିଲେ। ଏହି ଅବସରରେ ସଂସ୍ଥାନର ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ହସ୍ତତନ୍ତରେ ପ୍ରସ୍ତୁତ ପୋଷାକ ଡିଜାଇନକୁ ମଧ୍ୟ ଉନ୍ମୋଚନ କରିଥିଲେ, ଯାହାକି ଆଗାମୀ ଶିକ୍ଷାବର୍ଷରୁ ଭାରତ ସରକାର ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ଉପଲବ୍ଧ କରାଯିବ। ଛାତ୍ରୀଛାତ୍ରମାନଙ୍କ ସହ ଏକ ବାର୍ତ୍ତାଳାପ ଅଧିବେଶନରେ ଉଦ୍‌ବୋଧନ ଦେଇ ସେମାନଙ୍କୁ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ନୂତନ କାରିଗରି, ଦକ୍ଷତା ବିକାଶ ଏବଂ ବଜାର ଉନ୍ମୁକ୍ତ ଦୃଷ୍ଟିକୋଣ ଗ୍ରହଣ କରିବା ତଥା ହସ୍ତତନ୍ତ କ୍ଷେତ୍ରରେ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ଦେଇଥିଲେ, ଯାହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇ ଭାରତର ପାରମ୍ପରିକ ଶିଳ୍ପକୁ ନୂତନ ଦିଗକୁ ନେଇଯାଇପାରିବେ। ଅତିଥିମାନେ ସଂସ୍ଥାନର ପ୍ଲେସମେଣ୍ଟ ରେକର୍ଡକୁ ପ୍ରଶଂସା କରି କହିଥିଲେ, ଏଠାର ଛାତ୍ରୀଛାତ୍ରମାନେ ପ୍ରତିଷ୍ଠିତ ସଂସ୍ଥାନରେ ରୋଜଗାରପ୍ରାପ୍ତ କରୁଛନ୍ତି, ଯାହା ଏହି ସଂସ୍ଥାନର ଗୁଣାତ୍ମକ ଶିକ୍ଷା ଓ ତାଲିମର ଏକ ଜ୍ୱଳନ୍ତ ଉଦାହରଣ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଟେକ୍ସଟାଇଲ ଡିଜାଇନର ରାଜେନ୍ଦ୍ର ସିକନ୍ଦର ଅତିଥିମାନଙ୍କୁ ସ୍ମାରକୀ ସଦୃଶ୍ୟ ଚାର୍କୋଲ ପେଣ୍ଟିଂ ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ସଂସ୍ଥାନର ନିର୍ଦ୍ଦେଶକ ବ୍ରିଜେଶ କୁମାର ଅବସ୍ଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସ୍ଥାନର ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ଉପଲବ୍ଧିର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତି କରାଯାଇଥିଲା।



କେନ୍ଦ୍ରୀୟ ପ୍ରତିନିଧି ଦଳ ଆଇଆଇଏଚଟି ପରିଦର୍ଶନ କରୁଛନ୍ତି।

### ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ, ଆଲୋଚନା ଚକ୍ର

**ପାଇକମାଳ,୧୧।୪(ବଢ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଆ ପକ୍ଷ ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଫକୀରମୋହନ ସେନାପତିଙ୍କ କଥା ସାହିତ୍ୟରେ ସାମାଜିକ ଚିତ୍ର ଶୀର୍ଷକରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମଲା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କଥା ସମ୍ରାଟ ଫକୀରମୋହନଙ୍କ ସାହିତ୍ୟ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂହ ଠାକୁର ଫକୀରମୋହନ ସାହିତ୍ୟର ସାମାଜିକ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ କୃଷ୍ଣଚନ୍ଦ୍ର ଦେବତା ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟ କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ କବିତା ଲିଖନ, ଓଡ଼ିଆ ପ୍ରବନ୍ଧ ଲିଖନ ଓ ଓଡ଼ିଆ ଗଳ୍ପ ଲିଖନ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨ଟି ଫୁଲମାଳା ବିନିମୟରେ ବାଛିଲେ ଜୀବନସାଥୀ

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)**

ବିବାହରେ ନ ଥିଲା ଯାନି ଯୌତୁକ। ନ ଥିଲା ଜାତି ଭେଦଭାବ। ବାହାରି ନ ଥିଲା ବରାତି ଶୋଭାଯାତ୍ରା। କେବଳ ୨ଟି ଫୁଲମାଳା ବିନିମୟରେ ଶନିବାର ବରଗଡ଼ ସହର ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି ଆଦର୍ଶ ଗଣବିବାହ। ୭ଯୋଡି ବରକନ୍ୟା ପରସ୍ପରକୁ ଜୀବନସାଥୀଭାବେ ଗ୍ରହଣ କରି ନେଇଥିଲେ। ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ଅବସରରେ ବାବା ସାହେବ ଆମ୍ବେଡକର ଚାରିଟେବଲ ଟ୍ରଷ୍ଟ ଆୟୋଜନ କରିଥିଲା ଏହି ନିଆରା କାର୍ଯ୍ୟକ୍ରମ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ୭ଯୋଡି ବରକନ୍ୟା ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲକୁ ପହଞ୍ଚି ଥିଲେ। ବାଜାଗଜା ସହିତ ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବନ୍ଦନା ମେହେର ଓ ହିମାଂଶୁ ଶେଖର ମେହେର କନ୍ୟା ମାତାପିତା ହୋଇଥିଲେ। ସେହିପରି ଅନ୍ନପୂର୍ଣ୍ଣା ବାରିକ ଓ ଅଚ୍ୟୁତାନନ୍ଦ ବାରିକ ବର ମାତାପିତା ହୋଇଥିଲେ। ଅତିଥି ଏବଂ ଶୁଭେଚ୍ଛୁଙ୍କ ଗହଣରେ ବିବାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରକନ୍ୟା ପରସ୍ପର ଫୁଲମାଳ ଆଦାନ ପ୍ରଦାନ କରିଥିଲେ। ବରପକ୍ଷ ଓ କନ୍ୟାପକ୍ଷ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଶୁଭେଚ୍ଛୁମାନେ ନବଦମ୍ପତିଙ୍କୁ ଆଶୀର୍ବାଦ ସହିତ ଉପହାର ଦେବା ପରେ ଆଦର୍ଶ ଗଣବିବାହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟର ଚେୟାରମ୍ୟାନ ଗୁଣମଣି ସୁନାନୀ ଅଧ୍ୟକ୍ଷତା କରିଥିବାବେଳେ ଗୁଜରାଟ ଜଳସମ୍ପଦ ବିଭାଗରେ କାର୍ଯ୍ୟରତ ଅଧିକାରୀ ରାକେଶ ଚୌହାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ନିହାଲ ସିଂ, ଲଙ୍କେଶ ରାବଣ, ସୁନିତଖ ବାଗ, ବରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଭେଡେନ ବିଡିଓ କର୍ଣ୍ଣ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୨୦ବର୍ଷ ହେଲା ଏଠାରେ ପ୍ରତିବର୍ଷ ଏଭଳି ଆଦର୍ଶ ଗଣ ବିବାହ ହୋଇ ଆସୁଛି। ଆୟୋଜକଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



ଅତିଥି, ଆୟୋଜକଙ୍କ ଗହଣରେ ନବ ଦମ୍ପତିମାନେ।

### ଜାତୀୟ ନିରାପଦ ମାତୃତ୍ୱ ଦିବସ

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ମହିଳା ସମିତି ପକ୍ଷରୁ ଶନିବାର ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଇଛି। ଏହି ଅବସରରେ ମହିଳା ସମିତିର ସଦସ୍ୟାଗଣ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ପ୍ରସୂତୀମାନଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ଆଦି ଦେବା ସାଙ୍ଗକୁ ପ୍ରସୂତିଙ୍କ ଯତ୍ନ ସମ୍ପର୍କରେ ଉପସ୍ଥିତ ପରିବାର ଜନଙ୍କୁ ସଚେତନ କରାଇଥିଲେ। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି, ଉପସଭାପତି ସସ୍ମିତା ପଟ୍ଟନାୟକ, ସହସମ୍ପାଦିକା ସୁଜାତା ପ୍ରଧାନ, କୋଷାଧ୍ୟକ୍ଷ ତନିମା ଦାଶଙ୍କ ନେତୃତ୍ୱରେ ସଦସ୍ୟାମାନେ ସେଠାକୁ ଯାଇଥିଲେ। ପ୍ରସୂତୀ ବିଶେଷଜ୍ଞ ଡା. କୁଳମଣି ନାୟକ, ଡ଼ା. କେ.ଆର.ରାଓ, ମ୍ୟାନେଜର ପ୍ରସନ୍ନ ରାଉତ, କର୍ମଚାରୀ ଜ୍ଞାନ କର ଏବଂ ବରିଷ୍ଠ ନର୍ସିଂ ତତ୍ତ୍ୱାବଧାରକ ବଳମା ଦିଦି ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ

**ବରଗଡ଼,୧୧।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ପକ୍ଷରୁ ଶନିବାର ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଛି। ବରଗଡ଼ସ୍ଥିତ ରୁହୁଣିଆ ଗ୍ରାମରେ ନର୍ସିଂ କଲେଜର ବିଏସ୍‌ସି ନର୍ସିଂ ସପ୍ତମ ସେମିଷ୍ଟରର ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଲି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା। ଚଳିତବର୍ଷ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସର ଶୀର୍ଷକ କୌଣସି ମା'ଙ୍କୁ ପଛରେ ନ ରଖି ମାତୃ ସ୍ୱାସ୍ଥ୍ୟସେବା ସମାନତା ଉପରେ ଛାତ୍ରୀଛାତ୍ରମାନେ ଏକ ନାଟକ ପ୍ରଦର୍ଶନ କରି ସ୍ୱାସ୍ଥ୍ୟଶିକ୍ଷା ପ୍ରଦାନ କରିଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଲଭଲି ମାସି ଦାସ ଏବଂ ଅନ୍ୱେଷିତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୁହୁଣିଆ ଗ୍ରାମର ଆଶାକର୍ମୀ ଏବଂ ନର୍ସିଂ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବିଶ୍ୱ ମାତୃତ୍ୱ ଦିବସରେ ରୁହୁଣିଆ ଗ୍ରାମରେ ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ର।

# ବୌଦ୍ଧ ରାମଲୀଳା: ନରାନ୍ତକ ବଧ ମଞ୍ଚସ୍ଥ

**ବୌଦ୍ଧ,୧୧।୪(ଅଜିତ କୁମାର ବାରିକ)**

ବୌଦ୍ଧ ଗଡ଼ଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ଥିଲା ଷୋଳତମ ଦିବସ। ଏହି ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ନରାନ୍ତକ ବଧ। ମହା ମାୟାବୀ ପୁତ୍ର ମହୀରାବଣ ବଧ ପରେ ରାବଣ ଚିନ୍ତିତ ହୋଇପଡ଼ିଛି। ତଥାପି ଲଙ୍କାଗଡ଼ ବୀରଶୂନ୍ୟ ହୋଇନାହିଁ, ମହୀରାବଣ ବଧ ପରେ ରାବଣକୁ ଚେତାଇ ଦେଇଛି ମାତା ନୌକେଶୀ। ଏବେବି ବଞ୍ଚିଛି ପୁତ୍ର ନରାନ୍ତକ। ଯେଉଁ ପୁଅମାନଙ୍କୁ ରାବଣ ସମୁଦ୍ରକୁ ପିଙ୍ଗି ଦେଇଥିଲା, ସେହି ପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛି ନରାନ୍ତକ। ସେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରୁ ଯୁଦ୍ଧବିଦ୍ୟା ଶିକ୍ଷା କରି ହୋଇଛି ମହାପ୍ରତାପୀ। ନରାନ୍ତକ ଭଳି ବୀର ସାରା ଜଗତରେ ନାହିଁ। ପିତା ରାବଣର ଡାକ ଶୁଣି ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇଛି ନରାନ୍ତକ। ଶେଷରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ବଧ ହୋଇଛି ଅତ୍ୟାଚାରୀ ନରାନ୍ତକ। ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ଶିରିଷ ବେହେରା, ଜନାର୍ଦ୍ଦନ ମିଶ୍ର, କାହ୍ନା ମହାପାତ୍ର, ଜିତେନ୍ଦ୍ର ମହାନ୍ତି, ସନ୍ତୋଷ ବାଘ, ଜଗଦୀଶ ବାରିକ, ଆଶୁତୋଷ ମହାପାତ୍ର, ସୁରେଶନ ମିଶ୍ର, ଶାନ୍ତନୁ ବେହେରା, ଦିବାକର ଜେନା, ନାରାୟଣ ବାରିକ୍ ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନିଶଙ୍କର ମହାପାତ୍ର ନାଟକ, ତୁଷାରକାନ୍ତ ପଟ୍ଟନାୟକ ସଙ୍ଗିତ ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ନରାନ୍ତକ ବଧ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା।

# ରାସ୍ତା ମଝିରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

## ଚାଲିଛି ରାସ୍ତା ପ୍ରଶସ୍ତୀକରଣ, ହଟୁନି ଖୁଣ୍ଟ

**ଅତାବିରା, ୧୧।୪(ଯୁଧିଷ୍ଠିର ମହାପାତ୍ର )**

ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଲିଫାର୍ମ -ଗଡମୁଣ୍ଡା କେନାଲ ରାସ୍ତାର ପ୍ରଶସ୍ତୀକରଣ କରାଯାଉଥିବାବେଳେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ହଟୁନାହିଁ। ଓଡ଼ିଶା ସରକାର ଜଳ ସମ୍ପଦ ବିଭାଗ ପକ୍ଷରୁ ବରଗଡ଼ - ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ଚକୁଲି ଫାର୍ମ ଛକରୁ ଗଡ଼ମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ଲରାସରା ମାଇନର ସିଏସିଆର ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ କାମ ସାରିବାକୁ ବସିଲାଣି। ତେବେ କେତେ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଛି କାହାକୁ ଜଣାନାହିଁ। ଅନ୍ୟ ପଟେ ପିଚୁ ରାସ୍ତା ମଝିରେ ଏବେ ବିଦ୍ୟୁତ୍ ଖୁଣ୍ଟ ଲୋକଙ୍କ ସ୍ୱାଭାବିକ ଯାତାୟତ ପାଇଁ ବାଧା ସୃଷ୍ଟି ହେବାକୁ ଯାଉଛି। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଗତ ୨୦୨୫ ଅଗଷ୍ଟ ୨୨ରେ ଏହି କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ସେତେବେଳେ ଶିଳାନ୍ୟାସ ଫଳକରେ ଥିବା ସୂଚନା ଅନୁସାରେ ଜଳ ସମ୍ପଦ ବିଭାଗ ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛି। କେତେକ ସ୍ଥାନରେ କାମ ସମ୍ପୂର୍ଣ୍ଣ ହେବାକୁ ବସିଛି, ମାତ୍ର ସମ୍ପୂର୍ଣ୍ଣ ସୂଚନା ଫଳକଟିଏ ଏଯାଏଁ ନାହିଁ। କେବଳ ଶିଳାନ୍ୟାସର ଏକ ଫଳକ ରହିଛି। ସେଥିରେ ସେଭଳି କିଛି ସୂଚନା କି ତଥ୍ୟ ନାହିଁ। କେତେ ଟଙ୍କାର ବ୍ୟୟ ଅଟକଳ ହୋଇଛି, ରାସ୍ତାର କେତେ ମିଟର ପ୍ରଶସ୍ତୀକରଣ ହେବ, କେଉଁ ଅନୁପାତରେ କାମ ହେବ, କେବେ କାର୍ଯ୍ୟ ଶେଷ ହେବ ସେ ନେଇ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ଜନସାଧାରଣ ଠିକ ତଥ୍ୟ ପାଇପାରୁ ନାହାଁନ୍ତି। ପୁଣି କେତେକ ସ୍ଥାନରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଗଛ ରହିଛି। ସେଥିମଧ୍ୟରୁ ଅନେକ ବିଦ୍ୟୁତ ଖୁଣ୍ଟ ୧୧ କେଭି ରହିଛି। ରାତ୍ର ସମୟରେ ଖୁଣ୍ଟ ବା ଗଛରେ ଧକ୍କା ହୋଇ ଦୁର୍ଘଟଣାର ଶୀକାର ହେବା ସହିତ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଅତାବିରା ବିଦ୍ୟୁତ୍ ବିଭାଗ ଏସଡ଼ିଓ ରବିନାରାୟଣ ମହାନ୍ତିଙ୍କୁ ପଚାରିବାରୁ ସମ୍ପୃକ୍ତ ବିଭାଗ ପ୍ଲାନ ଓ ଏଷ୍ଟିମେଟକୁ ଅଣଦେଖା କରୁଛନ୍ତି। ସୋମବାର ନିଜେ ଘଟଣାସ୍ଥଳ ପରିଦର୍ଶନ କରି କିଭଳି ସମସ୍ୟାର ସମାଧାନ ହେବ ପଦକ୍ଷେପ ନେବା ବୋଲି କହିଥିଲେ। ଅନ୍ୟ ପଟେ ଜଳ ସମ୍ପଦ ବିଭାଗର ଗୋଡ଼ଭଗା କେନାଲ ଏସଡ଼ିଓ ଅନୁପ ତାଣ୍ଡିଙ୍କୁ ତାଙ୍କ ମୋବାଇଲ ନମ୍ବର ୮୮୯୫୯୭୧୪୩୭ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ନ ଲାଗିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆସନ୍ତା ସୋମବାର ଅତାବିରାରେ ଜିଲାପାଳଙ୍କ ଯୁଗ୍ମ ଜଣାଶୁଣାଣି ରହିଥିବାରୁ ଏହି ଅଭିଯୋଗ ଅଣାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ସୁନ୍ଦରଗଡ,୧୧।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ରସରାଜପୁର ଫଟାଟାଙ୍ଗର ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ସୂରଜ ବାର୍ଲା(୨୨)। ସୂରଜ କାମରୁ ଫେରି ଘରୁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀକୁ ଯାଇ ଦେଖିଲା ବେଳକୁ ତୁଠରେ ତାଙ୍କର କପଡା, ସାବୁନ, ତେଲ ଶିଶି ରହିଥିଲା। ପାଣି ଭିତରେ ଖୋଜାଖୋଜି ପରେ ପାଣି ଭିତରୁ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୁନ୍ଦରଗଡ ସଦରଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମଧ୍ୟ ପ୍ରଦେଶରେ ଦେଢ଼ ଲକ୍ଷରେ ବିକ୍ରି ହୋଇଥିଲେ ଯୁବତୀ
### ଉଦ୍ଧାର ପାଇଁ ପୋଲିସର ତନାଘନା

କୁଆଁରମୁଣ୍ଡା,୧୧।୪(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ପିଟର ଦଫେଇର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ମଧ୍ୟପ୍ରଦେଶ କଟନି ଅଞ୍ଚଳରେ ବିକ୍ରି କରାଯାଇଥିବା ନେଇ ଯୁବତୀଙ୍କ ମା'ଅଭିଯୋଗ ଅନୁସାରେ ବୀରମିତ୍ରପୁର ପୋଲିସ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମାମଲା( ନଂ.୧୫୭/୨୬) ରୁଜୁ କରିଛି। ଏହାସହ ଯୁବତୀଙ୍କୁ ଉଦ୍ଧାର କରିବା ପାଇଁ ଆଇଆଇସି ରାମପ୍ରସାଦ ନାଗଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ମଧ୍ୟ ପ୍ରଦେଶ ଯାଇଥିବା ଆଇଆଇସି ନାଗ ସୂଚନା ଦେଇଛନ୍ତି। ଖୁବ ଶୀଘ୍ର ଯୁବତୀଙ୍କୁ ଉଦ୍ଧାର କରାଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି। ସୂଚନା ଥାଉକି,ରାଉରକେଲା ଅଞ୍ଚଳରେ ଭଲ କାମରେ ଲଗାଇଦେବ ବୋଲି କହି ବୀରମିତ୍ରପୁର ଅଞ୍ଚଳର ଜଣେ ମହିଳା ଯୁବତୀଙ୍କୁ ରାଉରକେଲା ଅଞ୍ଚଳର ଯୁବକଙ୍କ ସହ ମଧ୍ୟପ୍ରଦେଶ କଟନିକୁ ପଠାଇ ଦେଇଥିଲେ। ସେଠାରେ ଯୁବକ ଜଣକ ଦେଢ଼ ଲକ୍ଷ ଟଙ୍କାରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଉକ୍ତ ଯୁବତୀଙ୍କୁ ବିକ୍ରି କରି ପଳାଇ ଆସିଥିଲେ। ହେଲେ ୩ ମାସ ପରେ ଅର୍ଥାତ୍ ଗତ ବୁଧବାର ବିକ୍ରି ହୋଇଥିବା ଯୁବତୀ କୌଶଳକ୍ରମେ ତାଙ୍କ ମା'ଙ୍କୁ ଫୋନ କରି ସେଠାରେ ନିର୍ଯାତନାର ଶିକାର ହେଉଥିବା ବିଷୟ କହିଥିଲେ। ଏହାପରେ ତାଙ୍କ ମା' ବୀରମିତ୍ରପୁର ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ଝିଅକୁ ଉଦ୍ଧାର ପାଇଁ ଲିଖିତ ଏତଲା ଦେଇଛନ୍ତି।

### ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର

ଲହୁଣୀପଡା,୧୧।୪(ଦାଶରଥି ପଣ୍ଡା)

ଓଡ଼ିଆ ପକ୍ଷ ପାଳନ ଅବସରରେ ଲହୁଣୀପଡା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଚୂଡାମଣି ସାହୁଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୧୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବଣେଇ ଉପଖଣ୍ଡ ଡାକ୍ତରଖାନାର ଡା. ଅନିରୁଦ୍ଧ ବେହେରା, ଅଞ୍ଜନା ମାହାନ୍ତ, ରମାକାନ୍ତ ପାତ୍ର, ଭୀମସେନ ପାତ୍ର, ଇନ୍ଦ୍ରଜିତ ପ୍ରଧାନ, ସେଖ ମୁଜାଫର ସାବା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପକ ନୀହାର ରଞ୍ଜନ ମାହାନ୍ତ, ଶରତ ମାହାନ୍ତ ଓ ଡିଗ୍ରୀ ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସହଯୋଗରେ ରକ୍ତଦାନ ଶିବିର ହୋଇଥିଲା।

# ବରଦାସ୍ତ କରାଯିବନି ଜନଜାତି ସଂଗ୍ରାମୀଙ୍କୁ ଉପେକ୍ଷା

ସୁନ୍ଦରଗଡ଼,୧୧।୪(ଜୟ ନାରାୟଣ ମେଣ୍ଡୁଲି)



ଅଖଣ୍ଡ ଭୂୟାଁ ସମାଜର ବାର୍ଷିକ ଉତ୍ସବର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

**୩୯ତମ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହାସଭା ଉଦ୍‌ଘାଟିତ**

ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ୩୯ତମ ମହାସଭା ଶନିବାର ସ୍ଥାନୀୟ ମାଦ୍ରୀ କାଲୋ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୨ ଦିନିଆ ବାର୍ଷିକ ମହାସଭାର ପ୍ରଥମ ଦିବସରେ ଇଷ୍ଟ ଦେବୀ ଦୁର୍ଗାଙ୍କ ପୂଜା ପରେ କେନ୍ଦ୍ରୀୟ ସଭାପତି ଓ ଜିଲା ସଭାପତି ଭୂୟାଁ ଜାତିର ପତାକା ଉତ୍ତୋଳନ କରିଥିଲେ। ଏହାପରେ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଉପ ବାଚସ୍ପତିଙ୍କ ସଚିବ ନିରଞ୍ଜନ ସା, କେନ୍ଦ୍ର କମିଟି ସଭାପତି ମେଘନାଦ ନାଏକ, ଜିଲା ସଭାପତି ଉଦିତ ଅମାତ, ଅଭ୍ୟର୍ଥନା ସମିତି ଉପଦେଷ୍ଟା ରବି ରତ୍ନ ପଟେଲ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଅମାତ, କେନ୍ଦ୍ର କମିଟି ସମ୍ପାଦକ ରାମଚନ୍ଦ୍ର ଅମାତ, କେନ୍ଦ୍ର ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦେହୁରୀ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଉପଦେଷ୍ଟା ରବି ରତ୍ନ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲା ସଭାପତି ଉଦିତ ଅମାତଙ୍କ ଉଦ୍‌ଘାଟନୀ ଅଭିଭାଷଣ ପରେ ସମାଜର ବରିଷ୍ଠ ସାମାଜିକ ବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତାମାନେ ବିଶେଷକରି ନାରୀ ଶିକ୍ଷା, ସମାଜର ମୁଖ୍ୟ ସ୍ରୋତରେ ଯୁବ, ମହିଳାଙ୍କ ଭାଗୀଦାରି, ଭୂୟାଁ ସମାଜ ସଂସ୍କୃତି, ପରମ୍ପରାର ସୁରକ୍ଷା, ଖଣ୍ଡାୟତ ଭୂୟାଁ ପ୍ରସଙ୍ଗ, ଜିଲାର ବିସ୍ଥାପିତ ପ୍ରସଙ୍ଗ ସହ ବୀର ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରସଙ୍ଗ ସହ ମଦ ମୁକ୍ତ ସମାଜ ଗଠନ, ଶିକ୍ଷାକୁ ପ୍ରାଥମିକତା, ସମାଜର ଜନଜାତି ସଂସ୍କୃତିକୁ ଉଦ୍ଧାର ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ବୀର ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ନ ଦେବା ଏବଂ ସୁନ୍ଦରଗଡ଼ ଜିଲାର ଜନଜାତି ସଂଗ୍ରାମୀଙ୍କୁ ଉପେକ୍ଷାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦିଆ ଯାଇଥିଲା। ସମସ୍ତ ଜନଜାତି ଏକଜୁଟ ହୋଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଦାବି ଉଠିଥିଲା। କେନ୍ଦ୍ର କମିଟି ସମ୍ପାଦକ ରାମଚନ୍ଦ୍ର ଅମାତ ମଞ୍ଚ ପରିଚାଳନା କରିଥିବା ବେଳେ ସବଡେଗା ବ୍ଲକ ବରିଷ୍ଠ ସଦସ୍ୟ ରତ୍ନାକର ନାଏକ, ଟାଙ୍ଗରପାଲି ସଭାପତି ସୋନୁ ନାଏକ, ବାଲିଶଙ୍କରା ବ୍ଲକର ବିଶିଷ୍ଟ ଭିତ୍ରିଆ, ଭୋଜରାଜ ଡନସନା, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଜିଲା ସାଧାରଣ ସମ୍ପାଦକ ଗଣେଶ୍ୱର ନାଏକ, ପୂର୍ଣ୍ଣଚନ୍ଦ୍ର ଗୁରୁ, ପାଇକପରା କମିଟି ସଭାପତି ଅଶୋକ ଅମାତ, ମହିଳା ସଙ୍ଗଠନର ସଂଗୀତା ପ୍ରଧାନ, ଲେଫ୍ରିପଡ଼ା ସଭାପତି ରବି ରତ୍ନ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ର କମିଟି ସଦସ୍ୟ ପଦ୍ମଲୋଚନ ନାଏକ, ଶ୍ରୀକାନ୍ତ ମାଝୀ, ଗୋବର୍ଦ୍ଧନ ନାଏକ, କ୍ଷେତ୍ର ମଣି ନାଏକ, ବିଶ୍ୱନାଥ ନାଏକଙ୍କ ସହ ଯୁବ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଡ଼କ ଦୁର୍ଘଟଣାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ନେତାଙ୍କ ମୃତ୍ୟୁ
# ସଂଘ କର୍ମକର୍ତ୍ତାଙ୍କ ଶୋକ ପ୍ରକାଶ

ସୁନ୍ଦରଗଡ ୧୧।୪,(ଜୟ ନାରାୟଣ ମେଣ୍ଡୁଲି)



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କୋଷାଧ୍ୟକ୍ଷ ତଥା ରାଉରକେଲା ଡିଭିଜନର ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକଙ୍କ ଶନିବାର ବାଇକ ଦୁର୍ଘଟଣାରେ ପରଲୋକ ଘଟିଛି। ସେ ବାଇକ ଯୋଗେ ସବଡେଗାରୁ ବଡଗାଁର ନିଜର କର୍ଯ୍ୟକ୍ଷେତ୍ରରୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁଃଖଦ ଖବର ଜଣାପଡ଼ିବା ପରେ ସଂଘ ଏବଂ ସବଡେଗାର ବାଲିଶଙ୍କରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କ୍ଷେତ୍ରଚନ୍ଦ୍ର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଜଣେ ଟାଣୁଆ ନେତା ଥିଲେ। ସଂଘର ରାଜ୍ୟସ୍ତରୀୟ କୋଷାଧ୍ୟକ୍ଷ ତଥା ରାଉରକେଲା ଡିଭିଜନର ସମ୍ପାଦକ ଥିଲେ । ତାଙ୍କ ପରଲୋକରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ସଂଘ ଜଣେ ଟାଣୁଆଁ, ନିର୍ଭିକ, ସାହସୀ ତଥା ବିଶିଷ୍ଟ ସଙ୍ଗଠକଙ୍କୁ ହରାଇଲା। ତାଙ୍କର ବିୟୋଗ ସଂଘ ପ୍ରତି ଓ ସାମାଜିକ ଜୀବନରେ ଦାରୁଣ ଆଘାତ ଏବଂ ଅପୂରଣୀୟ କ୍ଷତି । ତାଙ୍କ ବିୟୋଗରେ ସଂଘର ଉପସଭାପତି ଗୋକୁଳ ମେହେର ଓ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ମହମ୍ମଦ ମୁର୍ତ୍ତୁଜା ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ତାଙ୍କର ଆତ୍ମାର ସଦ୍‌ଗତି କାମନା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

# ଜିଲାର ବିକାଶ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିବା ନେଇ ଉଦ୍‌ବେଗ

ସୁନ୍ଦରଗଡ,୧୧।୪(ଜୟ ନାରାୟଣ ମେଣ୍ଡୁଲି)



- ସିପିଆଇ ଜିଲା କାର୍ଯ୍ୟକାରୀ କମିଟି ବୈଠକ
- ଆନ୍ଦୋଳନ ପାଇଁ ସଜବାଜ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ସୁନ୍ଦରଗଡ ଜିଲା ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ସାଥୀ ମାତିଲଦା କୁଲୁଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଦିବଙ୍ଗତ ସାଥୀ ମାୟାଧର ବୁଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନିକଟରେ ରାଉରକେଲା ଓକିଲ ସଂଘ ନିର୍ବାଚନରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ସାଥି ସଦାନନ୍ଦ ସାହୁଙ୍କୁ ପାର୍ଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଖଣିଜ ସମ୍ପଦଭରା ସୁନ୍ଦରଗଡ ଜିଲାର ବିକାଶ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଥିବା ବେଳେ ଦିନକୁ ଦିନ ଜନ ସମସ୍ୟା ବଢ଼ି ଚାଲିଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବ୍ୟାପକ ଖଣି ଓ ଶିଳ୍ପ ସଂସ୍ଥା ଥିବା ସତ୍ତ୍ୱେ ଏହି ଜିଲାରେ ବ୍ୟାପକ ବେକାରୀ ସମସ୍ୟା ସାଙ୍ଗକୁ ଦାଦନ ସମସ୍ୟା ଲାଗି ରହିଛି। ଆଦିବାସୀ ମାନଙ୍କୁ ସରକାର ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ବିଳମ୍ବ କରୁଛନ୍ତି। ହେଲେ ଘରୋଇ କମ୍ପାନୀମାନଙ୍କୁ ଅତି ସହଜରେ ମୂଲ୍ୟବାନ ଜଙ୍ଗଲ ଜମି ଯୋଗାଇ ଦିଆଯାଉଛି ବୋଲି ବୈଠକରେ ଅଭିଯୋଗ ହୋଇଛି। ଗ୍ରାମସଭାର ନିଷ୍ପତ୍ତିକୁ ବେଖାତିର କରି ମନଇଚ୍ଛା ପୁଞ୍ଜିପତି ଓ ଘରୋଇ କମ୍ପାନୀ ଗୁଡିକ ସପକ୍ଷରେ କାମ କରାଯାଉଛି। ସେହିପରି ଜିଲାର ବିଶେଷ କରି ଅବାଧ ମଦ କାରବାର, ପାନୀୟ ଜଳ ସଙ୍କଟ ରୋକିବାରେ ସରକାର ବିଫଳ ହୋଇଛନ୍ତି। ଏଣୁ ସ୍ଥାଣୁ ପାଲଟି ଥିବା ଜିଲାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାପାଇଁ ସରକାର ଯଥା ଶୀଘ୍ର ତତ୍ପରତା ପ୍ରକାଶ ନ କଲେ ଆଗାମୀ ଦିନରେ ସିପିଆଇ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଅଶୋକ କୁମାର ଦାଶ, ଜିଲା ସହସମ୍ପାଦକ ଶୁକଦେବ ପ୍ରଧାନ, ରାଜେନ୍ଦ୍ର ନାଏକ, ସନ୍ତୋଷ ଆଚାର୍ଯ୍ୟ, ରାଧେଶ୍ୟାମ ଗର୍ଡିଆ, ଦଶରୁ କିସାନ, ମମତା ସା ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ୟା ସନ୍ତାନ ଜନ୍ମକଲେ ନାବାଳିକା

ବଡ଼ଗାଁ,୧୧।୪(ଅଶୋକ ଷଡଙ୍ଗୀ)

**ଅଭିଯୁକ୍ତ ଗିରଫ**

ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଜଣେ ନାବାଳିକା ଏକ କନ୍ୟା ସନ୍ତାନ ଜନ୍ମ କରିଥିଲେ। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ସୁନ୍ଦରଗଡ଼ ପୋଲିସକୁ ସୂଚନା ଦେଇଥିଲେ। ଏସମ୍ପର୍କରେ ବଡ଼ଗାଁ ପୋଲିସ ସୂଚନା ପାଇବା ପରେ ପୋକ୍‌ସୋ ଆକ୍ଟରେ ଏକ ମାମଲା ନଂ.୬୫/୨୬ ରୁଜୁ କରି ନାବାଳିକାଙ୍କୁ ଗର୍ଭବତୀ କରିଥିବା ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଯୁବକ ହେଲେ ବଡ଼ଗାଁ ଥାନା ଅନ୍ତର୍ଗତ ଖର୍ଲା ଗ୍ରାମର ଦୀପକ ଗୁଡିଆ (୩୨)। ଘଟଣା ଅନୁଯାୟୀ, ଦୀପକ ନାବାଳିକାଙ୍କୁ ନେଇ ଶୁକ୍ରବାର ସୁନ୍ଦରଗଡ଼ ଡାକ୍ତରଖାନାର ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। କିଛି ଘଣ୍ଟା ପରେ ନାବାଳିକାଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ପ୍ରସୂତିକାଳୀନ ସହାୟତା ପାଇବା ପାଇଁ ତାଙ୍କର ପଞ୍ଜୀକରଣ ବେଳେ ସେ ନାବାଳିକା ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷ ସୁନ୍ଦରଗଡ଼ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ବଡ଼ଗାଁ ପୋଲିସ ନାବାଳିକାଙ୍କୁ ସୁନ୍ଦରଗଡ଼ ଶକ୍ତି ଗୃହରେ ରଖାଇବା ସହିତ ଦୀପକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି।

### ଲଘୁ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟା
# ମନମୋହିଲା ଓଡ଼ିଆ, ସାନ୍ତାଳୀ ନାଟକ


ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କଳିଙ୍ଗ କଳା ପରିଷଦ ପକ୍ଷରୁ ଚାଲିଥିବା ଆନ୍ତଃ ବିଦ୍ୟାଳୟସ୍ତରୀୟ ଲଘୁ ନାଟ୍ୟ ମହୋତ୍ସବର ଶନିବାର ୪ର୍ଥ ସନ୍ଧ୍ୟାରେ ଗୁରୁ ଗୋମକେ ସାନ୍ତାଳୀ ବିଦ୍ୟାଳୟର ଛାତ୍ରୀଛାତ୍ର ସାନ୍ତାଳୀ ନାଟକ 'ବୀରବୁରୁ ଦାରେ ନାଣୀ ଦ ଏକୟ ଲାଗିଦ' ଏବଂ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର 'ଦୁଇ ବଉଳ' ପରିବେଷଣ କରିଥିଲେ। ନାଟ୍ୟ ମହୋତ୍ସବ ସଭାରେ ପରିଷଦ ସଭାପତି ପି. କେ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଉମାକାନ୍ତ ବିଶୋଇ ଓ ଉପଦେଷ୍ଟା ଶକ୍ତି ପ୍ରସାଦ ସାମନ୍ତରାୟ ମଞ୍ଚ ସଂଯୋଜନା କରିଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା ଏବଂ କୁମାର ଦେବ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଆର୍‌ଏସ୍‌ପି ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଓ ଇସ୍ପାତ ସାହିତ୍ୟ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ସାନ୍ତାଳୀ ନାଟକଟି ପରିବେଶ ସୁରକ୍ଷା ଆଧାରିତ ଥିଲା। ପ୍ରାଚୀନ ଯୁଗରେ ଯେଭଳି ଲୋକମାନେ ବୃକ୍ଷଲତାକୁ ପୂଜାର୍ଚ୍ଚନା କରି ଆମ ପରିବେଶକୁ ସୁରକ୍ଷିତ ଓ ସଂରକ୍ଷିତ ରଖୁଥିଲେ, ତାହା ବର୍ତ୍ତମାନ ସମୟରେ ଆଖି ଆଢୁଆଳରେ ହଜିଯାଉଛି। ମଣିଷ ଆଧୁନିକତାର ମୋହରେ ପଡି ଯେଭଳି ବୃକ୍ଷରାଜିକୁ କାଟି କୃତ୍ରିମ କଂକ୍ରିଟ ରାସ୍ତା, ଚାକ୍ୟଚକ୍ୟ ଭରା କୋଠାବାଡି ଏବଂ କଳକାରଖାନାମାନ ସ୍ଥାପନ କରି ଚାଲିଛି ତାହା ମାନବ ସଭ୍ୟତା ପାଇଁ କେତେ କ୍ଷତିକାରକ ତାହା ଉପରେ ନାଟକ ଗତିଶୀଳ ହୋଇଥିଲା। ସେହିପରି ଦୁଇ 'ବଉଳ ନାଟକ'ଟି ଧର୍ମ, ଜାତି ଓ ଉଚ୍ଚନୀଚ ଭାବନାରେ ମଣିଷ ମଣିଷ ମଧ୍ୟରେ କିଭଳି ହିଂସା ଓ ଶତ୍ରୁତା ଭାବନା ସୃଷ୍ଟି ହେଉଛି। ଏହାଦ୍ୱାରା କିଭଳି ମଣିଷ ମଣିଷ ମଧ୍ୟରେ ଥିବା ଆନ୍ତରିକତା ଅବକ୍ଷୟ ହେଉଛି ଏବଂ ଧାର୍ମିକ ଉଗ୍ରତା ବୃଦ୍ଧିପାଇଛି, ପ୍ରେମ ଓ ମମତା ହ୍ରାସ ପାଇବା ସହ ଶତ୍ରୁତା ସୃଷ୍ଟି ହେଉଛି ଏବଂ ଧନଜୀବନ ନଷ୍ଟ ହେଉଛି ତାହାର ନିଚ୍ଛକ ଦୃଶ୍ୟ ଦେଖାଇଥିଲା ନାଟକ 'ଦୁଇ ବଉଳ'।

# ଅଗ୍ନିଶମ ସେବା ସପ୍ତାହରେ ଭଲିବଲ୍, ସନ୍ତରଣ, କୁଇଜ୍ ପ୍ରତିଯୋଗିତା

ରାଉରକେଲା,୧୧।୪(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଏସ୍‌ପିରେ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ଇସ୍ପାତ ଷ୍ଟାଡିୟମ୍‌ରେ ଏକ ତିନି ଦିନିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଏଥିରେ ଅଗ୍ନିଶମ ସେବା ବିଭାଗର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆର୍‌ଏସ୍‌ପି ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି. କାନେକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ଅଗ୍ନିଶମ ସେବା ବିଭାଗ ଜିଏମ ପି. ଏସ୍. ଠାକରେ ଓ କାରଖାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଏସ୍. ଏସ୍. ରାୟଚୌଧୁରୀ, ମେକାନିକାଲ୍ ବିଭାଗର ସିଜିଏମ୍ ଡି. କେ. ପାଲୋ ବିଶେଷ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚ୍‌ରେ ରୋଲିଂ ମିଲ୍ ଅଗ୍ନିଶମ ଷ୍ଟେଶନ ଦଳ ବିଜେତା ହୋଇଥିଲାବେଳେ କେନ୍ଦ୍ରୀୟ ଅଗ୍ନିଶମ ଷ୍ଟେଶନ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ସମାରୋହରେ ସମ୍ମାନିତ କରାଯିବ। ଏହି ଅବସରରେ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶାହବାଜ ଠାକୁର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଅଗ୍ନିଶମ ସେବା ବିଭାଗର ଡିଜିଏମ୍ ଏମ୍. ଆଇ. ସୋନକୁସାରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଦୀପ ରେଙ୍ଗା ଏବଂ ଲିଡିଂ ଫାୟାର ଅପରେଟର ଡି. ଡି. ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଆଇଜିଏଚ୍ ସହିତ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏଥିରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ରାଉରକେଲା କ୍ଲବରେ ଅଗ୍ନିଶମ ସେବା ବିଭାଗ କର୍ମଚାରୀଙ୍କ ପାଇଁ ଏକ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୪୦ ବର୍ଷରୁ କମ୍, ୪୦ ବର୍ଷରୁ ଅଧିକ ଏବଂ ପୂର୍ବତନ କର୍ମଚାରୀଙ୍କ ପାଇଁ ତିନୋଟି ଭିନ୍ନ ବର୍ଗରେ ଅଧିକାରୀଙ୍କ ସମେତ ୨୫ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ପ୍ଲାଣ୍ଟର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୧୬୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବଣାଇଁ,୧୧।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅନ୍ତର୍ଗତ କଷଡା ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରୀତମ ମୁଣ୍ଡା (୪)। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମତୀ ମୁଣ୍ଡା ଓ ଶ୍ୟାମସୁନ୍ଦର ମୁଣ୍ଡାଙ୍କ ୪ ବର୍ଷର ପୁଅ ପ୍ରୀତମ ପୂର୍ବାହ୍ନରେ ଅଙ୍ଗନୱାଡିରୁ ଫେରି ଘରେ ଥିଲେ। ପରେ ଖେଳିବା ପାଇଁ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିବାରୁ ଶ୍ରୀମତୀ ବହୁ ଖୋଜାଖୋଜି କରିଥିଲେ। ଗୃହଠାରୁ ଅନତି ଦୂରରେ ଥିବା ପୋଖରୀରେ ପୁଅର ଚପଲ ଭାସୁଥିବା ଦେଖି ସେ ପୋଖରୀରେ ଖୋଜିଥିଲେ। ପ୍ରୀତମ ପୋଖରୀ ଭିତରେ ପଡ଼ିଥିବା ଦେଖି ସମସ୍ତଙ୍କୁ ଡାକି ଉଦ୍ଧାର କରିବା ପରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ନାତକ କଲେଜରେ ଓଡ଼ିଆ ପାଠଚକ୍ର, ବରପୁତ୍ରଙ୍କୁ ମାଲ୍ୟାର୍ପଣ




ବଡ଼ଗାଁ,୧୧।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସ୍ନାତକ ମହାବିଦ୍ୟାଳୟରେ ଶନିବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ସାହିତ୍ୟର ବୁଦ୍ଧିମନ୍ତ ପ୍ରତିଭା ସନ୍ଦର୍ଭରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ବକ୍ତାଭାବେ ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ପୃଷ୍ଟି ଯୋଗଦେଇ ଓଡ଼ିଆ ସାହିତ୍ୟର ଇତିବୃତ୍ତ ଆଲେଖ୍ୟ ଉପରେ ଯୋଗଜନ୍ମା ବରେଣ୍ୟ କବି, ଲେଖକ, ଗାଳ୍ପିକ ଓ ଆଲୋଚକଙ୍କ କୃତିକୁ ନେଇ ବଳିଷ୍ଠ ଆଲୋଚନା ଉପସ୍ଥାପନ କରିଥିଲେ। ସେ ତାଙ୍କର ବକ୍ତବ୍ୟରେ ଓଡ଼ିଆ ସାହିତ୍ୟର ପ୍ରାଚୀନତା ଓ ଶାସ୍ତ୍ରୀୟତାକୁ ଦାର୍ଶନିକ ଦୃଷ୍ଟିକୋଣରୁ ବର୍ଣ୍ଣନା କରିଥିଲେ। ଆରମ୍ଭରେ କଲେଜର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଆଲୋଚନାଚକ୍ର ମାଧ୍ୟମରେ ଓଡ଼ିଆ ସାହିତ୍ୟର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଓଡ଼ିଆ ପକ୍ଷ ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ବିଶି ମଞ୍ଚ ପରିଚାଳନା କରିଥିଲେ। ଆଲୋଚନାଚକ୍ର ପୂର୍ବରୁ ସମବେତ ଭାବେ ସମସ୍ତ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇ ତହସିଲ ଅଫିସ ପରିସରରେ ଥିବା ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ଯୋଗଦେଇ ବ୍ୟାସକବିଙ୍କୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଥମ ସଙ୍କଳକ, ସଂଗ୍ରାହକ ଏବଂ ସଂସ୍କାରକ ବୋଲି କହିଥିଲେ। ତାଙ୍କ ବକ୍ତବ୍ୟରେ ସେ ରେବତୀ ଗଳ୍ପର କାଳଜୟୀ ବାର୍ତ୍ତାକୁ ପୂର୍ଣ୍ଣ ବିଦିତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବ ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଅଧ୍ୟାପିକା ମାଳବିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ମଞ୍ଚରେ ଚମକିଲା ଗ୍ରୀନ୍ ମେମୋରୀ କ୍ୟାମ୍ପେନ

ସୁନ୍ଦରଗଡ,୧୧।୪(ଜୟ ନାରାୟଣ ମେଣ୍ଡୁଲି)


ଜାତୀୟ ମଞ୍ଚରେ ସାମିଲ ହୋଇଥିବା ଗ୍ରୀନ ମେମୋରୀ କ୍ୟାମ୍ପେନର ଆବାହକ ଦିଗାମ୍ବର ଉପାଧ୍ୟାୟ।

ଗ୍ରୀନ୍ ମେମୋରୀ କ୍ୟାମ୍ପେନ ମଣିଷ ସମାଜକୁ ପରିବେଶ ସୁରକ୍ଷା ପ୍ରତି ସଚେତନ କରିବାର ଏକ ଅଭିନବ ପରମ୍ପରା। ବ୍ୟକ୍ତିଗତ ସ୍ତରରେ ହେଉ ବା ଗୋଷ୍ଠୀଗତ ସ୍ତରରେ ବିଭିନ୍ନ ସ୍ମରଣୀୟ ଦିବସ ଯଥା ଜନ୍ମଦିନ, ବିବାହ ବାର୍ଷିକୀ, ନୂତନ ଗୃହ ଆରମ୍ଭ, ନୂତନ ଯାନବାହନ କ୍ରୟ, ବିଭିନ୍ନ ପରୀକ୍ଷାରେ ସଫଳତା, ମୃତ ପ୍ରିୟଜନଙ୍କ ସ୍ମୃତି ତଥା ବିଭିନ୍ନ ପାରିବାରିକ ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିବା ନିମନ୍ତେ ଗୋଟିଏ ଲେଖାଏ ଗଛ ଲଗାଇବା ଓ ଆଜୀବନ ଏହାର ସୁରକ୍ଷା ସୁନିଶ୍ଚିତ କରିବା ହେଉଛି ଏହି ଅଭିଜାନର ମୂଳ ଲକ୍ଷ୍ୟ। ସୁନ୍ଦରଗଡର ବରିଷ୍ଠ ସମାଜସେବୀ ତଥା ପରିବେଶବିତ ଦିଗାମ୍ବର ଉପାଧ୍ୟାୟ ୨୦୨୩ ଅଗଷ୍ଟ ୨୨ରେ ନିଜ ପୁଅର ଜନ୍ମଦିନରେ ଆରମ୍ଭ କରିଥିଲେ ଏହି ଅନନ୍ୟ ଅଭିଯାନ ଗ୍ରୀନ ମେମୋରୀ କ୍ୟାମ୍ପେନ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ପ୍ରତ୍ୟକ୍ଷ ସହଯୋଗ ଓ ମାର୍ଗଦର୍ଶନ ଦ୍ୱାରା ଏହି ଗ୍ରୀନ ମେମୋରୀ କ୍ୟାମ୍ପେନ ବର୍ତ୍ତମାନ ଓଡ଼ିଶାର ଆଠଟି ଜିଲାକୁ ବ୍ୟାପିବା ସହିତ ରାଜ୍ୟ ବାହାରେ ମଧ୍ୟ ଲୋକପ୍ରିୟତା ହାସଲ କଲାଣି। ଏ ପର୍ଯ୍ୟନ୍ତ ଏହି ଅଭିଯାନରେ ୨୯୧୩୨ ଚାରା ରୋପଣ ହୋଇସାରିଥିବା ବେଳେ ନିକଟ ଅତୀତରେ ରାଜ୍ୟ ବାହାରେ ତଥା ବିଦେଶ ମାଟି ଥାଇଲାଣ୍ଡରେ ମଧ୍ୟ ଏହାର କାୟା ବିସ୍ତାର କରିବାରେ ସଫଳ ହୋଇଛି । ସ୍ଥାନୀୟ ଯୁବକମାନଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ଯୋଡ଼ାଯାଇଛି। ସେହିପରି ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପରିବେଶ ପ୍ରତି ଦାୟିତ୍ୱବୋଧ ଉତ୍ପନ୍ନ କରାଯାଉଛି। ଶନିବାର ଜାତୀୟ ସ୍ତରୀୟ ଫୋରମ କମନ ଗ୍ରାଉଣ୍ଡ ତରଫରୁ ଆୟୋଜିତ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଶେୟାରିଂ ସ୍ପେସରେ ଶନିବାର ଗ୍ରୀନ ମେମୋରୀ କ୍ୟାମ୍ପେନର ସଫଳ କାହାଣୀ ପ୍ରଦର୍ଶିତ ହୋଇଥିଲା। ଗ୍ରୀନ ମେମୋରୀ କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ କମନ ଗ୍ରାଉଣ୍ଡ ତରଫରୁ ଆୟୋଜିତ ଶେୟାରିଂ ସ୍ପେସର ଜାତୀୟ ଫୋରମରେ ଏହି ନିଆରା ଅଭିଯାନର ବଳିଷ୍ଠ ଉପସ୍ଥାପନା କରିଥିଲେ। ଦେଶର ବିଭିନ୍ନ ଅଞ୍ଚଳରୁ ଆଠଟି ସଫଳ କାହାଣୀ ଉପସ୍ଥାପନା କରାଯାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ସଫଳ କାହାଣୀ ଭାବରେ ଗ୍ରୀନ ମେମୋରୀ କ୍ୟାମ୍ପେନର ପ୍ରଦର୍ଶନ କରାଯାଇଥିଲା। ସେବକ ତରଫରୁ କାର୍ଯ୍ୟକ୍ରମକୁ ସ୍ନିଗ୍ଧାରାଣୀ ମହାକୁଲ, ସୁରଭି ଖରସେଲ, ଇନ୍ଦୁମତି ଲାକ୍ରା, ରିଚାର୍ଡ କୁଜୁର, ଲକ୍ଷ୍ମୀପ୍ରିୟା ମଲ୍ଲ, ଆରତୀ ସରେଙ୍ଗ ପ୍ରମୁଖ ପରିଚାଳନାକରିଥିଲେ।

**ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର**

ସମ୍ବଲପୁର, (ବି.ଶଙ୍କର): ଓଡ଼ିଆ ପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର ବୁର୍ଲାସ୍ଥିତ ଏନଏସି ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ସୁବନ୍ଦିତା ମିଶ୍ର ଶିବିରକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ବୁର୍ଲା ଭିମସାରସ୍ଥିତ ରକ୍ତଭଣ୍ଡାରର ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ ନାୟକ ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ଉପାଦେୟତା ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଭିମସାର ରକ୍ତଭଣ୍ଡାର ପକ୍ଷରୁ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟ ଅଧାପିକା ଅଧାପକ ଓ କର୍ମଚାରୀ ଶିବିରକୁ ପରିଚାଳନା କରିଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଏହା ଏନଏସି ମହାବିଦ୍ୟାଳୟର ଦ୍ୱିତୀୟ ରକ୍ତଦାନ ଶିବିର।



## ସଂକ୍ଷେପରେ

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ସମ୍ବଲପୁରର ୪ ପ୍ରତିଯୋଗୀ

**ସମ୍ବଲପୁର,୧୧।୪(ବି.ଶଙ୍କର)**

ବିହାର ରାଜ୍ୟର ଗୟାଠାରେ ଚଳିତ ମାସ ୧୨ ଓ ୧୩ ତାରିଖ ମିଷ୍ଟର ଓ ମିସ୍ ଇଣ୍ଡିଆ-୨୦୨୬ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେବ। ଏଥିରେ ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏଶନର ୪ ପ୍ରତିଯୋଗୀ ଭାଗ ନେବେ। ତେଣୁ ଶନିବାର ଆସୋସିଏଶନର ଶଙ୍କର ମେହେର, ତରୁଣ ମହାକୁଡ଼, ଜୟନ୍ତ ବାଘ ଓ ଉର୍ମିଳା ବେହେରା(ଲିଲି) ଏବଂ କୋଚ ଭାବରେ କେବିବିଏ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ବିହାର ଗସ୍ତ କରିଛନ୍ତି।

### ନଳକୂଅ ପରିସର ସଫେଇ କଲେ ପଡ଼ାବାସୀ

**କୁଚିଣ୍ଡା,୧୧।୪(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ଼ ପଞ୍ଚାୟତ ଅନ୍ତର୍ଗତ କୁଡାପଡା ମେହେରପଡାରେ ପ୍ରକୃତିବନ୍ଧୁ ତଥା ୱାର୍ଡ଼ସଭ୍ୟ ସରୋଜ ମେହେରଙ୍କ ନେତୃତ୍ୱରେ ଶନିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଳକୂଅ ପରିସର ଅପରିଷ୍କାର ରହିଥିବାରୁ ସେଥିରେ ଗୋଳିଆ ପାଣି ବାହାରି ବ୍ୟବହାର ଅନୁପଯୋଗୀ ଥିଲା। ତେଣୁ ଲୋକେ ଉକ୍ତ ନଳକୂଅ ପାଣି ବ୍ୟବହାର କରୁ ନ ଥିଲେ। ଏନେଇ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ବି କେହି ଶୁଣି ନ ଥିଲେ। ଶେଷରେ ପ୍ରକୃତି ବନ୍ଧୁ ମେହେର ଅଣ୍ଟା ଭିଡି ନଳକୂଅ ସଫେଇ କରିଥିଲେ। ଏାଦେଖି ପଡାବାସୀ ତାଙ୍କୁ ସହଯୋଗ କରିଥିଲେ। ପରେ ନଳକୂଅ ଚତୁଃପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫେଇ ସହ ଭାଙ୍ଗିଯାଇଥିବା ଚଟାଣ ସଜାଡିଥିଲେ। ସଫେଇ କାର୍ଯ୍ୟକ୍ରମରେ ସୋଫାଳି ମେହେର, ଗୀତା ବାଦି, ଶୀତଳ ଭଇଁଷା, ନମିଲତା ମେହେର, ସୀମା ଭଇଁଷା, ଭୂମିଲତା ମେହେର, ମନ୍ଦାକିନୀ ମେହେର, ପଦ୍ମାବତୀ ମେହେର ପ୍ରମୁଖ ସାମିଲ ହୋଇଥିଲେ।

### ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ

**ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)**

ବୁର୍ଲାର ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠା ପରିବାର ଆନୁକୂଲ୍ୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାର ରକ୍ତ ଭଣ୍ଡାରରେ ରକ୍ତାଭାବ ସମସ୍ୟାକୁ ଉପଲବ୍ଧି କରି ଅନୁଷ୍ଠାନ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଅନୁଷ୍ଠିତ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରତିଷ୍ଠା ପରିବାର ଉପଦେଷ୍ଟା ପ୍ରଫେସର ଡା. ବ୍ରଜ ମୋହନ ମିଶ୍ର ମୁଖ୍ୟଅତିଥି, ରକ୍ତ ଭଣ୍ଡାର ମୁଖ୍ୟ ଡା. ଚିତ୍ତରଞ୍ଜନ ପଣ୍ଡା, ଲୋକ ସମ୍ପର୍କ ଅଧିକାରୀ ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥିଭାବେ ଶିବିରକୁ ଉଦ୍ଘାଟନ କରିଥିଲେ। ସଭାପତି ପ୍ରସନ୍ନ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁବ୍ରତ ପଟ୍ଟନାୟକ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସଂଯୋଜକ ତରଣୀସେନ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତ କୁମାର ସାହୁ, ଗୋବର୍ଦ୍ଧନ ଗୌଡ଼, ଶ୍ୟାମ ଗୌଡ଼, ସନାତନ ବାରିକ, ଇଂ. ଦୀପକ କୁମାର ରାଉତ, ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ରାଜେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ହନୁମାନ ମନ୍ଦିର ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ସମ୍ବଲପୁର,୧୧।୪(ବି.ଶଙ୍କର)**

ସମ୍ବଲପୁର ଜିଲା ଓକିଲ ସଂଘ ପରିସରରେ ନବ ନିର୍ମିତ ହନୁମାନ ମନ୍ଦିର ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ସକାଳ ୭ଟା ୩୦ରେ ରୀତିନୀତି ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପଣ୍ଡିତ ବ୍ୟାସଦେବ ପଣ୍ଡା ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। ଆନନ୍ଦ ଦାଶ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜିବ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ପ୍ରଦୀପ ସୂପକାର ନେତୃତ୍ୱ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତ, ଉପସଭାପତି ରବିରଞ୍ଜନ ପୂଜାରୀ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୫ ଟାରେ ଶୋଭାଯାତ୍ରା ଉତ୍ସବସ୍ଥଳରୁ ବାହାରି ମହାନଦୀ ଅଯୋଧ୍ୟା ସରୋବର ଘାଟରୁ ପୂର୍ଣ୍ଣ କଳସ ନେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# କାର୍ଯ୍ୟକ୍ଷମ ହେଉନି ହାଇଟେକ ବସ୍ ଟର୍ମିନାଲ

**ରେଢ଼ାଖୋଲ,୧୧।୪(ସନ୍ତୋଷ ବଘାର)**

## ବିଦ୍ୟୁତ୍ ସଂଯୋଗ ପାଇଁ ଅର୍ଥ ଆସିଲେ କାର୍ଯ୍ୟକ୍ଷମ ହେବ: ଏନ୍ଏସି ଇଓ


ନବ ନିର୍ମିତ ବସ୍ ଟର୍ମିନାଲ।

ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ଓ ଅନ୍ୟାନ୍ୟ ସୁବିଧା ପାଇଁ ନିର୍ମାଣ ହୋଇଛି ହାଇଟେକ ବସ୍ ଟର୍ମିନାଲ। ହେଲେ ନିର୍ମାଣ କାମ ସରିଥିଲେ ବି ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇନାହିଁ। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ବସ ଟର୍ମିନାଲ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ନଷ୍ଟ ହେବାକୁ ବସିଲାଣି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

ରେଢାଖୋଲରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ପାଇଁ ୨୦୧୪ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରେଢାଖୋଏ ଏନ୍ଏସି ପକ୍ଷରୁ ୯୮.୬୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗ ପକ୍ଷରୁ ୯୨.୬୪ଲକ୍ଷ ଟଙ୍କା ଏଥିରେ ସଂଯୋଗ କରାଯାଇଥିଲା। ଇତିମଧ୍ୟରେ ଟର୍ମିନାଲ କୋଠା କାର୍ଯ୍ୟ ସରିଛି। ପାଚେରି କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ବ୍ୟତୀତ ବସ୍‌ଷ୍ଟାଣ୍ଡ ଭିତରେ ପ୍ରାୟ ୭୧ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଇଥିଲା। ସମଗ୍ର ଟର୍ମିନାଲକୁ ଲୋକାର୍ପଣ କରା ନଯାଇ ଗତ ସାଧାରଣ ନିର୍ବାଚନ ପୂର୍ବରୁ ୨୦୨୪ ଫେବୃଆରୀ ୨ତାରିଖରେ ଅତ୍ୟାଧୁନିକ ଶୌଚାଳୟକୁ କେବଳ ତରବରିଆଭାବେ ଉଦ୍‌ଘାଟନ କରାଗଲା। ହେଲେ ଦୁର୍ଭାଗ୍ୟର ବିଷୟ, ଆଜି ପର୍ଯ୍ୟନ୍ତ ସେହି ଶୌଚାଳୟ ବ୍ୟବହାର ହୋଇନାହିଁ। ଏପରିକି ଟର୍ମିନାଲ ଭିତରକୁ ଗୋଟିଏ ହେଲେ ବସ୍ ପ୍ରବେଶ ମଧ୍ୟ କରିନାହିଁ। ସବୁ କାର୍ଯ୍ୟ ଶେଷ ହୋଇଥିଲେ ହେଁ, ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ବିଦ୍ୟୁତ୍ ସଂଯୋଗୀକରଣ ଭଳି କାରଣ ଦର୍ଶାଇ ଏହାକୁ ବର୍ଷବର୍ଷ ଧରି ପକାଇ ରଖାଯାଇଛି। ବ୍ୟବହାର ପୂର୍ବରୁ ହିଁ ଟର୍ମିନାଲର କଂକ୍ରିଟ ରାସ୍ତା ଫାଟିବା ଆରମ୍ଭ କଲାଣି। କୋଠାର ରଙ୍ଗ ଛାଡ଼ି ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଫାଟ ଦେଖାଗଲାଣି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥାଙ୍କୁ ପଚାରିବାରୁ ନୂତନ ବସ୍ ଟର୍ମିନାଲରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏଥିପାଇଁ ଆବଶ୍ୟକ ୪୮ଲକ୍ଷ ଟଙ୍କା ମଗା ହୋଇଛି। ଖୁବ୍‌ଶୀଘ୍ର ଅର୍ଥ ବ୍ୟବସ୍ଥା ହୋଇ ସମସ୍ୟା ସମାଧାନ ହୋଇଗଲେ ନୂତନ ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଯିବ ବୋଲି ସେ କହିଥିଲେ।

## ମର୍ନିଂ ନ୍ୟୁଟ୍ରେସନ କାର୍ଯ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

**ନାକଟିଦେଉଳ,୧୧।୪(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଶ୍ରୀସତ୍ୟସାଇ ଅନ୍ନପୂର୍ଣ୍ଣା ଶୁଭାରମ୍ଭ ହୋଇଛି। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ଆର୍ଥିକ ଅଭାବରୁ କୁପୋଷଣର ଶିକାର ହେଉଥିବା ଅଙ୍ଗନୱାଡି ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ବ୍ଲକର ସମସ୍ତ ଛାତ୍ରୀଛାତ୍ର ଲାଭବାନ ହୋଇ ପାରିବେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ୭୨ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଉପକୃତ ହେବେ। କାର୍ଯ୍ୟକ୍ରମରେ ଶ୍ରୀସତ୍ୟସାଇ ଅନ୍ନପୂର୍ଣ୍ଣା ଟ୍ରଷ୍ଟର ଟ୍ରଷ୍ଟି ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ଭରଦ୍ୱାଜ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଥମେ ଦେଶର ୫୦ଟି ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହା ୧ କୋଟିରେ ପହଞ୍ଚିଛି। ସେହିପରି ଗୋଟିଏ ଗ୍ରାମରୁ ଆରମ୍ଭ ହୋଇ ଏହା ବର୍ତ୍ତମାନ ଦେଶର ୨୫ଟି ରାଜ୍ୟର ଦେଢ଼ଲକ୍ଷ ପ୍ରାଥମିକ ବିଦ୍ୟାଳୟକୁ ସାମ୍ପ୍ରସାରିତ ହୋଇପାରିଛି ବୋଲି ସୂଚନା ଦେଇଥିଲେ। ଏଥିସହିତ ରାଜ୍ୟରେ ଆଜି ଏହା ପ୍ରଥମ କରି ନାକଟିଦେଉଳ ବ୍ଲକରୁ ଶୁଭାରମ୍ଭ କରାଯାଇଛି ଏବଂ ଆଗାମୀ ଦିନରେ ଅନ୍ୟ ବ୍ଲକ ଓ ଜିଲାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ଯୋଗଦେଇ ସଂସ୍ଥାର କାର୍ଯ୍ୟକ୍ରମ ଦ୍ୱାରା ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ବିକାଶ ଘଟି ପାରିବ ବୋଲି ପ୍ରକାଶ କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଶ୍ରୀସତ୍ୟସାଇ ଅନ୍ନପୂର୍ଣ୍ଣା ଟ୍ରଷ୍ଟର ଓଡ଼ିଶା ଆବାସିକ ପରିଚାଳକ ଟି. ରମେଶ ଏବଂ ଝାଡ଼ଖଣ୍ଡ ରାଜ୍ୟ ଆବାସିକ ପରିଚାଳକ ଚନ୍ଦନ ପାଠକଥ ଅତିଥିଭାବେ ଯୋଗଦେଇଥିଲେ।

# ସଂସ୍କୃତି ସହ ଲୋକକଳାର ସମ୍ପର୍କ ଅତି ନିବିଡ଼


ଅତିଥିଙ୍କ ସହ ଯୋଗଦେଇଥିବା କଳାକାରମାନେ।

**କୁଚିଣ୍ଡା,୧୧।୪(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କଳା ଗ୍ରାମ ଖଣ୍ଡୋକଟାରେ ଓଡ଼ିଆ ପକ୍ଷ ପାଳନର ଦଶମ ଦିନରେ ଲୋକକଳା ପାଇଁ ଦିନଟିଏ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଙ୍ଗବତୀ ଗୀତର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଜିଲା ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ ପଟେଲ, ସରପଞ୍ଚ କୁନି ସେଉଲ, ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଜଗମୋହନ କିଷାନ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, କଳାସହ ଭାଷା, ସାହିତ୍ୟ ଓ ସଂସ୍କୃତି ପରସ୍ପର ପ୍ରତି ଅଙ୍ଗାଙ୍ଗୀଭାବେ ଜଡିତ। ଓଡ଼ିଆ ପକ୍ଷ ପାଳନ ଅବସରରେ କଳାକାରଙ୍କୁ ସମ୍ମାନିତ କରିବା ନିଶ୍ଚିତ ଭାବେ ଗର୍ବର ବିଷୟ। ତେଣୁ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପ୍ରତ୍ୟେକ କଳାକାରଙ୍କ ଧର୍ମ ବୋଲି କହିଥିଲେ। ପାଲା ଗାୟକ ମହେନ୍ଦ୍ର ନାଏକ, ପ୍ରଫୁଲ୍ଲ ନାୟକ, ପାଲା ଗାୟିକା ଇନ୍ଦ୍ରାଣି ପଟେଲ, କୁମୁଦିନୀ ପଟେଲ, କିର୍ତ୍ତନ ଗାୟକ ମିତ୍ରଭାନୁ ବେହେରା, ଅର୍ଜୁନ ଜେଟ୍ଟି, କୀର୍ତ୍ତନ ଗାୟିକା ସଙ୍ଗୀତା ନାଏକ, ମୀନା ନାଏକ, ବୃନ୍ଦାବତୀ ଛତ୍ରିଆ, ପ୍ରମୋଦ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ କଳାକାର ସାମିଲ ହୋଇଥିଲେ।

## ରୋଗଗ୍ରସ୍ତ ଶ୍ରମିକଙ୍କ ଚିକିତ୍ସା ପାଇଁ ଶ୍ରମିକ ସଂଘ ଦେଲା ୨.୨୨ଲକ୍ଷ

**ରେଙ୍ଗାଲି,୧୦।୪(ଦେବବ୍ରତ ପଣ୍ଡା)**

ମାନବିକତା ପ୍ରଦର୍ଶନ ପୂର୍ବକ ଶ୍ରମିକ ସଂଘ ଜଣେ ରୋଗାଗ୍ରସ୍ତ ସାଥୀ ଶ୍ରମିକଙ୍କ ଚିକିତ୍ସା ପାଇଁ ଦେଇଛି ୨.୨୨ ଲକ୍ଷ ଟଙ୍କାର ସହାୟତା ରାଶି। ସମ୍ବଲପୁର ଜିଲା ତଲାବିରା ୨ ଓ ୩ କୋଇଲା ଖଣି ନମୂନା ବିଭାଗରେ କାର୍ଯ୍ୟରତ ନୂଆଁଖିଣ୍ଡାର ଡୋଲା ବାଗ୍ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ। ଏହା ଜଣିବା ପରେ କୋଇଲା ଖଣିର ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ସଦସ୍ୟମାନେ ତାଙ୍କ ଘରକୁ ଯାଇ ଚିକିତ୍ସା ବାବଦକୁ ଉକ୍ତ ସହାୟତା ରାଶି ପ୍ରଦନା କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ବାବଲୁ ରାଉତଙ୍କ ନେତୃତ୍ୱରେ ନବୀନ ରାଉତ, ଦେବାନନ୍ଦ ସେଠ, ସୁବ୍ରତ ବୁଧିଆ, ଦୀପକ ପାଣ୍ଡେ ଓ ନରେନ୍ଦ୍ର ସାହୁଙ୍କୁ ନେଇ ପ୍ରତିନିଧି ଦଳ ଡୋଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

## ଓଏସ୍ଓୟୁରେ ଅମୃତ ପିଢ଼ି ସାରସ୍ୱତ ସମାରୋହ

**ସମ୍ବଲପୁର,୧୧।୪(ବି.ଶଙ୍କର)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷ -୨୦୨୬ର ଏକାଦଶ ଦିନକୁ ଅମୃତ ପିଢ଼ି ସାରସ୍ୱତ ସମାରୋହ ଭାବେ ପାଳନ କରାଯାଇଛି । କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ କୁଳସଚିବ ଚିତ୍ତରଞ୍ଜନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି, ଉପକୁଳ ସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହ ଅଧକ୍ଷ ମୁଖ୍ୟ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଓଡ଼ିଆ କବିତାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ରାଧାକୃଷ୍ଣ ସୁନା କାର୍ଯ୍ୟକ୍ରମ ସଂଯୋଜନା ଏବଂ ସୁଶ୍ରୀ ଦେବୀ ନାଏକ କବିତା ପାଠକୁ ସଂଯୋଜନା କରିଥିଲେ ।

# ଟ୍ରିବ୍ୟୁନାଲ ସମୟ ସୀମା ବୃଦ୍ଧିକୁ ନେଇ ଅସନ୍ତୋଷ

**ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)**

**ମହାନଦୀ ଜଳ ବିବାଦ**

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ସମୟ ସୀମା ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଆସନ୍ତା ଏପ୍ରିଲ ୨୦ରେ ଏହାର ପ୍ରଥମ ଶୁଣାଣି କରାଯିବ ବୋଲି ସୂଚନା ମିଳିଛି। ଯାହାକୁ ନେଇ ସାଧାରଣରେ ଆସନ୍ତୋଷ ପ୍ରକାଶ ପାଇଛି। ବିଗତ ୮ ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ୍ ଗଠନ କରି ୫କୋଟିରୁ ଅଧିକ ଖର୍ଚ୍ଚ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଏହି ସମସ୍ୟାର ସମାଧାନ ପାଇଁ ଉଭୟ ରାଜ୍ୟରେ ଗୋଟିଏ ଦଳର ସରକାର ଥିଲେ ମଧ୍ୟ କୌଣସି ସକାରାତ୍ମକ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ଗତ ଫେବୃଆରୀ ମାସରେ ମହାନଦୀ ଟ୍ରିବ୍ୟୁନାଲ ଅଧକ୍ଷା ଜଷ୍ଟିସ ବେଲା ଓ ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ଆସିଥିବା ଟିମ୍ ସହ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସମ୍ବଲପୁର ଗସ୍ତ କରି କ୍ଷେତ୍ର ପରିଦର୍ଶନ ସହିତ ହୀରାକୁଦ ଜଳଭଣ୍ଡାର ସହିତ ବୁର୍ଲା ପାୱାର ହାଉସ, ପାୱାର କେନାଲ ଆଦି ପରିଦର୍ଶନ କରିଥିଲେ। ସେତେବେଳେ ଏହି ଦୀର୍ଘ ପ୍ରତିକ୍ଷୀତ ବିବାଦର ସମାଧାନ ହେବା ନେଇ ଆଶା ସଞ୍ଚାର ହୋଇଥିଲା। ମାତ୍ର ଏହାର ଅବଧି ବୃଦ୍ଧି ସମସ୍ତଙ୍କୁ ନିରାଶ କରିଛି।ଯାହା ୮ ବର୍ଷରେ ସଫଳ ହୋଇ ପାରିଲା ନାହିଁ ତାହା ବର୍ଦ୍ଧିତ ୯ ମାସ ମଧ୍ୟରେ ସଫଳ ହେବା ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି।

### ସେମାନେ ଯାହା କହନ୍ତି..



ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି କେବଳ ସାଧାରଣ ଜନତାଙ୍କୁ ଭୂଆଁ ବୁଲାଇବା ସଦୃଶ। ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ଥିଲେ ମଧ୍ୟ ଜଳ ବିବାଦର ସମାଧାନରେ ସମନ୍ୱୟର ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ଗୋଟିଏ ପଟେ ନଦୀରେ ପାଣି ନାହିଁ ଏବଂ ଅନ୍ୟପଟେ ହଜାରେ କୋଟି ଟଙ୍କାର ରିଭରଭିୟୁ ପ୍ରକଳ୍ପର ଘୋଷଣା କେବଳ ଏକ ପ୍ରହସନ ଭଳି ମନେ ହେଉଛି। ପ୍ରକୃତ ସମସ୍ୟାର ସମାଧାନ ଓ ପାଣିର ଅଧିକାର ପାଇଁ ଆନ୍ତରିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

**ମହମ୍ମଦ ପରଭେଜ୍ ଅଲ୍ଲୀ ଖାନ,ମହାନଦୀ ବଞ୍ଚାଅ ଆନ୍ଦୋଳନ ସଦସ୍ୟ**



ଭାରତବର୍ଷରେ ଏପର୍ଯ୍ୟନ୍ତ କୌଣସି ବି ଟ୍ରିବ୍ୟୁନାଲ ଦ୍ୱାରା ନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ତେଣୁ ସମୟ ବଢ଼ାଇବା ଦ୍ୱାରା ଏହି ସମସ୍ୟାର ସମାଧାନ ଆଶା କରାଯାଇ ନ ପାରେ। ବର୍ତ୍ତମାନ କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ଟ୍ରିପଲ୍ ଇଞ୍ଜିନ ସରକାର ଚାଲିଛି। ତେଣୁ ଟ୍ରିବ୍ୟୁନାଲ ଉପରେ ସମ୍ପୂର୍ଣ୍ଣ ନିର୍ଭର ନ କରି କେନ୍ଦ୍ର ମଧ୍ୟସ୍ଥତାରେ ଉଭୟ ରାଜ୍ୟ ଆପୋଷ ଆଲୋଚନା ମାଧ୍ୟମରେ ଏହାର ଉଚିତ୍ ସମାଧାନ ବାହାର କରିବା ଉଚିତ ବୋଲି ସେ କହିଛନ୍ତି।

**ମହେଶ ସାୟତା, ସାମାଜିକ କର୍ମୀ**

## ଯୁବଶକ୍ତି ଦେଶ ଶିଳ୍ପ ସମୃଦ୍ଧିର ମୂଳଦୁଆ


ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ ସମିଟ୍‌ର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

**ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)**

**ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ ସମିଟ୍‌ର ଶୁଭାରମ୍ଭ**

ଯୁବଶକ୍ତି ଦେଶର ଶିଳ୍ପ ସମୃଦ୍ଧିର ମୂଳଦୁଆ। ଭିସୁଟ ପରିସରରେ ଶନିବାର ଗ୍ଲୋବାଲ ଇଣ୍ଡଷ୍ଟ୍ରିଆଲ ସମିଟରେ ଶୁଭାରମ୍ଭ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖାତ୍ରୀ। ବକ୍ତବ୍ୟ ରଖି ସେ ନବୀନତା, ଗବେଷଣା ଓ ଉଦ୍ୟମିତା ମାଧ୍ୟମରେ ନୂତନ କର୍ମସଂସ୍ଥାନ ସୃଷ୍ଟି କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ବର୍ଷ ପାଳନ ଉପଲକ୍ଷେ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ପୌରୋହିତ୍ୟରେ 'ଯେଉଁଠାରେ ଦୃଷ୍ଟିକୋଣ ସୁଯୋଗ ସହ ମିଳେ' ଶୀର୍ଷକ ସମାରୋହକୁ ସେ ଉଦ୍‌ଘାଟନ କରିଥିଲେ। କୁଳପତି ପ୍ରଫେସର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଶ୍ୱବିଦ୍ୟାଳୟ ଆଜିର ପରିବର୍ତ୍ତିତ ଶିଳ୍ପ ପରିବେଶ ଅନୁସାରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ପାଇଁ ପ୍ରତିବଦ୍ଧ। ସମ୍ମିଳନୀରେ ଉପସ୍ଥିତ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଇଣ୍ଡଷ୍ଟ୍ରି ୫.୦, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଏବଂ ଷ୍ଟାର୍ଟଅପ୍ ପରିବେଶ ଉପରେ ଆଲୋଚନା କରିଥିଲେ। ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ ଏବଂ ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍ ମୁଖ୍ୟ ପ୍ରଫେସର ପ୍ରଶାନ୍ତ ନନ୍ଦ ଶିଳ୍ପମୁଖୀ ପ୍ରଶିକ୍ଷଣ ଯଥା ଏସ୍ଏପି, ସିସ୍କୋ ନେଟୱର୍କିଂ ଓ କ୍ଲାଉଡ୍ କମ୍ପ୍ୟୁଟିଂର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଗଣେଶ୍ୱର ନାଥ, ଡା. ଦେବସ୍ମିତା ମିଶ୍ର ଓ ଡା. ପ୍ରଦୀପ୍ତ କୁମାର ଦାସ ସମ୍ମିଳନୀର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖିଥିଲେ।

## ସିଏମ୍ କପ୍ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

**କ୍ରୀଡ଼ାବିତ୍‌ଙ୍କୁ ପଡ଼ିଆରୁ ପୋଡିୟମ୍‌କୁ ପହଞ୍ଚାଇବା ସିଏମ୍ କପ୍‌ର ଲକ୍ଷ୍ୟ: ବିଧାୟକ**

**ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଶନିବାର ପୂର୍ବାହ୍ନରେ ସିଏମ୍ କପ୍ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ବଲପୁର ବିଧାୟକଜ ଜୟନାରାୟଣ ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ମିଶ୍ର ଏହି ଅବସରରେ ବକ୍ତବ୍ୟ ରଖି କହିଥିଲେ, କ୍ରୀଡ଼ାବିତଙ୍କୁ ପଡ଼ିଆରୁ ପୋଡିୟମ ପର୍ଯ୍ୟନ୍ତ ପହଞ୍ଚାଇବା ସିଏମ୍ କପ୍ କ୍ରୀଡ଼ା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ୟତମ ବରିଷ୍ଠ କବାଡି ଖେଳାଳି ରାମଦାସ ପଣ୍ଡା କହିଥିଲେ, ସମ୍ବଲପୁର ସର୍ବଦା କବାଡି ଖେଳର ଏକ ପ୍ରମୁଖ କେନ୍ଦ୍ର ରହିଆସିଛି। ଆଗାମୀ ଦିନରେ ଏଠିକାର ଖେଳାଳି ରାଜ୍ୟ ତଥା ଜାତୀୟସ୍ତରରେ ଜିଲାକୁ ଗୌରାବାନ୍ୱିତ କରିବେ ସେ ବୋଲି ଆଶା ପ୍ରକଟ କରିଥିଲେ। ସମ୍ବଲପୁର ଜିଲା କ୍ରୀଡ଼ା ସଚିବ ତଥା କବାଡି ସଂଘ ସଦସ୍ୟ ରାଜେଶ ସେଠ୍‌ଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ସିଏମ୍ କପ୍‌ରେ ଫୁଟ୍‌ବଲ୍ ସହିତ ପ୍ରଥମ ଥର ପାଇଁ କବାଡି, ଭଲିବଲ୍ ଓ ଖୋ-ଖୋ ଯୋଡ଼ି ହୋଇଛି। ତେବେ କବାଡି ପ୍ରତିଯୋଗିତାରେ ମୋଟ ୧୦ଟି ପୁରୁଷ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଖେଳାଳିମାନଙ୍କୁ ସମ୍ପୂର୍ଣ୍ଣ କ୍ରୀଡ଼ା ସାମଗ୍ରୀ ସହ ଜର୍ସି ଓ କିଟ୍ ବ୍ୟାଗ ପ୍ରଦାନ କରାଯାଇଛି। ଜିଲା ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୪ ଜଣ ପୁରୁଷ ଓ ୧୪ ଜଣ ମହିଳା ଖେଳାଳିଙ୍କୁ ଚୟନ କରାଯାଇ ଜୋନାଲ୍ ସ୍ତରକୁ ପଠାଯିବ। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ଶନିବାର ପ୍ରଥମ ପର୍ଯ୍ୟାୟରେ ୧୬ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ସକାଳ ସାଢ଼େ ୬ଟାରେ କ୍ୱାର୍ଟର ଫାଇନାଲ ଓ ଅପରାହ୍ନ ୪ଟାରେ ସେମି ଫାଇନାଲ ଓ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ। ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ମହାପୁରୁଷଙ୍କ ଜୀବନୀ ପ୍ରେରଣାର ଉତ୍ସ ହେଉ

**ସମ୍ବଲପୁର,୧୧।୪(ବି.ଶଙ୍କର)**

## ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ୧୨୨ତମ ଜୟନ୍ତୀ



ସମ୍ବଲପୁର ଜିଲା ପରମାଣପୁର ସ୍ଥିତ ଡାକ୍ତର ଝସକେତନ ସାହୁ ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଅତିଥି ଓ ବକ୍ତାମାନେ।

ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ୧୨୨ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା ପରମାଣପୁରସ୍ଥିତ ଡାକ୍ତର ଝସକେତନ ସାହୁ ମହାବିଦ୍ୟାଳୟ ସଭାକକ୍ଷରେ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ମିଶ୍ରଙ୍କୁ ସେ ଜଣେ ମହାନ୍ ସଂଗ୍ରାମୀଭାବେ ଅଭିହିତ କରିଥିଲେ। ବିଶେଷ ପାଠ ନ ପଢ଼ି ମଧ୍ୟ ସେ କିପରି ପଣ୍ଡିତ ହୋଇଥିଲେ ସେନେଇ ଡ. ଦାନୀ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଜ୍ଞା ପଣ୍ଡା ସ୍ୱାଗତ ବକ୍ତବ୍ୟରେ ଓଡ଼ିଶା ସାଂସ୍କୃତିକ ସମାଜର ଏପରି କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶିକ୍ଷାବିତ୍ ଗିରିଧାରୀ ହୋତା ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଜନ୍ମରୁ ଶେଷ ଯାଏ ତାଙ୍କ ସଂଗ୍ରାମ ତଥା ବହୁ ଭାଷାର ସାହିତ୍ୟ ସୃଷ୍ଟି ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଇଂ. ସୁଶାନ୍ତ ଗୁରୁ ଛାତ୍ରୀଛାତ୍ରଙ୍କୁ ମହା ମନିଷୀମାନଙ୍କ ଜୀବନୀ ଅଧ୍ୟୟନ ସହ ନିଜ କର୍ତ୍ତବ୍ୟ ଉପରେ ସଚେତନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଛାତ୍ରୀଛାତ୍ରମାନେ ମହାପରୁଷଙ୍କ ବିଷୟରେ ଅଧିକରୁ ଅଧିକ ଅଧ୍ୟୟନ କରିବା ଉଚିତ । ଯାହାକି ମହାପୁରୁଷଙ୍କ ଜୀବନି ଛାତ୍ରୀଛାତ୍ରଙ୍କ ପ୍ରେରଣାର ଉତ୍ସ ହୋଇପାରିବ । ଯଦ୍ୱାରା ସେମାନେ ଭବିଷ୍ୟତରେ ସଫଳତାର ଶିଖର ଛୁଇଁ ପାରିବେ ବୋଲି ମୁଖ୍ୟ ଅତିଥି ଇଂ ଗୁରୁ ମତବ୍ୟକ୍ତ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ଶୋଭନ ବେହେରା। ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧାପକ ଅଶ୍ୱିନୀ କୁମାର ବାରିକ । ତାଙ୍କୁ ସହଯୋଗ ଅଧାପକ ଆକାଶ ଡୁଙ୍ଗଡୁଙ୍ଗ । ସକାଳେ ୭ଟା ୩୦ରେ ସମ୍ବଲପୁର ସହର ଗଙ୍ଗାଧର ମେହେର ମହାବିଦ୍ୟାଳୟ ଛକସ୍ଥିତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଶା ସାଂସ୍କୃତିକ ସମାଜ ବରିଷ୍ଠ ସଭ୍ୟ ବୈକୁଣ୍ଠ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ହୋତା, ଅଶୋକ ମିଶ୍ର, ଶ୍ୟାମସୁନ୍ଦର ଅଗ୍ରୱାଲ, ବୋଧରାମ ଦାସ, ପ୍ରଶାନ୍ତ ପାଟଯୋଶୀ, ପ୍ରଦ୍ୟୋତ ମିଶ୍ର, ସୁବାସ ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ପାଠ୍ୟ ପୁସ୍ତକ ବିକ୍ରିରେ ଘରୋଇ ସ୍କୁଲର ମନମାନି

ରାଉରକେଲା, ୧୧।୪(ସଙ୍ଗୀତା ଜେନା)

ରାଉରକେଲାରେ ଥିବା କିଛି ଘରୋଇ ଇଂଲିଶ ମାଧ୍ୟମ ସ୍କୁଲରେ ପାଠ୍ୟ ପୁସ୍ତକ ପାଇଁ ଟେଣ୍ଡର କରାଯାଉନାହିଁ। ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦିଷ୍ଟ କିଛି ଦୋକାନରୁ ଏହା କିଣିବାକୁ ବାଧ୍ୟ କରାଯାଉଛି। ଫଳରେ ହଜାର ହଜାର ଛାତ୍ରୀଛାତ୍ର ଉକ୍ତ ଦୋକାନ ଉପରେ ନିର୍ଭର କରି ଶୋଷଣର ଶିକାର ହେଉଛନ୍ତି। ନିୟମ ଅନୁଯାୟୀ ସେମାନଙ୍କୁ ରିହାତି ମିଳୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ରାଉରକେଲା ସହରରେ ୨୦ରୁ ଉର୍ଦ୍ଧ୍ୱ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍ଇ) ଓ ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଆଇସିଏସ୍ଇ)ର ସରକାରୀ ଏବଂ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ ରହିଛି। ସିବିଏସ୍ଇ ଓ ଅନ୍ୟ ବୋର୍ଡରେ ପାଠ୍ୟପୁସ୍ତିକା ପାଇଁ ସ୍କୁଲମାନଙ୍କରେ ଏନ୍‌ସିଇଆର୍‌ଟି ପୁସ୍ତିକା ତାଲିକା ସାର୍ବଜନୀନ ହେବା ସହ ଖୋଲା ଟେଣ୍ଡର ମାଧ୍ୟମରେ ଭେଣ୍ଡର ଚୟନ କରିବା ନିୟମ ରହିଛି। ଶିକ୍ଷାବର୍ଷର ଏକ ମାସ ପୂର୍ବରୁ ଶିକ୍ଷା ପୁସ୍ତିକା ତାଲିକା ସମ୍ପୃକ୍ତ ସ୍କୁଲର ନୋଟିସ ବୋର୍ଡ, ୱେବସାଇଟ୍ ଏବଂ ସୋଶିଆଲ ମିଡିଆ ୱାଟ୍ସଆପ୍‌ରେ ପ୍ରକାଶ କରାଯିବା କଥା। ଏହାଦ୍ୱାରା ପୁସ୍ତକ ଭେଣ୍ଡରମାନେ ସ୍କୁଲରେ ଟେଣ୍ଡର ପକାଇ ପୁସ୍ତକ ବିକ୍ରି ପାଇଁ ଅନୁମୋଦନ ହାସଲ କରିଥାନ୍ତି। ଏଥିରେ ପୁସ୍ତକ ବିକ୍ରି ଉପରେ ରିହାତି ଦେବା ସର୍ତ୍ତ ମଧ୍ୟ ରଖାଯାଇଥାଏ। ସ୍କୁଲ ପିଛା ୧୦ରୁ ଉର୍ଦ୍ଧ୍ୱ ଦୋକାନ ଏପରି ଅନୁମୋଦନ ଲାଭ କରିଥାନ୍ତି। ଫଳରେ ପୁସ୍ତକ ବିକ୍ରିରେ ନିର୍ଦ୍ଦିଷ୍ଟ ଦୋକାନୀଙ୍କ ମନମାନି ଚାଲି ନ ଥାଏ। ତେବେ ରାଉରକେଲା ସହରରେ ଏପରି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ସେହିପରି ସ୍କୁଲ ପରିସରରେ ପୁସ୍ତକ ବିକ୍ରି ବାରଣ ନିୟମ ରହିଛି। ସହରରେ କିଛି ସ୍କୁଲ ଏହି ନିୟମକୁ ଅଣଦେଖା କରୁଛନ୍ତି। ଅଭିଭାବକମାନେ ମଧ୍ୟ ନିଜ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଖୋଲାଖୋଲି ବିରୋଧ କରିପାରୁନାହାନ୍ତି। ନିକଟରେ ସହରର ଏକ ଘରୋଇ ସ୍କୁଲ ଉଦିତନଗରର ଏକ ନିର୍ଦ୍ଦିଷ୍ଟ ପୁସ୍ତକ ଭଣ୍ଡାରରୁ ନୂତନ ବର୍ଷ ପାଠ୍ୟପୁସ୍ତକ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଜାରି କରିଥିଲା। ନିୟମ ଅନୁସାରେ ଉକ୍ତ ଦୋକାନ ପୁସ୍ତକ ଉପରେ ରିହାତି ନ ଦେବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଉକ୍ତ ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି, ସମୟ ଅଭାବ ଯୋଗୁ ଗୋଟିଏ ମାତ୍ର ଦୋକାନକୁ ପାଠ୍ୟ ପୁସ୍ତକ ବିକ୍ରି ଅନୁମତି ପ୍ରଦାନ କରାଯାଇଛି। ସେଠାରେ ୧୫ ପ୍ରତିଶତ ରିହାତି ମିଳୁଛି। ତେବେ ଆସନ୍ତା ଶିକ୍ଷାବର୍ଷଠାରୁ ଖୋଲା ଟେଣ୍ଡର କରାଯିବ। ଛାତ୍ରୀଛାତ୍ର ନିକଟବର୍ତ୍ତୀ ପୁସ୍ତକ ଦୋକାନରୁ ସହଜରେ ପାଠ୍ୟପୁସ୍ତକ ସଂଗ୍ରହ କରିପାରିବେ।

# ବରପୁତ୍ରଙ୍କ କାର୍ଯ୍ୟ ଅନୁକରଣ ପାଇଁ ଆହ୍ୱାନ

ରାଉରକେଲା, ୧୧।୪(ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶନିବାର ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଏନ୍‌ସିସି, ଜାତୀୟ ସେବା ଯୋଜନା ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ସସ୍ମିତା ସାମଲ ପୌରୋହିତ୍ୟ କରିଥିଲେ। ଏଥିରେ ସମାଜସେବୀ ତଥା ପ୍ରାକ୍ତନ ପୋଲିସ ଅଧିକାରୀ ଡ. ସୁମନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ସାମଲ ଓଡ଼ିଶାର ବରପୁତ୍ରମାନଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରମାନେ ବରପୁତ୍ରମାନଙ୍କ କାର୍ଯ୍ୟକୁ ଅନୁକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଭାଗର ଅଧ୍ୟାପିକା ରଜନୀ କିଷାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସୁଷମା ମୋଦି ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ଜାତୀୟ ସେବା ଯୋଜନା ସଂଯୋଜିକା ଡ. ସୋନିଆ, କ୍ରୀଡ଼ା ପ୍ରଶିକ୍ଷିକା କ୍ୟାପ୍‌ଟେନ ମୀନା ଦାସ, ବରିଷ୍ଠ ଅଧ୍ୟାପିକା ବାସନ୍ତୀ କୁଜୁର, ଓଡ଼ିଆ ବିଭାଗ ଅଧ୍ୟାପକ ଡ. ମାନସ ମୁଖାର୍ଜୀ, ପ୍ରିୟଙ୍କା କଂସାରୀ, ଅଧ୍ୟାପକ ଡ. ମାନସ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ବିଶ୍ୱରଞ୍ଜନ ଦାସଙ୍କ ସମେତ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମିଳିଲା ୧ ଲକ୍ଷ ଟଙ୍କା କ୍ଷତିପୂରଣ
**ନର୍ସିଂ ଛାତ୍ରୀ ମୃତ୍ୟୁ ମାମଲା**

**ରାଉରକେଲା, ୧୧।୪(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଏନ୍‌ଏଚ୍-୧୪୩ ବାଲୁଘାଟ ରୁପୁଟୋଲା ନିକଟରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଦୁର୍ଘଟଣାରେ ମୃତ ନର୍ସିଂ ଛାତ୍ରୀ ସବିନା ସୁରିନଙ୍କ ପରିବାରକୁ ୧ଲକ୍ଷ ଟଙ୍କାର ସହାୟତା ରାଶି ମିଳିଛି। ଆଗାମୀ ଦିନରେ ଉକ୍ତ ପରିବାରକୁ ଅଧିକ ସହାୟତା ରାଶି ମିଳିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଛାତ୍ରୀ ମୃତ୍ୟୁକୁ ନେଇ ଶୁକ୍ରବାର ପ୍ରାୟ ୮ ଘଣ୍ଟା ଏନ୍‌ଏଚ୍ ଅବରୋଧ କରାଯାଇଥିଲା।

### ରକ୍ତଦାନ ଶିବିର, ୨୦ ୟୁନିଟ୍ ସଂଗ୍ରହ



**ରାଉରକେଲା, ୧୧।୪(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶନିବାର ଓଡିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିବା ଏକ୍କା ଉଦ୍‌ଘାଟନ କରିଥିଲେ। ଏହି ଶିବିର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରେଡ୍‌କ୍ରସ ଏବଂ ରୋଭର ରେଞ୍ଜରର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ସୋରେଙ୍ଗ, ଡ. ଅଭିଲିପ୍ସା ଦାସ, ରେଡ୍‌କ୍ରସ ଅଧିକାରୀ ଡ. ରେବା ପାଣିଗ୍ରାହୀ ଏବଂ ସ୍ନେହଲତା ଧରୁଆ ଶିବିର ପରିଚାଳନା କରିଥିଲେ। ଆର୍‌ଜିଏଚ୍ ରକ୍ତ ଭଣ୍ଡାର ଅଧିକାରୀ ଡା. ଏମ୍. ସୋରେନଙ୍କ ସମେତ ସହଯୋଗୀ ଡାକ୍ତର ଓ ଟେକ୍ନିସିଆନ ଦଳ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଗର୍ଜ୍ଜନ, ସେକ୍ଟର-୨୧, ବୀରମିତ୍ରପୁର ଓ ଝିରପାଣି ବିଜୟୀ
**ସିଏମ୍ ଟ୍ରଫିର ୨ୟ ଦିବସ ଲିଗ୍ ମ୍ୟାଚ୍**

**ରାଉରକେଲା, ୧୧।୪(ସଙ୍ଗୀତା ଜେନା):** ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହାର ୨ୟ ଦିବସ ଲିଗ୍ ମ୍ୟାଚ୍ ଏକେଏସ୍ ସ୍ପୋର୍ଟିଂ ଗର୍ଜ୍ଜନ ଓ ସେକ୍ଟର-୨୦ ରାଇଜିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ଗର୍ଜ୍ଜନ ଦଳ ୨-୧ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ (ବାଳିକା)ରେ ପଦ୍ମପୁର ଓ ସେକ୍ଟର-୨୧ ମଧ୍ୟରୁ ସେକ୍ଟର-୨୧ ଦଳ ୧-୦ରେ ବିଜୟୀ ହୋଇଥିଲା। ସେହିପରି ପଦ୍ମପୁର ଓ ବିରମିତ୍ରପୁର ଦଳ ମଧ୍ୟରୁ ବିରମିତ୍ରପୁର ଦଳ ୪-୨ରେ ବିଜୟୀ ହୋଇଥିଲା। ଶନିବାରର ଶେଷ ମ୍ୟାଚ୍ ଝିରପାଣି ଓ ନୂଆଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝିରପାଣି ଦଳ ୩-୦ରେ ଜିତିଥିଲା। ଅଫିସିଆଲ ଭାବେ ସିତ ତିର୍କୀ, ରୋଷନ ଖାନ୍, ରାଜକୁମାର ପାଣିଗ୍ରାହୀ, ଗୀତା କିଷାନ ପ୍ରମୁଖ ଉକ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ସେହିପରି ସିଲେକ୍ଟର ଭାବେ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, କେଶବ ପ୍ରଧାନ, ବନମାଳି ଜମକିଆର ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୧୦ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତା ୧୮ତାରିଖରେ ଶେଷ ହେବ। ଏଥିରେ ରାଉରକେଲା ଏବଂ ଆଖପାଖ ଅଞ୍ଚଳର ୧୦ଟି ବାଳକ ଓ ୩ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି।

# ଏନ୍‌ଆଇଟିଆର୍‌ର ୩ ପ୍ରକଳ୍ପ ପ୍ରଦର୍ଶିତ

ରାଉରକେଲା, ୧୧।୪(ସଙ୍ଗୀତା ଜେନା)

**ଆଇଆଇଟି ଧାନବାଦର ଇନଭେଣ୍ଟିଭ୍-୨୦୨୬**



ବିକାଶ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

ଧାନବାଦ ଆଇଆଇଟିରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବାର୍ଷିକ ଗବେଷଣା ଏବଂ ବିକାଶ ମେଳା ଇନଭେଣ୍ଟିଭ-୨୦୨୬ରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ୩ଟି ଅଭିନବ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କୃତ୍ରିମ ବୁଦ୍ଧିମତାର ବିଷୟବସ୍ତୁ କ୍ଷେତ୍ର ଅଧୀନରେ ଅଟିଜିମ୍ ପୀଡ଼ିତ ପିଲାମାନଙ୍କ ପାଇଁ ଏଆଇ ପାୱାର୍ଡ ଆସିଷ୍ଟିଭ୍ ରୋବୋଟିକ୍ସ ସିଷ୍ଟମ ଶୀର୍ଷକ ପ୍ରଫେସର ଅନୁପ ନନ୍ଦୀ (କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ) ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଆଇ ଆଧାରିତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଯତ୍ନବାନ ଅଟିଜିମ୍‌ସ୍ପେକ୍ଟ୍ରମ ଡିଜ୍‌ଅର୍ଡର ଥିବା ପିଲାମାନଙ୍କ ପାଇଁ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହା ଭାରତୀୟ ପେଟେଣ୍ଟ ଅଧୀନରେ ସୁରକ୍ଷିତ ରହିଛି। ସେହିପରି ଇଲେକ୍ଟ୍ରିକ କେମିକାଲ ପ୍ରୟୋଗ ପାଇଁ ୩-ଡି ପ୍ରିଣ୍ଟେବଲ୍ କଣ୍ଡକ୍ଟିଂ ମ୍ୟାଟେରିଆଲ୍ସ ଶୀର୍ଷକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ସିଷ୍ଟମ ଦ୍ୱାରା କଷ୍ଟମ ନିର୍ମିତ ପରିଚାଳନା ସାମଗ୍ରୀ ଯାହାକୁ ସର୍କିଟ, ସେନ୍ସର ଏବଂ ଇଲେକ୍ଟ୍ରୋନିକ୍ସ ଅଂଶ ତିଆରି କରିବା ପାଇଁ ଆବରଣ, ଲେଖା କିମ୍ବା ୩-ଡି ପ୍ରିଣ୍ଟିଂ କରାଯାଇପାରିବ। ଏହା ଏଫ୍‌ଟିବିଆଇ ଏନ୍‌ଆଇଟି ରାଉରକେଲାର ଏକ ଷ୍ଟାର୍ଟଅପ୍ ମଧ୍ୟ ଅଟେ। ପ୍ରକଳ୍ପ ଦଳରେ ଡ. ଦିଶା ବର୍ମା ଓ ରାସାୟନିକ ବିଭାଗର ପ୍ରଫେସର ଅଧିବେଶ ଏସ୍. କୁମାଓତ ଏବଂ ସିଙ୍ଗରୁ ରାଜେଶ (ପିଏଚ୍‌ଡ଼ି) ସ୍କଲାର ସାମିଲ ଥିଲେ। ଅନୁରୂପ ଭାବେ ୩ୟରେ ସୋ-କନେକ୍ଟ ପ୍ରକଳ୍ପ ଦ୍ୱାରା ସାମାଜିକ ନେଟୱର୍କରେ ସ୍ତର ସଂଯୋଗର ସୁପାରିଶ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରକଳ୍ପ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପଞ୍ଚଦୀପ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ଉକ୍ତ ପ୍ରକଳ୍ପ ସାମାଜିକ ନେଟୱର୍କ ସଂଯୋଗରେ ପୂର୍ବାନୁମାନ କରିବା ପାଇଁ ଏକ ପଦ୍ଧତି ପ୍ରସ୍ତାବିତ କରିଥାଏ। ଏହା ଶିକ୍ଷା, କ୍ରୀଡ଼ା, ଜୀବନଶୈଳୀ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଉପଭୋକ୍ତାଙ୍କ ଆଗ୍ରହ ଓ ନିଯୁକ୍ତି ପଦ୍ଧତିକୁ ବିଶ୍ଲେଷଣ କରି ଅଧିକ ଅର୍ଥପୂର୍ଣ୍ଣ ସଂଯୋଗ ପରାମର୍ଶ ଦେଇଥାଏ। ଉକ୍ତ ପ୍ରଦର୍ଶନୀରେ ଏନ୍‌ଆଇଟି ରାଉରକେଲାର ନବସୃଜନ, ଗବେଷଣା ଅନୁବାଦ ଏବଂ ଭାରତର ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ ଅବଦାନରେ ଏହାର ନେତୃତ୍ୱ ପ୍ରଦର୍ଶନ କରିଥିଲା।

### ମା' ତାରିଣୀ ପୀଠର ବାର୍ଷିକୋତ୍ସବ ଉଦ୍‌ଯାପିତ

ରାଉରକେଲା, ୧୧।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ଡିଏଭି ଡଙ୍ଗା ଛକରେ ଥିବା ମା' ତାରିଣୀ ପୀଠର ପ୍ରଥମ ବାର୍ଷିକୋତ୍ସବ ସଭାପତି କହରା ଜେନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ମୁଖ୍ୟ ପଣ୍ଡିତ ଅଖିଳ ଚନ୍ଦ୍ରପାଣିଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ୫୧ ଜଣ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ହୋଇଥିଲା। ଉତ୍ସବରେ ପଣ୍ଡିତ ଲୋକନାଥ ମିଶ୍ର, ପ୍ରାଣବନ୍ଧୁ ମିଶ୍ର, ଈଶ୍ୱର ଚନ୍ଦ୍ର ପାଢ଼ୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ବିଶ୍ୱଶାନ୍ତି ନିମନ୍ତେ ଏକ ସାମୂହିକ ହୋମଯଜ୍ଞ କରାଯାଇଥିଲା। ହୋମଯଜ୍ଞରେ ଭଞ୍ଜ ସିଂ ଓ ମିଲି ସିଂ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟା ସମୟରେ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। କମିଟି ଉପସଭାପତି ଟୁନୁ କର, ହରପ୍ରସାଦ ସାମଲ, ଗଙ୍ଗାଧର ବାରିକ, ବାଜିଆ ପ୍ରଧାନ, ଅମୀୟ ପୋଥାଳ ପ୍ରମୁଖ ସହଯୋଗ କରିଥିଲେ।

### ଓଡ଼ିଆ ପକ୍ଷ ପାଳନରେ ବିବିଧ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରାଉରକେଲା, ୧୧।୪
(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ୨ଦିନ ଧରି ଚାଲିଥିବା ଆସ ବହିଟିଏ କିଣିବା, ଲୋକକଳା ପାଇଁ ଦିନଟିଏ ଏବଂ ଯୁବ ଲେଖକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସମାରୋହରେ କଲେଜ ଅଧ୍ୟକ୍ଷ ଡ. ପରମେଶ୍ୱର ଶତପଥି ସଭାପତିତ୍ୱ କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଶ୍ୟାମମାଳା ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ସୁରେଶ ଚନ୍ଦ୍ର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ସମ୍ମିଳିତ ଛାତ୍ରୀଛାତ୍ରମାନଙ୍କୁ ବହିର ଉପକାରିତା ଉପରେ ମାଗଦର୍ଶନ କରିଥିଲେ। ସଂସ୍କୃତ ହେଉଛି ଆମର ମୂଳ ଭାଷା। ଏହି ଭାଷାରେ ଲିଖିତ ପ୍ରତ୍ୟେକ ପୁସ୍ତକ ଆମର ପ୍ରାଚୀନ କଳା, ସାହିତ୍ୟ ଏବଂ ଆମ ମାତୃଭାଷା ସହିତ ଜଡିତ। ମାତୃଗର୍ଭରୁ ଜନ୍ମନେବା ପୂର୍ବରୁ ଓ ପରେ ଯେଉଁ ଭାଷାର ଅନୁଭବ କରୁ ତାହା ହିଁ ଆମର ମାତୃଭାଷା। ଏଣୁ ମାତୃଭାଷା ଓ ସଂସ୍କୃତ ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଏଣୁ ମାତୃଭାଷା ଓଡିଆ ପ୍ରତି ଆମେ ସମସ୍ତେ ସମର୍ପିତ ହେବା ସହିତ ସଂସ୍କୃତ ପ୍ରତି ମଧ୍ୟ ମନୋନିବେଶ କରିବା ଉଚିତ ବୋଲି ପରେ କଲେଜ ଅଧ୍ୟକ୍ଷ ଶତପଥି କହିଥିଲେ। ଅଧ୍ୟାପିକା ସ୍ନେହାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଉପାସନା ପୁହାଣ ଶାନ୍ତିପାଠ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ବର୍ଷେ ବିତିଲା, ଆରମ୍ଭ ହେଲାନି କାମ

ରାଉରକେଲା, ୧୧।୪(ବିପ୍ଳବ ରଞ୍ଜନ ଦାଶ)

**ଗ୍ରେଟର ରାଉରକେଲା ଆଉଟର ରିଂରୋଡ୍ ପ୍ରକଳ୍ପ**

ରାଉରକେଲା ସହରକୁ ଗ୍ରେଟର ରାଉରକେଲା ଭାବେ ବିକଶିତ କରିବା ପାଇଁ ସରକାର ଗତ ବର୍ଷ ବଡ଼ ଘୋଷଣା କରିଥିଲେ। ସେଥିପାଇଁ ଆଉଟର ରିଂରୋଡ୍ ନିର୍ମାଣ ପରି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଧ୍ୟ ସାମିଲ କରାଯାଇଥିଲା। କିନ୍ତୁ ଘୋଷଣା ହେବାର ଏକବର୍ଷ ବିତିଯାଇଥିବା ବେଳେ ପ୍ରକଳ୍ପ ଆରମ୍ଭ ହୋଇପାରିନାହିଁ।

ଗତବର୍ଷ ରାଉରକେଲା ଗସ୍ତ ସମୟରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ପ୍ରକଳ୍ପ ଘୋଷଣା କରିଥିଲେ। ରାଉରକେଲା ବିକାଶ କର୍ତ୍ତୃପକ୍ଷ (ଆର୍‌ଡ଼ିଏ) ପ୍ରସ୍ତୁତ କରିଥିବା ସମଗ୍ର ବିକାଶ ପରିକଳ୍ପନା (ସିଡିପି) ଆଧାରରେ ଏହି ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରିବାର ଯୋଜନା ଥିଲା। ରାଉରକେଲା ମହାନଗର ନିଗମ ଅଞ୍ଚଳକୁ ବିସ୍ତାର କରି ଶିଳ୍ପ, ପର୍ଯ୍ୟଟନ ଓ ଗ୍ରାମୀଣ ବିକାଶକୁ ଏକ ସଂଯୁକ୍ତ ଧାରାରେ ଆଣିବା ଏହାର ଲକ୍ଷ୍ୟ ଥିଲା। ବିଶେଷକରି ଗ୍ରେଟର ରାଉରକେଲା ସହ ଆଉଟର ରିଂରୋଡ୍ ପ୍ରକଳ୍ପକୁ ସହରର ଯାତାୟାତ ବ୍ୟବସ୍ଥାରେ ନବୋନ୍ନତି ଆଣିବା ସହ ଆର୍ଥିକ ବିକାଶର ନୂଆ ଦ୍ୱାର ଖୋଲିବା ଆଶା କରାଯାଉଥିଲା। ଏହି ରିଂରୋଡ୍ ରାଉରକେଲାକୁ ଲାଠିକଟା, ବିଶ୍ରା, ନୂଆଗାଁ ଓ ରାଜଗାଙ୍ଗପୁର ସହିତ ଯୋଡ଼ିବା ପାଇଁ ପ୍ରସ୍ତାବ ଥିଲା ଓ ଏହାର ପ୍ରାରମ୍ଭିକ ମାନଚିତ୍ର ମଧ୍ୟ ପ୍ରସ୍ତୁତ ହୋଇଥିଲା। ତଥାପି ପ୍ରାରମ୍ଭିକ ପଦକ୍ଷେପ ପରେ ପ୍ରକଳ୍ପ ଧିମେଇ ଯାଇଥିବା ଦେଖାଦେଇଛି। ପରବର୍ତ୍ତୀ ପର୍ଯ୍ୟାୟରେ କାମ ଆଗକୁ ବଢ଼ି ନ ଥିବାରୁ ଏହା ବର୍ତ୍ତମାନ ଶୀତଳ ଭଣ୍ଡାରରେ ପଡ଼ିରହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ବିଭାଗ ମଧ୍ୟ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଥିଲା। କିନ୍ତୁ ପ୍ରଶାସନିକ ଓ ପ୍ରାୟୋଗିକ କାରଣରୁ ପ୍ରକଳ୍ପ ଏଯାଏଁ ଆଗକୁ ବଢ଼ିପାରିନାହିଁ। ରାଉରକେଲାର ବିଭିନ୍ନ ସାମାଜିକ ସଙ୍ଗଠନ ଦୀର୍ଘଦିନ ଧରି ସହରର ସମଗ୍ର ବିକାଶ ଦାବି ଉଠାଇ ଆସୁଛନ୍ତି। ଏହି ପରିସ୍ଥିତିରେ ଗ୍ରେଟର ରାଉରକେଲା ଓ ଆଉଟର ରିଂରୋଡ୍ ପ୍ରକଳ୍ପ କେବେ ଗତି ପାଇବ ତାକୁ ନେଇ ସାଧାରଣ ଲୋକଙ୍କ ଅପେକ୍ଷା ରହିଛି। ଏ ନେଇ ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ (ପୂର୍ତ୍ତ) ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ପ୍ରକଳ୍ପ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା ଚାଲିଛି। କେଉଁ କେଉଁ ବିଧାନସଭା ଅଞ୍ଚଳ ଏଥିରେ ସାମିଲ ହେବ ଓ ଭୌଗୋଳିକ ପରିସ୍ଥିତିର ଅଧ୍ୟୟନ ପରେ ଡିପିଆର ପ୍ରସ୍ତୁତ କରାଯିବ। ଏହାପରେ ଟେଣ୍ଡର ଜାରି କରାଯାଇ କାମ ଆରମ୍ଭ ହେବ ବୋଲି ମିଶ୍ର କହିଥିଲେ।

### ୨୬ କେଜି ଗଞ୍ଜେଇ ଜବତ, ୩ ଗିରଫ

ରାଉରକେଲା, ୧୧।୪
(ସଙ୍ଗୀତା ଜେନା)

ରାଉରକେଲା ଷ୍ଟେଶନରେ ଏକ ଯାତ୍ରୀବାହୀ ଟ୍ରେନରୁ ଶୁକ୍ରବାର ସନ୍ଧ୍ୟାରେ ୨୬ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଆର୍‌ପିଏଫ ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ସହରସାର ଭାରତ କୁମାର(୨୯), ବୋକାରୋର ଶୁଭମ ଦୁବେ(୩୨) ଏବଂ କନିଷ୍ଠ ମିଶ୍ର(୨୧)। ଏ ନେଇ ଏକ ମାମଲା (ନଂ.୧୦/୨୬) ରୁଜୁ କରି ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ତେଜିଲା ଅଭିଯୁକ୍ତଙ୍କୁ ଗିରଫ ଦାବି


ବୈଠକରେ ଉପସ୍ଥିତ ଗ୍ରାମବାସୀ।

ରାଉରକେଲା, ୧୧।୪(ଦିନେଶ ମିଶ୍ର)

**ଜାମବେର୍ଣ୍ଣା ଛାତ୍ରୀ ମୃତ୍ୟୁ ଘଟଣା**

ଗତ ଫେବୃଆରୀ ୫ ତାରିଖରେ ବିଶ୍ରା ବ୍ଲକ ଅନ୍ତର୍ଗତ ଜାମବେର୍ଣ୍ଣା ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ ପୂଜା ମହନ୍ତଙ୍କ ରହସ୍ୟଜନକ ମୃତ୍ୟୁକୁ ୨ ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ଘଟଣାରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ଜାମବେର୍ଣ୍ଣା ଗ୍ରାମରେ ଶୁକ୍ରବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଭିଯୋଗ ହୋଇଥିଲା, ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଘଟଣା। ପୋଲିସ ଓ ପ୍ରଶାସନ ଠିକ୍ ଭାବେ ଉକ୍ତ ଘଟଣାର ତଦନ୍ତ କଲେ ଅପରାଧୀ ଧରାପଡିବେ। ମାତ୍ର ଏ କ୍ଷେତ୍ରରେ ଅବହେଳା କରାଯାଉଥିବା ଆଲୋଚନା ହୋଇଥିଲା। ଏହି ସଭାରେ ଏଆଇଏମ୍‌ଏସ୍‌ଏସ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଉପସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, ଲେଓନି ତର୍କା, ବିଦ୍ୟୁତ ମହନ୍ତ, ଯୁବନେତା ବେହେରା ନାୟକ, ଗୁରୁମୋହନ ସିଂହ, କିନୁ ଲୋହାର ପ୍ରମୁଖ ଯୋଗ ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରାଯିବ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା।

**AUCTION**
BALL MILL 5 TON CAPACITY
GRINDING 300 MESS
- Register Office -
MalaShil Industries Pvt. Ltd.
C/6, Koelnagar,
Rourkela-769014, Odisha
Mob : 7873257257
Timing - Within 7 days

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple,
Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ସାଧାରଣ ସୂଚନା**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଶ୍ରୀ ଅଶୋକ କୁମାର ସାବତ, ବୟସ ବ୫୩ର୍ଷ, ପିତା : ଶ୍ରୀ ବିଜୟ କୁମାର ସାବତ, ସା : ସୋରଡ଼ା, ଜିଲ୍ଲା : ଗଞ୍ଜାମ ଓ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମହାନ୍ତି, ବୟସ ବ୪୭ର୍ଷ, ପିତା : ଶ୍ରୀ ରାମନାରାୟଣ ମହାନ୍ତି, ସ୍ଥାନ : ଗୁଣୁପୁର, ଜି : ରାୟଗଡ଼ା। ବର୍ତ୍ତମାନ ଫ୍ଲାଟ୍ ନଂ ୩୧୨୨, ଡି. ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା "ମା' ବରୁଣେଇ ରିଏଲକନ" ଫାର୍ମର ଅଂଶୀଦାର ଅଟନ୍ତି। ଯାହାର ମୁଖ୍ୟ କାର୍ଯ୍ୟାଳୟ ଫ୍ଲାଟ୍ ନଂ ୩୧୨୨, ଡି. ଏନ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାରେ ଅବସ୍ଥିତ ଓ ରେଜିଷ୍ଟ୍ରେସନ ନଂ ୧୮୨୦୨୦୨୨୦୦୦୪୧/୨୦୨୨ରେ ଆଇ.ଜି.ଆର୍ ଅଫିସରେ ପଞ୍ଜୀକୃତ ହୋଇଅଛି। ଉକ୍ତ ଫାର୍ମରେ ଦୁଇଟି ନୂତନ ଅଂଶୀଦାର ଧାରା ୧୫ ଅନୁସାରେ ଶ୍ରୀ ମନୋଜ କୁମାର କର, ଡାଇରେକ୍ଟର ଏମ୍ପରନ ସ୍ପେସ ପ୍ରାଇଭେଟ ଲିମିଟେଡ଼, ବୟସ ବ୫୪ର୍ଷ, ପିତା : ଶ୍ରୀ ବିଜୟ ଚନ୍ଦ୍ର କର, ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା ଓ ଶ୍ରୀମତୀ ଏଲୋରା ପାଢ଼ୀ, ବୟସ ବ୪୮ର୍ଷ, ପିତା : ସୁଶିଲ କୁମାର ପାଢ଼ୀ, ସା-ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାଙ୍କୁ ନୂଆ ଅଂଶୀଦାର ଭାବରେ ଅନ୍ତର୍ଭୁକ୍ତ ହେବା ପାଇଁ ସଂଶୋଧନ କରାଯିବ ବୋଲି ପ୍ରସ୍ତାବ ରହିଛି।

ଯଦି ଏହି ନୂତନ ଅଂଶୀଦାରମାନଙ୍କ ଅନ୍ତର୍ଭୁକ୍ତକୁ ନେଇ କୌଣସି ବ୍ୟକ୍ତି, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଥାଏ ତେବେ ତାହା ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୪ ଦିନ ଯଥା ୨୬.୦୪.୨୦୨୬ରିଖ ମଧ୍ୟରେ ଲିଖିତ ଭାବରେ ନିମ୍ନଲିଖିତ ଠିକଣାରେ ପହଞ୍ଚିବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି ଓ ଅଭିଯୋଗ ନ ଆସିଲେ ନୂତନ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ପରିଚାଳନା ଅଂଶୀଦାର, ମା' ବରୁଣେଇ ରିଏଲକନ୍,
ତାରିଖ : ୧୧.୦୪.୨୦୨୬ ଫ୍ଲାଟ ନଂ ୩୧୨୨, ଡି ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 02/2026-27
No.1383/Date : 06.04.2026

**No.34001/33/2627** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.04.2026 at 05.00 P.M. to dt.29.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-34001/34006/1/26-27/0001

ଫର୍ମ ନଂ.୩
[ବିନିୟମ-୧୩(୧)(ଏ) ଦେଖନ୍ତୁ]
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**
୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧
**ମାମଲା ସଂ.: ଓଏ/୪୦୪/୨୦୨୫**
ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ସଂ.: ୭୦୭୨
**ୟେସ୍ ବ୍ୟାଙ୍କ**
**ବନାମ**
**ଗୋପବନ୍ଧୁ ମହାନ୍ତି**
ପ୍ରାପ୍ତେଷୁ,
**(୧) ଗୋପବନ୍ଧୁ ମହାନ୍ତି**
ପିତା/ସ୍ୱାମୀ- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା-୭୫୯୧୦୩
**(୨) ଅଭୟ କୁମାର ମହାନ୍ତି**
ପିତା- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ କୋଲିଏରୀ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା- ୭୫୯୧୦୩
**ସମନ**
ଯେହେତୁ, ଓଏ/୪୦୪/୨୦୨୫ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୨୪।୦୨।୨୦୨୬ରିଖରେ ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୪୨୮୦୨୮୪.୬୬/- ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ)।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ଆପଣ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:-
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ତିରିଶ ଦିନ ମଧ୍ୟରେ ଦର୍ଶାଇବା; (ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା; (iii) ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ ଅଟନ୍ତି; (iv) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ; (v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରିଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ସୁରକ୍ଷା ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଦାଖଲ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୧୪।୦୪।୨୦୨୬ରିଖ ୧୦.୩୦ ଘଟିକା ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ।
ମୋ ହସ୍ତାକ୍ଷର ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ତିଥିରେ ପ୍ରଦତ୍ତ: ୦୭।୦୪।୨୦୨୬।
ସ୍ୱା./- ସହକାରୀ ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ ସଂ.୧, କୋଲକାତା

**ଖବରଦାତାଙ୍କ ବିୟୋଗରେ ଶୋକସଭା**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଖବରଦାତା ମୌଜ ଆଧାର ଶର୍ମା(୮୦)ଙ୍କ ବିୟୋଗରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଆଇନଜୀବୀ ବିଜୟ ଶର୍ମା, ଖବରଦାତା ପି.ଏସ. ସାଲୁଜା, ମୋହନ ସୋନି ମଞ୍ଚାସୀନ ଥିଲେ। ସ୍ୱର୍ଗତ ଶର୍ମାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଖବରଦାତା ଶିବଶଙ୍କର ବାଗ, ମୂର୍ତ୍ତିକାର ବାଗ ,ଜୀବନାନନ୍ଦ ମହାନ୍ତି, ଦୀପକ ଯାଦବ ପ୍ରମୁଖ ଯୋଗଦେଇ ଶର୍ମାଙ୍କ ସ୍ମୃତିଚାରଣ କରିଥିଲେ। ସଭାକୁ ଗୁରୁ ଦୟାଲ ହଂସ ପରିଚାଳନା କରିଥିବା ବେଳେ ରଶ୍ମିରଞ୍ଜନ ପୁଟେଲ ଧନ୍ୟବାଦ ଦେଇଥିଲେ।

# ‘କାମ କରିବା ସତ୍ତ୍ୱେ ପ୍ରୋତ୍ସାହନ ରାଶି ମିଳୁନି’

**ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ଜିଲା କମିଟି ବୈଠକ**

**ମେ ୧୧ରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ନିଖିଳ ଓଡିଶା ଆଶା କର୍ମୀ ସଂଘ ଜିଲା କମିଟି ବୈଠକ ଶନିବାର ସ୍ଥାନୀୟ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସଂଘ ଜିଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଙ୍ଗଠନ ରାଜ୍ୟ ସଭାପତି ବିଜୟ ନେତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗଠନ ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଓମି ଗୁପ୍ତା ଓ ଉପଦେଷ୍ଟା ଦିଲୀପ କୁମାର ଭୋଇ ମଞ୍ଚାସୀନ ଥିଲେ । ବୈଠକରେ ଆଶାକର୍ମୀମାନେ ନିୟମିତ ପ୍ରୋତ୍ସାହନ ରାଶି ପାଉ ନ ଥିବା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ମାସ ୧୦ ତାରିଖ ମଧ୍ୟରେ ପ୍ରୋତ୍ସାହନ ରାଶି ଦେବାର ପ୍ରାବଧାନ ଥିଲେ ମଧ୍ୟ ଏହା ନିୟମିତ ମିଳୁନଥିବାରୁ ଆଶାକର୍ମୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ଡବଲ ଇଞ୍ଜିନ ସରକାର ଆସିବା ପରଠାରୁ ପ୍ରୋତ୍ସାହନ ରାଶି ନିୟମିତ ଭାବେ ମିଳୁନଥିବା ଅଭିଯୋଗ କରିଥିଲେ। ଏପରି କି ଗତବର୍ଷରୁ ଆୟୁଷ୍ମାନ ଭାରତ ଯୋଜନାରେ କାର୍ଯ୍ୟ କରିଥିବା ଆଶାକର୍ମୀମାନଙ୍କ ପ୍ରୋତ୍ସାହନ ରାଶି ମିଳିନଥିବା ଅଭିଯୋଗ କରିଥିଲେ। କିଶୋରୀମାନଙ୍କୁ ଟିକା କାର୍ଯ୍ୟକ୍ରମରେ ଆଶାକର୍ମୀମାନଙ୍କୁ ଅଧିକ ଚାପ ପ୍ରୟୋଗ କରାଯାଉଛି । ମାତ୍ର ଏଥିପାଇଁ କୌଣସି ପ୍ରୋତ୍ସାହନ ରାଶି ଦିଆଯାଉନଥିବା ଅଭିଯୋଗ କରାଯାଇଛି। ସିଏଚ୍‌ସିରେ ନିଯୁକ୍ତ ଆଶାକର୍ମୀମାନେ ମାସକୁ ୧ ହଜାର ଟଙ୍କା ପାଇବାର ଥିଲେ ମଧ୍ୟ ତାହା ମିଳୁନାହିଁ। ସମାଜକୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଆଶାକର୍ମୀଙ୍କ ନିଜ ତଥା ପରିବାର ବର୍ଗଙ୍କ ନାମରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ନାହିଁ । ଏପରି କି ରାଶନ କାର୍ଡ ମଧ୍ୟ ଦିଆଯାଇନାହିଁ ବୋଲି ଦର୍ଶାଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏସବୁ ସମସ୍ୟାକୁ ନେଇ ଆସନ୍ତା ମେ ୧୧ ତାରିଖ ଦିନ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ବନିତା ପୁଟେଲ, ମମତା ଜେନା, ଶୋଭାଗିନୀ ବାଗ, ପୁଷ୍ପଲତା ଧିର, ଲତା ପୁଟେଲ, ତନ୍ମୟୀ ଦାସ, କଲ୍ୟାଣୀ ସାହୁ, ବିଳାସିନୀ ବାରିକ, ଶୋଭାସିନୀ ଜାଲ, ଆରତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅତିଥି ଓ ଆଶାକର୍ମୀ।

# ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ପାଳିତ

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରେ ମହାନ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ଶନିବାର ପାଳନ କରାଯାଇଥିଲା। ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୌତୁକ ପନ୍ଦର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଟଙ୍କଧର ଗଡତ୍ୟା ଏବଂ ସମ୍ମାନିତ ଅତିଥି ଭାବେ ଦଣ୍ଡୁଆ କୁମ୍ଭାର, ଅର୍ଜୁନ ମୁଗ୍ରୀ, ଜଗଦୀଶ ବୁଢ଼, ରମାକାନ୍ତ ସୁନା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସୀତାରାମ କୁମ୍ଭାର ଓ କୁନା ବାଗ ଯୋଗ ଦେଇଥିଲେ । ଜ୍ୟୋତିରାଓ ଫୁଲେଙ୍କ ସାମାଜିକ ସଂସ୍କାର କାର୍ଯ୍ୟକ୍ରମ, ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଫୁଲେଙ୍କ ଦର୍ଶନକୁ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଡକର ଆପଣେଇ ସମ୍ବିଧାନରେ ସ୍ଥାନିତ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସମସ୍ତ ବକ୍ତା ମହାତ୍ମା ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସବିତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।


ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି ।

# ଯୋଗୀସର୍ଡା ରାମଲୀଳା ନାଟକ ଉଦ୍‌ଯାପିତ

ଲୋଇସିଂହା,୧୧।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଦଧିବାମନ କଳା ପରିଷଦ ରାମଲୀଳା ଅନୁଷ୍ଠାନ ପକ୍ଷରୁ ରାମନବମୀ ଠାରୁ ଆରମ୍ଭ ହୋଇ ଦୀର୍ଘ ୧୪ ଦିନ ଧରି ଚାଲିଥିବା ୧୬ ତମ ରାମଲୀଳା ନାଟକ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଯୁବ କଳାକାରମାନେ ରାମଜନ୍ମରୁ ରାଜ୍ୟାଭିଷେକ ପର୍ଯ୍ୟନ୍ତ ନିଖୁଣ ଭାବେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ରାମ ଭୂମିକାରେ ଶ୍ରୀକାନ୍ତ ତ୍ରିପାଠୀ, ଲକ୍ଷ୍ମଣ ଭୂମିକାରେ ସଙ୍କଳ୍ପ ତ୍ରିପାଠୀ, ସୀତା ଭୂମିକାରେ ଜ୍ୟୋତି ପଧାନ, ଜନକ ମହର୍ଷି ଭୂମିକାରେ ଧନଞ୍ଜୟ ପଧାନ, ଦଶରଥ ଭୂମିକାରେ କାଶୀ ପଧାନ ନିଖୁଣ ଅଭିନୟ କରିଥିଲେ। ସେହିପରି ପର୍ଶୁରାମ ଭୂମିକାରେ ରବି ପଧାନ, ବାଣାସୁର ଭୂମିକାରେ ଜ୍ଞାନରଞ୍ଜନ ସା, ବିଶ୍ୱାମିତ୍ର ଋଷି ଭୂମିକାରେ ଦେବଦତ୍ତ ଥନାପତି ,ବିଭୀଷଣ ସିଲୁ ବାରିକ, ରାବଣ ଭୂମିକାରେ ରଞ୍ଜନ ମଲ୍ଲିକ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ । ପୂଜକ ମହେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ସମ୍ପାଦକ ସୀତାକାନ୍ତ ମିଶ୍ର ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଅନୁଷ୍ଠାନର ସଭାପତି ଲକ୍ଷ୍ମଣ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ପୁରୁଖା କଳାକାର ସହଯୋଗ କରିଥିଲେ ।


ଉଦ୍‌ଯାପନୀ ଦିବସରେ କଳାକାର ଓ କାର୍ଯ୍ୟକର୍ତ୍ତା ।

# ଶୈବପୀଠ କୂଅ ପାଣିରୁ ବାହାରୁଛି ଦୁର୍ଗନ୍ଧ

**ମୃତ କଇଁଛ ଉଦ୍ଧାର, ପାଣି ବିଶୋଧନ ଦାବି**

ଲୋଇସିଂହା,୧୧।୪(ସୁଶାନ୍ତ ବାରିକ)

ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଲାଭ କରିଥିବା ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପ୍ରସିଦ୍ଧ ଶୈବପୀଠ ପରିସରରେ ଥିବା କୂଅ ପାଣି ଦୂଷିତ ହୋଇ ଦୁର୍ଗନ୍ଧ ଆସୁଛି । ମାସାଧିକ ସମୟ ହେବ ଏପରି ଅବସ୍ଥା ଲାଗି ରହିଛି । ଏହି ଘଟଣାକୁ ନେଇ ପୂଜକ ଓ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଲୋଇସିଂହା ବ୍ଲକ ମୁଖ୍ୟାଳୟଠାରୁ ୧୦ କିମି ଦୂରରେ ରହିଛି ଏହି ପ୍ରସିଦ୍ଧ ଶୈବପୀଠ । ଉକ୍ତ ଶୈବପୀଠକୁ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି । ଶୈବପୀଠରେ ଜଳାଭିଷେକ, ବିବାହ ସହ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଗତ ଶିବରାତ୍ରୀ ସମୟରେ ବଲାଙ୍ଗୀର ଜିଲାପାଳ ସପରିବାର ଉକ୍ତ ମନ୍ଦିରକୁ ଆସି ଦେବଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ହେଲେ ମନ୍ଦିର ପରିସରରେ ଥିବା କୂଅ ପାଣି ଦୀର୍ଘ ଦିନ ଧରି ବିଶୋଧନ କରାଯାଉ ନ ଥିବାରୁ ଦୂଷିତ ହୋଇ ପଡିଛି । କୂଅ ପାଣି ସଫା ଦେଖାଯାଉଥିଲେ ସୁଦ୍ଧା ପାଣିରୁ ଦୁର୍ଗନ୍ଧ ଆସୁଛି । ନିକଟରେ କୂଅରୁ ଏକ ମୃତ କଇଁଛକୁ ଉଦ୍ଧାର କରାଯାଇଛି । ତଥାପି କୂଅ ପାଣିକୁ ବିଶୋଧନ କରାଯାଇନାହିଁ । ଏହି ପାଣିକୁ ନିୟମିତ ଭାବେ ବାବା ଯୋଗେଶ୍ୱରଙ୍କ ନୀତିକାନ୍ତିରେ ବ୍ୟବହାର କରାଯାଉଛି। ଏହାଛଡା ପାଣିକୁ ଶ୍ରଦ୍ଧାଳୁମାନଙ୍କୁ ପାଦୁକା ଭାବେ ବଣ୍ଟନ କରାଯାଉଛି । ଏହି ପାଣି ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ସାଧାରଣରେ ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ ପାଇଁ ୩ କୋଟି ଟଙ୍କା ବ୍ୟୟ ହୋଇଛି । ତେବେ ମନ୍ଦିର ପରିସରର କୂଅ ଖୋଲା ପଡିଥିବାରୁ କୂଅ ନିକଟରେ ଥିବା ଚମ୍ପା ଗଛର ଫୁଲ, ଫଳ ଓ ପତ୍ର ପଡି ପାଣି ଅପରିଷ୍କାର ହେଉଛି । ଉକ୍ତ କୂଅରେ ଢାଙ୍କୁଣି (ଜାଲି )ପକାଇବାକୁ ମନ୍ଦିର ଉନ୍ନତୀକରଣ କାମ ଚାଲିଥିବା ବେଳେ ମନ୍ଦିର ପୂଜକମାନେ ଅନୁରୋଧ କରିଥିଲେ । କିନ୍ତୁ ଏହା ଅଦ୍ୟାବଧି ହୋଇନାହିଁ । ସେହିପରି କୂଅ ପାଣି ଦୁର୍ଗନ୍ଧ ନେଇ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ।


ମନ୍ଦିର ପରିସରରେ ଥିବା କୂଅ ।

# ହନୁମାନ ଜୟନ୍ତୀ ପାଇଁ କଳସ ଶୋଭାଯାତ୍ରା

ଗୁଡଭେଲା,୧୧।୪(ମନୋଜ କୁମାର ଜୈନ)

ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଧରୁଆପଡାରୁ ଶନିବାର ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଭଗବାନ ରାମ, ଲକ୍ଷ୍ମଣ ଓ ହନୁମାନ ବେଶରେ ଯୁବକମାନେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ଥିଲେ। ଏହି ଶୋଭାଯାତ୍ରାରେ ଟିଟିଲାଗଡ ବିଧାୟକ ନବୀନ ଜୈନ, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲଙ୍କ ସମେତ ଅନ୍ୟମାନେ ଯୋଗଦାନ କରିଥିଲେ । ଏଥିଯୋଗୁ ସହରରେ ଭକ୍ତିର ବାତାବରଣ ଦେଖିବାକୁ ମିଳିଥିଲା।

# ବହୁମୁଖୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

କଣ୍ଟାବାଞ୍ଜି,୧୧।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି –ବିର୍ଣ୍ଣା ରୋଡରେ ନବନିର୍ମିତ ବହୁମୁଖୀ କଲ୍ୟାଣ ମଣ୍ଡପ ଶନିବାର ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ବିଧାୟକ ତଥା ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରକାଶଥାଉ କି, ଗତ ମାସ ୨୧ତାରିଖ ଦିନ ନାମ ଫଳକ ନ ଥାଇ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତତ୍ପରତା ଦେଖାଇ ଥିବା ବେଳେ ଶନିବାର ଦିନ ଏହାକୁ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବିଧାୟକ ବିବାହ ଉତ୍ସବ, ବ୍ରତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପାଇଁ ଏହି କଲ୍ୟାଣ ମଣ୍ଡପ ବ୍ୟବହୃତ ହୋଇପାରିବ ବୋଲି କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କାଉନସିଲର ନୀଳକଣ୍ଠ ଶତପଥୀ, ବିକାଶ ତରିଆ ମଞ୍ଚାସୀନ ଥିଲେ। ନିର୍ମାଣକାରୀ ସଂସ୍ଥାର ବିଭାଗୀୟ ଅଧିକାରୀ, ଠିକାଦାର ସଞ୍ଜୟ କୁମାର ଲାଠ ଓ ସହରର ଜନସାଧାରଣ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ବେଦବ୍ୟାସ ନାଗ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନୁଦାନରେ ଏହି କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ଗ୍ରାମ୍ୟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଅଢେଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏହା ନିର୍ମାଣ କରାଯାଇଛି।

**ଧରିତ୍ରୀ ପ୍ରଭାବ**

# ‘ଉତ୍ତମ ଶିକ୍ଷା ଜୀବନକୁ କରେ ଶୃଙ୍ଖଳିତ’

**ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ବେଲପଡା,୧୧।୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡାସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ୩୪ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରାମ ନାରାୟନ ମେହେର ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ହିତେଶ କୁମାର ମିଶ୍ରଙ୍କ ପରିଚାଳନାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପାଟଣାଗଡ ଉପ ଜିଲାପାଳ ସୁନିଲ ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ତମ ଶିକ୍ଷା ବ୍ୟବସ୍ଥା ଜୀବନକୁ ସଂଯତ ଓ ଶୃଙ୍ଖଳିତ କରେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବରେ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ଯୋଗଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ଭବିଷ୍ୟତରେ ସମାଜ ପାଇଁ କାମ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଯୋଗଦେଇ ନବୋଦୟ ବିଦ୍ୟାଳୟକୁ ଜ୍ଞାନର ମନ୍ଦିର ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ‘ଝରିଆଲ’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍କୁଲରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା ଏସ. କର ଧନ୍ୟବାଦ ଦେଇଥିଲେ।

# ଅର୍ଡା ଓ ଦେଓଗାଁରେ ରାମଲୀଳା ସମ୍ପନ୍ନ


ରାମଲୀଳାର ଉଦ୍‌ଯାପନୀ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ।

ଦେଓଗାଁ,୧୧।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଡା ଓ ଦେଓଗାଁ କଛାରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୧୪ ଦିନ ଧରି ଚାଲିଥିବା ରାମଲୀଳା ଶୁକ୍ରବାର ରାତିରେ ସମ୍ପନ୍ନ ହୋଇଯାଇଛି। ପ୍ରତ୍ୟେକ ଦିନ ରାତିରେ ଚାଲିଥିବା ନାଟ୍ୟାଭିନୟ ଦର୍ଶକଙ୍କ ମନ ମୋହିଥିଲା। ଅର୍ଡାରେ ପୂଜକ ଭାବେ ଜଗତରାମ ମିଶ୍ର ଦାୟିତ୍ୱ ତୁଲାଇଥିଲେ। କର୍ତ୍ତା ଭାବେ ଶ୍ୟାମସୁନ୍ଦର ମେହେର ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀ ମେହେର ଦାୟିତ୍ୱ ତୁଲାଇଥିଲେ । ଅନ୍ତିମ ଦିବସରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ନାଟକ ମଞ୍ଚସ୍ଥ ହୋଇଥିଲା। ଅର୍ଡା ଗ୍ରାମର ଉପରପଡାର ସମସ୍ତ କଳାକାର ତଥା ପଡାବାସୀ ସହଯୋଗ କରିଥିଲେ। ସେହିପରି ଦେଓଗାଁରେ ପୂଜକ ଭାବେ ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। କଛାରପାଲି ସାହୁପଡାର କଳାକାରମାନେ ସହଯୋଗ କରିଥିଲେ।

# ଜଙ୍କ୍‌ଫୁଡ୍, ପ୍ୟାକେଟ ଖାଦ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ

ଲାଠୋର,୧୧।୪(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଅଙ୍ଗନୱାଡ଼ି କେନ୍ଦ୍ରରେ ଶନିବାର ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରିଙ୍କ ନେତୃତ୍ୱରେ ପୋଷଣ ପକ୍ଷ ଅବସରରେ ଜଙ୍କଫୁଡ୍ ଏବଂ ପ୍ୟାକେଟ ଖାଦ୍ୟ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାଛଡା ମା’ ଓ ଯତ୍ନକାରୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଗ୍ରାମର ଅନେକ ମହିଳା ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଜଙ୍କଫୁଡ୍ ଓ ପ୍ୟାକେଟ ଖାଦ୍ୟ ଆମର କ’ଣ ସବୁ କ୍ଷତି କରୁଛି ସେନେଇ ସଚେତନ କରାଯାଇଥିଲା। ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ କେମିତି ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ସେ ଉପରେ କର୍ମୀ ମହିଳାମାନଙ୍କୁ ବୁଝାଇଥିଲେ। ମାତୃ କମିଟି ସଦସ୍ୟା ଜସ୍ମିନ ଭୋଇ, ଯାଞ୍ଚ କମିଟି ସଦସ୍ୟା ତିଳୋତ୍ତମା ଗରୁଡ଼, ଗୀତାଞ୍ଜଳି ନାଗ, ପ୍ରେମଶିଳା ନାଗ, ବିମଳା ପରୁଆ, ଦେମତି ନାଗ, ବବିତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜଙ୍କଫୁଡ୍ ଓ ପ୍ୟାକେଟ ଖାଦ୍ୟ ବର୍ଜନ ପାଇଁ ଶପଥ ଗ୍ରହଣ କରାଯାଇଥିଲା।



# ସିଏମ୍ ଟ୍ରଫି-୨୦୨୬ ଖୋ ଖୋ ଉଦ୍‌ଘାଟିତ

ବଲାଙ୍ଗୀର,୧୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଖୋ ଖୋ ଚାମ୍ପିୟନଶିପ୍ ୨୦୨୬ ଶନିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଉଦ୍‌ଘାଟିତ ହୋଇଛି । ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖୋ ଖୋ ଖେଳ ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ସଂସଦ ତଥା ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଡ଼. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଅନ୍ୟତମ ଅତିଥି ଭାବେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, କ୍ରୀଡ଼ାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଖୋ–ଖୋ ଓ କବାଡିଖେଳରେ କ୍ରୀଡ଼ା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ । ଛାତ୍ରୀ ଖୋ–ଖୋ ବର୍ଗରେ ବଲାଙ୍ଗୀର ପାଟଣାଗଡ଼, ଲୋଇସିଂହା, ଆଗଲପୁର, ପୁଇଁନ୍ତଲା (କ) ଓ ପୁଇଁନ୍ତଲା (ଖ) ଦଳ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ଲୋଇସିଂହା ଓ ପୁଇଁନ୍ତଲା (କ) ଦଳ ଫାଇନାଲକୁ ପ୍ରବେଶ କରିଛନ୍ତି । ଛାତ୍ର ଖୋ–ଖୋ ବର୍ଗରେ ବଲାଙ୍ଗୀର (କ), ବଲାଙ୍ଗୀର (ଖ), ପାଟଣାଗଡ଼ (କ), ପାଟଣାଗଡ଼ (ଖ), ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ଲୋଇସିଂହା, ଆଗଲପୁର, ଟିଟିଲାଗଡ଼ ଓ ବଙ୍ଗୋମୁଣ୍ଡା ଦଳ ଯୋଗ ଦେଇଥିଲେ। ବଲାଙ୍ଗୀର (କ) ଓ ଲୋଇସିଂହା ଦଳ ଫାଇନାଲକୁ ପ୍ରବେଶ କରିଛନ୍ତି । ଖେଳକୁ ଚନ୍ଦ୍ରଶେଖର ମେହେର, ସନ୍ତୋଷ ମେହେର, ବିକାଶ ଦାଶ, ପ୍ରଦ୍ୟୁମ୍ନ ରାଉତ, ଆରତୀ ସାହୁ, ନିତେଶ ଭୋଇ, ବୁଦ୍ଧିରାଜ ବିଶ୍ୱାଳ, ଅଭୟ କୁମାର ପଧାନ, ଜନାର୍ଦ୍ଦନ ସାହୁ, ସସ୍ମିତାରାଣୀ ମିଶ୍ର, ମାଧୁରୀ ପଣ୍ଡା, ସୁଶାନ୍ତ ନାଗ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଜିଲାପାଳ ଓ ଅନ୍ୟ ଅତିଥିବୃନ୍ଦ ।

**AUCTION**

BALL MILL 5 TON CAPACITY GRINDING 300 MESS
- Register Office -
MalaShil Industries Pvt. Ltd.
C/6, Koelnagar,
Rourkela-769014, Odisha
Mob : 7873257257
Timing - Within 7 days

**SAMALESWARI GROUP OF INSTITUTIONS**
S.R.I.T. Colony, Near Hanuman Temple,
Budharaja, Sambalpur-768004
**B.Ed.**
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ସାଧାରଣ ସୂଚନା**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଶ୍ରୀ ଅଶୋକ କୁମାର ସାବତ, ବୟସ ୪୫ବର୍ଷ, ପିତା : ଶ୍ରୀ ବିଜୟ କୁମାର ସାବତ, ସା : ସୋରଡ଼ା, ଜିଲ୍ଲା : ଗଞ୍ଜାମ ଓ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମହାନ୍ତି, ବୟସ ୪୬ବର୍ଷ, ପିତା : ଶ୍ରୀ ରାମନାରାୟଣ ମହାନ୍ତି, ସ୍ଥାନ : ଗୁଣୁପୁର, ଜି : ରାୟଗଡ଼ା। ବର୍ତ୍ତମାନ ଫ୍ଲାଟ୍ ନଂ ୩୧୨୨, ଡି. ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା "ମା' ବରୁଣେଇ ରିଏଲକନ" ଫାର୍ମର ଅଂଶୀଦାର ଅଟନ୍ତି। ଯାହାର ମୁଖ୍ୟ କାର୍ଯ୍ୟାଳୟ ଫ୍ଲାଟ୍ ନଂ ୩୧୨୨, ଡି. ଏନ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାରେ ଅବସ୍ଥିତ ଓ ରେଜିଷ୍ଟ୍ରେସନ ନଂ ୧୮୨୦୨୦୨୨୦୦୦୪୧/୨୦୨୨ରେ ଆଇ.ଜି.ଆର୍ ଅଫିସରେ ପଞ୍ଜୀକୃତ ହୋଇଅଛି। ଉକ୍ତ ଫାର୍ମରେ ଦୁଇଟି ନୂତନ ଅଂଶୀଦାର ଧାରା ୧୫ ଅନୁସାରେ ଶ୍ରୀ ମନୋଜ କୁମାର କର, ଡାଇରେକ୍ଟର ଏମ୍ପରନ ସ୍ପେସ ପ୍ରାଇଭେଟ ଲିମିଟେଡ୍, ବୟସ ୪୫ବର୍ଷ, ପିତା : ଶ୍ରୀ ବିଜୟ ଚନ୍ଦ୍ର କର, ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା ଓ ଶ୍ରୀମତୀ ଏଲୋରା ପାଢୀ, ବୟସ ୪୮ବର୍ଷ, ପିତା : ସୁଶିଲ କୁମାର ପାଢୀ, ସା–ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାଙ୍କୁ ନୂଆ ଅଂଶୀଦାର ଭାବରେ ଅନ୍ତର୍ଭୁକ୍ତ ହେବା ପାଇଁ ସଂଶୋଧନ କରାଯିବ ବୋଲି ପ୍ରସ୍ତାବ ରହିଛି।

ଯଦି ଏହି ନୂତନ ଅଂଶୀଦାରମାନଙ୍କ ଅନ୍ତର୍ଭୁକ୍ତକୁ ନେଇ କୌଣସି ବ୍ୟକ୍ତି, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଥାଏ ତେବେ ତାହା ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୪ ଦିନ ଯଥା ୨୬.୦୪.୨୦୨୬ରିଖ ମଧ୍ୟରେ ଲିଖିତ ଭାବରେ ନିମ୍ନଲିଖିତ ଠିକଣାରେ ପହଞ୍ଚିବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି ଓ ଅଭିଯୋଗ ନ ଆସିଲେ ନୂତନ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ପରିଚାଳନା ଅଂଶୀଦାର, ମା' ବରୁଣେଇ ରିଏଲକନ୍,
ତାରିଖ : ୧୧.୦୪.୨୦୨୬ ଫ୍ଲାଟ ନଂ ୩୧୨୨, ଡି ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 02/2026-27
No.1383/Date : 06.04.2026

**No.34001/33/2627** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.04.2026 at 05.00 P.M. to dt.29.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34001/34006/1/26-27/0001

ଫର୍ମ ନଂ.୩
[ବିନିୟମ-୧୩(୧)(ଏ) ଦେଖନ୍ତୁ]

**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**

୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧

ମାମଲା ସଂ.: ଓଏ/୪୦୪/୨୦୨୫

ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ସଂ.: ୭୦୭୨

**ୟେସ୍ ବ୍ୟାଙ୍କ**
**ବନାମ**
**ଗୋପବନ୍ଧୁ ମହାନ୍ତି**

ପ୍ରାପ୍ତେଷୁ,

(୧) ଗୋପବନ୍ଧୁ ମହାନ୍ତି
ପିତା/ସ୍ୱାମୀ– ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା– ସ୍ଥାନ: ଗୋପାଳ ପ୍ରସାଦ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା–୭୫୯୧୦୩

(୨) ଅଭୟ କୁମାର ମହାନ୍ତି
ପିତା– ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା– ସ୍ଥାନ: ଗୋପାଳ ପ୍ରସାଦ କୋଲିଏରୀ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା– ୭୫୯୧୦୩

**ସମନ**

ଯେହେତୁ, ଓଏ/୪୦୪/୨୦୨୫ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୨୪।୦୨।୨୦୨୬ରିଖରେ ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୪୨୮୦୨୮୪.୬୬/- ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ) ।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ଆପଣ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:–
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ତିରିଶ ଦିନ ମଧ୍ୟରେ ଦର୍ଶାଇବା; (ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା; (iii) ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ ଅଟନ୍ତି; (iv) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ; (v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରିଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ସୁରକ୍ଷା ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଦାଖଲ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୧୪।୦୪।୨୦୨୬ରିଖ ୧୦.୩୦ ଘଟିକା ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ ।
ମୋ ହସ୍ତାକ୍ଷର ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ତିଥିରେ ପ୍ରଦତ୍ତ: ୦୭।୦୪।୨୦୨୬ ।

ସ୍ୱା./- ସହକାରୀ ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ ସଂ.୧,
କୋଲକାତା

**ଗଞ୍ଜେଇ ଜବତ, ଜଣେ ଗିରଫ**

ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପୋଲିସ ଚଢ଼ାଉ କରି ୭ କେଜି ଗଞ୍ଜେଇ ସହ ଏକ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ତରଭାର କାର୍ତ୍ତିକ ସାହୁ। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଘଣ୍ଟାପଡ଼ା ବ୍ରିଜ ନିକଟରେ ଛପି ରହିଥିଲା। ବାଇକ୍‌ଟି ଦ୍ରୁତଗତିରେ ଆସୁଥିବା ବେଳେ ତାକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର କହିଛନ୍ତି।

# ସକାରାତ୍ମକ ଚିନ୍ତା ମଣିଷକୁ ସୁସ୍ଥ ରଖେ

**ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)**

କବି ଆର୍ତ୍ତତ୍ରାଣ ବାବୁଙ୍କ ରଚିତ ଗୀତ ପୁସ୍ତକ ବନ୍ଦେ ମାଗୋ ସୋନପୁର ଓ ପ୍ରାମାଣିକ ଚିତ୍ର ଶନିବାର ଲୋକାର୍ପିତ ହୋଇଯାଇଛି। ସୁବର୍ଣ୍ଣପୁର ସହରସ୍ଥିତ ପ୍ରତୀକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ସ୍ରଷ୍ଟା ଡକ୍ଟର ଆର୍ତ୍ତତ୍ରାଣ ବାବୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ପୁସ୍ତକ ଓ ପ୍ରାମାଣିକ ଚିତ୍ରକୁ ଲୋକାର୍ପଣ କରିଥିଲେ। ଜିଲାପାଳ ଡ. ସାହୁ କହିଥିଲେ ଯୋଗ, ପ୍ରାଣାୟମ, ଶାରୀରିକ ବ୍ୟାୟାମ, ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ଶରୀର ପାଇଁ ବେଶ ଲାଭଦାୟକ। ତେବେ ସବୁଠୁ ବଡ କଥା ହେଲା ମଣିଷର ଚିନ୍ତନ। ସକରାତ୍ମକ ଚିନ୍ତା ହିଁ ମଣିଷକୁ ସୁସ୍ଥ ରଖେ ବୋଲି ସେ କହିଥିଲେ। କବି ଆର୍ତ୍ତତ୍ରାଣ ବାବୁଙ୍କ ଜନ୍ମ ଦିନରେ ସୁବର୍ଣ୍ଣପୁର ଜିଲା ପ୍ରତି ସମର୍ପିତ ଏଭଳି ଏକ ପୁସ୍ତକ ଓ ପ୍ରାମାଣିକ ଚିତ୍ରର ଲୋକାର୍ପଣକୁ ଜିଲାପାଳ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ



ଅତିଥି ବୃନ୍ଦ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

**ବନ୍ଦେ ମାଗୋ ସୋନପୁର ପୁସ୍ତକ, ପ୍ରାମାଣିକ ଚିତ୍ର ଲୋକାର୍ପିତ**

ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ବୀରମହାରାଜପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ରଥ, ଡ. ଜ୍ୟୋତିରଞ୍ଜନ ବହିଦାର, ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀ, ଉଲୁଣ୍ଡା ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ସୁଦାମ ନାଏକ, ଗୋରେଖ ନାଥ ସାହୁ, ବ୍ରଜମୋହନ ଦାନୀ, କୈବଲ୍ୟ ମିଶ୍ର ଯୋଗଦାନ କରି ପୁସ୍ତକ, ପ୍ରାମାଣିକ ଚିତ୍ର ଓ କବି ଆର୍ତ୍ତତ୍ରାଣଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ହିମାଂଶୁ ଭୂଷଣ ପଣ୍ଡା, ଲକ୍ଷ୍ମୀ ନାରାୟଣ ସାହୁ ଓ ଅଦୈତ୍ୟ ପ୍ରସାଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରାମାଣିକ ଚଳଚ୍ଚିତ୍ରକୁ ଡ. ରାଧେଶ୍ୟାମ ମିଶ୍ର ସମ୍ପାଦନ କରିଥିବା ବେଳେ କଣ୍ଠଶିଳ୍ପୀ ମଞ୍ଜୁଶ୍ରୀ ବାବୁ ଓ ସୁଶିଲ ମହାଲିଙ୍ଗ ଗୀତ ଗାଇଛନ୍ତି। ଏହି ଅବସରରେ ମଧୁସୂଦନ ଦାଶ, କୁଶ କୁମାର ମିଶ୍ର, ନିସାନ ପ୍ରକାଶନୀର ପ୍ରକାଶକ ନନ୍ଦକାହ୍ନା ପୂଜାହାରୀ, ପ୍ରଯୋଜକ ଡାକ୍ତର ଆଭାସ ରଞ୍ଜନ ବାବୁ, ଇଂ ଆଶିଷ ରଞ୍ଜନ ବାବୁ, ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ଡ. ସୌରଭ ରଞ୍ଜନ ଖମାରୀ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ବ୍ୟୋମକେଶ ଦାଶ ଓ ଡ ଇତିଶ୍ରୀ ଦାସ ଉପସ୍ଥିତ ଥିଲେ। ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ପ୍ରଦ୍ୟୁମ୍ନ କୁମାର ସାହୁ ଓ ଡ. ଦ୍ୱିତୀକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

**ପ୍ଲାଟିନମ ଜୁବିଲି କୋଟସମଲାଇ ବାହାରିପଡ଼ା ଶ୍ରୀରାମଲୀଳା ଉତ୍ସବ**

# ଇନ୍ଦ୍ରଜିତ ବଧ ମଞ୍ଚସ୍ଥ

**ବୀରମହାରାଜପୁର,୧୧।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ରଘୁନାଥ ମନ୍ଦିର ନିକଟରେ ପ୍ଲାଟିନମ ଜୁବିଲି ରାମଲୀଳା ଉତ୍ସବ ୧୮ଦିନ ଧରି ପାଳିତ ହେଉଛି। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରଘୁନାଥଙ୍କ ଲୀଳାକୁ ନାଟକ ମାଧ୍ୟମରେ ପ୍ରଦର୍ଶିତ କରି ଗାଁରେ ଏକତା, ଭାଇଚାରା ସୃଷ୍ଟି କରାଯାଉଛି। ରାମଲୀଳା ନାଟକ ମାଧ୍ୟମରେ ପ୍ରଦର୍ଶିତ ହେଉଥିବାରୁ ଭାଇଚାରା ସୃଷ୍ଟି ହେବା ସହ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ଗଢି ଉଠେ। ଶ୍ରୀରଘୁନାଥ ନାଟ୍ୟ କଳାପରିଷଦ କୋଟସମଲାଇ ବାହାରିପଡା ପକ୍ଷରୁ ନିରବଚ୍ଛିନ୍ନ ଭାବେ ୭୫ବର୍ଷ ରାମଲୀଳା ଉତ୍ସବ ପାଳନ ହୋଇଛି। ସ୍ୱାଧୀନତା ପରବର୍ତ୍ତୀ ସମୟଠାରୁ ପୂର୍ବପୁରୁଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ରାମଲୀଳା


କୋଟସମଲାଇ ରାମଲୀଳାର ଏକ ଦୃଶ୍ୟ।

ଉତ୍ସବ ବର୍ତ୍ତମାନ ମହାସମାରୋହରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ରାତିରେ 'ଇନ୍ଦ୍ରଜିତ ବଧ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ନରେନ୍ଦ୍ର ବାଘ, ହନୁମାନ ଶରଦ କର୍ଣ୍ଣ, ବିଭୀଷଣ ସୁବାସ ବନଛୋର, ସୁଗ୍ରୀବ କିଶୋର ପଧାନ, ଅଙ୍ଗଦ ଅନାଦି ବସ୍ତିଆ, ରାବଣ ଦିଗମ୍ବର ଚୌଧୁରୀ, ଇନ୍ଦ୍ରଜିତ ଚକ୍ରପାଣି ମେଣ୍ଡିଲିଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିରେ ବିଭୀଷଣ ସେଠୀ, ବୀରମିତ୍ର ପଧାନ, ପୂଜକ ସରୋଜ ପୂଜାହାରୀ, ହୃଷିକେଶ ପଧାନ, ରଘୁନାଥ ବାରକୁଟିଆ, ପରେଶ ବାଘ, ବୁଦ୍ଧଦେବ ମେଣ୍ଡିଲି, ହରପ୍ରସାଦ କର୍ମୀ, ଅନିରୁଦ୍ଧ ଗଡ଼ୁଆ,ସଞ୍ଜିବ ପଧାନ, ଦଶରଥ ମେଣ୍ଡିଲି, ଜନ୍ମ ବାରକୁଟିଆ, ବୃଷଭ କର୍ଣ୍ଣ, ଲକ୍ଷ୍ମଣ ସାହୁ, ଲକ୍ଷିନ୍ଦ୍ର ବସ୍ତିଆ ପ୍ରମୁଖ ସହଯୋଗ କରୁଛନ୍ତି।

# ମହାତ୍ମା ଜ୍ୟୋତିବା ରାଓ ଫୁଲେଙ୍କ ଜୟନ୍ତୀ

**ଡୁଙ୍ଗୁରିପାଲି,୧୧।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଶନିବାର ଡୁଙ୍ଗୁରିପାଲି ଗଣ୍ଡାପଡା ନିକଟରେ ଥିବା ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ମହାତ୍ମା ପିତା ଜ୍ୟୋତିବା ରାଓ ଫୁଲେଙ୍କ ୨୦୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି କଲ୍ୟାଣ ସଂଘ ସଭାପତି ସୁରୁବାବୁ ନନ୍ଦଙ୍କ ସଭାପତିତ୍ୱରେ ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜନଜାତି ସଭାପତି ଶ୍ୟାମସୁନ୍ଦର ଭୋଇ ଯୋଗଦେଇ ପ୍ରଥମେ ମହାତ୍ମା ପିତା ଜ୍ୟୋତିବା ରାଓ ଫୁଲେଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ପ୍ରଦାନ କରି ଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଏସ୍‌ସିଏସ୍‌ଟି ସମନ୍ୱୟ ସମିତି କଲ୍ୟାଣ ସଂଘର ସମ୍ପାଦକ ପ୍ରକାଶ କୁମ୍ଭାରଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ


ମହାତ୍ମା ପିତା ଜ୍ୟୋତିବା ରାଓ ଫୁଲେଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜର ତଥା ଡ଼ ବିଆର ଆମ୍ବେଦକର ଜୟନ୍ତୀର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣପୁର ଜିଲା ବାମସେଦ କୋଡିନେଟର ଖଗେଶ୍ୱର କୁମ୍ଭାର ଯୋଗଦେଇଥିଲେ। ଡୁଙ୍ଗୁରିପାଲି ବ୍ଲକର(ଓବିସି) ସମାଜର ସଭ୍ୟ ସୁରେଶ ପଧାନ, ଡୁଙ୍ଗୁରିପାଲି ବ୍ଲକର ମାଇନୋରୀଟି ସମାଜର ସଭ୍ୟ ସାନନ୍ଦ ତାଣ୍ଡି ଉପସ୍ଥିତ ଥିଲେ। ଭାରତରେ ସର୍ବ ପ୍ରଥମେ ମହାତ୍ମା ପିତା ଜ୍ୟୋତିବାରାଓ ଫୁଲେ ଓ ତାଙ୍କ ସ୍ତ୍ରୀ ମାତା ସାବିତ୍ରୀ ବାଇ ଫୁଲେଙ୍କ ଜୀବନୀ, ଦେଶ ଓ ସମାଜ ଗଠନରେ ସୁଧାର ଆଣିଥିବା ଅତିଥିମାନେ ମତରଖି ସ୍ମୃତିଚାରଣ କରିଥିଲେ। ଉପେନ୍ଦ୍ର କୁମ୍ଭାର, ରାଜକିଶୋର ତାଣ୍ଡି, ରିଙ୍କୁ ବାଗ, ଶେଖର ସୁମନ ବାଗ, ସୁନୀଲ କୁମ୍ଭାର, ଅନିଲ କୁମ୍ଭାର, ରାକେଶ ରାଏ ଉପସ୍ଥିତ ଥିଲେ।

## ଶ୍ରେଣୀ କୋଠରି ଅଭାବ: ପାଠପଢ଼ା ବାଧାପ୍ରାପ୍ତ

**ତରଭା,୧୧।୪(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା କେତେକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ କୋଠରି ଅଭାବ ଯୋଗୁ ପାଠପଢା ବାଧାପ୍ରାପ୍ତ ହୋଇଛି। ବାଲ୍‌ବାଟିକା ଶ୍ରେଣୀକୁ ମିଶାଇ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସି ପାଠ ପଢୁଛନ୍ତି। ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ୨୧ଟି ପଞ୍ଚାୟତରେ ଶିକ୍ଷା ବିଭାଗ ପକ୍ଷରୁ ୧୬ଟି କ୍ଲଷ୍ଟର ରହିଛି। ସବୁ କ୍ଲଷ୍ଟରରେ ଅଧିକାଂଶ ବିଦ୍ୟାଳୟରେ ଶ୍ରେଣୀ କୋଠରିର ଅଭାବ ରହିଛି। କୁମ୍ଭାରମୁଣ୍ଡା କ୍ଲଷ୍ଟର ତଥା ଚାରଭଟ୍ଟା ପଞ୍ଚାୟତର ବୁଢାଖମନ ଗ୍ରାମରେ ୧୯୭୬ରେ ବୁଢାଖମନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ଏଠାରେ କେତେବେଳେ ଶିକ୍ଷକ ଅଭାବ ତ କେତେବେଳେ ପାଚେରୀ ବିବାଦ ଲାଗି ରହି ଆନ୍ଦୋଳନ ପନ୍ଥା ଗ୍ରହଣ ପରେ ସମାଧାନ ହୋଇଛି। ହେଲେ ଦୀର୍ଘବର୍ଷ ଧରି ଏଠାରେ ଶ୍ରେଣୀ କୋଠରିର ଅଭାବ ରହିଛି। ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଶ୍ରେଣୀ କୋଠରି ଅଭାବ ଯୋଗୁ ଏହି ବିଦ୍ୟାଳୟରେ ବାଲ୍ ବାଟିକା ସହିତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀ କୋଠରିରେ ବସାଯାଇ ଶିକ୍ଷାଦାନ ଦିଆଯାଉଛି। ପ୍ରାୟ ୧୦/୧୨ ଫୁଟ ଲମ୍ବା କୋଠରିରେ ୩୯ ଛାତ୍ରୀଛାତ୍ର ବସୁଥିବାବେଳ ୨ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେହି ସ୍ଥାନରେ ପୁଣି ବିଦ୍ୟାଳୟର ଅଫିସ ସାମଗ୍ରୀ, ମଧ୍ୟାହ୍ନଭୋଜନର ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ରଖାଯାଉଛି। ଏହି ପରିସ୍ଥିତିରୁ ଅନୁମାନ କରାଯାଉ, ଶିକ୍ଷାଦାନ କିପରି ହେଉଥିବ ଓ ଛାତ୍ରୀଛାତ୍ରଙ୍କ ଲାଗି କେତେ ଶୈକ୍ଷିକ ବାତାବରଣ ରହିଛି। ଏହିପରି ଅଇଁଲାପାଲି ବିଦ୍ୟାଳୟର ମଧ ସମାନ ଅବସ୍ଥା। ସେହିପରି ଅନ୍ୟ କ୍ଲଷ୍ଟରରେ ମଧ୍ୟ ଏହିପରି ବିଦ୍ୟାଳୟ ରହିଥିବାର ସୂଚନା ରହିଛି। ଏ ସମ୍ପର୍କରେ ତରଭା ଏବିଇଓ (ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ) ସତ୍ୟନାରାୟଣ ମହାପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ ଅଇଁଲାପାଲି ଓ ବୁଢାଖମନ ବିଦ୍ୟାଳୟ ଉପରେ ସୂଚନା ରହିଛି। ଅନ୍ୟ ବିଦ୍ୟାଳୟ ସମ୍ପର୍କରେ ସମସ୍ତ ସିଆର୍‌ସିଙ୍କୁ ଜଣାଇବାକୁ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ମତ ରଖିଥିଲେ।

# ରକ୍ତଦାନ ଶିବିର: ୨୯ ୟୁନିଟ୍ ରକ୍ତ ସଂଗ୍ରହ

**ବୌଦ୍ଧ/ଖୁଣ୍ଟିଗୋରା,୧୧।୪ (ଅଜିତ କୁମାର ବାରିକ/ ମକରନ୍ଦ ସାହୁ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ରାଷ୍ଟ୍ରୀୟ ସେବା ଯୋଜନା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ରେଡକ୍ରସ ସମ୍ପାଦକ ଅଧ୍ୟାପକ ତ୍ରିନାଥ ରଣା, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସୁରଜ କୁମାର ନାୟକ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଅଧ୍ୟାପକ ଲେଫ୍ଟନାଣ୍ଟ ସଦାନନ୍ଦ ମାହାରଙ୍କ ମିଳିତ ସହଯୋଗରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଇଂରାଜୀ ପ୍ରାଧ୍ୟାପକ ଭାଗ୍ୟବାନ ମହାକୁର ଉପସ୍ଥିତ ଥିଲେ। ବୌଦ୍ଧ ରକ୍ତଭଣ୍ଡାର ଅଧିକାରୀ ଡା. ବି କେ ଆର୍ ସି ଦେଓ ହେମ୍ବ୍ରମ, ବନୋଜ ପ୍ରଧାନ ସହଯୋଗ କରିଥିଲେ।


ଶିବିରରେ ରକ୍ତଦାନ କରାଯାଉଛି।

କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟଠାରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୋଜ କୁମାର ଭୁକ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଯୁବ ରେଡକ୍ରସ୍ ପରାମର୍ଶଦାତା ସମୀର ମେହେର ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିବଦତ୍ତ ପୁରୋହିତ ପରିଚାଳନା କରିଥିଲେ। ଯୁବ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି, କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ବନମାଳି ମେହେର ଓ ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ବାନ୍ଧବ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମାଜସେବୀ ଅରୁଣ ପ୍ରଧାନ ଓ ଯୁବ ସମାଜସେବୀ ଆଜାଦ୍ କଲତା ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭିମସାର୍, ବୁର୍ଲାର ରକ୍ତଭଣ୍ଡାର ଅଧିକାରୀ ଡା. ପ୍ରିୟତୋଷ ସାହୁ, ଦେବାଶିଷ ମିଶ୍ର, ସନ୍ତୋଷ ଟାଡା, ସୂର୍ଯ୍ୟନାରାୟଣ ବେହେରା, ବିନୋଦ ବେହେରା, ସ୍ମୃତି ପଟ୍ଟନାୟକ ସହଯୋଗ କରିଥଲେ।

## ବାଇକ୍ ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

**ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୁରୁଣା ଷ୍ଟେଟ ବ୍ୟାଙ୍କ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ପୋଡଟିକିରା ଗ୍ରାମର ସୁଶୀଲ ନାଏକ। ସେ ୧୦୮ ଆମ୍ବୁଲାନ୍ସର କର୍ମଚାରୀ ଭାବେ କାମ କରୁଥିଲେ। ଶନିବାର ଅପରାହ୍ନରେ ୩ ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ପୁରୁଣା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ କୁକୁର ହଠାତ୍ ରାସ୍ତାକୁ ଚାଲି ଆସିଥିଲା। ଏଥିରେ ବାଇକ୍ କୁକୁର ଉପରେ ଚଢ଼ିଯିବା ସହ ଭାରସାମ୍ୟ ହରାଇ ଏକ ଖୁଣ୍ଟରେ ପିଟି ହୋଇଥିଲା। ଫଳରେ ୩ଜଣ ଛିଟିକି ପଡ଼ିଥିଲେ। ଏଥିରେ କୁକୁରର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ୩ଯୁବକଙ୍କୁ ଉଦ୍ଧାର କରାଯାଇ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୁଶୀଲଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସୋନପୁର କଲେଜରେ ସ୍ୱାସ୍ଥ୍ୟ ଶିବିର

**ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର କଲେଜରେ ଜାତୀୟ ସେବା ଯୋଜନା ତରଫରୁ ଏକ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଧାକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଅଞ୍ଜଲିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ବଂଶୀଧର ଦୀପ, ଏନ୍‌ଏସ୍‌ଏସ୍‌ର ବଲାଙ୍ଗୀର ଜିଲା ନୋଡାଲ ଅଧିକାରୀ ଅଜିତ ଭୋଇ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବଶୁମତି ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ସଭାକୁ କାର୍ଯ୍ୟକ୍ରମ ଅଧିକାରୀ ତଥା ସୁବର୍ଣ୍ଣପୁର ଜିଲା ନୋଡାଲ ଅଧିକାରୀ ଏନ୍‌ଏସ୍‌ଏସ୍ ଧୀରେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଯାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଜିଲାର ୯ଟି କଲେଜରୁ ମୋଟ ୨୦୦ ଛାତ୍ରୀ ଓ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଶିବିରରେ ଡାକ୍ତର ଚୌଧୁରୀଙ୍କ ନେତୃତ୍ୱରେ ଆସିଥିବା ଟିମ୍ ସହଯୋଗରେ ସମସ୍ତଙ୍କର ହିମୋଗ୍ଲୋବିନ ପରୀକ୍ଷା କରାଯିବା ସହିତ ରକ୍ତହୀନତା ନିରାକରଣ ସମ୍ବନ୍ଧରେ ଦୁଇଟି ସଚେତନତା ଅଧ୍ୟୟନମୂଳକ ଶ୍ରେଣୀ ଯଥାକ୍ରମେ ଡାକ୍ତର ବଶୁମତି ଚୌଧୁରୀ ଓ ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ନେଇ ଶିବିରାର୍ଥୀମାନଙ୍କୁ ସଚେତନ କରେଇଥିଲେ।



## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଶିବିର

**ବୀରମହାରାଜପୁର,୧୧।୪(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୌମିତ୍ରୀ ସାହୁ ଶିବିରକୁ ଉଦ୍‌ଘାଟନ କରି ଯୋଗ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି କହିଥିଲେ। ଶିକ୍ଷକ କେଶବ ନାୟକ ଯୋଗ ଆବାଳ ବୃଦ୍ଧବନିତାଙ୍କ ପାଇଁ ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଯୋଗ ଶିକ୍ଷକ ଦିନେଶ ବିଶ୍ୱାଳ ଛାତ୍ରୀଛାତ୍ର ତଥା ଶିକ୍ଷକଙ୍କୁ ସୂକ୍ଷ୍ମ ବ୍ୟାୟାମ, ଆସନ ତଥା ପ୍ରାଣାୟମର ଅଭ୍ୟାସ କରାଇଥିଲେ। ଶିକ୍ଷକ ସହଦେବ ମେହେର ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସବୁଦିନ ଯୋଗ କରିବା ପାଇଁ ଅନୁରୋଧ କରିଥିଲେ।

**AUCTION**
BALL MILL 5 TON CAPACITY
GRINDING 300 MESS
- Register Office -
MalaShil Industries Pvt. Ltd.
C/6, Koelnagar,
Rourkela-769014, Odisha
Mob : 7873257257
Timing - Within 7 days

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ଫର୍ମ ନଂ.୩**
[ବିନିୟମ-୧୩(୧)(ଏ) ଦେଖନ୍ତୁ]
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ**
**କୋଲକାତା (ଡିଆର୍‌ଟି ୧)**
୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି,
ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧
**ମାମଲା ସଂ.: ଓଏ/୪୦୪/୨୦୨୫**
ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ସଂ.: ୭୦୭୨
**ୟେସ୍ ବ୍ୟାଙ୍କ**
**ବନାମ**
**ଗୋପବନ୍ଧୁ ମହାନ୍ତି**
ପ୍ରାପ୍ତେଷୁ,
**(୧) ଗୋପବନ୍ଧୁ ମହାନ୍ତି**
ପିତା/ସ୍ୱାମୀ– ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା– ସ୍ଥାନ: ଗୋପାଳ ପ୍ରସାଦ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା–୭୫୯୧୦୩
**(୨) ଅଭୟ କୁମାର ମହାନ୍ତି**
ପିତା– ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା– ସ୍ଥାନ: ଗୋପାଳ ପ୍ରସାଦ କୋଲିଏରୀ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା– ୭୫୯୧୦୩
**ସମନ**
ଯେହେତୁ, ଓଏ/୪୦୪/୨୦୨୫ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୨୪।୦୨।୨୦୨୬ରିଖରେ ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୪୨୮୦୨୮୪.୬୬/- ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ)।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ଆପଣ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:–
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ତିରିଶ ଦିନ ମଧ୍ୟରେ ଦର୍ଶାଇବା; (ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା; (iii) ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ ଅଟନ୍ତି; (iv) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ; (v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରିଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ସୁରକ୍ଷା ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଦାଖଲ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୧୪।୦୪।୨୦୨୬ରିଖ ୧୦.୩୦ ଘଟିକା ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ।
ମୋ ହସ୍ତାକ୍ଷର ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ତିଥିରେ ପ୍ରଦତ୍ତ: ୦୭।୦୪।୨୦୨୬।
**ସ୍ୱା./- ସହକାରୀ ରେଜିଷ୍ଟ୍ରାର**
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ ସଂ.୧, କୋଲକାତା

**ସାଧାରଣ ସୂଚନା**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଶ୍ରୀ ଅଶୋକ କୁମାର ସାବତ, ବୟସ ୫୬ବର୍ଷ, ପିତା : ଶ୍ରୀ ବିଜୟ କୁମାର ସାବତ, ସା : ସୋରଡ଼ା, ଜିଲ୍ଲା : ଗଞ୍ଜାମ ଓ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମହାନ୍ତି, ବୟସ ୫୪ବର୍ଷ, ପିତା : ଶ୍ରୀ ରାମନାରାୟଣ ମହାନ୍ତି, ସ୍ଥାନ : ଗୁଣୁପୁର, ଜି : ରାୟଗଡ଼ା। ବର୍ତ୍ତମାନ ଫ୍ଲାଟ୍ ନଂ ୩୧୨୨, ଡି. ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା "ମା' ବରୁଣେଇ ରିଏଲକନ" ଫାର୍ମର ଅଂଶୀଦାର ଅଟନ୍ତି। ଯାହାର ମୁଖ୍ୟ କାର୍ଯ୍ୟାଳୟ ଫ୍ଲାଟ୍ ନଂ ୩୧୨୨, ଡି. ଏନ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାରେ ଅବସ୍ଥିତ ଓ ରେଜିଷ୍ଟ୍ରେସନ ନଂ ୧୮୨୦୨୦୨୨୦୦୦୪୧/୨୦୨୨ରେ ଆଇ.ଜି.ଆର୍ ଅଫିସରେ ପଞ୍ଜୀକୃତ ହୋଇଅଛି। ଉକ୍ତ ଫାର୍ମରେ ଦୁଇଟି ନୂତନ ଅଂଶୀଦାର ଧାରା ୧୫ ଅନୁସାରେ ଶ୍ରୀ ମନୋଜ କୁମାର କର, ଡାଇରେକ୍ଟର ଏମ୍ବରନ ସ୍ପେସ ପ୍ରାଇଭେଟ ଲିମିଟେଡ୍, ବୟସ ୫୫ବର୍ଷ, ପିତା : ଶ୍ରୀ ବିଜୟ ଚନ୍ଦ୍ର କର, ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା ଓ ଶ୍ରୀମତୀ ଏଲୋରା ପାଢୀ, ବୟସ ୫୪ବର୍ଷ, ପିତା : ସୁଶିଲ କୁମାର ପାଢୀ, ସା-ଫ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାଙ୍କୁ ନୂଆ ଅଂଶୀଦାର ଭାବରେ ଅନ୍ତର୍ଭୁକ୍ତ ହେବା ପାଇଁ ସଂଶୋଧନ କରାଯିବ ବୋଲି ପ୍ରସ୍ତାବ ରହିଛି।

ଯଦି ଏହି ନୂତନ ଅଂଶୀଦାରମାନଙ୍କ ଅନ୍ତର୍ଭୁକ୍ତକୁ ନେଇ କୌଣସି ବ୍ୟକ୍ତି, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଥାଏ ତେବେ ତାହା ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୪ ଦିନ ଯଥା ୨୬.୦୪.୨୦୨୬ରିଖ ମଧ୍ୟରେ ଲିଖିତ ଭାବରେ ନିମ୍ନଲିଖିତ ଠିକଣାରେ ପହଞ୍ଚିବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି ଓ ଅଭିଯୋଗ ନ ଆସିଲେ ନୂତନ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ପରିଚାଳନା ଅଂଶୀଦାର, ମା' ବରୁଣେଇ ରିଏଲକନ୍,
ତାରିଖ : ୧୧.୦୪.୨୦୨୬ ଫ୍ଲାଟ ନଂ ୩୧୨୨, ଡି ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

**OFFICE OF THE**
**SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 02/2026-27
No.1383/Date : 06.04.2026

**No.34001/33/2627** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.04.2026 at 05.00 P.M. to dt.29.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-34001/34006/1/26-27/0001

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ପ୍ରସ୍ତୁତି

**ସୋନପୁର,୧୧।୪(ମୃତ୍ୟୁଞ୍ଜୟ ଶତପଥୀ)**

**୨୧ରେ ଟାଉନ ହଲ୍‌ରେ ୩୦ ଯୋଡ଼ିଙ୍କ ବିବାହ ଉତ୍ସବ**

ବର୍ତ୍ତମାନର ମହଙ୍ଗା ଯୁଗରେ ଗୋଟିଏ ଗରିବ ପରିବାରରେ ଝିଅ ବିବାହ କରିବା କାଠିକର ପାଠ। ଏଥିପାଇଁ ରାଜ୍ୟ ସରକାର ନୂତନ ଭାବେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା(ଏମ୍‌କେବିୱାଇ)ର ଶୁଭାରମ୍ଭ କରିଛନ୍ତି। ସୁବର୍ଣ୍ଣପୁର ଜିଲାରେ ଆସନ୍ତା ୨୧ ତାରିଖ ମଙ୍ଗଳବାର ଏହି ଯୋଜନାରେ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହେବ। ସହରସ୍ଥିତ ଟାଉନ ହଲ୍‌ରେ ୩୦ ଯୋଡି ଯୁବତୀ ଯୁବକଙ୍କ ବିବାହ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ଥିର ହୋଇଛି। ଏଥିପାଇଁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇ ବିଧବା, ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଯୁବତୀ, ଭିନ୍ନକ୍ଷମ ଯୁବତୀ ଏବଂ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରର ଯୁବତୀଙ୍କୁ ଏହି ଯୋଜନାରେ ବିବାହ ପାଇଁ ସହାୟତା


ଜିଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ୧୮ରୁ ୩୫ ବର୍ଷ ବୟସର ଯୁବତୀ ଓ ୨୧ରୁ ୩୫ ବର୍ଷ ବୟସର ଯୁବକ ଅନଲାଇନରେ ଆବେଦନ କରିପାରିବେ। ଗୋଟିଏ ଝିଅ ବିବାହ ପାଇଁ ରାଜ୍ୟ ସରକାର ୬୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରୁଛନ୍ତି। ଯେଉଁଥିରେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ୪୫ହଜାର ଟଙ୍କା ଲେଖାଏଁ ଜମା ହେବ। ବାକି ୧୫ହଜାର ଟଙ୍କା ବିବାହ ଆୟୋଜନରେ ଖର୍ଚ୍ଚ କରାଯିବା ନେଇ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହି ସାମୂହିକ ବିବାହ ଉତ୍ସବ ଭଲ ଭାବେ ଜିଲାରେ ଆୟୋଜନ କରିବା ନେଇ ଜିଲାପାଳ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ବୈଦିକ ରୀତିନୀତିରେ ବିବାହ ପାଇଁ ବେଦି ନିର୍ମାଣ, ପୂଜକ ଚୟନ, ପୂଜା ସରଞ୍ଜାମ କ୍ରୟ ଓ ଦମ୍ପତିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉପଢୌକନ ପ୍ରଦାନ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଜିଲା ସମାଜ କଲ୍ୟାଣ ଅଧିକାରୀ ବୀଣାପାଣି ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଷି ମାଝୀ, ଡିଆଇପିଆରଓ ପ୍ରୀତି ସୁନା, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ରମିକ ନେତା ଗୋବିନ୍ଦ ମହାରଣା ଓ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଗୋହିରା ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ**

ରିଆମାଳ,(ବଦ୍ରିନାରାୟଣ ଅଗ୍ରୱାଲ): ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଗୋଙ୍ଗୋଲବେଡ଼ାସ୍ଥିତ ଗୋହିରା ସରକାରୀ ହାଇସ୍କୁଲରେ ରିଆମାଳ ପୋଲିସ ପକ୍ଷରୁ ମାଦକ ଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ଜିନସ କେରକେଟ୍ଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍ଆଇ ରମେଶ ମାଝୀ ଯୋଗଦେଇଥିଲେ। ବର୍ତ୍ତମାନ ଯୁବପିଢ଼ି ନିଶା ସେବନ ଦ୍ୱାରା ପଥଭ୍ରଷ୍ଟ ହେଉଛନ୍ତି। ମାଦକ ଦ୍ରବ୍ୟ ସେବନ ସମ୍ପର୍କରେ ସଚେତନ ରହିବା ସହ ସମାଜରେ ଅପରାଧ କାର୍ଯ୍ୟରୁ ଦୂରେଇ ରହିବାକୁ ଓ ଅନ୍ୟକୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ଯଦି ସେମାନଙ୍କ ନଜରକୁ ଆସେ ତେବେ ୧୧୨ ରେ ଫୋନ କରି ଜଣାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରଧାନଶିକ୍ଷକ କୁମୁଦବନ୍ଧୁ ପୁଷ୍ଟିଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଡିଜିଟାଲ ପ୍ରମାଣ ସଂଗ୍ରହକୁ ଗୁରୁତ୍ୱ

ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷଠାରେ ଅଣକ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ୨ ଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେଶର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇଥିଲେ। ଏହି ଅବସରରେ ଏସ୍ପି ରାଘବେନ୍ଦ୍ର ପ୍ରତିଭାଗୀମାନଙ୍କୁ ସମ୍ବୋଧିତ କରି ଇଲେକ୍ଟ୍ରୋନିକ ଏବଂ ଡିଜିଟାଲ ପ୍ରମାଣ ଇ-ସାକ୍ଷ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଧୁନିକ ଯୁଗରେ ଆପରାଧିକ ତଦନ୍ତ କ୍ଷେତ୍ରରେ ଡିଜିଟାଲ ପ୍ରମାଣ ସଂଗ୍ରହ, ସଂରକ୍ଷଣ ଏବଂ ଏହାକୁ ନ୍ୟାୟାଳୟରେ ଉପଯୁକ୍ତ ଭାବେ ଉପସ୍ଥାପନ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ କହିଥିଲେ, ଝାରସୁଗୁଡ଼ା ପୋଲିସ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ଆପରାଧିକ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ଇ-ସାକ୍ଷ୍ୟ ଏବଂ ପୋଲିସ, ଅଦାଲତ ଓ ପ୍ରସିକ୍ୟୁସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଏସ୍ପି କହିଥିଲେ। ସେହିପରି ଜିଲାପାଳ ଚହ୍ୱାଣ କହିଥିଲେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆମର ନୂତନ ଭାବେ ନିଯୁକ୍ତ ପ୍ରସିକ୍ୟୁଟରମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ଏକ ମାଇଲଖୁଣ୍ଟ। ଆଇନ୍ର ଜଟିଳତା ଏବଂ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ସହ ନିଜକୁ ଅପଡେଟ୍ ରଖିବା ଦ୍ୱାରା ହିଁ ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇପାରିବ। ଝାରସୁଗୁଡ଼ା ଡେପୁଟି ଡାଇରେକ୍ଟର ଅଫ୍ ପବ୍ଲିକ୍ ପ୍ରସିକ୍ୟୁଶନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଛି।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଅଣକ୍ୟାଡର ପ୍ରସିକ୍ୟୁଟରଙ୍କ ପାଇଁ ପ୍ରଶିକ୍ଷଣ ଶିବିର**

# ଯୁବତୀଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ରିଆମାଳ,୧୧।୪(ବଦ୍ରିନାରାୟଣ ଅଗ୍ରୱାଲ)

ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ରିଆମାଳ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ କୁଲିହାମାଲ ଗ୍ରାମର ଭେଙ୍କଟେଶ ସୁନାନୀ(୨୮)। ଅଭିଯୋଗ ଅନୁଯାୟୀ, ରିଆମାଳ ଥାନା ଅଞ୍ଚଳର ଜଣେ ଯୁବତୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରେ ସେମାନଙ୍କ ବିବାହ ପାଇଁ ଉଭୟ ପରିବାର ରାଜି ହୋଇଥିଲେ। ୨୦୨୨ ଡିସେମ୍ବର ୭ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ଏହାପରେ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ଭେଙ୍କଟେଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସେ ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ଭେଙ୍କଟେଶ ତାଙ୍କର ଗର୍ଭପାତ କରାଇବା ସହ ବିବାହ କରିବା ପାଇଁ ମନାକରି ଫେରାର ହୋଇଯାଇଥିଲେ। ଏନେଇ ଯୁବତୀ ଜଣଙ୍କ ରିଆମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୨୧/୨୬) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମହିଳା ସଂରକ୍ଷଣ ଆଇନ ସମ୍ପର୍କିତ ଜନମତ ଉପରେ ଆଲୋଚନାଚକ୍ର

ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ମହିଳା ସଂରକ୍ଷଣ ଆଇନ ଉପରେ ଜନମତ ବିଷୟରେ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ନିର୍ବାଚନ ସାକ୍ଷରତା କ୍ଲବ୍ର ଯୁଗ୍ମ ସହଭାଗିତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଲଇଡା ପି.ଏସ୍. କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ କୈଳାସ ବେହେରା ଯୋଗଦେଇ ମହିଳା ସଂରକ୍ଷଣ ଆଇନର ବିଭିନ୍ନ ପର୍ଯ୍ୟାୟକୁ ଆଲୋଚନା କରିଥିଲେ। ଏଥିସହ ଜନମତ ଗଠନରେ ଗଣମାଧ୍ୟମ, ଶିକ୍ଷା ଓ ସାମାଜିକ ସଂସ୍ଥାର ଭୂମିକା ଉପରେ ସେ ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ତପନ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗ ମୁଖ୍ୟ ଅଧ୍ୟାପକ ରବି ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆୟୋଜିତ ଅଧିବେଶନରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମହିଳା ସଂରକ୍ଷଣର ଆବଶ୍ୟକତା ଓ ପ୍ରଭାବ ବିଷୟରେ ନିଜ ମତ ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକ ଯୋଗଦେଇ ରାଜନୀତି ଓ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ପାଇଁ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପୂଜା ଶାହା, ସ୍ୱାଗତିକା ବାରିକ, ପ୍ରାଧ୍ୟାପକ ବ୍ରଜେଶ ସାହୁ, ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସମେତ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଧ୍ୟାପିକା ଡ. ସୁଚରିତା ଦାଶ ଧନ୍ୟବାଦ ଦେଇଥିଲେ।

# ସହର ବିକାଶ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ)

**ପୌରପାଳିକାର ୧୯ତମ କାଉନ୍ସିଲ୍ ବୈଠକ**

ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୧୯ତମ କାଉନ୍ସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ସାମଗ୍ରିକ ବିକାଶ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ସହ ଭିତ୍ତିଭୂମି ଉନ୍ନତୀକରଣ ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ବର୍ଷାଦିନ ପୂର୍ବରୁ ସହରର ସମସ୍ତ ନର୍ଦ୍ଦମା ସଫା କରିବା, ଷ୍ଟ୍ରିଟ୍ ଲାଇଟ୍ ଏବଂ ଫାଉଣ୍ଟେନ୍ଗୁଡ଼ିକର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଥିକ ଓ ଟ୍ରାଫିକ୍ ପୋଲିସ ପାଇଁ ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଟ୍ରାଫିକ୍ ସେଡ୍ ନିର୍ମାଣ କରାଯିବ। ଝାଡ଼େଶ୍ୱର ମନ୍ଦିର ନିକଟରେ ସ୍ୱରେଜ୍ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣାବସ୍ତି ଜଳାଶୟର ପୁନରୁଦ୍ଧାର ଏବଂ ଡମ୍ପିଂୟାର୍ଡରେ ବ୍ୟାପକ ଚାରାରୋପଣ ସହିତ ସରବାହାଲ, ମନମୋହନ ଓ ଇଞ୍ଜିନିୟରିଂ ସ୍କୁଲ ନିକଟସ୍ଥ ଖୋଲାସ୍ଥାନର ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ନିଆଯାଇଛି।




କାଉନ୍ସିଲ୍ ବୈଠକରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେଉଛି।

ପଞ୍ଚପଡ଼ାଠାରେ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ଭୂମିହୀନଙ୍କୁ ବାସଗୃହ ଯୋଗାଇଦେବା ଉପରେ ଆଲୋଚନା ହୋଇଥିବାବେଳେ ବିଭିନ୍ନ କମ୍ପାନୀରୁ ବକେୟା ଟିକସ ଆଦାୟ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ୧୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ସମସ୍ତ କାଉନସିଲରଙ୍କୁ ପ୍ରସ୍ତାବ ଦେବାକୁ କୁହାଯାଇଛି। ସହରରୁ ଜବରଦଖଲ ଉଚ୍ଛେଦ ଏବଂ ପୌରପାଳିକାରେ ଖାଲିଥିବା କର୍ମଚାରୀ ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିବାକୁ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ବଲବିନ୍ଦର ସିଂ, ଏମ୍ପିଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ, ବିଭିନ୍ନ ୱାର୍ଡର କାଉନ୍ସିଲର ଓ ପୌରପାଳିକାର ଅଧିକାରୀମାନେ ଯୋଗଦେଇଥିଲେ।

## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର

ରିଆମାଳ,୧୧।୪(ବଦ୍ରିନାରାୟଣ ଅଗ୍ରୱାଲ)

ଓଡ଼ିଆ ପକ୍ଷ ପାଳନ ଅବସରରେ ରିଆମାଳ ଯୁକ୍ତ ୩ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ଲୋକନାଥ ପ୍ରଧାନ ଯୋଗଦେଇଥିଲେ। ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଅତିଥି ଆହ୍ୱାନ ଦେଇଥିଲେ। ଏହି ଶିବିରରେ ଡ. ସ୍ୱାଧୀନ କରଙ୍କ ଉପସ୍ଥିତିରେ ୨୧ ଜଣ ରକ୍ତଦାନ କରିଥିଲେ। ଦେବାଶିଷ ପ୍ରଧାନ, ଗୋପାଳକୃଷ୍ଣ ସାହୁ, ମନୋଜ ପ୍ରଧାନ, ଅଧ୍ୟାପିକା ମମତାବାଳା ପ୍ରଧାନ, ରଶ୍ମିତା ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅମୃତପିଢ଼ି ସାରସ୍ୱତ ସମାରୋହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୧୧।୪(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଆ ପକ୍ଷ ପାଳନ ଅବସରରେ ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅମୃତପିଢ଼ି ସାରସ୍ୱତ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ ଅମୃତପିଢ଼ି ସାରସ୍ୱତ ସମାରୋହ କବିତା ପାଠୋତ୍ସବକୁ ଶୁଭାରମ୍ଭ କରିଥିଲେ। ଜିଲାର କବୟିତ୍ରୀ, କବିମାନେ କବିତା ପାଠ କରିଥିଲେ। ଏଥିରେ ୭୩ ଜଣ କବୟିତ୍ରୀ କବି ଅଂଶଗ୍ରହଣ କରିଥିଲେ। ପରେ କବୟିତ୍ରୀ, କବିଙ୍କୁ ପୁସ୍ତକ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ।

## ଦେହୁରୀ ବୁଢ଼ାଯାତ୍ରା ପ୍ରସ୍ତୁତି ବୈଠକ

ରିଆମାଳ,୧୧।୪(ବଦ୍ରିନାରାୟଣ ଅଗ୍ରୱାଲ)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଆଡ଼ସ ପଞ୍ଚାୟତ ଅନ୍ତର୍ଗତ ରାମପାଲି ଗ୍ରାମର ଦେହୁରୀ ବୁଢ଼ା ମନ୍ଦିରରେ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ହେବାକୁଥିବା ଯାତ୍ରା ନିମନ୍ତେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ମୁକେଶ ଦାସ ଓ ସମ୍ପାଦକ ହାଡ଼ିବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ଏକ ଆମ୍ବତୋଟାରେ ଅନୁଷ୍ଠିତ ବୈଠକରେ ଯାତ୍ରାଦିନ ପୂର୍ବାହ୍ନ ୧୦ଟାରେ କଳସ ଯାତ୍ରା, ଅପରାହ୍ନ ୨ଟା ୩୦ରେ ପୂଜା କାର୍ଯ୍ୟ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ୧୨ ଦଳ ସଙ୍କୀର୍ତ୍ତନ ମଣ୍ଡଳୀକୁ ହରିଗାନ ନିମନ୍ତେ ନିମନ୍ତ୍ରଣ କରାଯିବା ସଙ୍ଗେସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବବଲୁ ଅଗ୍ରୱାଲଙ୍କ ନିର୍ଦ୍ଦେଶନାରେ ରାମପାଲି ଅଞ୍ଚଳର କଳାକାରଙ୍କୁ ନେଇ ସାମାଜିକ ନାଟକ 'ଜଳୁଛି ଜୀବନ ଝୁରୁଛି ମନ' ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅବକାରୀ ଚଢ଼ାଉ: ୨ ଗିରଫ

**ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ୨ଟି ସ୍ଥାନରେ ଚଢ଼ାଉ କରାଯାଇ ନିଶାଦ୍ରବ୍ୟ ଜବତ କରାଯାଇଛି। ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡ଼ା ଏବଂ କିର୍ମିରା ଅବକାରୀ ଥାନା ତରଫରୁ ଝାରସୁଗୁଡ଼ା ରେଳଷ୍ଟେଶନ ଓ କିର୍ମିରା ଗ୍ରାମରେ ଚଢ଼ାଉ କରାଯାଇ ସମୁଦାୟ ୨୫ କେଜି ୯୮୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ କିର୍କିଛିପାଲି ଗ୍ରାମର ରଘୁନାଥ ନାଗ ଓ କିର୍ମିରା ଗ୍ରାମର ମୁକ୍ତେଶ୍ୱର ବେହେରାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି।

**AUCTION**
BALL MILL 5 TON CAPACITY
GRINDING 300 MESS
- Register Office -
MalaShil Industries Pvt. Ltd.
C/6, Koelnagar,
Rourkela-769014, Odisha
Mob : 7873257257
Timing - Within 7 days

# ଭାଜପା କୋଲାବିରା ମଣ୍ଡଳ କମିଟି ଗଠିତ

କୋଲାବିରା,୧୧।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଭାଜପାର ନୂତନ ମଣ୍ଡଳ କମିଟି ଗଠନ କରାଯାଇଛି। ରାଜେନ୍ଦ୍ର କୁମାର ଦାଶଙ୍କୁ ଦଳ ଭରସା କରି ପୁଣିଥରେ ମଣ୍ଡଳ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଯୁବନେତା ଲିଙ୍କନ ଟଣ୍ଡକାର ଓ ଅଭୟ ନାଏକ, ଉପସଭାପତି ଭାବେ ସଞ୍ଜୟ କୁମାର ପୂଜାରୀ, ଶ୍ରୀମତୀ କିଷାନ, ଧରଣୀ ପଟେଲ, ଅସିତ୍ ରାଓ, କୁଲଦୀପ ନାଏକ ଓ ପ୍ରକାଶ ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ସମ୍ପାଦକ ଭାବେ ପ୍ରତିଭା ବେହେରା, ଆନନ୍ଦ ମାଝୀ, ଭାଗିରଥୀ ଛତ୍ରିଆ, ଶ୍ରୀକାନ୍ତ ବେରିହା, ସଞ୍ଜିତ୍ ସାହୁ ଓ ନୀଳାଞ୍ଚଳ ସେଟ୍, କୋଷାଧ୍ୟକ୍ଷ ଭାବେ ସୁଧୀର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ମଣ୍ଡଳ ପାଇଁ ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଯୁବମୋର୍ଚ୍ଚାରେ ମୁନା ସାହୁ, ମହିଳା ମୋର୍ଚ୍ଚାରେ ଲତିକା ସାହୁ, କିସାନ ମୋର୍ଚ୍ଚାରେ ଗଣେଶ କିଷାନ, ଏସ୍ସି ମୋର୍ଚ୍ଚାରେ ସରୋଜ ବୁଢ଼ା, ଏସ୍ଟି ମୋର୍ଚ୍ଚାରେ ନବୀନ କିଷାନ, ଓବିସି ମୋର୍ଚ୍ଚାରେ ସୁରଜ ପଟେଲଙ୍କୁ ସଭାପତି ଭାବେ ଦଳ ପକ୍ଷରୁ ଘୋଷଣା କରାଯାଇଛି । ସୋସିଆଲ ମିଡିଆର ପ୍ରମୁଖ ଭାବେ ଆୟୁଷ ସରାଫଙ୍କୁ ଦାୟିତ୍ୱ ଦିଆଯାଇଛି। ଶନିବାର ବଡ଼ବାହାଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ରଘୁନନ୍ଦନ ପଣ୍ଡା ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାଏ, ବରିଷ୍ଠ ସଦସ୍ୟ ଅରୁଣ କୁମାର ବେହେରା ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

ରିଆମାଳ,୧୧।୪(ବଦ୍ରିନାରାୟଣ ଅଗ୍ରୱାଲ)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ ମଳେହିପଡ଼ା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ମହାଲକ୍ଷ୍ମୀ ପୂଜନ, ଗଣେଶ ପୂଜା ସହ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। କମିଟି ସଭାପତି ବୈକୁଣ୍ଠ ପ୍ରଧାନ ଓ ସମ୍ପାଦକ ହୀରାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୃଦାନନ୍ଦ ସାହୁ ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଧ୍ରୁବେଇଧର ନନ୍ଦ, ସଞ୍ଜୟ ଶତପଥୀ, ମନୋରଞ୍ଜନ ଶତପଥୀ, ବାଞ୍ଛାନିଧି ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ନାମଯଜ୍ଞରେ କାଦୋପଡ଼ା, କଖାରୁମାଲ, କୁମାଳ, ଦଶଘରିଆ ଆଦି ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ଆମ୍ବିସନ, ପ୍ରୋଗ୍ରେସିଭ କ୍ଲବ୍ ବିଜୟୀ

ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ)

**ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ହାଇସ୍କୁଲ ପଡ଼ିଆଠାରେ ଚାଲିଥିବା ପ୍ରଥମ ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗରର ଆମ୍ବିସନ କ୍ଲବ୍ ଏବଂ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍ ସମ୍ବଲପୁର ଆର୍ସିସି ଓ ବ୍ରଜରାଜନଗର ଆମ୍ବିସନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆର୍ସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଆମ୍ବିସନ କ୍ଲବ୍ ୧୯ ଓଭରରେ ୭ ଉଇକେଟ୍ ହରାଇ ୧୬୨ ରନ୍ କରି ବିଜୟୀ ହୋଇଥିଲା। ଧନଞ୍ଜୟ ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିରେ ଅତିଥି ଭାବେ ଖବରଦାତା ପ୍ରଶାନ୍ତ ମହାନ୍ତି ଓ ବସନ୍ତ ଜେନା ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ୍ ଓ ସାଇନିଂ ଷ୍ଟାର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇନିଂ ଷ୍ଟାର୍ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଏହାର ଜବାବରେ ପ୍ରୋଗ୍ରେସିଭ କ୍ଲବ୍ ୧୭ ଓଭରରେ ୩ ଉଇକେଟ ହରାଇ ୧୫୩ ରନ୍ କରି ବିଜୟୀ ହୋଇଥିଲା। ୟାସିନ କୁରେସିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରବିନ୍ଦର ସିଂହ, ଅଜୟ ପଟେଲ, ପପୁ କୁରେସି, ଜିତେନ୍ଦ୍ର ହୋତା ଯୋଗଦେଇଥିଲେ। ଅମ୍ପାୟାର ପ୍ରଜ୍ୱଳ ପଟେଲ ଓ ଗଣେଶ ମାରେଇ ମ୍ୟାଚ୍ ପରିଚାଳନା କରିଥିବାବେଳେ ଏମ୍ଡି ନାସିର ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ସମଲେଶ୍ୱରୀ, ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ବିଜୟୀ

ଝାରସୁଗୁଡ଼ା,୧୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍ଏପି ପଡ଼ିଆରେ ସିଏମ୍ ଟ୍ରଫି ଫୁଟ୍ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସମଲେଶ୍ୱରୀ କ୍ଲବ୍ ଏବଂ ଆର୍.ଆର୍ କଲୋନୀ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ କ୍ଲବ୍ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଏସ୍ଏପି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ, ସମ୍ମାନିତ ଅତିଥି ଭାବେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ସୁଶାନ୍ତ ମାଲି, ବିଜୟ ବକ୍ସି, ସଞ୍ଜୟ ଦାସ ଓ ସାଗର ଥାପା ଯୋଗଦେଇଥିଲେ। ସଞ୍ଜୟ କିଷାନ, ଅମିତ୍ ବାଗ, ଶରତ କିଷାନ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ କେ. ଜଗନ୍ନାଥ ରାଓ ଦାୟିତ୍ୱ ତୁଲାଇଥିଲେ। ବିବେକ ପ୍ରଧାନ, ଅମିୟ ସାଣ୍ଡ, ଟିକାରାମ ଥାପା, ସଞ୍ଜୟ ରାୟଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ଆୟୋଜିତ ହୋଇଥିଲା। ସେହିପରି



କାର୍ଯ୍ୟକ୍ରମରେ ଅତିଥି, ରେଫରିଙ୍କ ଗହଣରେ ଖେଳାଳି।

**ସିଏମ୍ ଟ୍ରଫି ଫୁଟ୍ବଲ୍ ଟୁର୍ନାମେଣ୍ଟ**

୧୪ ବର୍ଷ ବାଳକ ବର୍ଗରେ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ଓ ଆଦିବାସୀ କ୍ଲବ୍ (ଦୀପାପଡ଼ା) ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅରୁଣ ପ୍ରଧାନ, ଅଭିଳାଷ ପ୍ରସାଦ ସାହୁ, ରତ୍ନାକର ସାଏ ମ୍ୟାଚ୍ ପରିଚାଳନା କରିଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple,
Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ସାଧାରଣ ସୂଚନା**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଶ୍ରୀ ଅଶୋକ କୁମାର ସାବତ, ବୟସ ବ୫୩ର୍ଷ, ପିତା : ଶ୍ରୀ ବିଜୟ କୁମାର ସାବତ, ସା : ସୋରଡ଼ା, ଜିଲ୍ଲା : ଗଞ୍ଜାମ ଓ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମହାନ୍ତି, ବୟସ ବ୪୭ର୍ଷ, ପିତା : ଶ୍ରୀ ରାମନାରାୟଣ ମହାନ୍ତି, ସ୍ଥାନ : ଗୁଣୁପୁର, ଜି : ରାୟଗଡ଼ା। ବର୍ତ୍ତମାନ ଫ୍ଲାଟ୍ ନଂ ୩୧୨୨, ଡି. ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା "ମା' ବରୁଣେଇ ରିଏଲକନ" ଫାର୍ମର ଅଂଶୀଦାର ଅଟନ୍ତି। ଯାହାର ମୁଖ୍ୟ କାର୍ଯ୍ୟାଳୟ ଫ୍ଲାଟ୍ ନଂ ୩୧୨୨, ଡି. ଏନ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାରେ ଅବସ୍ଥିତ ଓ ରେଜିଷ୍ଟ୍ରେସନ ନଂ ୧୮୨୦୨୦୨୨୦୦୦୪୧/୨୦୨୨ରେ ଆଇ.ଜି.ଆର୍ ଅଫିସରେ ପଞ୍ଜୀକୃତ ହୋଇଅଛି। ଉକ୍ତ ଫାର୍ମରେ ଦୁଇଟି ନୂତନ ଅଂଶୀଦାର ଧାରା ୧୫ ଅନୁସାରେ ଶ୍ରୀ ମନୋଜ କୁମାର କର, ଡାଇରେକ୍ଟର ଏମ୍ପରନ ସ୍ପେସ ପ୍ରାଇଭେଟ ଲିମିଟେଡ୍, ବୟସ ବ୫୪ର୍ଷ, ପିତା : ଶ୍ରୀ ବିଜୟ ଚନ୍ଦ୍ର କର, ପ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା ଓ ଶ୍ରୀମତୀ ଏଲୋରା ପାଢ଼ୀ, ବୟସ ବ୪୮ର୍ଷ, ପିତା : ସୁଶିଲ କୁମାର ପାଢ଼ୀ, ସା-ପ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାଙ୍କୁ ନୂଆ ଅଂଶୀଦାର ଭାବରେ ଅନ୍ତର୍ଭୁକ୍ତ ହେବା ପାଇଁ ସଂଶୋଧନ କରାଯିବ ବୋଲି ପ୍ରସ୍ତାବ ରହିଛି।

ଯଦି ଏହି ନୂତନ ଅଂଶୀଦାରମାନଙ୍କ ଅନ୍ତର୍ଭୁକ୍ତକୁ ନେଇ କୌଣସି ବ୍ୟକ୍ତି, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଥାଏ ତେବେ ତାହା ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୪ ଦିନ ଯଥା ୨୬.୦୪.୨୦୨୬ରିଖ ମଧ୍ୟରେ ଲିଖିତ ଭାବରେ ନିମ୍ନଲିଖିତ ଠିକଣାରେ ପହଞ୍ଚିବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି ଓ ଅଭିଯୋଗ ନ ଆସିଲେ ନୂତନ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ପରିଚାଳନା ଅଂଶୀଦାର, ମା' ବରୁଣେଇ ରିଏଲକନ୍,
ତାରିଖ : ୧୧.୦୪.୨୦୨୬ ଫ୍ଲାଟ ନଂ ୩୧୨୨, ଡି ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 02/2026-27
No.1383/Date : 06.04.2026

**No.34001/33/2627** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.04.2026 at 05.00 P.M. to dt.29.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

OIPR-34001/34006/1/26-27/0001 Sd./- Superintending Engineer Electrical Circle (R&B), Odisha, BBSR

ଫର୍ମ ନଂ.୩
[ବିନିୟମ-୧୩(୧)(ଏ) ଦେଖନ୍ତୁ]
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆରଟି ୧)**
୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି,
ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧
**ମାମଲା ସଂ.: ଓଏ/୪୦୪/୨୦୨୫**
ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ସଂ.: ୭୦୭୨
**ୟେସ୍ ବ୍ୟାଙ୍କ ବନାମ ଗୋପବନ୍ଧୁ ମହାନ୍ତି**
ପ୍ରାପ୍ତେଷୁ,
**(୧) ଗୋପବନ୍ଧୁ ମହାନ୍ତି**
ପିତା/ସ୍ୱାମୀ- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା-୭୫୯୧୦୩
**(୨) ଅଭୟ କୁମାର ମହାନ୍ତି**
ପିତା- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ କୋଲିଏରୀ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା- ୭୫୯୧୦୩
**ସମନ**
ଯେହେତୁ, ଓଏ/୪୦୪/୨୦୨୫ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମକ୍ଷରେ **ତା୨୪।୦୨।୨୦୨୬ରିଖରେ** ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୪୨୮୦୨୮୪.୬୬/- ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ)।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ଆପଣ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:-
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ତିରିଶ ଦିନ ମଧ୍ୟରେ ଦର୍ଶାଇବା; (ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା; (iii) ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ ଅଟନ୍ତି; (iv) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ; (v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରିଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ସୁରକ୍ଷା ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଦାଖଲ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ସମକ୍ଷରେ **ତା୧୪।୦୪।୨୦୨୬ରିଖ ୧୦.୩୦ ଘଟିକା** ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ।
ମୋ ହସ୍ତାକ୍ଷର ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ତିଥିରେ ପ୍ରଦତ୍ତ: ୦୭।୦୪।୨୦୨୬।
ସ୍ୱା./- ସହକାରୀ ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ ସଂ.୧,
କୋଲକାତା

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| | | 232 | 0.380 | 0.380 | ଆ:ସା | ଗୋଲାପି ତ୍ରିପାଠୀ, ପି.: ମିତ୍ରଭାନୁ ତ୍ରିପାଠୀ, ସନ୍ତୋଷ କୁମାର ନାଥ, ବିରଞ୍ଚି ନାଥ, ସୁରେନ୍ଦ୍ର ନାଥ, ମନୋଜ ନାଥ, ପି.: ରାମକୃଷ୍ଣ ନାଥ, ପ୍ରତିମା ପାଢ଼ୀ, ମନୋହର ତ୍ରିପାଠୀ, ଚନ୍ଦ୍ରମା କର, ମହିମା ତ୍ରିପାଠୀ, ସୁଷମା ତ୍ରିପାଠୀ, ମନିନ୍ଦ୍ର ତ୍ରିପାଠୀ, ପି.: ବିପିନ ତ୍ରିପାଠୀ, ଶ୍ରୀପତି ପାଣିଗ୍ରାହୀ, ପି.: ଅଚ୍ୟୁତାନନ୍ଦ ପାଣିଗ୍ରାହୀ, ଶାନ୍ତି ନାଏକ, ଗୋଦାବରି ପାଢ଼ୀ, ରାଜକୁମାର ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଅଭିମନ୍ୟୁ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ପି.: ଗୋକୁଳାନନ୍ଦ ପାଣିଗ୍ରାହୀ, ସବିତା ବିଶ୍ୱାଳ, ସ୍ୱା.: ସୁରେନ୍ଦ୍ର ମୋହନ ବିଶ୍ୱାଳ, ନିବେଦିତା ନାଏକ, ବବିତା ନାଥ, ନିହାରିକା ଦେବତା, ରଶ୍ମିରେଖା ପଣ୍ଡା, ପି.: ସୁରେନ୍ଦ୍ର ମୋହନ ବିଶ୍ୱାଳ, ଭବାନୀ ଶଙ୍କର ବିଶ୍ୱାଳ, ପି.: ରାଧାମୋହନ ବିଶ୍ୱାଳ, ତ୍ରିବିକ୍ରମ ପାଣିଗ୍ରାହୀ, ସନାତନ ପାଣିଗ୍ରାହୀ, ପଦ୍ମନାଭ ପାଣିଗ୍ରାହୀ, ମଧୁସୂଦନ ପାଣିଗ୍ରାହୀ, ଅନୁଛାୟା ପାଣିଗ୍ରାହୀ, ସନାତନ ପାଣିଗ୍ରାହୀ, ପି.: ଦୁର୍ଗାନନ୍ଦ ପାଣିଗ୍ରାହୀ, ରାଜେଶ ଦାସ, ରାକେଶ ଦାସ, ପି.: ଆନନ୍ଦ କୁମାର ଦାସ, ଶୁଶିଲ ନାଥ, ଶାନ୍ତିଲତା ନାଥ, ପି.: ନିତ୍ୟାନନ୍ଦ ନାଥ, ଧରିତ୍ରୀ ନାଥ, କୃଷ୍ଣଚନ୍ଦ୍ର ନାଥ, ସୁରେଶ୍ୱରୀ ନାଥ, କମଳ ଲୋଚନ ନାଥ, କଲ୍ୟାଣି ନାଥ, ପଦ୍ମ କୁମାର ନାଥ, ପି.: ଚତୁର୍ଭୁଜ ନାଥ, ଜନନୀ ନାଥ, ସ୍ୱା.: ଅଶ୍ୱିନୀ ନାଥ, ସୁଜାତା ନାଥ, ସୁଶାନ୍ତ ନାଥ, ପି.: ଅଶ୍ୱିନି ନାଥ, ସରୋଜିନୀ ଦାସ, ବୃନ୍ଦାବତୀ ଦାସ, କୃଷ୍ଣଚନ୍ଦ୍ର ଦାସ, ପି.: ହୃଷିକେଶ ଦାସ, ମକରଧ୍ୱଜ ବିଶ୍ୱାଳ, ଗଙ୍ଗା ବିଶ୍ୱାଳ, ସାରଦା ବିଶ୍ୱାଳ, ରାଧେ ବିଶ୍ୱାଳ, ପି.: ଲକ୍ଷ୍ମଣ କୁମାର ବିଶ୍ୱାଳ, ଅମ୍ବିକା ଦାଶ, କଳ୍ପନା ମହାପାତ୍ର, ମଞ୍ଜୁ ଗୁରୁ, ରଞ୍ଜୁ ପାଣିଗ୍ରାହୀ, ଜଗଦୀଶ ତ୍ରିପାଠୀ, ପି.: ମଦନଲାଲ ତ୍ରିପାଠୀ ଉର୍ଫ ନନ୍ଦଲାଲ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 233 | 0.270 | 0.270 | ଆ:ସା | |
| | | 234 | 2.040 | 2.040 | ଆ:ସା | |
| | | 235 | 0.680 | 0.680 | ଆ:ସା | |
| | | 238 | 1.800 | 1.800 | ଆ:ସା | |
| | | 239 | 0.290 | 0.290 | ବେ:ସା/୩ | |
| | | 246 | 0.200 | 0.200 | ଆ:ସା | |
| | | 252 | 0.610 | 0.610 | ଆ:ସା | |
| | | 255 | 0.280 | 0.280 | ଆ:ସା | |
| | | 260 | 0.820 | 0.820 | ମା:ପା: ଏକ ଦୋ:ଫ | |
| | | 267 | 0.530 | 0.530 | ମା:ପା: ଏକ ଦୋ:ଫ | |
| | | 273 | 0.150 | 0.150 | ମା:ପା: ଏକ ଦୋ:ଫ | |
| | | 317 | 0.980 | 0.980 | ବା:ପା: ଏକ ଦୋ:ଫ | |
| | | 318 | 1.520 | 1.520 | ମା:ପା: ଏକ ଦୋ:ଫ | |
| | | 320 | 0.320 | 0.320 | ବା:ପା: ଏକ ଦୋ:ଫ | |
| | | 322/565 | 0.140 | 0.140 | ବା:ପା: ଏକ ଦୋ:ଫ | |
| | | 323 | 0.480 | 0.480 | ବା:ପା: ଏକ ଦୋ:ଫ | |
| | | 338 | 0.210 | 0.210 | ବା:ପା: ଏକ ଦୋ:ଫ | |
| | | 400 | 2.390 | 2.390 | ବା:ସା/୭ | |
| | | 401 | 5.290 | 5.290 | ଆ:ସା | |
| | | 405 | 0.510 | 0.510 | ବେ:ସା/୫ | |
| | | 406 | 1.020 | 1.020 | ମା:ସା/୭ | |
| | | 407 | 11.120 | 11.120 | ବା:ସା/୭ | |
| | | 408 | 1.960 | 1.960 | ବେ:ସା | |
| | | 422 | 0.230 | 0.230 | ବା:ପା: ଏକ ଦୋ:ଫ | |
| | | 426 | 0.240 | 0.240 | ବା:ପା: ଏକ ଦୋ:ଫ | |
| | | 428 | 0.080 | 0.080 | ମା:ପା: ଏକ ଦୋ:ଫ | |
| | | 453 | 0.120 | 0.120 | ମା:ପା: ଏକ ଦୋ:ଫ | |
| | | 473 | 0.110 | 0.110 | ବା:ପା: ଏକ ଦୋ:ଫ | |
| | | 478 | 0.720 | 0.720 | ବା:ପା: ଏକ ଦୋ:ଫ | |
| | | 481 | 6.110 | 6.110 | ବା:ପା: ଏକ ଦୋ:ଫ | |
| | | 482 | 9.690 | 9.690 | ମା:ପା: ଏକ ଦୋ:ଫ | |
| | | 483 | 5.050 | 5.050 | ମା:ପା: ଏକ ଦୋ:ଫ | |
| | | 489 | 0.130 | 0.130 | ଆ:ସା | |
| | | 522 | 1.660 | 1.660 | ମା:ପା: ଏକ ଦୋ:ଫ | |
| | | 523/567 | 1.240 | 1.240 | ଆ:ସା | |
| | | 525 | 0.370 | 0.370 | ଆ:ସା | |
| | | 537 | 0.400 | 0.400 | ନଦୀ | |
| | ମୋଟ | | 66.460 | 66.460 | | |
| 20 | 40/4 | 135 | 0.640 | 0.640 | ବା:ସା | କେଶବ ଜଗତ, ପି.: ଦିନୁ ଜଗତ, ଜା: ଗଣ୍ଡା, ବା: ନିଜଗାଁ |
| | | 223/596 | 0.120 | 0.120 | ମା:ସା | |
| | ମୋଟ | | 0.760 | 0.760 | | |
| 21 | 40/19 | 280/620 | 0.220 | 0.220 | ବା:ପା: ଏକ ଦୋ:ଫ | ଜତିନନ୍ ରାଏ, ପି.: ପଦ୍ମଲୋଚନ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 281/626 | 0.040 | 0.040 | ମା:ପା: ଏକ ଦୋ:ଫ | |
| | | 281/627 | 0.090 | 0.090 | ମା:ପା: ଏକ ଦୋ:ଫ | |
| | | 519/622 | 0.090 | 0.090 | ମା:ସା | |
| | | 520/623 | 0.080 | 0.080 | ମା:ପା: ଏକ ଦୋ:ଫ | |
| | | 521/624 | 0.170 | 0.170 | ମାଲ ପାଣି: ଏକ ଦୋ:ଫ | |
| | | 521/625 | 0.070 | 0.070 | ମା:ପା: ଏକ ଦୋ:ଫ | |
| | ମୋଟ | | 0.760 | 0.760 | | |
| 22 | 40/35 | 533/650 | 0.420 | 0.420 | ଘରବାରି | ମିନିଷ କୁମାର ଡିଡବାନିଆ, ପି.: ରାଧେଶ୍ୟାମ ଡିଡବାନିଆ, ଜା: ବଣିଆ, ବା: ମାରବାଡ଼ିପଡ଼ା, ଝାରସୁଗୁଡ଼ା |
| | ମୋଟ | | 0.420 | 0.420 | | |
| 23 | 40/74 | 454/684 | 0.350 | 0.350 | ମା:ପା:ଏକ | ଭୀମ ରାଏ, ପି.: ଜନ୍ମାଜୟ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 455/685 | 2.790 | 2.790 | ବେ:ପା: ଏକ | |
| | ମୋଟ | | 3.140 | 3.140 | | |
| 24 | 40/76 | 225/686 | 1.000 | 1.000 | ବା:ସା | ପଙ୍କଜ ଭୁଏ, ପି.: ସିଟୁ ଭୁଏ, ଜା: ସହରା, ବା: କୁମ୍ଭାରୀ, ଥା: ବଡ଼ମାଲ, ଝାରସୁଗୁଡ଼ା |
| | ମୋଟ | | 1.000 | 1.000 | | |
| 25 | 40/77 | 518/688 | 1.830 | 1.830 | ମା:ସା | ପ୍ରଫୁଲ୍ଲ ପ୍ରଧାନ, ପି.: ଜୟଦେବ ପ୍ରଧାନ, ଜା: କିସାନ, ବା: ମାଲିମୁଣ୍ଡା, ଝାରସୁଗୁଡ଼ା |
| | ମୋଟ | | 1.830 | 1.830 | | |
| 26 | 40/83 | 222/692 | 0.660 | 0.660 | ମା:ପା: ଏକ | ଦାମୋଦର ନାଥ, ପି.: ଶରତ ଚନ୍ଦ୍ର ନାଥ, ଜା: ବ୍ରାହ୍ମଣ, ବା: ଡୁମେରକେଲା, ଥା: ବଡ଼ମାଲ, ଝାରସୁଗୁଡ଼ା |
| | | 424/693 | 0.410 | 0.410 | ବେ:ପା: ଏକ | |
| | ମୋଟ | | 1.070 | 1.070 | | |
| 27 | 40/92 | 299/701 | 0.110 | 0.110 | ବା:ପା | ମଧୁସୂଦନ କିସାନ, ପି.: ଘସିଆ କିସାନ, ଜା: କିସାନ, ବା: ନିଜଗାଁ |
| | ମୋଟ | | 0.110 | 0.110 | | |
| 28 | 40/ 100 | 283/576 | 0.070 | 0.070 | ମା:ପା:ଏକ | ମଞ୍ଜନ ନାଏକ, ପି.: ସତ୍ୟବାନ ନାଏକ, ଜା: ଭୂୟାଁ, ବା: ନିଜଗାଁ |
| | | 284/640 | 0.140 | 0.140 | ବେ:ପା: ଏକ | |
| | | 284/641 | 0.080 | 0.080 | ବେ:ପା: ଏକ | |
| | ମୋଟ | | 0.290 | 0.290 | | |
| 29 | 40/ 101 | 456 | 0.600 | 0.600 | ଆ:ସା | ଭୀମ ରାଏ, ପି.: ଜନ୍ମଜୟ ରାଏ, ଜା: ଭୂୟାଁ, ବା: ତରେକେଲା, ହିରମା, ଜି.: ଝାରସୁଗୁଡ଼ା |
| | | 457 | 0.100 | 0.100 | ମା:ସା/୩ | |
| | | 458 | 0.360 | 0.360 | ଆ:ସା | |
| | ମୋଟ | | 1.060 | 1.060 | | |
| 30 | 40/ 102 | 455 | 0.300 | 0.300 | ବେ:ପା: ଏକ | ଭୀମ ରାଏ, ପି.: ଜନ୍ମଜୟ ରାଏ, ଜା: ଭୂୟାଁ, ବା: ତରେକେଲା, ହିରମା, ଜି.: ଝାରସୁଗୁଡ଼ା |
| | ମୋଟ | | 0.300 | 0.300 | | |
| 31 | 40/ 106 | 225/710 | 0.500 | 0.500 | ବା:ସା | ରାଜେନ୍ଦ୍ର ଓରାମ, ପି.: ଜଗନ ଓରାମ, ଜା: ଓରାମ, ବା: ରେଙ୍ଗାଲି, ସମ୍ବଲପୁର |
| | ମୋଟ | | 0.500 | 0.500 | | |
| 32 | 40/ 107 | 225/696 | 0.670 | 0.670 | ବା:ସା | ଉଦୟ ମୁଣ୍ଡା, ପି.: ଟପୁ ମୁଣ୍ଡା, ଜା: ମୁଣ୍ଡା, ବା: ସାରସମାଲ, ଝାରସୁଗୁଡ଼ା |
| | ମୋଟ | | 0.670 | 0.670 | | |
| 33 | 40/ 108 | 224/687 | 0.370 | 0.370 | ଆ:ସା | ଫକୀର କିସାନ, ପି.: ଗୁନିଆନ କିସାନ, ଜା: କିସାନ, ବା: ଚନ୍ଦଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | | 225/711 | 0.630 | 0.630 | ବା:ସା | |
| | ମୋଟ | | 1.000 | 1.000 | | |
| 34 | 40/ 111 | 317/714 | 0.430 | 0.430 | ବା:ପା: ଏକ | ସୁଜାତା ପାଣିଗ୍ରାହୀ, ସ୍ୱା.: ଅଭିମନ୍ୟୁ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 318/715 | 0.330 | 0.330 | ମା:ପା: ଏକ | |
| | | 320/716 | 0.120 | 0.120 | ବା:ପା | |
| | | 338/717 | 0.150 | 0.150 | ବା:ପା | |
| | | 426/719 | 0.120 | 0.120 | ବା:ପା | |
| | ମୋଟ | | 1.150 | 1.150 | | |
| 35 | 40/ 112 | 518/720 | 0.610 | 0.610 | ମା:ସା/୫ | ପ୍ରଫୁଲ୍ଲ ପ୍ରଧାନ, ପି.: ଜୟଦେବ ପ୍ରଧାନ, ଜା: କିସାନ, ବା: ମାଲିମୁଣ୍ଡା, ଝାରସୁଗୁଡ଼ା |
| | ମୋଟ | | 0.610 | 0.610 | | |
| 36 | 40/ 116 | 224/723 | 0.100 | 0.100 | ଆ:ସା | ପ୍ରଫୁଲ୍ଲ କୁମାର ମାଝୀ, ପି.: କବିଚନ୍ଦ୍ର ମାଝୀ, ଜା: ଗଣ୍ଡ, ବା: କୁର୍ଗା, ଜେନାପାଲି ଓ ଜିଲ୍ଲା: ସୁନ୍ଦରଗଡ଼ |
| | ମୋଟ | | 0.100 | 0.100 | | |
| 37 | 40/ 117 | 224/724 | 0.190 | 0.190 | ଆ:ସା | ଦୁଲାମଣୀ ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: କୁକୁରିଡିହି, ଥା: କିଞ୍ଜିରକେଲା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.190 | 0.190 | | |
| 38 | 40/ 118 | 224/695 | 0.490 | 0.200 | ଆ:ସା | ପୂର୍ଣ୍ଣମା ଖଡ଼ିଆ, ପି.: ସମରା ଖଡ଼ିଆ, ଜା: ଖଡ଼ିଆ, ବା: ଦର୍ଲିପାଲି, ଥା: ଭଷ୍ମା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.490 | 0.200 | | |
| 39 | 40/ 121 | 534 | 7.650 | 7.650 | ଆ:ସା | ବିଶ୍ୱାଳ କୁମାର ଦାସ, ପି.: ନବ କିଶୋର ଦାସ, ଜା: କରଣ, ବା: ବୁଲେଟବୟାମଶାଳା, ମୁଦିପଡ଼ା, ଜି.: ସମ୍ବଲପୁର |
| | ମୋଟ | | 7.650 | 7.650 | | |
| 40 | 40/ 123 | 486/730 | 0.070 | 0.070 | ଆ:ସା | ଶଶାଙ୍କ ନାଏକ, ପି.: କୁଞ୍ଜବିହାରୀ ନାଏକ, ଜା: ଅଘରିଆ, ବା: ନିଆଲିପାଲି, ଥା: ଭଷ୍ମା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.070 | 0.070 | | |
| 41 | 40/ 124 | 486 | 0.050 | 0.050 | ଆ:ସା | ଶ୍ରୀକାନ୍ତ ରୋହିଦାସ, ପି.: ଆନନ୍ଦ ରୋହିଦାସ, ଜା: ଚମାର, ବା: ଖଡ଼ିଆପାଲି, ଥା: ଠେଲକଲୋଇ, ଜି.: ସମ୍ବଲପୁର |
| | ମୋଟ | | 0.050 | 0.050 | | |
| 42 | 40/ 125 | 449 | 1.370 | 1.370 | ମା:ପା: ଏକ ଦୋ:ଫ | ବିପିନ ବିହାରୀ ଭୂୟାଁ, ପି.: ଚତୁର୍ଭୁଜ ଭୂୟାଁ, ଜା: ଭୂୟାଁ, ବା: ନିଜଗାଁ |
| | | 488/731 | 0.370 | 0.370 | ଆ:ସା | |
| | ମୋଟ | | 1.740 | 1.740 | | |
| 43 | 40/ 126 | 224/732 | 0.150 | 0.150 | ଆ:ସା | ରୋମତୀ ରାୟ, ସ୍ୱା.: ରାହାସ ବିହାରୀ ରାୟ, ଜା: ଭୂୟାଁ, ବା: ନିଜଗାଁ |
| | | 485 | 1.110 | 1.110 | ଆ:ସା | |
| | ମୋଟ | | 1.260 | 1.260 | | |
| 44 | 40/ 127 | 134 | 0.290 | 0.290 | ମା:ସା | କମଳା ରାୟ, ସ୍ୱା.: ସତ୍ୟନାରାୟଣ ରାୟ, ଉର୍ଫ ଭୂୟାଁ, ପ୍ରଦୀପ ରାୟ, ସୌଦାମିନୀ ମାଝୀ, ପି.: ସତ୍ୟନାରାୟଣ ରାୟ ଉର୍ଫ ଭୂୟାଁ, ସୁରେଶ୍ୱରୀ ରାୟ, ସ୍ୱା.: ସୁଶାନ୍ତ ରାୟ, ଆୟୁଷ ରାୟ, ଅଦ୍ୟଶା ରାୟ, ପି.: ପ୍ରଶାନ୍ତ ରାୟ, ରଶ୍ମୀରେଖା ରାୟ, ସ୍ୱା.: ପ୍ରଶାନ୍ତ ରାୟ, ଜା: ଭୂୟାଁ, ବା: ନିଜଗାଁ |
| | | 224 | 0.140 | 0.140 | ଆ:ସା | |
| | | 226 | 0.670 | 0.670 | ବେ:ସା | |
| | | 484 | 1.060 | 1.060 | ଆ:ସା | |
| | | 488 | 0.100 | 0.100 | ଆ:ସା | |
| | ମୋଟ | | 2.260 | 2.260 | | |
| 45 | 40/ 128 | 454 | 1.270 | 1.270 | ମା:ପା: ଏକ ଦୋ:ଫ | କ୍ଷେତ୍ରମଣି ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: ବିଜୟା ଟକିଜ ରୋଡ, ଜି.: ସୁନ୍ଦରଗଡ଼, ଚୋଳ ଗଙ୍ଗଦେବ ମାଝୀ, ପି.: ଭବାନୀ ଶଙ୍କର ମାଝୀ, ଜା: ଗଣ୍ଡ, ବା: ଘୁମୁଣ୍ଡା, ଜି.: ସୁନ୍ଦରଗଡ଼, ହରେନ୍ଦ୍ର କୁମାର ସା, ପି.: କୁଞ୍ଜ ବିହାରୀ ସା, ଜା: ଭୂୟାଁ, ବା: କାଦୋବାହାଲ, ଥା: ଲଇକେରା, ଝାରସୁଗୁଡ଼ା, ଦିବ୍ୟଲୋଚନ ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: କୁକୁରିଡିହି, ଥା: କିଞ୍ଜିରକେଲା, ଜି.: ସୁନ୍ଦରଗଡ଼ |
| | ମୋଟ | | 1.270 | 1.270 | | |
| 46 | 40/ 129 | 225 | 0.710 | 0.710 | ବା:ସା | କ୍ଷେତ୍ରମଣି ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: ବିଜୟା ଟକିଜ ରୋଡ, ସୁନ୍ଦରଗଡ଼ |
| | ମୋଟ | | 0.710 | 0.710 | | |
| 47 | 40/ 130 | 224/733 | 0.150 | 0.150 | ଆ:ସା | ନରେନ୍ଦ୍ର କାଲୋ, ପି.: ଡମ୍ବରୁଧର କାଲୋ, ଜା: ଭୂୟାଁ, ବା: ଖୁଟଲାପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.150 | 0.150 | | |
| 48 | 40/ 131 | 224/734 | 0.150 | 0.150 | ଆ:ସା | ଡମ୍ବରୁଧର କାଲୋ, ପି.: ଧନେଶ୍ୱର କାଲୋ, ଜା: ଭୂୟାଁ, ବା: ଖୁଟଲପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.150 | 0.150 | | |
| 49 | 40/ 132 | 449/735 | 0.100 | 0.100 | ମା:ପା: ଏକ ଦୋ:ଫ | ଚେତାରାମ ପଟେଲ, ଜଗଦୀଶ୍ୱର ପଟେଲ, ପି.: କୈଳାଶ ପଟେଲ, ଜା: ଭୂୟାଁ, ବା: ଖପୁରିକଛରା, ଡୁମୁଡ଼ା, ଥା: ହେମଗିର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.100 | 0.100 | | |
| 50 | 40/ 133 | 449/736 | 0.200 | 0.200 | ମା:ପା: ଏକ ଦୋ:ଫ | ନରେନ୍ଦ୍ର କାଲୋ, ପି.: ଡମ୍ବରୁଧର କାଲୋ, ଜା: ଭୂୟାଁ, ବା: ଖୁଟଲା ପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.200 | 0.200 | | |
| 51 | 40/ 134 | 449/737 | 0.150 | 0.150 | ମା:ପା: ଏକ ଦୋ:ଫ | ତରୁଲତା ରାୟ, ସ୍ୱା.: ସୁଧୀର କୁମାର ରାୟ, ଜା: ଭୂୟାଁ, ବା: ତରେକେଲା, ଥା: ବଡ଼ମାଲ, ଝାରସୁଗୁଡ଼ା |
| | ମୋଟ | | 0.150 | 0.150 | | |
| 52 | 40 /135 | 290 | 0.030 | 0.030 | ବେ:ପା: ଏକ | ଅଜିତ କୁମାର ପଟେଲ, ପି.: ବିପିନ ବିହାରୀ ପଟେଲ, ଜା: ଅଘରିଆ, ବା: ଗୁପିଡିହି, ଥା/ଜି.: ସୁନ୍ଦରଗଡ଼ |
| | ମୋଟ | | 0.030 | 0.030 | | |
| 53 | 40/ 136 | 285 | 0.050 | 0.050 | ମା:ପା:ଏକ | ସୁଦେଷ୍ଣା ପଟେଲ, ପି.: କମଳ ଲୋଚନ ପଟେଲ, ଜା: ଅଘରିଆ, ବା: ତେଲି ପଡ଼ା, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.050 | 0.050 | | |
| 54 | 40/ 137 | 287/738 | 0.060 | 0.060 | ମା:ପା:ଏକ | ଅଶୋକ କୁମାର ସୋନି, ପି.: କିଷନ ଲାଲ ସୋନି, ଜା: ପଞ୍ଜାବୀ, ବା: ମଙ୍ଗଲ ବଜାର ରୋଡ, ଜିଲ୍ଲା: ଝାରସୁଗୁଡ଼ା |
| | ମୋଟ | | 0.060 | 0.060 | | |
| 55 | 40/ 138 | 287 | 0.050 | 0.050 | ମା:ପା:ଏକ | ଅନ୍ନଦା ପଣ୍ଡା, ପି.: ରାମନାରାୟଣ ପଣ୍ଡା, ଜା: ବ୍ରାହ୍ମଣ, ବା: ଭବାନୀ ଭବନ ସାଇ ବିହାର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.050 | 0.050 | | |
| 56 | 40/ 139 | 449/739 | 0.020 | 0.020 | ମା:ପା:ଏକ ଦୋ:ଫ | ଚେତାରାମ ପଟେଲ, ପି.: କୈଳାଶ ଚନ୍ଦ୍ର ପଟେଲ, ଜା: ଭୂୟାଁ, ବା: ଖପୁରିକଛାର, ଥା: ହେମଗିର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.020 | 0.020 | | |
| 57 | 40/ 142 | 449/744 | 0.030 | 0.030 | ମା:ପା:ଏକ ଦୋ:ଫ | ସୁକାନ୍ତ ଧୁରୁଆ, ସ୍ୱା.: ସୁରୁଲାଲ ଧୁରୁଆ, ଜା: ଗଣ୍ଡ, ବା: କୁମ୍ଭାରୀ, ଝାରସୁଗୁଡ଼ା |
| | ମୋଟ | | 0.030 | 0.030 | | |
| 58 | 40 /143 | 427/746 | 0.060 | 0.060 | ମା:ସା | ମାଧୋଇ ସେଠ, ପି.: ପୂର୍ଣ୍ଣ ଚନ୍ଦ୍ର ସେଠ, ଦୟାସାଗର ସେଠ, ମଙ୍ଗନୀ ସେଠ, କଇରୀ ସେଠ, ପି.: ଜଗଇ ସେଠ, ଜା: ଧୋବା, ବା: ନିଜଗାଁ |
| | | 319/578 | 0.120 | 0.120 | ମା:ସା | |
| | | 319/579 | 0.090 | 0.090 | ମା:ସା | |
| | | 322/745 | 0.060 | 0.060 | ବା:ପା:ଏକ ଦୋ:ଫ | |
| | | 280/575 | 0.050 | 0.050 | ବା:ପା:ଏକ ଦୋ:ଫ | |
| | | 324/577 | 0.080 | 0.080 | ମା:ପା:ଏକ ଦୋ:ଫ | |
| | ମୋଟ | | 0.460 | 0.460 | | |
| 59 | 40/ 144 | 427/750 | 0.050 | 0.050 | ମା:ସା | ସଂକୀର୍ତ୍ତନ ରାଏ, ପି.: ଲିଙ୍ଗ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 476/751 | 0.160 | 0.160 | ବା:ପା:ଏକ ଦୋ:ଫ | |
| | | 476/752 | 0.100 | 0.100 | ବା:ପା:ଏକ ଦୋ:ଫ | |
| | | 322/748 | 0.110 | 0.110 | ବା:ପା:ଏକ ଦୋ:ଫ | |
| | | 324/749 | 0.120 | 0.120 | ମା:ପା:ଏକ ଦୋ:ଫ | |
| | ମୋଟ | | 0.540 | 0.540 | | |
| 60 | 40/ 146 | 300/755 | 0.190 | 0.190 | ବା:ପା:ଏକ ଦୋ:ଫ | ଯୋଗେଶ୍ୱ ପାଣିଗ୍ରାହୀ, ଜ୍ୟୋତିର୍ମୟୀ ବିଶ୍ୱାଳ, ସୁଜାତା ନାଥ, ମମତା ଧର, ପି.: ଶ୍ରୀପତି ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 341/756 | 0.090 | 0.090 | ବା:ପା:ଏକ ଦୋ:ଫ | |
| | | 423/757 | 0.320 | 0.320 | ବା:ପା:ଏକ ଦୋ:ଫ | |
| | | 136/753 | 0.550 | 0.550 | ବା:ପା:ଏକ ଦୋ:ଫ | |
| | | 424/758 | 0.240 | 0.240 | ବା:ପା:ଏକ ଦୋ:ଫ | |
| | | 222/754 | 0.680 | 0.680 | ମା:ପା:ଏକ ଦୋ:ଫ | |
| | | 222/759 | 0.280 | 0.280 | ମା:ପା:ଏକ ଦୋ:ଫ | |
| | ମୋଟ | | 2.350 | 2.350 | | |
| 61 | 40/ 148 | 451 | 0.230 | 0.230 | ମା:ପା:ଏକ ଦୋ:ଫ | ଗୋଦାବରୀ ପାଣିଗ୍ରାହୀ, ସ୍ୱା.: ସନ୍ତୋଷ କୁମାର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 462 | 0.290 | 0.290 | ମା:ପା:ଏକ ଦୋ:ଫ | |
| | ମୋଟ | | 0.520 | 0.520 | | |

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଧୁକୁଞ୍ଜ ଗୋଲ୍ଡ ଓ ଡାଏମଣ୍ଡ ପକ୍ଷରୁ ସୁନା ଅଳଙ୍କାର ମେକିଂ ଚାର୍ଜରେ ୫୦% ରିହାତି

ଭୁବନେଶ୍ୱର, ୧୧।୪

ପବିତ୍ର ଅକ୍ଷୟତୃତୀୟା ଅବସରରେ ନିଜ ଅନୁଭବକୁ ଆହୁରି ସୁଖମୟ ଏବଂ ରୁଦ୍ଧିମନ୍ତ କରିବାକୁ ଅନ୍ୟତମ ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ମଧୁକୁଞ୍ଜ ଗୋଲ୍ଡ ଓ ଡାଏମଣ୍ଡ ଗ୍ରାହକମାନଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଛି। ଉନ୍ନତ ତଥା ଅତ୍ୟାଧୁନିକ କାରୁକାର୍ଯ୍ୟପୂର୍ଣ୍ଣ ଅଳଙ୍କାର ପ୍ରସ୍ତୁତି କ୍ଷେତ୍ରରେ ଗ୍ରାହକ ମହଲରେ ବେଶ୍ ବିଶ୍ୱସନୀୟ ହୋଇ ରହିଥିବା ଏହି ଅଳଙ୍କାର ବ୍ରାଣ୍ଡ ଭୁବନେଶ୍ୱର ସମେତ କଟକ ଓ ଜଟଣୀରେ ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରିଛି। ଅକ୍ଷୟତୃତୀୟାରେ ଗ୍ରାହକମାନଙ୍କୁ ଗହଣା କିଣିବା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଦେବା ଲକ୍ଷ୍ୟରେ ମଧୁକୁଞ୍ଜ ଗୋଲ୍ଡ ସୁନା ଅଳଙ୍କାର




ମେକିଂ ଚାର୍ଜରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ସହିତ ଡାଏମଣ୍ଡ ଜୁଏଲେରିରେ ଶତପ୍ରତିଶତ ମେକିଂ ଚାର୍ଜ ଛାଡ଼ ଘୋଷଣା କରିଛି। ଏହାଛଡ଼ା ଜଣେ ଗ୍ରାହକ ଚାହିଁଲେ ୧୦ ପ୍ରତିଶତ ଅଗ୍ରୀମ ଦେଇ ତାଙ୍କର ଅଳଙ୍କାର ବୁକ୍ କରିପାରିବେ ଏବଂ ସୁନା ମୂଲ୍ୟ ବୃଦ୍ଧିଜନିତ ଅସୁବିଧାରୁ ସୁବିଧା ଲାଭ କରିପାରିବେ ବୋଲି କୁହାଯାଇଛି।

## ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ହେଲେ ଅନିଲ କୁମାର ଜୈନ


ଅନିଲ କୁମାର ଜୈନ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବରେ ଅନିଲ କୁମାର ଜୈନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଏହି ପଦବୀରେ ଥିବା ଅନିଲ କୁମାର ମିଶ୍ରା ୨୦୨୬ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ। ଏହା ପରେ ଅତିରିକ୍ତ ମହାପ୍ରବନ୍ଧକ ଭାବେ ସୌମିତ୍ର ମଜୁମଦାର ଏପ୍ରିଲ ୧ରୁ ୯ ପର୍ଯ୍ୟନ୍ତ ଅନ୍ତରୀଣ ମହାପ୍ରବନ୍ଧକ ଭାବରେ ଦାୟିତ୍ୱ ସମ୍ଭାଳିଥିଲେ। ଦକ୍ଷିଣ-ପୂର୍ବ ରେଳପଥରେ ଯୋଗଦେବା ପୂର୍ବରୁ ଅନିଲ କୁମାର ଉତ୍ତର-ପଶ୍ଚିମ ରେଳପଥ, ଜୟପୁରରେ ପ୍ରିନ୍ସିପାଲ୍ ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ। ସେ ୧୯୯୦ ବ୍ୟାଚ୍‌ର ଆଇଆର୍‌ଏସ୍‌ଇଇ (ଇଣ୍ଡିଆନ୍ ରେଲ୍‌ୱେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ସର୍ଭିସ୍) ଅଧିକାରୀ ଏବଂ ୧୯୯୧ ମସିହାରେ ଭାରତୀୟ ରେଳପଥରେ ଯୋଗ ଦେଇଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍'

ଭୁବନେଶ୍ୱର, ୧୧।୪

ଅକ୍ଷୟତୃତୀୟାର ଶୁଭ ଅବସରରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍' ଶୁଭାରମ୍ଭ କରାଯାଇଛି, ଯାହା ଓଡ଼ିଶାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ଓ ଚମତ୍କାର ସଂଗ୍ରହ ଆଣିଦେଇଛି। ଏହି ଉତ୍ସବ ଅଭିଯାନ ସମସାମୟିକ ଶୈଳୀ ସହିତ ପରମ୍ପରାକୁ ସମ୍ମିଶ୍ରଣ କରି ଗହଣା ବଜାରରେ ବ୍ରାଣ୍ଡର ୯୦ ବର୍ଷର ବିଶ୍ୱାସ ଓ କାରୁକାର୍ଯ୍ୟ ପରମ୍ପରାକୁ ଅଧିକ ସୁଦୃଢ଼ କରୁଛି। ହିନ୍ଦୁ କ୍ୟାଲେଣ୍ଡରର ଅନ୍ୟତମ ଶୁଭ ଦିନ ଭାବରେ ଅକ୍ଷୟତୃତୀୟା ତିଥି ସମୃଦ୍ଧି ଓ ସଫଳତାର ପ୍ରତୀକ। ଏହି ଦିନ ସୁନା କିଣିବା ଦ୍ୱାରା ସ୍ଥାୟୀ ସମ୍ପତ୍ତି, ସୌଭାଗ୍ୟ ଓ ଅଭିବୃଦ୍ଧି ଆସିଥାଏ ବୋଲି ବିଶ୍ୱାସ କରାଯାଏ, ଯାହା ସାରା ଦେଶରେ ଗହଣା କିଣିବା ପାଇଁ ଶୁଭଙ୍କର ବୋଲି ବିବେଚନା କରାଯାଏ। ଏହି ପର୍ବ ଗହଣା ବଜାରକୁ ଯଥେଷ୍ଟ ପ୍ରୋତ୍ସାହିତ କରେ, ଯେଉଁଠାରେ ଗ୍ରାହକମାନେ ସୁନାକୁ କେବଳ ଅଳଙ୍କାର ଭାବରେ ନୁହେଁ ବରଂ




ଏକ ସୁରକ୍ଷିତ ଆର୍ଥିକ ସମ୍ପତ୍ତି ଭାବରେ ବିଚାର କରି ନିବେଶ କରିଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ଖିମ୍‌ଜୀ ଜୁଏଲର୍ସ ଆକର୍ଷଣୀୟ ଉତ୍ସବ ସୁବିଧା ପ୍ରଦାନ କରୁଛି, ଯେଉଁଥିରେ ସୁନା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଓ ହୀରା ଉପରେ ଫ୍ଲାଟ୍ ୨୫% ରିହାତି ଅନ୍ତର୍ଭୁକ୍ତ ରହିଛି। ଏହି ଅଫର୍ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା, ରାଉରକେଲା, ଅନୁଗୋଳ ଓ ଯାଜପୁର ରୋଡ୍‌ସ୍ଥିତ ଖିମ୍‌ଜୀ ଜୁଏଲର୍ସ ଶୋ'ରୁମ୍‌ରେ ଉପଲବ୍ଧ ହୋଇଛି, ଯାହା ଗ୍ରାହକମାନଙ୍କୁ ଅକ୍ଷୟତୃତୀୟାର ଶୁଭ ଅବସରରେ ଗହଣା କିଣିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ନିଜର ଅତୁଳନୀୟ ଶୁଦ୍ଧତା ମାନଦଣ୍ଡ ପାଇଁ ଜଣାଶୁଣା, ଖିମ୍‌ଜୀ ଜୁଏଲର୍ସ ନିଶ୍ଚିତ କରୁଛି ଯେ ପ୍ରତ୍ୟେକ ସୁନା ଗହଣା ବିଆଇଏସ୍ ହଲମାର୍କଯୁକ୍ତ; ଯାହା ପ୍ରାମାଣିକତା ଓ ବିଶ୍ୱାସର ଗ୍ୟାରେଣ୍ଟି ଦେଉଛି। ବ୍ରାଣ୍ଡର ହୀରା ସଂଗ୍ରହଗୁଡ଼ିକ ସାର୍ଟିଫାଏଡ୍ ଓ ସଠିକତା ସହିତ ପ୍ରସ୍ତୁତ ଯାହା ପାରମ୍ପରିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ସହିତ ବିଶ୍ୱସ୍ତରୀୟ ଡିଜାଇନ୍‌କୁ ପ୍ରତିଫଳିତ କରୁଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି , "ଅକ୍ଷୟତୃତୀୟା ଆମର ସାଂସ୍କୃତିକ ଓ ଭାବପ୍ରବଣତା ସହିତ ଗଭୀର ଭାବରେ ଜଡ଼ିତ। ଏହା କେବଳ ସୁନା କିମ୍ବା ହୀରା କିଣିବା ବିଷୟରେ ନୁହେଁ, ବରଂ ସମୃଦ୍ଧିରେ ବିନିଯୋଗ କରିବା ଓ ନୂତନ ଆରମ୍ଭକୁ ପାଳନ କରିବା । ଆମର 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍' ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ ସର୍ବୋତ୍ତମ କାରୁକାର୍ଯ୍ୟ ଓ ସ୍ୱଚ୍ଛତା ନିଶ୍ଚିତ କରିବା ସହିତ ପ୍ରିମିୟମ୍ ଗହଣାକୁ ଅଧିକ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ।"

# ଶିକ୍ଷା ବ୍ୟବସାୟ ନୁହେଁ, ଭବିଷ୍ୟତ ଗଢ଼ିବାର ମାଧ୍ୟମ

**ଶିକ୍ଷା ଶିଳ୍ପରେ ଜଣେ ଆଗଧାଡ଼ିର ଉଦ୍ୟୋଗୀ ଭାବେ ସୋମଦତ୍ତ ବେହୁରା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଭୁବନେଶ୍ୱରସ୍ଥିତ କେ.ଟି. ଗ୍ଲୋବାଲ୍ ସ୍କୁଲର ପ୍ରତିଷ୍ଠାତା ସୋମଦତ୍ତ ବେହୁରା ଛାତ୍ରୀଛାତ୍ରଙ୍କ ସହ ବ୍ୟକ୍ତିଗତ ଭାବେ ଜଡ଼ିତ ହୋଇ ମାର୍ଗଦର୍ଶନରେ ସର୍ବଦା ଗୁରୁତ୍ୱ ଦେଇଥା'ନ୍ତି। ଶିକ୍ଷାଶିଳ୍ପକୁ ଏକ ନୂତନ ଦିଶା ଦେଇଥିବା ସୋମଦତ୍ତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**


ସୋମଦତ୍ତ ବେହୁରା

**ପ୍ର- ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ଉଦ୍ୟୋଗୀ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ- ଭାରତୀୟ ଶିକ୍ଷା ବ୍ୟବସ୍ଥା ବହୁତ ପୁରୁଣା ହୋଇଗଲାଣି ଏବଂ ଆଜିର ଦୁନିଆ ସହ ମେଳ ଖାଉନାହିଁ। ଏଥିପାଇଁ ଶ୍ରେଣୀଗୃହରେ ପଢ଼ା ଏବଂ ବାସ୍ତବ ଜୀବନ ମଧ୍ୟରେ ବହୁତ ଫରକ ରହିଛି। ଏପରିକି ଭଲ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ଆମେ ଏବେ ବି ମାର୍କକୁ ଅଧିକ ଗୁରୁତ୍ୱ ଦେଉଛୁ, ପ୍ରକୃତ ଜ୍ଞାନ ଏବଂ ବୁଝିବା ବଦଳରେ ଘୋଷା ଉପରେ ଜୋର ଦେଉଛୁ। ଛାତ୍ରୀଛାତ୍ରମାନେ କେବଳ ଶୁଣନ୍ତି ଏବଂ ଯାହା ପଢ଼ାଯାଏ ସେହିପରି ଲେଖନ୍ତି, ପ୍ରଶ୍ନ କରିବାକୁ ଉତ୍ସାହିତ କରାଯାଏ ନାହିଁ। ଶିକ୍ଷକମାନଙ୍କ ପାଖରେ ଭଲ ସମ୍ବଳ, ତାଲିମ ଏବଂ ସ୍ୱାଧୀନତା ନାହିଁ ଯାହାଦ୍ୱାରା ସେମାନେ ନୂଆ ଉପାୟରେ ପଢ଼ାଇ ପାରିବେ। ସମାଜର ଚାପ ଯୋଗୁ ଛାତ୍ରୀଛାତ୍ରମାନେ ନୂଆ କିଛି ଚେଷ୍ଟା କରିବାକୁ ଡରନ୍ତି। ସେମାନେ ବିଫଳତାର ଭୟ, ବାପାମା'ଙ୍କ ଆଶା ଏବଂ ସାଙ୍ଗମାନଙ୍କ ସହ ତୁଳନାକୁ ଆଖି ଆଗରେ ରଖି ଆଗକୁ ବଢ଼ନ୍ତି।

**ପ୍ର) ଡିଜିଟାଲ ବିପ୍ଳବ ଆସିଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର କ'ଣ ପ୍ରଭାବ ପଡ଼ିବ?**

ଉ- ଡିଜିଟାଲ ବିପ୍ଳବ ଇଣ୍ଟରନେଟ୍ ସହିତ ଆରମ୍ଭ ହୋଇଥିଲା ମାତ୍ର ଶିଖିବାର ଅର୍ଥକୁ କୃତ୍ରିମ ବୁଦ୍ଧିମତ୍ତା ମୌଳିକ ଭାବରେ ପରିବର୍ତ୍ତନ କରିଛି। ଏଆଇର ପ୍ରକୃତ ପ୍ରଭାବକୁ ବୁଝିବା ପାଇଁ, ଆମକୁ ପ୍ରଥମେ ପ୍ରାକୃତିକ ବୁଦ୍ଧିମତ୍ତା – ଚିନ୍ତା କରିବା, ଯୁକ୍ତି କରିବା ଏବଂ ବିକଶିତ ହେବାର ମାନବ କ୍ଷମତାକୁ ବୁଝିବାକୁ ପଡିବ। ଏଆଇ କିଛି ଲୋକଙ୍କ ପାଇଁ ନବସୃଜନକୁ ତ୍ୱରାନ୍ୱିତ କରି ଏହି ଅସନ୍ତୁଳନକୁ ବୃଦ୍ଧି କରିବାର ବିପଦ ସୃଷ୍ଟି କରେ। ସ୍ୱାଧୀନ ଭାବରେ ଚିନ୍ତା କରିବା ଏବଂ ଶିଖିବାର ଆବଶ୍ୟକତାକୁ କମାଇଦିଏ। ମାନବୀୟ ବୁଦ୍ଧିମତ୍ତା ତୀକ୍ଷ୍ଣ ଏବଂ ସକ୍ରିୟ ରଖିବା ପାଇଁ ଆମକୁ ପ୍ରାଥମିକ ଶିକ୍ଷାରେ ପ୍ରଥମ ନୀତି ଚିନ୍ତାଧାରା – ଏଆଇ ବିକାଶର ମୂଳଦୁଆ – ତୁରନ୍ତ ପ୍ରଚଳନ କରିବାକୁ ପଡିବ।

**ପ୍ର-ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବା ପରିବର୍ତ୍ତେ ପାଠ ଘୋଷିବା ଏବଂ ପରୀକ୍ଷାରେ ଅଧିକ ମାର୍କ ହାସଲ ଉପରେ ଗୁରୁତ୍ୱ ଦେଉଥିବା ଅନେକେ ସମାଲୋଚନା କରନ୍ତି। ଛାତ୍ରମାନଙ୍କୁ ସେହି ଅନୁସାରେ ପ୍ରସ୍ତୁତ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବା ଉଚିତ?**

ଉ- ଆମକୁ ପାଠ୍ୟକ୍ରମର ଅତିରିକ୍ତ ଚାପ ହ୍ରାସ କରିବାକୁ ପଡିବ ଏବଂ ଗୁଣାତ୍ମକ, ଗଭୀର ଶିକ୍ଷା ଉପରେ ଧ୍ୟାନ ଦେବାକୁ ପଡିବ। ଶିକ୍ଷାଦାନ ସଠିକ୍ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଉତ୍ସାହିତ କରିବା ଉଚିତ। ବିଦ୍ୟାଳୟଗୁଡ଼ିକୁ ବାସ୍ତବ ଜୀବନ ଅଭିଜ୍ଞତା ମାଧ୍ୟମରେ ତାତ୍ତ୍ୱିକ ଜ୍ଞାନରୁ ଅଭିଜ୍ଞତାମୂଳକ ଏବଂ ବ୍ୟବହାରିକ ଶିକ୍ଷା ଆଡ଼କୁ ଯିବା ଉଚିତ। ମୂଲ୍ୟାଙ୍କନ କେବଳ ଆଉଟପୁଟ୍ କିମ୍ବା ମାର୍କ ବଦଳରେ ଚିନ୍ତାଧାରାର ଗଭୀରତା ମୂଲ୍ୟାଙ୍କନ କରିବା ଉଚିତ।

**ପ୍ର-ଏପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା କିପରି ରହିଛି? ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରମାନଙ୍କ ପାଇଁ କିପରି ଏକ ପସନ୍ଦଯୋଗ୍ୟ ସ୍ଥାନ କାହିଁକି?**

ଉ- ପରିବର୍ତ୍ତନ କେବେବି ସହଜ ନୁହେଁ, କିନ୍ତୁ କେଟି ଗ୍ଲୋବାଲ୍ ସ୍କୁଲରେ ଆମର ଯାତ୍ରା ଗଭୀର ଭାବରେ ଉଦ୍ଦେଶ୍ୟମୂଳକ। 'ଟ୍ରାନ୍ସଫର୍ମିଂ ମାଇଣ୍ଡ' ସ୍ଲୋଗାନ ସହିତ ଆରମ୍ଭ କରି, ଆମେ ଶିକ୍ଷକମାନଙ୍କୁ ପୁନଃ ପ୍ରଶିକ୍ଷିତ କରି, ପିତାମାତାଙ୍କ ଆଶାକୁ ପୁନଃଆକୃତି ଦେଇ ଏବଂ ଏକ ପାଠ୍ୟକ୍ରମ ପ୍ରଚଳନ ସହ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ପୁନଃ ପରିଭାଷିତ କରୁଛୁ। କେଟି ଗ୍ଲୋବାଲ୍ ସ୍କୁଲକୁ ସ୍ୱତନ୍ତ୍ର କରିବା ପାଇଁ ଆମେ ପରୀକ୍ଷାରେ ଅଧିକ ମାର୍କ ପାଇଁ ପିଲାମାନଙ୍କୁ ଚାପ ପକାଉନାହୁଁ। ବରଂ ଆମେ ସେମାନଙ୍କୁ ଗଭୀର ଭାବରେ ଚିନ୍ତା କରିବା ପାଇଁ ପ୍ରୋତ୍ସାହିତ କରୁ। ଅନୁକୂଳ ପରିବେଶ ଗଠନ ସହ ଛାତ୍ରୀଛାତ୍ରଙ୍କ ପାଇଁ ଆମେ ବାସ୍ତବ ଦୁନିଆ ପାଇଁ ପ୍ରସ୍ତୁତ କରୁ।

**ପ୍ର-୫. ଆପଣଙ୍କର ଦୃଷ୍ଟିକୋଣ ଏବଂ ନିଷ୍ଠା ଏହି ପ୍ରତିଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି, ଏହି ଶିଳ୍ପରେ ପ୍ରବେଶ କରିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଆପଣ କ'ଣ ପରାମର୍ଶ ଦେବେ?**

ଉ- ହଁ, ମୁଁ କେବଳ ଏତିକି କହିପାରିବି ଯେ ଶିକ୍ଷା ହେଉଛି ଏକମାତ୍ର ଶିଳ୍ପ ଯେଉଁଠାରେ ଆପଣଙ୍କ ପ୍ରୟାସର ପ୍ରକୃତ ଫଳାଫଳ ତୁରନ୍ତ ମିଳିନପାରେ, ମାତ୍ର ଦୀର୍ଘକାଳୀନ ଭାବରେ ଏହା ଅପରିବର୍ତ୍ତନୀୟ ହେବ। ଶିକ୍ଷା ବ୍ୟବସାୟ ନୁହେଁ, ଭବିଷ୍ୟତକୁ ସୂଚାରୁ ରୂପେ ଗଢ଼ିବାର ମାଧ୍ୟମ। ତେଣୁ ଆପଣଙ୍କର ପଥ ବହୁତ ସତର୍କତାର ସହିତ ବାଛନ୍ତୁ କାରଣ ଏକ ବ୍ୟବସାୟ ସହ ଆହୁରି ବହୁତ କିଛି କରୁଛନ୍ତି। ଆପଣଙ୍କ ଛାତ୍ରମାନଙ୍କ ମାଧ୍ୟମରେ, ଆପଣ ସମାଜ, ଦେଶ ଏବଂ ବିଶ୍ୱକୁ ଗଠନ କରୁଛନ୍ତି। ଆପଣଙ୍କ ଉଦ୍ଦେଶ୍ୟ ବିଷୟରେ ସ୍ପଷ୍ଟ ରୁହନ୍ତୁ ଏବଂ ଫଳାଫଳ ପ୍ରତି ଧୈର୍ଯ୍ୟ ରଖନ୍ତୁ।

# ଜୟଆଲୁକ୍କାସ୍ ଅକ୍ଷୟତୃତୀୟା କ୍ୟାଶ୍‌ବ୍ୟାକ୍ ଫେଷ୍ଟ

ଭୁବନେଶ୍ୱର, ୧୧।୪

ଅନ୍ୟତମ ପ୍ରମୁଖ ଜୁଏଲର ଜୟଆଲୁକ୍କାସ୍ ପବିତ୍ର ଅକ୍ଷୟତୃତୀୟା ଅବସରରେ ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ଏକ ରୋମାଞ୍ଚକର କ୍ୟାଶ୍‌ବ୍ୟାକ୍ ଅଫର୍ ଘୋଷଣା କରିଛି। ଏହି ଅଫର୍ ସାରା ଦେଶରେ ସବୁ ଜୟଆଲୁକ୍କାସ୍




ଶୋ'ରୁମ୍‌ରେ ଉପଲବ୍ଧ ହେଉଛି। ଏକ ଶାଶ୍ୱତ ସମୃଦ୍ଧିର ପର୍ବ ଭାବେ ଅକ୍ଷୟତୃତୀୟା ଅବସରରେ ଗ୍ରାହକମାନେ ସୌନ୍ଦର୍ଯ୍ୟ ପାଇଁ ନିବେଶ କରିବା ସହ ଅଳଙ୍କାର କିଣିବାର ଏକ ବିଶେଷ ଅନୁଭବ ପାଇଁ ସୁଯୋଗ ପାଇବେ। ଏଥିପାଇଁ ଜୟଆଲୁକ୍କାସ୍ ଆଣିଛି ଆକର୍ଷଣୀୟ ଗିଫ୍ଟ ଭାଉଚର, ଯାହା ଉତ୍ସବମୁଖର ଗ୍ରାହକମାନଙ୍କୁ ଆହୁରି ପ୍ରୋତ୍ସାହିତ କରିବ। ୭୫,୦୦୦ ଟଙ୍କାର ଡାଏମଣ୍ଡ, ଅନ୍‌ଡାଏମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର କ୍ରୟ କରୁଥିବା ଗ୍ରାହକ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପାଇବେ। ସେହିପରି ୭୫,୦୦୦ ଟଙ୍କା କିମ୍ବା ତା'ଠୁ ଅଧିକ ମୂଲ୍ୟର ସୁନା ଏବଂ ଅନ୍ୟ ଗହଣା କିଣୁଥିବା ଗ୍ରାହକଙ୍କୁ ୧,୦୦୦ ଟଙ୍କାର ଭାଉଚର ଗିଫ୍ଟ ମିଳିବ। ୧୫,୦୦୦ ଟଙ୍କା ଓ ତା'ଠୁ ଅଧିକ ମୂଲ୍ୟର ରୁପା ଗହଣା କିଣିଲେ ଗ୍ରାହକଙ୍କୁ ୫୦୦ ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅବସରରେ ଜୟଆଲୁକ୍କାସ୍ ଗ୍ରୁପ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଡା. ଜୟ ଆଲୁକ୍କାସ୍ କହିଛନ୍ତି, ଅକ୍ଷୟତୃତୀୟା ହେଉଛି ଏକ ପବିତ୍ର ସମୟ ଯାହା ସମୃଦ୍ଧି ଆଣିଥାଏ ଏବଂ ଏହି ସମୟରୁ ନୂତନ ଉଦ୍ୟମ ଆରମ୍ଭ ହୋଇଥାଏ। ଆମର କ୍ୟାଶ୍‌ବ୍ୟାକ୍ ମାଧ୍ୟମରେ ଆମେ ପ୍ରତ୍ୟେକ ଅଳଙ୍କାର କ୍ରୟକୁ ସମୃଦ୍ଧିର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛୁ, ଯାହା ଗ୍ରାହକଙ୍କୁ କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ଅପୂର୍ବ ମୂଲ୍ୟ ଏବଂ ଗୁଣବତ୍ତା ସହିତ ଆତ୍ମବିଶ୍ୱାସ ଦେଇଥାଏ।

# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Name- Diptiranjan Sahoo (Sonu), D.O.B- 12.05.1999, Zodiac sign- Rebati Meena, Height-5'9",Caste-Gudia Home- Athagarh Town, Profession- Executive Assistant at OMC (Government), Contact: WhatsApp- 7008143290. Required a bride (Gudia) between 21-25, Height- 5'2" minimum, fair skin with slim figure. D-87

## GROOM WANTED

Beautiful Khandayat girl, 25+, 5'5", B-Tech Serving Software Engineer Accenture, Bhubaneswar. "SUNASANSAR" 9937512659. D-96

ବୟସ 27 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9668229904. D-90

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (contractual) Preferably State/ Central Government employee. Karan or Khandayat Groom. Contact- 6371692768, 9437244075. D-64


REAL ESTATE

## SALE

**Three storied building and 2178sqft gharabari land situated opposite Hyundai Showroom, Uttara, Bhubaneswar. Call- 8917520527.** D-91

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-251

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250

## SALE

ପୁରୁଣା 5ଜଣିଆ ଲେଦର ସୋଫାସେଟ୍ ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। Mob.- 9820915727. D-304

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Healthcare

Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/- - Room services available. Contact: 9937833100. D-76308

## LOST

I, Kamakshya Prasad, Regd. No. 0601294173, BPUT Odisha, lost my original certificate while travelling from Chatrapur to Berhampur on 28.03.2026. If found, please contact 7878445422. D-94

Now Matrimonial ads. only on Wednesday & Sunday
Book 1 Get 1 FREE

## AFFIDAVIT

I, Ballav Narayan Mohapatro, S/o- Krushna Chandra Mohapatro, residing at Raju Street, P.O.- Jeypore, Dist.- Koraput hereby declare that in my birth certificate, my mother's name has been mistakenly mentioned as "Nomita Mohapatro" instead of the correct name "Namita Mohapatro". Hence, it is declared that the correct name of my mother is "Namita Mohapatro", and the same may be treated as correct for all official purposes from now onwards. I hereby affirm that this declaration is true and correct to the best of my knowledge and belief.
Date: 10.04.2026
Place: JEYPORE
Ballav Narayan Mohapatro
D-95

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Notary Public, dated 10 April 2026, I, Jambubati Bagh, Address At: Harijan Sahi, Town: Rayagada, PO: Rayagada, Dist.: Rayagada, Odisha, 765001, declare that I have changed my name from Sabita Mishal to Jambubati Bagh. Henceforth, I shall be known as Jambubati Bagh for all purposes.
Jambubati Bagh
D-93

By virtue of an affidavit sworn before the Executive Magistrate, Reamal, dated April 09, 2026, I, Pravat Kumar Sahu, Address At- Tinkbir, P.O.- Tinkbir, P.S.- Reamal, Dist.- Deogarh, PIN- 768109 declare that I have changed my daughter's name from Behera to Adyasha Sahu. Henceforth, she shall be known as Adyasha Sahu for all purposes.
Pravat Kumar Sahu
D-92

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ହେମନ୍ତ କୁମାର ସାହୁ
କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୧୦।୧୯୫୬
ତିରୋଧାନ: ୦୨।୦୪।୨୦୨୬

ଚାହୁଁ ଚାହୁଁ ୧୧ ଦିନ ହେଲା ତୁମେ ଆମକୁ ଛାଡି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା ଓ ତ୍ୟାଗ ସବୁ ଦିନ ଆମପାଇଁ ସ୍ମରଣୀୟ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ ସୌଭାଗିନୀ, ପୁତ୍ର ଉତ୍ସ, ଝିଅ ଝୁମି, ଜ୍ୱାଇଁ- ଦୀପକ, ଭାଇ- କୁଳମଣି, ଶରତ, ସନ୍ତୋଷ, ପ୍ରଦୀପ, ଦିଲ୍ଲୀପ, ପୁତୁରା ଏବଂ ପୁତୁରା ବୋହୂ, ନାତି, ନାତୁଣୀ, ଭଉଣୀ, ଭିଣେଇ, ବନ୍ଧୁ ଓ ପରିବାରବର୍ଗ।
ଧ-୮୮

## ୟୁଥ୍ ଆଲର୍ଟ

# ଡାଟା ବ୍ୟାକ୍ଅପ୍



**ଜରୁରୀ ଡାଟା ସେଭ୍ କରି ରଖିବା ଲାଗି ଅଧିକାଂଶ ସାଧାରଣତଃ ମୋବାଇଲ୍, ମେମୋରି କାର୍ଡ, ପେନ୍‌ଡ୍ରାଇଭ୍, କମ୍ପ୍ୟୁଟର ଆଦି ଉପରେ ନିର୍ଭର କରନ୍ତି। ହେଲେ କେବେକେବେ ଏଭଳି ଡିଭାଇସ୍ କରପ୍ଟ ହୋଇଯିବା କିମ୍ବା ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା ଭଳି ବିଭିନ୍ନ କାରଣରୁ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯାଏ। ତେଣୁ ନିଜ ଡାଟା ସୁରକ୍ଷିତ ରଖିବା ଲାଗି ବିକଳ୍ପ ଭାବେ ବିଭିନ୍ନ ଇ-ବ୍ୟାକ୍ଅପ୍ ସର୍ଭିସ୍ ବ୍ୟବହାର କରିବା ଲାଭଦାୟକ...**

**ଗୁଗୁଲ୍ ଡ୍ରାଇଭ୍:** ନିଜ ଆବଶ୍ୟକ ଡାଟା ଅନ୍‌ଲାଇନ୍ ବ୍ୟାକ୍ଅପ୍ ରଖିବା ଲାଗି ଏହା ସବୁଠୁ ସହଜ ଏବଂ ଭଲ ଅପ୍ସନ। ଏଥିରେ ଆପଣ ୧୫ ଜିବି ପର୍ଯ୍ୟନ୍ତ ଡାଟା ଫ୍ରିରେ ବ୍ୟାକ୍ଅପ୍ ନେଇପାରିବେ ଏବଂ ଟଙ୍କା ଦେଇ ଅଧିକ ମେମୋରି ଷ୍ଟୋରେଜ୍ ମଧ୍ୟ ରଖିପାରିବେ।

**ଆଇଡ୍ରାଇଭ୍:** ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍ଅପ୍ ଅପ୍ସନ ଯୋଗାଉଥିବାରୁ ଡେସ୍କଟପ୍, ଲାପ୍‌ଟପ୍, ମ୍ୟାକ୍, ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ୍ୟ ଅନେକ ଅପ୍ସନ ରହିଛି, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡ୍‌ଲି। ଏହା ୧୦ ଜିବି ପର୍ଯ୍ୟନ୍ତ ଫ୍ରି ପ୍ଲାନ୍ ଦେଉଥିବା ବେଳେ ପର୍ସନାଲ୍ କିମ୍ବା ଇଣ୍ଡିଭିଜୁଆଲ୍ ବ୍ୟବହାର ପାଇଁ ୧(ଟିବି)ରୁ ୫(ଟିବି) ଟେରା ବାଇଟ୍ ପର୍ଯ୍ୟନ୍ତ ଷ୍ଟୋରେଜ୍ କାପାସିଟି ଦେଇଥାଏ। ସେହିପରି ବିଜ୍‌ନେସ୍ ଡାଟା ଷ୍ଟୋରେଜ୍ ପାଇଁ ୨୫୦ ଜିବିଠୁ ୫୦ଟିବି ପର୍ଯ୍ୟନ୍ତ ଷ୍ଟୋରେଜ୍ ଦେଇଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏହା ଖୁବ୍‌ଶୀଘ୍ର ଡାଟା ରିକଭରି ପାଇଁ ଏକାସଙ୍ଗେ ଉଭୟ କ୍ଲାଉଡ୍ ଏବଂ ଲୋକାଲ୍ ଡିଭାଇସ୍‌ରେ ଡାଟା ବ୍ୟାକ୍ଅପ୍ ଅପ୍ସନ ବି ଦେଇଥାଏ।

**ଆକ୍ରୋନିସ୍ ସାଇବର୍ ପ୍ରୋଟେକ୍ସନ ହୋମ୍ ଅଫିସ୍:** ଏହାକୁ ୨୦୨୬ର ସବୁଠୁ ସୁରକ୍ଷିତ ବ୍ୟାକ୍ଅପ୍ ସର୍ଭିସ୍ କୁହାଯାଉଛି। ଏହା ଏକ ଅଲ୍ ଇନ୍ ୱାନ୍ ସାଇବର୍ ପ୍ରୋଟେକ୍ସନ୍ ସଲ୍ୟୁଶନ୍, ଯେଉଁଥିରେ ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଆଦୌ ଚିନ୍ତିତ ହେବାକୁ ପଡ଼ି ନ ଥାଏ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଥିବା ଏଆଇ ପାୱାର୍ଡ ଆଣ୍ଟି-ମାଲ୍‌ୱେର୍ ସିକ୍ୟୁରିଟି ଡାଟାକୁ ଚୋରି ହେବା, ରାନ୍‌ସମ୍‌ୱେର୍, ଡିସ୍କ କ୍ଲୋନିଂ ଆଦିରୁ ସୁରକ୍ଷିତ ରଖିଥାଏ। ଏଥିରେ ୧୦ ଟିବି ପର୍ଯ୍ୟନ୍ତ ଷ୍ଟୋରେଜ୍ କାପାସିଟି ରହିଛି। ଏଥିରେ ଫୋଲ୍ଡରଗୁଡ଼ିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ୍ୟ ଡାଟା ସୁରକ୍ଷିତ ରହିଥାଏ।

**କାବ୍ରୋନାଇଟ୍:** ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜ୍‌ନେସ୍ ଡାଟା ବ୍ୟାକ୍ଅପ୍ ଲାଗି ବ୍ୟବହାର କରାଯାଉଥିବା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍ଅପ୍ ସର୍ଭିସ। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ୍ ସୁବିଧା ରହିଛି। ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡ୍‌ଲି। କେବଳ ଏତିକି ନୁହେଁ, ଏଥିରେ ବାୟୋମେଟ୍ରିକ୍ ସିକ୍ୟୁରିଟି ଅପ୍ସନ ମଧ୍ୟ ରହିଛି।




## ଜାଣନ୍ତୁ ଦୁନିଆ

# ଭର୍ସାଇଲ୍ସ ପ୍ୟାଲେସ୍

**ପ୍ୟାରିସ୍‌ରେ ଥିବା ଭର୍ସାଇଲ୍ସ ପ୍ୟାଲେସ୍ ଫ୍ରାନ୍ସର ରାଜା ଲୁଇସ୍ ୧୪ଙ୍କ ଦ୍ୱାରା ନିଜ ରାଜଉଆସ ଭାବେ ନିର୍ମାଣ କରାଯାଇଥିଲା, ଯାହାକି ୧୯୭୯ରେ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୟୁରୋପର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନ ପାଇଛି। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

- ପ୍ୟାରିସ୍‌ଠାରୁ ୨୦ କିମି. ଦୂରରେ ଅବସ୍ଥିତ ଏହି ମହଲ ପୃଥିବୀର ସବୁଠୁ ବଡ଼ ଆବାସୀୟ ମହଲ ଏବଂ ସବୁଠୁ ଅଧିକ ସମୟ ଧରି ବ୍ୟବହାର ହୋଇ ଆସୁଥିବା ମହଲ ଅଟେ।
- ପ୍ରଥମେ ୧୬୨୩ରେ ରାଜା ଲୁଇସ୍ ୧୩ ଏଠାରେ ଏକ ହଣ୍ଟିଂ ଲଜ୍ ବା ଶିକାର ସ୍ଥଳୀ ନିର୍ମାଣ କରାଇଥିଲେ। ହେଲେ ପରେ ତାଙ୍କ ପୁତ୍ର ରାଜା ଲୁଇସ୍ ୧୪ ଏହାକୁ ଭାଙ୍ଗି ଏହି ଭବ୍ୟ ମହଲ ନିର୍ମାଣ କରିଥିଲେ।
- ୬୩ ହଜାର ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ମହଲରେ ୨୩୦୦ କୋଠରି, ୧୨୫୨ଟି ଚିମ୍‌ନୀ ଏବଂ ୬୭ଟି ସ୍ଥାନରେ ଶିଡ଼ି ରହିଛି। ଏହାକୁ ସୁନ୍ଦର ଭାବେ ସଜାଇବା ଲାଗି ପ୍ରାୟ ଏକ ହଜାର କିଲୋଗ୍ରାମର ସୁନା ବ୍ୟବହାର କରାଯାଇଛି।
- ପ୍ୟାଲେସ୍‌ର ଡାଇନିଂ ହଲ୍‌ଠାରୁ କିଚେନ୍‌ର ଦୂରତା ଏତେ ଅଧିକ ଥିଲା ଯେ, କେବେକେବେ ଖାଦ୍ୟ ପ୍ରସ୍ତୁତି ପରେ ରାଜାଙ୍କ ପାଇଁ ପରଷା ଯିବାବେଳକୁ ତାହା ଥଣ୍ଡା ହୋଇ ଯାଉଥିଲା। ତେଣୁ ପରବର୍ତ୍ତୀ ସମୟରେ ରାଜାଙ୍କ ପ୍ରାଇଭେଟ୍ କୋଠା ମଧ୍ୟରେ ରୋଷେଇ ଘର ପ୍ରସ୍ତୁତ କରାଗଲା।
- ଏହି ଭବ୍ୟ ମହଲରେ ଏକ ୭୩ ମିଟର ଲମ୍ବା ହଲ୍ ଅଫ୍ ମିରର୍ସ ରହିଛି, ଯେଉଁଠାରେ ୩୫୭ଟି ଖୁବ୍ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଦର୍ପଣ ରହିଛି।
- ଏହି ମହଲର ରୟାଲ୍ ଗେଟ୍‌କୁ ୧ ଲକ୍ଷ ସୁନା ପାତରେ ସଜା ଯାଇଥିଲା। ହେଲେ ଫ୍ରେଞ୍ଚ୍ ବିପ୍ଳବ ସମୟରେ ଏହା ଭାଙ୍ଗିଯାଇଥିଲା, ଯାହାକୁ ୨୦୦୮ରେ ପୁନର୍ବାର ନିର୍ମାଣ କରାଯାଇଛି।
- ଏହି ପ୍ୟାଲେସ୍ ବାହାରେ ୩୦ ହଜାର ଏକର ବିଶିଷ୍ଟ ଏକ ବଗିଚା ରହିଛି। ସେଠାରେ ନାନାଦି ପ୍ରକାରର ଫୁଲ, ଫଳଗଛ ସହିତ ୧୪୦୦ଟି ଝରଣା ଏବଂ ୪୦୦ଟି ମୂର୍ତ୍ତି ରହିଛି। ବର୍ତ୍ତମାନ ଏଠାରେ ପର୍ଯ୍ୟଟକଙ୍କ ପାଇଁ ମଙ୍ଗଳବାର, ଶୁକ୍ରବାର, ଶନିବାର ଏବଂ ରବିବାର ମ୍ୟୁଜିକାଲ୍ ଫାଉଣ୍ଟେନ୍ ଶୋ' କରାଯାଉଛି।



# ବଢୁଛି ସୋଲୋ ଲିଭିଂ କ୍ରେଜ୍...

**କାହା ମନରେ କ୍ୟାରିୟରକୁ ନେଇ ଉଚ୍ଚାଭିଳାଷ ତ କାହା ମନରେ ସ୍ୱତନ୍ତ୍ରତା ହରାଇବାର ଭୟ ଆଉ ପୁଣି କାହା ମୁଣ୍ଡରେ ପରିବାର ଦାୟିତ୍ୱର ବୋଝ। ଏମିତିରେ ଦିନକୁ ଦିନ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି ସୋଲୋ ଲିଭିଂ କ୍ରେଜ୍...**




ବର୍ତ୍ତମାନ ଅନେକ ଯୁବତୀଯୁବକ ଏକା ରହିବା ବା ସୋଲୋ ଲିଭିଂକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ନାଶନାଲ୍ ଫ୍ୟାମିଲୀ ହେଲ୍‌ଥ ସର୍ଭେ ରିପୋର୍ଟ ଅନୁଯାୟୀ ଭାରତରେ ଜଣେ ସଦସ୍ୟ ରହୁଥିବା ଘର ବା ସିଙ୍ଗଲ୍ ପର୍ସନ ହାଉସ୍‌ହୋଲ୍ଡ ସଂଖ୍ୟା ବୃଦ୍ଧିପାଉଛି। ଗତ କିଛି ବର୍ଷ ମଧ୍ୟରେ ବିଶେଷ କରି ଦିଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ସହରରେ ୩୦-୪୦ ବର୍ଷ ବୟସର ଅବିବାହିତ ଯୁବତୀଯୁବକଙ୍କ ସଂଖ୍ୟା ୧୫ରୁ ୨୨% ବଢ଼ିଛି।

**କାହିଁକି ବଢ଼ୁଛି ଏହି ଟ୍ରେଣ୍ଡ:** ଆଜିର ଯୁବପିଢ଼ିଙ୍କ ଏକା ରହିବାର ନିଶା ପଛରେ ୱେଷ୍ଟର୍ନ କଲ୍‌ଚର ଏବଂ ମେଟ୍ରୋ ଲାଇଫ୍‌ଷ୍ଟାଇଲ୍‌ର ପ୍ରଭାବ ମୁଖ୍ୟତଃ ଦାୟୀ। ଧୀରେ ଧୀରେ ଅନେକ ଭାରତୀୟ ଯୁବତୀଯୁବକଙ୍କ ମଧ୍ୟରେ ବି ଏହି ଚିନ୍ତାଧାରା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ମେଟ୍ରୋ ସିଟିରେ ରହୁଥିବା ଯୁବପିଢ଼ି ବର୍ତ୍ତମାନ ଅଧିକ କ୍ୟାରିୟର ଓରିଏଣ୍ଟେଡ୍ (ବୃତ୍ତିକୈନ୍ଦ୍ରିକ)। ତେଣୁ ବିବାହ କରିବା କିମ୍ବା ପରିବାର ସହ ଏକାଠି ରହିବା ସେମାନଙ୍କୁ ଏକ ପ୍ରକାରର ବୋଝ ମନେହେଉଛି। ସେଥିପାଇଁ ସେମାନେ କାହା ସହ କୌଣସି ପରିସ୍ଥିତିରେ ଖାପ ଖୁଆଇ ଚଳିବା ଅପେକ୍ଷା ବିଳାସମୟ ଜୀବନକୁ ଅଧିକ ପସନ୍ଦ କରୁଛନ୍ତି।

**କ୍ୟାରିୟର ପାଇଁ ବିବାହ ବୋଝ ସଦୃଶ:** ଆଜିକାଲି ଅନେକ ଯୁବତୀ କିମ୍ବା ଯୁବକ ନିଜ କ୍ୟାରିୟର ଉପରେ ଅଧିକ ଫୋକସ୍ କରୁଛନ୍ତି। ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ିବାକୁ ଦିନରାତି ଉଦ୍ୟମ କରୁଛନ୍ତି। ଆଉ ଏମିତିରେ ସେମାନଙ୍କୁ ବିବାହ କରିବା, ଜୀବନସାଥୀଙ୍କୁ ସମୟ ଦେବା, ପରିବାରର ଦାୟିତ୍ୱ ନେବା ଆଦି ଦ୍ୱାରା ନିଜ ଲକ୍ଷ୍ୟରୁ ଧ୍ୟାନଚ୍ୟୁତ ହେବା ଏବଂ ସମୟ ନଷ୍ଟ ହେବା ଭଳି ମନେହେଉଛି। ବିବାହ ତାଙ୍କ ସଫଳତା ମାର୍ଗରେ ଏକ ବାଧକ ସାଜିବ ବୋଲି ସେମାନେ ଭାବି ନେଉଛନ୍ତି। ତେଣୁ ସେମାନେ କୌଣସି ଆବଦ୍ଧ ଭିତରେ ନ ରହି ଏକା ମୁକ୍ତ ଭାବେ ନିଜ କ୍ୟାରିୟର ଉପରେ ଫୋକସ୍ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

**ଏହା ପଛରେ ଥିବା ମାନସିକ କାରଣ:** ଏହାକୁ ନେଇ ବିଭିନ୍ନ ଗବେଷଣା କରାଯାଇଛି, ଯେଉଁଥିରୁ ଯୁବପିଢ଼ିଙ୍କର ଏକା ରହିବା ପଛର ମାନସିକତା ବିଷୟରେ ଥିବା ବିଭିନ୍ନ କାରଣ ମଧ୍ୟ ଜଣାପଡ଼ିଛି। ଏହା ମଧ୍ୟରୁ କେତେକ ପ୍ରମୁଖ କାରଣ ହେଉଛି...






**୧. ପାରିବାରିକ ଅନୁଭବ**- କେତେକ ଯୁବତୀଯୁବକଙ୍କ ଘରେ ଅଭିଭାବକଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହୋଇଥାଏ। ପରିବାରରେ କିମ୍ବା ବନ୍ଧୁବାନ୍ଧବଙ୍କ ଘରେ ଥିବା ଅନ୍ୟ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା, ମାରପିଟ, ପାରିବାରିକ ଅଶାନ୍ତି, ଛାଡ଼ପତ୍ର ଭଳି ବିଭିନ୍ନ ସମସ୍ୟା ବି ଘଟିଥାଏ। ଆଉ ଏଥିପାଇଁ ଅନେକଙ୍କ କ୍ୟାରିୟର ବି ପ୍ରଭାବିତ ହୋଇଥିବା ସେମାନେ ଦେଖିଥା'ନ୍ତି। ଏହିସବୁ ଘଟଣା ସେମାନଙ୍କ ମନରେ ବିବାହକୁ ନେଇ ଏକ ନକାରାତ୍ମକ ଛବି ସୃଷ୍ଟି କରିଥାଏ। ତେଣୁ ନିଜ ଜୀବନରେ ଯେପରି ଏପରି ପରିସ୍ଥିତି କେବେ ନ ଆସୁ, ସେଥିପାଇଁ ସେମାନେ ବିବାହଠୁ ଦୂରେଇ ରହିବାକୁ ଚାହାନ୍ତି।

**୨. କ୍ୟାରିୟରକୁ ନେଇ ଉଚ୍ଚାଭିଳାଷ:** କେତେକ ଯୁବପିଢ଼ି ଏତେମାତ୍ରାରେ ଉଚ୍ଚାଭିଳାଷୀ ହୋଇଥାନ୍ତି ଯେ, ସେମାନେ ନିଜ କ୍ୟାରିୟର ଆଗରେ ଅନ୍ୟ କୌଣସି ସମ୍ପର୍କ କିମ୍ବା କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବି ନ ଥା'ନ୍ତି। ଆଉ ଏହି ନିଶାରେ ଯେବେ ସେମାନେ ନିଜ ପରିବାର କିମ୍ବା ବିବାହ ଆଦି ବିଷୟରେ ଚିନ୍ତା କରନ୍ତି, ସେତେବେଳକୁ ଏକା ରହିବା ବା ସୋଲୋ ଲିଭିଂ ସେମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଥାଏ ଏବଂ ସେମାନେ ଆଉ ଜଞ୍ଜାଳରେ ପଶିବାକୁ ଚାହାନ୍ତି ନାହିଁ।

**୩. ଆର୍ଥିକ ସ୍ଥିତି:** ଅନେକ ଯୁବତୀଯୁବକ ଅଛନ୍ତି, ଯେଉଁମାନଙ୍କର ଅଧିକ ରୋଜଗାର କରି ହାଇଫାଇ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ୍ କରିବା, ନିଜର ଭଲ ଘର, ଗାଡ଼ି ଆଦି କିଣିବାର ଏକ ନିଶା ଥାଏ। ଆଉ ଏହି ଆଳରେ ସେମାନେ ଜବ୍ ହେଉ ଅବା ବିଜ୍‌ନେସ୍‌ରୁ ଅଧିକ ରୋଜଗାର କରିବାରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଏକା ରହିବାକୁ ଅଧିକ ପସନ୍ଦ କରୁଛନ୍ତି।

**୪.ସ୍ୱତନ୍ତ୍ରତା ହରାଇବା ଭୟ:** ଏମିତି ବି ଅନେକ ଯୁବତୀଯୁବକ ଅଛନ୍ତି, ଯେଉଁମାନେ ପରିବାର ଭିତରେ ରହିଲେ କିମ୍ବା ବିବାହ କଲେ ମଧ୍ୟ ଅନ୍ୟ ସହ ଆଡ୍‌ଜଷ୍ଟ କରିବା କିମ୍ବା ନିଜ ସ୍ୱତନ୍ତ୍ରତା ହରାଇବାର ଭୟକୁ ନେଇ ଏକା ରହିବାକୁ ଭଲପାଆନ୍ତି।

**୫.ପୂର୍ବ ସମସ୍ୟା:** ଭଲ ପାଇବାରେ ଧୋକା କିମ୍ବା ବିବାହ ପରେ କୌଣସି କାରଣରୁ ବିଚ୍ଛେଦ ହେବାର ଖରାପ ଅନୁଭବ କେତେକ ଯୁବତୀଯୁବକଙ୍କୁ ମାନସିକସ୍ତରରେ ପ୍ରଭାବିତ କରିଥାଏ। ତେଣୁ ସେମାନେ ପୁନର୍ବାର ସେହିଭଳି ପରିସ୍ଥିତର ସମ୍ମୁଖୀନ ନ ହେବା ଡରରେ ସୋଲୋ ଲିଭିଂକୁ ବାଛି ନେଉଛନ୍ତି।

**୬.ପରିସ୍ଥିତିର ବୋଝ:** କେତେକ ଯୁବତୀଯୁବକଙ୍କ ମୁଣ୍ଡରେ ଅଳ୍ପ ବୟସରୁ ପରିବାରର ଦାୟିତ୍ୱ ଭାର ପଡ଼ିଥାଏ। କାହାର ରୋଗିଣା ମା'ବାପାଙ୍କ ଦେଖାଶୁଣା ତ ଆଉ କାହାର ବାପା ନ ଥିବାରୁ ମା', ଭାଇ ଭଉଣୀମାନଙ୍କ କଥା ବୁଝିବା ସହ ପରିବାର ସମ୍ଭାଳିବା ଭିତରେ ନିଜ ଜୀବନ କଥା ଭାବିବା ପଛରେ ରହିଯାଇଥାଏ। ତେଣୁ ସେମାନେ ପରିବାରର ଦାୟିତ୍ୱ ନେବା ଲାଗି ଏକାକୀ ରହିଯାଆନ୍ତି।

ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏହି ସୋଲୋ ଲିଭିଂ ଟ୍ରେଣ୍ଡ ସମାଜ ପାଇଁ ମଙ୍ଗଳମୟ ନୁହେଁ। କାରଣ ଏହାଦ୍ୱାରା ଦେଶର ଜନସଂଖ୍ୟା, ସ୍ତ୍ରୀ-ପୁରୁଷ ଅନୁପାତରେ ତାରତମ୍ୟ ଯୋଗୁ ସାମାଜିକ ସଂରଚନା ଦୁର୍ବଳ ହୋଇପାରେ। ଯଦିଓ ଏକା ରହିବା ଦ୍ୱାରା ଜଣଙ୍କୁ ସ୍ୱତନ୍ତ୍ରତା ଏବଂ ଆତ୍ମନିର୍ଭରତା ମିଳିଥାଏ, ହେଲେ ଭବିଷ୍ୟତରେ ପରିବାର ବିନା ଏକା ରହିବା ଯୋଗୁ ଅନେକଙ୍କଠାରେ ବିଭିନ୍ନ ମାନସିକ ସମସ୍ୟା ଦେଖାଦେବା ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।





## ଏ ସପ୍ତାହର ପ୍ରଶ୍ନ ?

୧- ସୋନୋୱାଲ୍ କଚାରି ସମ୍ପ୍ରଦାୟ ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?
୨- ନିଓଲୋବୋପ୍ଟେରା ପେନିନ୍‌ସୁଲାରିସ୍ ଏକ ନୂଆ ପ୍ରକାରର ......... ପ୍ରଜାତି ?
୩- ବୀରାଙ୍ଗନା ଦୁର୍ଗାବତୀ ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?
୪- ଶିଗେଲୋସିସ୍ ରୋଗର କାରକ .............. ?
୫- ଇଣ୍ଟରନ୍ୟାଶନାଲ୍ ବୁକର୍ ପ୍ରାଇଜ୍-୨୦୨୫ ପାଇଥିବା ପ୍ରଥମ କନ୍ନଡ ଲେଖକ .......... ?

## ଗତ ଥରର ଉତ୍ତର

୧ କାଭେ ମାଦାନି

୨ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍

୩ ୧୧୬

୪ ଆଟ୍‌ଲାଣ୍ଟିକ୍ ଏବଂ ପ୍ରଶାନ୍ତ ମହାସାଗର

୫ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

## ଉତ୍ତରଦାତା


ଦିନେଶ କୁମାର ନାୟକ, ଖୋର୍ଦ୍ଧା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସ୍ମାର୍ଟ ସିଟି



୧. ଜୁରିଚ୍ ........ ସୁଇଜରଲାଣ୍ଡ
୨. ଓସ୍ଲୋ ........ ନରୱେ
୩. ଜେନେଭା ........ ସୁଇଜରଲାଣ୍ଡ
୪. ଦୁବାଇ ........ ୟୁନାଇଟେଡ୍ ଆରବ ଏମିରେଟ୍ସ
୫. ଆବୁଧାବି ........ ୟୁନାଇଟେଡ୍ ଆରବ ଏମିରେଟ୍ସ
୬. ଲଣ୍ଡନ ........ ୟୁନାଇଟେଡ୍ କିଙ୍ଗଡମ୍
୭. କୋପେନ୍‌ହେଗେନ୍ ........ ଡେନ୍‌ମାର୍କ
୮. କାନ୍‌ବେରା ........ ଅଷ୍ଟ୍ରେଲିଆ
୯. ସିଙ୍ଗାପୁର ........ ସିଙ୍ଗାପୁର
୧୦. ଲୌସାନେ ........ ସୁଇଜରଲାଣ୍ଡ





## ସର୍ବଭାରତୀୟ ଇନ୍‌ଡୋର ରୋଇଂ

# ୧୯ ପଦକ ସହ ଓଡ଼ିଶା ଚାମ୍ପିୟନ



ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପରେ ଓଭର ଅଲ ଚାମ୍ପିୟନ ଓଡ଼ିଶା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ । (ଫଟୋ: ରାଜକିଶୋର ମହାନ୍ତି) ।

**କଟକ,୧୧।୪(କୁମାରଶ୍ରୀ)**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ଚାମ୍ପିୟନ ହୋଇଛି । ୧୧ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜକୁ ମିଶାଇ ଓଡ଼ିଶା ପ୍ରତିଯୋଗିତାରେ ମୋଟ ୧୯ ପଦକ ବିଜୟୀ ହୋଇଛି । ଶନିବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି କେପି ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଆଉ ୫ଟି ପଦକ ବିଜୟୀ ହୋଇଥିଲା । ଏଥିରେ ୩ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ରହିଛି । ୨୩ବର୍ଷରୁ କମ୍ ପୁରୁଷ ରିଲେ-୪ରେ ରାହୁଲ ରାଥୋଡ, ସୁମିତ ଚୌଧୁରୀ, ହଂସରାଜ ଏବଂ କପିଶ କୁମାର, ଏଲ୍‌ଟି ମହିଳା ରିଲେ-୪ରେ ମଞ୍ଜୁ କୁମାରୀ, ଅନୁଷ୍କା ପଟେଲ, ମନୀଷା ଚୌଧୁରୀ ଏବଂ ସଞ୍ଜୁ କୁମାରୀ, ମହିଳା ରିଲେ-୪ରେ ସୋନାଲୀ ସ୍ୱାଇଁ, ନେହା, ଦୀକ୍ଷା ଏବଂ ପବିତ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ । ୧୯ବର୍ଷରୁ କମ୍ ପୁରୁଷ ରିଲେ-୪ରେ ଆୟୁଷ ବଳ, ଅଥର୍ବ ବିକାସ ରାଉତ, ତଲୱାର ସିଂହ ଏବଂ ଅଭିରାଜ, ୧୭ବର୍ଷରୁ କମ୍ ମହିଳା ରିଲେ-୪ରେ କାମ୍ୟା ପ୍ରିୟଦର୍ଶିନୀ ଧଳ, ରତ୍ନରାଣୀ ସ୍ୱାଇଁ, ସ୍ମୃତି ଏକ୍କା ଏବଂ ଶିବାନୀ ଲାଣ୍ଡଗେ ରୌପ୍ୟ ବିଜୟୀ ହୋଇଛନ୍ତି । ପ୍ରକାଶଥାଉ କି, ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମଥର ନିମନ୍ତେ ଏହି ଚାମ୍ପିୟନଶିପ ଆୟୋଜନ ହୋଇଥିଲା । ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ ୬୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ ।

# ପଞ୍ଜାବର ବିଜୟ ଧାରା ଜାରି

**ଚଣ୍ଡିଗଡ଼,୧୧।୪**

ଅଧିନାୟକ ଶ୍ରେୟସ ଆୟାରଙ୍କ ଅପରାଜିତ ୬୯ ରନର ଇନିଂସ ବଳରେ ପଞ୍ଜାବ କିଙ୍ଗ୍ସ ଏଠାରେ ଖେଳାଯାଇଥିବା ଏକ ହାଇସ୍କୋରିଂ ଆଇପିଏଲ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ଏହା ପଞ୍ଜାବର ଚତୁର୍ଥ ମ୍ୟାଚ୍‌ରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ୍ ଲାଗି ଚତୁର୍ଥ ମ୍ୟାଚ୍‌ରେ ତୃତୀୟ ପରାଜୟ । ବୃନ୍ଦାବନରେ ଘଟିଥିବା ବୋଟ୍ ବୁଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ପଞ୍ଜାବ ଦଳର ଖେଳାଳିମାନେ କଳା ରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍‌କୁ ଅଭିଷେକ ଶର୍ମା ଓ ଟ୍ରାଭିସ ହେଡ୍ ୮ ଓଭରରେ ୧୨୦ ରନର ଆରମ୍ଭ ଦେଇଥିଲେ । ନବମ ଓଭରରେ ପାର୍ଟ ଟାଇମ ବୋଲର ଶଶାଙ୍କ ସିଂ ଦୁଇ ଓପନରଙ୍କୁ ପାଭିଲିଅନ ପଠାଇଥିଲେ । ହେଡ୍ ୨୩ ବଲରେ ୩୮ (୫ ଚୌକା ଓ ୧ ଛକା) ଓ ଅଭିଷେକ ୨୮ ବଲରେ ୭୪ (୫ ଚୌକା ଓ ୮ ଛକା) ରନ କରି ଆଉଟ୍ ହୋଇଥିଲେ । ଅଧିନାୟକ ଇଶାନ କିଶନ ୧୭ ବଲରେ ୨୭ (୩ ଚୌକା ଓ ୧ ଛକା), ହେନରିକ୍ କ୍ଲାସେନ ୩୩ ବଲରେ ୩୯ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ । ଫଳରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ କରିଥିଲା । ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ଓ ଶଶାଙ୍କ ସିଂ ୨ ଲେଖାଏ ଉଇକେଟ ନେଇଥିଲେ । ଜବାବରେ ପଞ୍ଜାବକୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ବିସ୍ଫୋରକ ଆରମ୍ଭ ଦେଇଥିଲେ । ଦୁହେଁ ୬.୨ ଓଭରରେ ଦଳୀୟ ସ୍କୋରକୁ ୯୯ ରନରେ ପହଞ୍ଚାଇଥିଲେ । ପ୍ରିୟାଂଶ (୨୦ ବଲ, ୫୭ ରନ, ୫ ଲେଖାଏ ଚୌକା ଓ ଛକା) ଓ ପ୍ରଭସିମରନ (୨୫ ବଲ, ୫୧ ରନ୍, ୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ । ଦୁହିଁଙ୍କୁ ଶିବାଙ୍ଗ କୁମାର ଆଉଟ୍ କରିଥିଲେ । କୁପର କନୋଲୀ (୧୧) ଓ ନେହାଲ ୱାଧେରା (୧୪) ଫେଲ୍ ମାରିଥିଲେ । ଏହାପରେ ଶଶାଙ୍କ ସିଂ(୧୬)ଙ୍କ ସହ ମିଶି ଅଧିନାୟକ ଶ୍ରେୟସ ଆୟାର ଦଳକୁ ଜିତାଇଥିଲେ । ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ୨୨୩ ରନ କରି ମ୍ୟାଚ୍ ଜିତି ନେଇଥିଲା । ଆୟାର ୩୩ ବଲରେ ୫ ଲେଖାଏ ଚୌକା ଓ ଛକା ସହିତ ୬୯ ରନ କରି ଅପରାଜିତ ରହିଥିଲେ ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୧୯/୬ (ଅଭିଷେକ ଶର୍ମା-୭୪, ଟ୍ରାଭିସ ହେଡ୍-୩୮, ହେନରିକ୍ କ୍ଲାସେନ-୩୯, ଶଶାଙ୍କ ସିଂ-୨/୨୦) । ପଞ୍ଜାବ କିଙ୍ଗ୍ସ: ୧୮.୫ ଓଭରରେ ୨୨୩/୪ (ପ୍ରିୟାଂଶ ଆର୍ଯ୍ୟ-୫୭, ପ୍ରଭସିମରନ ସିଂ-୫୧, ଶ୍ରେୟସ ଆୟାର-୬୯*, ଶିବାଙ୍ଗ କୁମାର-୩/୩୩) ।

# ପଦକ ବିଜେତା କିସ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୧।୪**
**(ବିଜୟ ରଣା)**

ନିକଟରେ ଛତିଶଗଡ଼ ରାୟପୁରଠାରେ ଶେଷ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ୨୦୨୬ରେ ପଦକ ବିଜେତା କିସ୍ ଛାତ୍ରୀଛାତ୍ରଙ୍କୁ ଶନିବାର କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା କିସ୍‌ର ୨୯ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ପ୍ରଥମ ଥର ଆୟୋଜିତ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଓ ଦଳର ପ୍ରତିନିଧିତ୍ୱ କରି କିସ୍ ଛାତ୍ରୀ ଅଞ୍ଜଳି ମୁଣ୍ଡା ଏକାକି ସନ୍ତରଣରେ ବିଭିନ୍ନ ବର୍ଗରେ ୫ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିସ୍ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ମୋଟ ୯ ସ୍ୱର୍ଣ୍ଣ, ୮ ରୌପ୍ୟ ଏବଂ ୧୨ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ କିସ୍ ସମୁଦାୟ ୨୯ଟି ପଦକ ହାସଲ କରିଛି । ସନ୍ତରଣରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଞ୍ଜଳିଙ୍କୁ ଏକ ଲକ୍ଷ ଟଙ୍କା ଏବଂ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

# ସଞ୍ଜୁ ସାମସନଙ୍କ ଶତକ: ଖାତା ଖୋଲିଲା ସିଏସ୍‌କେ

**ଚେନ୍ନାଇ,୧୧।୪**

ସଞ୍ଜୁ ସାମସନଙ୍କ ଅପରାଜିତ ଶତକ ଓ ଜେମି ଓଭରଟନଙ୍କ ୪ ଉଇକେଟ ସଫଳତା ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି । ଏହି ବିଜୟ ସହ ସିଏସ୍‌କେ ପଏଣ୍ଟ ଖାତା ଖୋଲିଥିବା ବେଳେ ଦିଲ୍ଲୀ ପାଇଁ ଏହା ଦ୍ୱିତୀୟ ପରାଜୟ । ଏହି ମ୍ୟାଚ୍ ଜରିଆରେ ସାମସନ ଚତୁର୍ଥ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୪୦୦ ଛକା ପୂରଣ କରିଛନ୍ତି ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ସାମସନ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୨ ରନର ଆରମ୍ଭ ଦେଇଥିଲେ । ଗତ ୩ ବର୍ଷରେ ଏହା ଥିଲା ସିଏସ୍‌କେର ପ୍ରଥମ ଅର୍ଦ୍ଧଶତକୀୟ ଓପନିଂ ଭାଗୀଦାରି । ଋତୁରାଜ (୧୫) ଆଉଟ୍ ପରେ ସାମସନ ଓ ଆୟୁଷ ମାହାତ୍ରେ ଦ୍ୱିତୀୟ ଉଇକେଟରେ ୬୭ ବଲରେ ୧୧୩ ରନର ପାର୍ଟନରସିପ୍ କରିଥିଲେ । ମାହାତ୍ରେ ୩୬ ବଲରେ ୫୯ (୩ ଚୌକା ଓ ୪ ଛକା) ରନ କରି ରିଟାୟର୍ଡ ଆଉଟ୍ ହୋଇଥିଲେ । ଶେଷ ଆଡ଼କୁ ଶିବମ ଦୁବେ ୧୦ ବଲରେ ୨୦ (୨ ଚୌକା ଓ ୧ ଛକା) ରନ କରିଥିବା ବେଳେ ସାମସନ ୫୬ ବଲରେ ୧୫ ଚୌକା ଓ ୪ ଛକା ସହାୟତାରେ ୧୧୫ ରନ କରି ଅପରାଜିତ ରହିଥିଲେ । ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୧୨ ରନ କରିଥିଲା । ଜବାବରେ ଦିଲ୍ଲୀକୁ ପଥୁମ ନିଶଙ୍କା (୨୮ ବଲ, ୪୧ ରନ, ୫ ଚୌକା ଓ ୨ ଛକା) ଓ ଲୋକେଶ ରାହୁଲ (୧୮ ରନ, ୨ ଚୌକା ଓ ୧ ଛକା) ଭଲ ଆରମ୍ଭ ପ୍ରଦାନ ଦେଇଥିଲେ । ଏହାପରେ ଦଳ କ୍ରମାଗତ



ବ୍ୟବଧାନରେ ଉଇକେଟ ହରାଇଥିବା ବେଳେ ଟ୍ରିଷ୍ଟାନ ଷ୍ଟବ୍ସ ଏକାକୀ ଦଳର ବିଜୟ ଆଶାକୁ ଉଜ୍ଜୀବିତ ରଖିଥିଲେ । ହେଲେ ସେ ୩୮ ବଲରେ ୬୦ (୪ ଚୌକା ଓ ୩ ଛକା) ରନ କରି ଅଷ୍ଟମ ବ୍ୟାଟର ଭାବେ ୧୯ତମ ଓଭରରେ ଆଉଟ୍ ହୋଇଥିଲେ । ଫଳରେ ଦିଲ୍ଲୀ ୨୦ ଓଭରରେ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା । ଚେନ୍ନାଇ ପାଇଁ ଓଭଟରନ ୪ ଓ ଅନଶୁଲ କମ୍ବୋଜ ୩ ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୧୨/୨(ସଞ୍ଜୁ ସାମସନ-୧୧୫*, ଆୟୁଷ ମାହାତ୍ରେ-୫୯, ଶିବମ ଦୁବେ-୨୦*, ଅକ୍ଷର ପଟେଲ-୧/୩୯) । ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୯/ଅଲଆଉଟ୍ (ଟ୍ରିଷ୍ଟାନ ଷ୍ଟବ୍ସ-୬୦, ପଥୁମ ନିଶଙ୍କା-୪୧, ଜେମି ଓଭରଟନ-୪/୧୮, ଅନଶୁଲ କମ୍ବୋଜ-୩/୩୫) ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ଗୁଜରାଟ
ସ୍ଥାନ: ଲକ୍ଷ୍ନୌ
ସମୟ: ଅପରାହ୍ନ ୩ଟା ୩୦

ମୁମ୍ବାଇ ବନାମ ବେଙ୍ଗାଲୁରୁ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଅନିମେଶଙ୍କୁ ଡବଲ ଟାଇଟଲ

**ନୂଆଦିଲ୍ଲୀ, ୧୧।୪ (ପି.ଟି.)**

ଓଡ଼ିଶାର ଷ୍ଟାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏଠାରେ ଶନିବାର ଅନୁଷ୍ଠିତ ଦିନକିଆ ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ ୧୦୦ମିଟର ରେସ୍ ଜିତିଛନ୍ତି । ସକାଳେ ସେ ୨୦୦ମିଟର ଟାଇଟଲ ହାସଲ କରିଥିଲେ । ସକାଳ ସେସନରେ ମେଣ୍ଡୋ ଟ୍ରାକ୍‌ରେ ସେ ତାଙ୍କ ଆଉଟଡୋର ସିଜନ ଆରମ୍ଭ କରିବାକୁ ଯାଇ ସେ ୨୦.୭୪ ସେକେଣ୍ଡ ଟାଇମିଂରେ ୨୦୦ମିଟର ରେସ୍ ଜିତିଥିଲେ । ସେ ୪୦୦ ମିଟର ଜାତୀୟ ରେକର୍ଡଧାରୀ ବିଶାଲ ଟି’ଙ୍କୁ ପଛରେ ପକାଇ ଦେଇଥିଲେ । ଏନ୍‌ସିଓଇ ତ୍ରିଭେନ୍ଦ୍ରମରୁ ପ୍ରତିନିଧିତ୍ୱ କରିଥିବା ବିଶାଲ ୨୧.୦୧ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ହୋଇଥିଲେ ।

**ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ**



ପୁରୁଷ ୨୦୦ମିଟର ଦୌଡ଼ ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ରାଜସ୍ଥାନର ଧରମବୀର ଚୌଧାରୀ (୨୧.୦୩) ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୨ବର୍ଷୀୟ କୁଜୁରଙ୍କୁ ୧୦୦ମିଟର ରେସ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରେଲୱେର ତାମିଲ ଆରାସୁ ସମାନ ୧୦.୨୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ । ମାତ୍ର ଫଟୋ ଫିନିଶ ହିସାବରେ ତାମିଲ ଆରାସୁ (୧୦.୨୮୦)ଙ୍କଠାରୁ କୁଜୁର (୧୦.୨୭୨) ଆଗରେ ରହିଥିଲେ । ଗତମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଡୋର ଚାମ୍ପିୟନଶିପ୍ ୬୦ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଗୁର୍‌ବିନ୍ଦର ସିଂ (୧୦.୪୦ ସେକେଣ୍ଡ) ତୃତୀୟ ହୋଇଥିଲେ । ସେତେବେଳେ କୁଜୁର ତ୍ରୁଟିଯୁକ୍ତ ଆରମ୍ଭ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ । କୁଜୁର କହିଛନ୍ତି, ତାଙ୍କ ଦୃଷ୍ଟିରେ ଏକ ସିଜନ ଓପନର ପାଇଁ ଏହା ଶ୍ରେଷ୍ଠ ଟାଇମିଂ । ଗତବର୍ଷ ସିଜନ ଓପନରରେ ତାଙ୍କ ଟାଇମିଂ ୧୦.୫ ସେକେଣ୍ଡ ରହିଥିଲା ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ